# ପୌର୍ଣ୍ଣମାସୀ

ସଦାଶିବ ସଂସ୍କୃତ ମହାବିଦ୍ୟାଳୟ, ପୁରୀ

# ସଂପାଦକ ମଣ୍ଡଳୀ

ଅଧ୍ୟକ୍ଷ ଶ୍ରୀ ପଦ୍ମଲୋଚନ ଉପାଧ୍ୟାୟ (ମୁଖ୍ୟ ସଂପାଦକ)

ଅଧ୍ୟାପକ ଶ୍ରୀ ଚନ୍ଦ୍ରମଣି ମିଶ୍ର

,, ଶ୍ରୀ କାଶୀନାଥ ମିଶ୍ର

,, ଶ୍ରୀ ନାରାୟଣ ମହାପାତ୍ର

,, ଶ୍ରୀ ଭାଗବତପ୍ରସାଦ ତ୍ରିପାଠୀ

,, ଶ୍ରୀ ପ୍ରଫୁଲ୍ଲଚନ୍ଦ୍ର ପଣ୍ଡା

,, ଶ୍ରୀ ରାମଚନ୍ଦ୍ର ମିଶ୍ର

,, ଶ୍ରୀ କୁଳମଣି ମିଶ୍ର

,, ଶ୍ରୀ ବୀରଞ୍ଚିହନୁମାନ ଶାସ୍ତ୍ରୀ

,, ଶ୍ରୀ ଅମରନାଥ ମିଶ୍ର

ଛାତ୍ର ଶ୍ରୀ କୁଳମଣି ଦାଶ

,, ଶ୍ରୀ ଦୀନବନ୍ଧୁ ମିଶ୍ର

# ସୂଚୀପତ୍ର


୧। ମେଘଦୂତ ପରିକ୍ରମା
୨। ସଂସ୍କୃତ ମୃତସଞ୍ଜୀବନୀ ଭାଷା
୩। ସ୍ମରଣେ
୪। ସବୁଶେଷ
୫। ସାହିତ୍ୟ ଜଗତରେ ରୂପକ
୬। ଶିବସ୍ତ ପନ୍ଥାଃ
୭। ବସନ୍ତ ଓ ତା'ର ଚିକିତ୍ସା
୮। ମାତୃ-ସ୍ନେହଃ
୯। ମହାଯାନାରେ ନୈଷଧୀୟ ପ୍ରଭାବ
୧୦। ଚନ୍ଦ୍ରକାନ୍ତ
୧୧। ସଂସ୍କୃତଶିକ୍ଷା
୧୨। ଅତିଥି
୧୩। ପରିବାର ନିୟନ୍ତ୍ରଣ
୧୪। ଉପନ୍ୟାସ ସାହିତ୍ୟର ଦିଗ୍‌ଦର୍ଶନ
୧୫। ଶରଚ୍ଚନ୍ଦ୍ରିକା
୧୬। ଯୁଗପ୍ରବର୍ତ୍ତକ ରାଧାନାଥ
୧୭। ନିବେଦନ
୧୮। ସନାତନଧର୍ମ ବିଷୟରେ ପଦେ ଅଧେ
୧୯। ପରମାଣୁ
୨୦। ବରଷାଋତୁ
୨୧। ଅସତୋ ମା ସଦ୍‌ଗମୟ
୨୨। ସ୍ୱାର୍ଥପର
୨୩। ପାଗଳ
୨୪। ସମ୍ପାଦକୀୟ

# ପୌର୍ଣ୍ଣମାସୀ

ଓ 1960

...ତୀୟ ଭାଗ | ବାର୍ଷିକ ସଂଖ୍ୟା


ଓଁ ପୂର୍ଣ୍ଣମଦଃ ପୂର୍ଣ୍ଣମିଦଂ ପୂର୍ଣ୍ଣାତ୍ ପୂର୍ଣ୍ଣ ମୁଦଚ୍ୟତେ,
ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣମେବା·ବଶିଷ୍ୟତେ ।
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ॥

ଭାବପ୍ରକାଶନକେଶୀ ତମସାଂ ନିହନ୍ତ୍ରୀ
ପ୍ରେକ୍ଷାବତାଂ ହୃଦ ପରଂ ମୁଦ ମୁଦ୍‌ଗିରନ୍ତୀ
ଲୋକସ୍ୟ କସ୍ୟ ରୁଚିର - କ୍ଷଣଦା କଳାଭିଃ
ସନ୍ତାପସନ୍ତତିହରା ଚ ନ ପୌର୍ଣ୍ଣମାସୀ ।

## ମେଘଦୂତ ପରିକ୍ରମା


ଶ୍ରୀ ଭ୍ରମରବର ସ୍ୱାଇଁ, ସାହିତ୍ୟାଚାର୍ଯ୍ୟ ତୃତୀୟ ବାର୍ଷିକଛାତ୍ର


କଳ୍ପନାବିଳାସୀ କବି ନିଜର ମହୀୟସୀ କଳ୍ପନାଶକ୍ତି ଦ୍ୱାରା ଏକ ବିଚିତ୍ର ଜଗତ ସୃଷ୍ଟି କରେ । ତାହା କାର୍ଯ୍ୟକାରଣନିୟତି ନିୟନ୍ତା ବ୍ରହ୍ମନିର୍ମିତଠାରୁ ପୃଥକ୍ ହୋଇ ପଡ଼େ । ସେ ସୃଷ୍ଟିରେ ନ ଥାଏ ପଞ୍ଚ ମହାଭୂତ ରୂପ ଉପାଦାନର ଆବଶ୍ୟକତା କିମ୍ବା କାରଣ କାର୍ଯ୍ୟର ଅବିନାଭାବ ସମ୍ବନ୍ଧ । କବିର ଅନ୍ତର୍ମୁଖୀ କଳ୍ପନାଶକ୍ତି ହିଁ ଏହାର ବିଶିଷ୍ଟ ଉପାଦାନ । ସେ ଏହି ବିକଶନଶୀଳ କଳ୍ପନାଶକ୍ତି ଦ୍ୱାରା ନୂତନ କାବ୍ୟଜଗତ୍ ସୃଷ୍ଟି କରି ବ୍ରହ୍ମ-ନିର୍ମିତିକୁ ଅତିକ୍ରମ କରିଥାଏ । ତେଣୁ ଏହି ମାର୍ମିକ ସୂକ୍ତିଟି କବିପକ୍ଷେ ଯଥାର୍ଥ୍ୟ ପ୍ରତିପାଦନ କରେ । ଯେ:-

ଅପାରେ କାବ୍ୟସଂସାରେ କବିରେବ ପ୍ରଜାପତିଃ ।
ଯଥାସ୍ମୈ ରୋଚତେ ବିଶ୍ୱଂ ତଥୈବ ପରିବର୍ତ୍ତତେ ॥

ବାସ୍ତବିକ ଏହି ହୃଦିଦ୍ୱାରା ହିଁ କବି କରିଥାଏ, ଏହି ମରଜଗତରେ ସତ୍ୟ ଶିବ ସୁନ୍ଦର ଅମରଧାମର ସୃଷ୍ଟି । କଳ୍ପନାର ମଧୁମନ୍ତ୍ରରେ ତାହା ହସି ଉଠୁଥିଲେ ବି ବାସ୍ତବତାର ଲବଣ୍ୟଦ୍ୱାରା ରସାଣିତ ଏବଂ କମନୀୟ ହୋଇଥାଏ । ତେଣୁ କଳ୍ପନା ଏବଂ ବାସ୍ତବର ମଧୁରମିଳନରେ କବିର ଲାସ୍ୟମୟୀ ସୃଷ୍ଟିର ଆବିର୍ଭାବ ।

ବିଶ୍ୱବରେଣ୍ୟ କବିକୁଳଲଲାମଭୂତ କାଳିଦାସଙ୍କର କାବ୍ୟାବଳି ପର୍ଯ୍ୟାଲୋଚନା କଲେ ତାଙ୍କର ମହୀୟସୀ କଳ୍ପନାଶକ୍ତିର ଆଭାସ ମିଳିଥାଏ । କବିଙ୍କ କଳ୍ପନା ପ୍ରସୂତ ଖଣ୍ଡକାବ୍ୟ ମେଘଦୂତରେ କଳ୍ପନାରାଣୀ ସ୍ୱୀୟ ସ୍ୱଭାବ ସୁଲଭ ଲଳିତପଦବିନ୍ୟାସରେ ଏବଂ ମନ୍ଦାକ୍ରାନ୍ତାର ସାବଲୀଳଛନ୍ଦରେ ନୃତ୍ୟଶୀଳା । କେତେକଙ୍କ ମତରେ ପ୍ରିୟତମା ସୀତାଙ୍କ ନିକଟକୁ ପ୍ରେରିତ ବିରହୀ ରାମଚନ୍ଦ୍ରଙ୍କ ସନ୍ଦେଶକୁ ଭିତ୍ତିକରି ମହାକବି ନିର୍ବାସିତ ଯକ୍ଷର ମର୍ମନ୍ତୁଦ ବିରହ ସନ୍ଦେଶ ତା'ର ବିଧୁରା ପ୍ରେୟସୀ ପାଖକୁ ଆଷାଢ଼ର ପହିଲି ମେଘଦ୍ୱାରା ପ୍ରେରଣ କରିଛନ୍ତି । କେତେକ ସ୍ଥଳରେ ମଧ୍ୟ ସେ ରାମାୟଣର ପଦ୍ଧତିକୁ ଅନୁକରଣ କରିଛନ୍ତି । "ଇତ୍ୟାଖ୍ୟାତେ ପବନତନୟଂ ମୈଥିଲୀବୋନ୍ମୁଖୀସା " ଏହି ସାଦୃଶ୍ୟଦ୍ୱାରା କବି ଯକ୍ଷପତ୍ନୀର ଅବସ୍ଥାକୁ ହନୁମାନଙ୍କଠାରୁ ପ୍ରିୟ ସନ୍ଦେଶ ଶ୍ରବଣକରୁଥିବା ବୈଦେହୀଙ୍କ ଅବସ୍ଥା ସହ ମିଶାଇ ଦେଇଛନ୍ତି । ବାଲ୍ମୀକି ରାମାୟଣ ଦ୍ୱାରା ପ୍ରଭାବିତ ହୋଇ ଥିଲେ ସୁଦ୍ଧା ସେ ସ୍ୱୀୟ ପ୍ରତିଭା ଦ୍ୱାରା ଯେଉଁ ମୌଳିକ ରସାଳ ଖଣ୍ଡକାବ୍ୟ ରଚନା କରିଛନ୍ତି ତାହା ତାଙ୍କର ସ୍ୱକଳ୍ପନାଶକ୍ତି-ପ୍ରସୂତ ବୋଲି ପ୍ରତୀତ ହୁଏ ।

ଖଣ୍ଡକାବ୍ୟ ମେଘଦୂତ ବିଚିତ୍ର ଭୌଗୋଳିକ-ବର୍ଣ୍ଣନାମୟ ପୂର୍ବମେଘ ତଥା ବିପ୍ରଲମ୍ଭଶୃଙ୍ଗାର-ରସମୟ ଉତ୍ତରମେଘ ଏହି ଦୁଇଭାଗରେ ବିଭକ୍ତ । କିନ୍ତୁ କବିଙ୍କର କଳ୍ପନାଚାତୁରୀ ଦ୍ୱାରା ଏହି ଦୁଇଟିଭାଗ ପୃଥକ୍ ଭାବରେ ପ୍ରତୀତ ନ ହୋଇ ଖଣ୍ଡକାବ୍ୟର ଆତ୍ମା ବିପ୍ରଲମ୍ଭ ଶୃଙ୍ଗାରର ପୋଷକରୂପେ କାର୍ଯ୍ୟ କରିଥାନ୍ତି । ସମୁଦାୟ ଖଣ୍ଡକାବ୍ୟରେ ଫୁଟି ଉଠିଛି, ପତ୍ନୀପ୍ରାଣ ଯକ୍ଷର ବିରହ ଦରଦ ଏବଂ ପ୍ରେମିକା ପାଇଁ ଗଭୀର ସହାନୁଭୂତି । ପ୍ରକୃତିପ୍ରେମୀ କାଳିଦାସ ପ୍ରକୃତି ଏବଂ ପ୍ରେମ ମଧ୍ୟରେ ଯୋଗସୂତ୍ର ସ୍ଥାପନ କରି ବିପ୍ରଲମ୍ଭଶୃଙ୍ଗାର ମାଧ୍ୟମରେ ଆଦର୍ଶ ତଥା ଶାଶ୍ୱତପ୍ରେମର ସନ୍ଧାନ ଦେଇ ପାରିଛନ୍ତି । Macdonnelଙ୍କ ଭାଷାରେ -It is full of deep feeling and abounds with fine description of the beauties of nature.

ପୂର୍ବମେଘ କେବଳ ଭୌଗୋଳିକ ବର୍ଣ୍ଣନାମୂଳକ ହୋଇଥିବାରୁ ଚିତ୍ତାକର୍ଷକ ନ ହେବାର କଥା । ନଦୀ, ପର୍ବତ, ମାଳଭୂମି ତଥା ଅରଣ୍ୟାନୀମାନଙ୍କ ନୀରସ ବର୍ଣ୍ଣନା ରସଗ୍ରାହୀ ପାଠକହୃଦୟରେ ଶୁଷ୍କତା ଆପାଦାନ କରିଥାଏ । କିନ୍ତୁ କବିଙ୍କର ମୃତସଞ୍ଜୀବନୀ ଲେଖନୀ ଏହି ପ୍ରାକୃତିକ ବସ୍ତୁଗୁଡ଼ିକୁ ଅନନ୍ୟ ସୁନ୍ଦର ଭାବରେ ଚିତ୍ରିତ କରି, ଝରାଇ ପାରିଛି ରସର ମନ୍ଦାକିନୀ । ମେଘମାନେ ହୋଇଛନ୍ତି ଜଡ଼ରୁ ଉଦ୍‌ବୁଦ୍ଧ, ଅଚେତନରୁ ଚେତନ ଓ ନୀରସରୁ ସରସ । ତାଙ୍କର କଳ୍ପନାପ୍ରିୟ ଦୃଷ୍ଟିରେ ମେଘ କେବଳ ଧୂମଜ୍ୟୋତି ସଲିଳ ମରୁତର ସମଷ୍ଟି ଏକ ଅଚେତନ ପଦାର୍ଥ ନୁହେଁ । ସେ ଜଣେ ଅଦ୍ଭୁତ ଭ୍ରାତୃଭକ୍ତ, ପ୍ରେମିକ ଏବଂ ନିଃସ୍ୱାର୍ଥପର ବନ୍ଧୁ । ଭ୍ରାତୃଜାୟା ନିକଟକୁ ବିରହ - ସନ୍ଦେଶ ନେଇ ସେ କେବଳ ପବନରେ ଭାସି ଯାଇ ନାହିଁ । ପଥମଧ୍ୟରେ ପ୍ରତୀକ୍ଷାରତ ବନ୍ଧୁମାନଙ୍କର ଆତିଥ୍ୟ ସ୍ୱୀକାର କରି ଏବଂ ବିଧୁରା ପ୍ରେୟସୀମାନଙ୍କୁ ମିଳନସୁଖରେ ଆପ୍ୟାୟିତ କରିପାରିଛି । ଆସନ୍ନମରଣା ସ୍ୱପ୍ରେୟସୀକୁ ରକ୍ଷାକରିବା ପାଇଁ ଯକ୍ଷର ବିରହପ୍ରାଣ ଉତ୍କଣ୍ଠିତ ହେଲେ ସୁଦ୍ଧା ପଥ ମଧ୍ୟରେ ସ୍ୱଚ୍ଛନ୍ଦ ପାନାହାରପୂର୍ବକ ବନ୍ଧୁମାନଙ୍କୁ ଅଭ୍ୟର୍ଥନା କରିବା ପାଇଁ ସେ ମେଘକୁ ନିର୍ଦ୍ଦେଶ ଦେଇଛି ।

ମାର୍ଗଂ ତାବଚ୍ଛୃଣୁ କଥୟତସ୍ତ୍ୱତ୍ପ୍ରୟାଣାନୁରୂପଂ
ସନ୍ଦେଶଂ ମେ ତଦନୁ ଜଳଦ ! ଶ୍ରୋଷ୍ୟସି ଶ୍ରୋତ୍ରପେୟଂ
ଖିନ୍ନଃ ଖିନ୍ନଃ ଶିଖରିଷୁ ପଦଂ ନ୍ୟସ୍ୟ ଗନ୍ତାସି ଯତ୍ର
କ୍ଷୀଣଃ କ୍ଷୀଣଃ ପରିଲଘୁ ପୟଃ ସ୍ରୋତସାଞ୍ଚୋପଭୁଜ୍ୟ ॥

ବନ୍ଧୁପତ୍ନୀର ପ୍ରାଣରକ୍ଷା ପାଇଁ ମେଘ ଆଜି ଅଳକାପଥର ଯାତ୍ରୀ । ମିତ୍ର ରାମଗିରିକୁ ସ୍ନେହାଲିଙ୍ଗନ କରି ପ୍ରାର୍ଥନା କରେ ନିଜର ବିଦାୟ । ରାମଗିରିର ବିରହଦଗ୍ଧପ୍ରାଣ ବନ୍ଧୁର ବିଚ୍ଛେଦପାଇଁ କାନ୍ଦି ଉଠେ ଏବଂ ନିଜର ତପ୍ତ ଅଶ୍ରୁଦ୍ୱାରା ଢାଳି ଦିଏ ପ୍ରୀତିର ଅର୍ଘ୍ୟ । ପ୍ରକୃତି ସୃଷ୍ଟିର ଅଚେତନ ହୃଦୟରେ ଫୁଟି ଉଠିଛି ଆଦର୍ଶ ବନ୍ଧୁର ସ୍ନେହ । ତାପରେ ନୂଆ ସଖା ଆମ୍ରକୂଟ ସହ ହାର୍ଦ୍ଦିକ ମିଳନ । ମିତ୍ର ମେଘର ଜଳଧାରା ଦ୍ୱାରା ଆମ୍ରକୂଟର ତପ୍ତପ୍ରାଣ ବହ୍ନିବାର ଶାନ୍ତ ହୋଇଛି । ତେଣୁ ଏହି କୃତଜ୍ଞ ବନ୍ଧୁଟିକୁ ଆମ୍ରକୂଟ ନିଜର ଉତ୍ତୁଙ୍ଗ ବକ୍ଷକୁ ଅଧରରେ ତୋଳି ନେଇ ବନ୍ଧୁସ୍ନେହର ପରାକାଷ୍ଠା ପ୍ରଦର୍ଶନ କରିଛି । ଆମ୍ରକୂଟର ପାଷାଣ ହୃଦୟରେ ମଧ୍ୟ କୃତଜ୍ଞତାର ପବିତ୍ର ମନ୍ଦାକିନୀ ଧାରା ପ୍ରବାହିତ । ତାପରେ ଉଜ୍ଜୟିନୀଠାରେ ପ୍ରତୀକ୍ଷା କରିଛି ବିରହିଣୀ ନିର୍ବିନ୍ଧ୍ୟା । ପତିପ୍ରାଣା ସ୍ରୋତସ୍ୱିନୀ ନିର୍ବିନ୍ଧ୍ୟା ପ୍ରିୟ ବିରହରେ ଶୀର୍ଣ୍ଣା ଏବଂ ପାଣ୍ଡୁରବର୍ଣ୍ଣା ।

ବେଣୀଭୂତ ପ୍ରତନୁ ସଲିଳାଽସାବତୀତସ୍ୟ ସିନ୍ଧୁଃ
ପାଣ୍ଡୁଚ୍ଛାୟା ତଟରୁହତରୁଭ୍ରଂଶିଭିର୍ଜୀର୍ଣ୍ଣ ପର୍ଣ୍ଣୈଃ
ସୌଭାଗ୍ୟଂ ତେ ସୁଭଗ ବିରହାବସ୍ଥୟା ବ୍ୟଞ୍ଜୟନ୍ତୀ
କାର୍ଶ୍ୟଂ ଯେନ ତ୍ୟଜତି ବିଧିନା ସାତ୍ୱୟୈ ବୋପପାଦ୍ୟଃ ॥

ପ୍ରେମିକର ଆଗମନରେ ନିର୍ବିନ୍ଧ୍ୟାର ଶୀର୍ଣ୍ଣ ଅଙ୍ଗରେ ଖେଳି ଯାଇଛି, କାମ-ବିଳାସର ଉଚ୍ଛ୍ୱାସ । କାମାବେଗରେ ଗତି ଅସ୍ଥିର ଏବଂ ନୀବି ବିସ୍ରସ୍ତ । କଟିସୂତ୍ରର ଲଳିତଝଙ୍କାରରେ ସେ ପ୍ରେମିକ ମେଘ ହୃଦୟରେ ସୃଷ୍ଟି କରିଛି, ପ୍ରଣୟର ମାଦକତା । ପ୍ରଣୟୀ ମେଘ ନାୟିକା ସ୍ରୋତସ୍ୱିନୀର ବକ୍ଷରେ ନିଜର ବିରହ ଶରୀରଟି ମିଶାଇ ଦେଇଛି । ଦୁଇଟି କ୍ଷୁଧିତପ୍ରାଣ ହୋଇଛି ଶାନ୍ତ । ନିର୍ବିନ୍ଧ୍ୟାର କ୍ଷୀଣପ୍ରାଣ ପ୍ରଣୟରସରେ ପୁଷ୍ଟ । ପତିପ୍ରାଣା ନାୟିକାଗତ ମହତ୍ତ୍ୱଗୁଣରେ ବକ୍ଷ ସ୍ଫୀତ । ଏହିଠାରେ ହିଁ ହୋଇଛନ୍ତି କବି ପ୍ରକୃତ ପ୍ରେମର ସୂତ୍ରଧର । ଏହାପରେ କବି ପୂର୍ବମେଘରେ ସମୁଦାୟ ଉତ୍ତରଭାରତବର୍ଷକୁ ରସମାଧ୍ୟମରେ ପରିବେଷଣ କରିଯାଇଛନ୍ତି । ଏତଦ୍ବ୍ୟତୀତ ହିମାଳୟ, କୈଳାସ ଏବଂ ଅଳକାପୁରୀର ହୃଦୟସ୍ପର୍ଶୀ ବର୍ଣ୍ଣନା କବିଙ୍କ କଳ୍ପନା ଶକ୍ତିର ପରିପକ୍ୱତା ପ୍ରତିପାଦନ କରେ ।

ଏତଦ୍‌ବ୍ୟତୀତ ଖଣ୍ଡକାବ୍ୟର ଆତ୍ମା ବିପ୍ରଲମ୍ଭ-ଶୃଙ୍ଗାରର ମାଧ୍ୟମରେ ବିରହୀ ଯକ୍ଷ ଏବଂ ତାର ପ୍ରିୟତମାର ହୃଦୟରେ କବି ନିହିତ କରିଛନ୍ତି, ଶାଶ୍ୱତ ପ୍ରେମର ସତ୍ତା । ସେ ଅନ୍ୟମାନଙ୍କ ପରି ଶାରୀରିକ କାମଜ ପ୍ରେମର ଜୟଗାଥା ରଚି ନାହାନ୍ତି । ସେ ଅଙ୍କନ କରିଛନ୍ତି ଦୁଇଟି ଅନାବିଳ ହୃଦୟର ଅଚ୍ଛେଦ୍ୟ ସ୍ନେହ । ନିର୍ବାସିତ ଯକ୍ଷ ସୁଦୂର ରାମଗିରିର ଅରଣ୍ୟାନୀରେ ବିରହାନଳ ଦ୍ୱାରା ଦଗ୍ଧହେଲେ ସୁଦ୍ଧା ଅନ୍ୟ ନାୟିକାର ପ୍ରଣୟପ୍ରାର୍ଥୀ ହୋଇ ନାହିଁ । ରୂପଜକାମର ଉପାସନା ପାଇଁ ସେ ଅନେକ ରୂପସୀଙ୍କ ସମ୍ପର୍କରେ ଆସି ପାରିଥାନ୍ତା । ସେତେବେଳେ ତାର ବିରହପ୍ରାଣ ବଧୂର ପ୍ରିୟତମା ପାଇଁ ଅଶ୍ରୁବର୍ଷଣ କରି ନ ଥାନ୍ତା କିମ୍ବା ଅଚେତନ ମେଘକୁ ସନ୍ଦେଶ ନେବା ପାଇଁ କୁଟଜକୁସୁମରେ ଉପାସନା କରି ନଥାନ୍ତା । ରାମଗିରିରେ ବହୁ ଲାବଣ୍ୟମୟୀ ପ୍ରେମିକା ମାନଙ୍କର ପ୍ରଣୟ ସୌଧରେ ବିହରଣ କରି ନିର୍ବାସିତ ଜୀବନକୁ ମଧୁମୟ କରିପାରିଥାନ୍ତା । କିନ୍ତୁ ମହାକବିଙ୍କ ନାୟକ କଣ ଏହି ରୂପଜ ଇନ୍ଦ୍ରିୟଲିପ୍ସୁ କାମର ପୂଜକ ହୋଇପାରେ ? ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ବିଦେଶରେ ରହିଲେ ସ୍ୱାମୀ ସ୍ତ୍ରୀ ମାନଙ୍କର ସାଧାରଣତଃ ପ୍ରଣୟଶଙ୍କା ହୋଇ ଥାଏ । ଯକ୍ଷପତ୍ନୀର ପ୍ରେମିକାପ୍ରାଣ ନିଜପତିଠାରେ ସନ୍ଦେହୀ ହୋଇପାରେ । ତେଣୁ ଏହି ସନ୍ଦେହର ଅପନୋଦନ ନିମିତ୍ତ ଯକ୍ଷ ନିଜରପତ୍ନୀ ନିକଟକୁ କହି ପଠାଇଛି, "ମା କୌଳୀନାଦସିତନୟନେ ! ମୟ୍ୟବିଶ୍ୱାସିନୀ ଭୂଃ ।" ଅର୍ଥାତ୍ ହେ ପ୍ରିୟେ ! ମୁଁ ତୁମଠାରୁ ବିଚ୍ଛିନ୍ନ ହୋଇ ବିଦେଶରେ ରହିଥିବାରୁ ଲୋକମାନଙ୍କର ସନ୍ଦେହଭାଜନ ହୋଇଥିବି । କାରଣ ସେମାନେ ଭାବୁଥିବେ, କାମବିହ୍ୱଳ ହୋଇ ମୁଁ ଅନ୍ୟରମଣୀର ପ୍ରଣୟପ୍ରାର୍ଥୀ । କିନ୍ତୁ ମୋତେ ବିଶ୍ୱାସକରି ସେଥିପ୍ରତି ଭ୍ରୂକ୍ଷେପ କରିବ ନାହିଁ । ବାସ୍ତବିକ ଯକ୍ଷ ସେହି ଶାଶ୍ୱତ

ପ୍ରେମର ପୂଜାରୀ,ଯେଉଁଥିରେ ଅଛି ସତ୍ୟ,ଶିବ ଓ ସୁନ୍ଦରର ଅନୁପମ ମାଧୁରୀ ଏବଂ ଯଦ୍ଦ୍ୱାରା ସ୍ୱର୍ଗ ତାର ଚିରନ୍ତନ ସୁଖକୁ ଧରି ମରଧାମରେ ଅବତରଣ କରିଥାଏ । ପାଶ୍ଚାତ୍ୟ କବି **Byron**ଙ୍କ ଭାଷାରେ:-

Devotion wafts the mind above
But heaven itself descends in love.

ଈଶ୍ୱରଭକ୍ତି ମନୁଷ୍ୟକୁ ସ୍ୱର୍ଗରାଜ୍ୟକୁ ଟାଣିନିଏ । କିନ୍ତୁ ପ୍ରେମଦ୍ୱାରା ସ୍ୱର୍ଗ ଭୂତଳରେ ଅବତରଣ କରିଥାଏ ।

କୁବେରଙ୍କ ଅଭିଶାପ ଯକ୍ଷର ପାର୍ଥିବ ଶରୀରକୁ ରାମଗିରିର ନିବିଡ ଅରଣ୍ୟାନୀ ମଧ୍ୟକୁ ନେଇ ଆସିଥିଲେ ମଧ୍ୟ ସେ ତାର ହୃଦୟରାଜ୍ୟରେ ପ୍ରିୟାଲିଙ୍ଗନର ଛବିଳ ସ୍ୱପ୍ନକୁ ରୂପ ଦେଇପାରନ୍ତି ଏବଂ ବିରହୀର କରୁଣ ବିଳାପ ଦ୍ୱାରା ପ୍ରକୃତି ନୟନରେ ମଧ୍ୟ ଅଶ୍ରୁ ଆଣି ଦେଇ ପାରନ୍ତି ।

ମାମାକାଶପ୍ରଣିହିତଭୁଜଂ ନିର୍ଦ୍ଦୟାଶ୍ଳେଷହେତୋ
ର୍ଲବ୍ଧାୟାସ୍ତେ କଥମପି ମୟା ସ୍ୱପ୍ନସନ୍ଦର୍ଶନେଷୁ ।
ପଶ୍ୟନ୍ତୀନାଂ ନ ଖଲୁ ବହୁଶୋ ନ ସ୍ଥଳୀ ଦେବତାନାଂ
ମୁକ୍ତାସ୍ଥୂଳାସ୍ତରୁ କିଶଳୟେ ଷ୍ୱଶ୍ରୁଲେଶାଃ ପତନ୍ତି ।

ହେ ପ୍ରିୟେ, ଯେତେବେଳେ ମୁଁ ସ୍ୱପ୍ନରେ ବାହୁପ୍ରସାରଣ କରି ତୁମକୁ ଆଲିଙ୍ଗନ କରିବାକୁ ଯାଏ, ସେତେବେଳେ ବନଦେବତା ମାନେ ମୋର ମର୍ମନ୍ତୁଦ ବିରହ ବେଦନା ଦେଖି ଅବିରତ ଅଶ୍ରୁବିନ୍ଦୁଦ୍ୱାରା ବନସ୍ଥଳୀକୁ ସିକ୍ତ କରି ଦିଅନ୍ତି । ଏହାଠାରୁ ବିରହର ଆଉ କଣ ଚିହ୍ନପଃ ଥାଇପାରେ ? ଅନ୍ୟ ନାୟିକାର ବାହୁଲତା ବେଷ୍ଟନୀରେ ସେ ଯଦି ନିଜକୁ ବଳିର ଗାଢ଼ ସୁସୁପ୍ତିରେ ବନ୍ଧନ କରିଥାନ୍ତା ତାହାହେଲେ ତାର ଶ୍ଳଥବାହୁକୁ ସ୍ୱପ୍ନରେ ପ୍ରିୟାଲିଙ୍ଗନ ପାଇଁ ପ୍ରସାରଣ କରିବା ପାଇଁ ଅସମର୍ଥ ହୋଇଥାନ୍ତା । ରାମଗିରିର ନିକୁଞ୍ଜରେ ବିରହର କରୁଣାଶ୍ରୁ ପରିବର୍ତ୍ତେ ସମ୍ଭୋଗର ସମ୍ମୋହାନନ୍ଦ ଖେଳି ଯାଇଥାନ୍ତା ।

ଯକ୍ଷ ନିଜେ ହିଁ ମେଘ ସମ୍ମୁଖରେ ସ୍ୱପ୍ରିୟାର ବିରହ ବର୍ଣ୍ଣନା କରନ୍ତି । ବିଦେଶରେ ରହି ମଧ୍ୟ ତାର ପ୍ରେମିକ ହୃଦୟ ପତିପ୍ରାଣା ପ୍ରିୟା ଠାରେ ସନ୍ଦେହୀ ହୋଇ ନାହିଁ । "ଏକପତ୍ନୀ" "ଜୀବିତଂ ମେ ଦ୍ୱିତୀୟଂ" ଏହି ପଦଦ୍ୱାରା ସେ ମେଘ ଆଗରେ ନିଜପତ୍ନୀକୁ ପତିପ୍ରାଣା ରୂପେ ସମ୍ମାନିତା କରନ୍ତି । ସେ ଭାବନ୍ତି "ମୋର ବିରହପ୍ରାଣ ଯେପରି ପ୍ରିୟା ପାଇଁ କାନ୍ଦି ଉଠୁଛି ତାର ହୃଦୟମଧ୍ୟ ମୋ ପାଇଁ କାନ୍ଦି ଉଠୁଥିବ ।" ସେଥିପାଇଁ ସେ ମେଘ ଆଗରେ କୃତନିଶ୍ଚୟ ହୋଇ କହନ୍ତି

ବାଗ୍ମିନଂ ମାଂ ନ ଖଲୁ ସୁଭଗମ୍ମନ୍ୟଭାବଃ କରୋତି
ପ୍ରତ୍ୟକ୍ଷଂ ତେ ନିଖିଳମଚିରାଦ୍ ଭ୍ରାତରୁକ୍ତଂ ମୟା ଯତ୍ ।

ହେ ମେଘ, ନିଜପ୍ରିୟାର ବିରହ ବର୍ଣ୍ଣନା କରି ବାଗ୍ମୀଳ ଭାବରେ ମୁଁ ନିଜର ସୌଭାଗ୍ୟ ପ୍ରଦର୍ଶନ କରିବାକୁ ଯାଉ ନାହିଁ । ସେ ବିରହପୀଡିତା କି ନୁହେଁ ତୁମେ ଶୀଘ୍ର ଉପଲବ୍ଧି କରିପାରିବ ।

ମେଘ ଗବାକ୍ଷମାର୍ଗରେ ବିରହିଣୀ ଯକ୍ଷପତ୍ନୀକୁ ଦେଖି ବନ୍ଧୁବାକ୍ୟର ସତ୍ୟତା ଉପଲବ୍ଧି କରନ୍ତି । ସେ ମଧ୍ୟ ସେହି ସ୍ୱର୍ଗୀୟପ୍ରେମର ଉପାସିକା । ବିଳାସ ନଗରୀ ଅଳକାପୁରରେ ଥାଇ ମଧ୍ୟ ସେ ଆଜି ଭୋଗ-ବିଳାସର ବହୁ ଦୂରରେ । ବିରହ ଶୀର୍ଣ୍ଣ ଅଙ୍ଗଟି ଭୂମି-ଶଯ୍ୟାରେ ଶାୟିତ । ସ୍ନିଗ୍ଧ ବେଣୀ କେଶବିନ୍ୟାସ ବିନା ରୁକ୍ଷ ଏବଂ ଆଲୁଳାୟିତ । ନିଜ ପତିର ମଙ୍ଗଳ ନିମିତ୍ତ ଦେବ ପୂଜନରତା । ବିରହ ନିବୃତ୍ତି ପାଇଁ ନିଜେ ପ୍ରିୟନାମ ସମ୍ବଳିତ ସଙ୍ଗୀତ ଗାନ କରିବାକୁ ଯାଉଛି; କିନ୍ତୁ ବିରହ ଜନିତ ନୟନ ଜଳୋଚ୍ଛ୍ୱାସରେ ତାହା ସମ୍ଭବ ହୋଇ ପାରି ନାହିଁ ।

ଉତ୍ସଙ୍ଗେ ବା ମଳିନ ବସନେ ସୌମ୍ୟ ନିକ୍ଷିପ୍ୟ ବୀଣାଂ
ମଦ୍ ଗୋତ୍ରାଙ୍କଂ ବିରଚିତପଦଂ ଗେୟମୁଦ୍ଗାତୁକାମା
ତନ୍ତ୍ରୀ ମାର୍ଦ୍ରାଂ ନୟନସଲିଲୈଃ ସାରୟିତ୍ୱା କଥଞ୍ଚିତ୍
ଭୂୟୋଭୂୟଃ ସ୍ୱୟମପି କୃତାଂ ମୂର୍ଚ୍ଛନାଂ ବିସ୍ମରନ୍ତୀ ॥

ପତ ସ୍ନେହର ମନ୍ଦାକିନୀଧାର ସ୍ୱର୍ଗୀୟ ପ୍ରେମ ତପସ୍ୱିନୀ ଯକ୍ଷପତ୍ନୀର ମାନସ ସରୋବରରେ ଉଚ୍ଛ୍ୱସିତ ହୋଇ ସମସ୍ତ ଜଗତକୁ ପ୍ଲାବିତ କରି ପାରନ୍ତି ।

ଏହିପରି ଦୁଇଟି ଅନାବିଳ ହୃଦୟ ବିପ୍ରଲମ୍ଭ ଶୃଙ୍ଗାରରେ ଶାଶ୍ୱତ ପ୍ରେମର ଭାବରାଶିଦ୍ୱାରା ଏକୀଭୂତ ହୋଇପାରିଛନ୍ତି । ବିଚ୍ଛେଦରେ ଅନ୍ତରର ସ୍ନେହ ହ୍ରାସ ନ ହୋଇ ପୌର୍ଣ୍ଣମାସୀ ଜ୍ୟୋତ୍ସ୍ନାରେ ସାଗରକଲ୍ଲୋଳ ପରି ଉଚ୍ଛ୍ୱସିତ ହୋଇଛି । ସମ୍ଭୋଗ ଶୃଙ୍ଗାରର ପାଶବିକ ପ୍ରବୃତ୍ତିଠାରୁ ଦୂରରେ ରହି ସେମାନେ ଆଧ୍ୟାତ୍ମିକ ପ୍ରେମ ( Spiritual love )ର ପଥରେ ପଥିକ ହୋଇଛନ୍ତି । ବାସ୍ତବିକ୍ ଅନୁକୂଳ ନାୟକ ନାୟିକାମାନଙ୍କର ଏତାଦୃଶ ବିଚ୍ଛେଦ ହିଁ କାମ୍ୟ । ବିରହ କଷ୍ଟିପଥର ଦ୍ୱାରା ହୃଦୟର ସମସ୍ତ ପ୍ରକାର ଆବିଳତା ଦୂର ହୋଇ ସ୍ନେହର ଦୀପ୍ତି ସ୍ଫୀତ ହୁଏ । ମହାକବିଙ୍କ ଭାଷାରେ:-

"ସ୍ନେହାନାହୁଃ କିମପି ବିରହେ ଧ୍ୱଂସିନସ୍ତେ ତ୍ୱଭୋଗାତ୍
ଇଷ୍ଟେ ବସ୍ତୁନ୍ୟୁପଚିତରସାଃ ପ୍ରେମରାଶୀଭବନ୍ତି ॥"

ବିଚ୍ଛେଦ ସମୟରେ ପ୍ରେମିକ ପ୍ରେମିକା ମାନଙ୍କ ସ୍ନେହର ହ୍ରାସ ହୁଏ ବୋଲି ଜନାପବାଦ ଅଛି । ବସ୍ତୁତଃ ତାହା ସତ୍ୟ ନୁହେଁ । କାରଣ ଭୋଗର ଅଭାବରୁ ପରସ୍ପରର ସ୍ନେହରାଶି ବର୍ଷାକାଳୀନ ସ୍ରୋତସ୍ୱିନୀର ଧାରା ପରି ପରିବର୍ଦ୍ଧିତ ହୋଇଥାଏ । ପାଶ୍ଚାତ୍ୟ କବି Shakespearଙ୍କ ମାର୍ମିକ ଉକ୍ତିଟି ଏଠାରେ ଉଲ୍ଲେଖ ଯୋଗ୍ୟ ।

**Love is not love**
**Which alters when it alteration finds**
**Or bends with the remover to remove.**
**O' no it is an everfixed mark**
**That looks on tempests and is never shaken.**

ଏହି ଝଡ଼ ଝଞ୍ଜାଭିତରେ କବି ପ୍ରକୃତ ପ୍ରେମର ରୂପରେଖ ଦେଇ ପାରିଛନ୍ତି । କୁବେରଙ୍କ ଦାରୁଣ ଅଭିଶାପ ଦ୍ୱାରା ଏହା ଦୋଦୁଲ୍ୟମାନ ନ ହୋଇ ବରଂ ଦୃଢ଼ରୁ ଦୃଢ଼ତର ହୋଇଛି । ସସୀମ ରୂପ ଅସୀମ ସ୍ନେହରେ ପରିଣତ ହୋଇଛି । ଇତି ଶମ୍ ।

# ସଂସ୍କୃତଂ ମୃତସଞ୍ଜୀବନୀ ଭାଷା

*ଶ୍ରୀ କୁଳମଣି ମିଶ୍ର ଶର୍ମା, ଧର୍ମଶାସ୍ତ୍ରାଧ୍ୟାପକ ।*

## ପ୍ରଥମ ଦୃଶ୍ୟମ୍

( ବିଜୟ ନଗେନ୍ଦ୍ରୌ ସୁଖାସୀନୌ )

ନଗେନ୍ଦ୍ରଃ- (ପାର୍ଶ୍ୱେ ଅବଲୋକ୍ୟ ହସତି)
ବିଜୟଃ- ଭ୍ରାତଃ ! କଥଂ ହସସି ?
ନଗେନ୍ଦ୍ରଃ- ସଂସ୍କୃତଚ୍ଛାତ୍ରାନ୍ ଦୃଷ୍ଟ୍ୱା ହସାମି ।
ବିଜୟଃ- କିମର୍ଥମ୍ ?
ନଗେନ୍ଦ୍ରଃ- ଯତ ଏତେ ମାତୃଭାଷାୟାଂ ସଂସ୍କୃତେ ବହୁ ନିରର୍ଥକଂ ପରିଶ୍ରମଂ କୁର୍ବନ୍ତି ।
ବିଜୟଃ- ସଂସ୍କୃତଭାଷା କିଂ ମୃତଭାଷା ?
ନଗେନ୍ଦ୍ରଃ- ଅଥକିମ୍ ।

(ପ୍ରବିଶନ୍ତି ସଂସ୍କୃତଚ୍ଛାତ୍ରାଃ ପୁସ୍ତକ ପାଣୟଃ)

ସଂସ୍କୃତଚ୍ଛାତ୍ରାଃ - କଃ କଥୟତି ସଂସ୍କୃତଭାଷା ମୃତୀତି ?
ନଗେନ୍ଦ୍ରଃ - ଅହମ୍ ।
ପ୍ରଥମ ସଂସ୍କୃତଛାତ୍ରଃ - କଥଂ ସା ମୃତା ?
ନଗେନ୍ଦ୍ରଃ - ଯତଃ ସା ନ ଲୋକଭାଷା, କେବଳଂ ଗ୍ରନ୍ଥଭାଷା ।
ପ୍ର.ସଂ.ଛାତ୍ରଃ - ସଂସ୍କୃତସ୍ୟ କିଂ ବ୍ୟବହାରଃ ନାସ୍ତି ?
ନଗେନ୍ଦ୍ରଃ - ଅସ୍ତି ଚେତ୍ କଥୟ ।
ପ୍ର.ସଂ.ଛାତ୍ରଃ - ଆୟୁଷ୍ମାନ୍ ଭବ, ସୁଲକ୍ଷଣା, ସୌଭାଗ୍ୟ-ବତୀ ଭବ, ନମସ୍ତେ ଇତ୍ୟାଦି କିଂ ନ ସଂସ୍କୃତଭାଷା ?
ନଗେନ୍ଦ୍ରଃ - ନ ଅୟଂ ବ୍ୟବହାରଃ ସ୍ୱାଭାବିକଃ, ଅପିତୁ କୃତ୍ରିମ ଏବ ।
୨ୟସଂ.ଛାତ୍ରଃ - ଭବତୁ ଭ୍ରାତଃ ! ଯା ନ ଲୋକଭାଷା, ସା ମୃତଭାଷା ଇତି ତବ ମତମ୍ ।
ନଗେନ୍ଦ୍ରଃ - ଅଥକିମ୍ ।
୨ୟସଂ.ଛାତ୍ରଃ - ତର୍ହି ସର୍ବା ଅପି ଭାଷାଃ ମୃତଭାଷା ଭବିତୁ ମର୍ହନ୍ତି ?

ନଗେନ୍ଦ୍ରଃ - କଥମ୍ ?
୨ୟସଂ.ଛାତ୍ରଃ - ଆଙ୍ଗ୍ଲ ଭାଷାଂ ଭାରତୀୟା ବ୍ୟବହରନ୍ତି ସ ବ୍ୟବହାରଃ କିଂ ସ୍ୱାଭାବିକଃ ? ତେନ ଆଙ୍ଗ୍ଲଭ ଭାରତେ ମୃତଭାଷା, ତଥା ଉତ୍କଳଭାଷାଃ ବଙ୍ଗାଦିଷୁ ଆଙ୍ଗ୍ଲାଦିଷୁ ଚ ଦେଶେଷୁ ମୃତା ।
ନଗେନ୍ଦ୍ରଃ - ଅରେ ମୂଢ ! ସଂସ୍କୃତଂ ପଠନ୍ତଃ ତୋ ବନ୍ତୋ ବଲବନ୍ତୋ ଭବନ୍ତଃ କିଞ୍ଚି ନ ଅବଗଚ୍ଛନ୍ତି ।
୩ୟସଂ.ଛାତ୍ରଃ - ନ ବୟଂ ମୂଢାଃ । (But)ବଟ୍(Put) ଇତ୍ୟାଦି ବିଲକ୍ଷଣୋ-ଚ୍ଚାରଣୀୟାନ୍ ଶବ୍ଦ ଅଭ୍ୟସନ୍ତୋ ଭବନ୍ତ ଏବ ମୂଢ଼ାଃ ।
ବିଜୟଃ - ଅଲଂ କଲହେନ ।
୨ୟସଂ.ଛାତ୍ରଃ - କଥୟ, କିଂ ନ ଅବଗଚ୍ଛାମଃ ।
ନଗେନ୍ଦ୍ରଃ - ଯାଂ ଭାଷାଂ ପୃଥିବ୍ୟାଂ କୁତଶ୍ଚିଦପି ଦେ ଜନାଃ ମାତୃଭାଷାରୂପେଣ ବ୍ୟବହରନ୍ତି ସ ଭାଷା । ଅନ୍ୟା ତୁ ମୃତଭାଷା । ତେନ ସଂ ଜୀବିତମସ୍ତି ।
୨ୟସଂ.ଛାତ୍ରଃ - ଏବଂ ଲକ୍ଷଣଂ କେନ କଳ୍ପିତମ୍
ନଗେନ୍ଦ୍ରଃ - ବହୁଭିଃ ପାଶ୍ଚାତ୍ୟ ପଣ୍ଡିତୈଃ କ୍ରି
୨ୟସଂ.ଛାତ୍ରଃ - (ବିହସ୍ୟ) ଅହୋ ! ମହାନ୍ ଙ୍କରୋତ୍ୟୟଂ ବିଷୟଃ । ଭବତାଂ-ପକ୍ଷେ ସ ଦୂରବର୍ତ୍ତିନଃ ଦେଶସ୍ୟ ଭାଷା ଜୀବିତଭା ହୋମ - ଯାଗ - ଦାନାଦିକର୍ମସୁ ନିତ୍ୟବ ସ୍ୱଦେଶସ୍ୟ ଭାଷା ମୃତଭାଷା ? ଅହେ ବିପର୍ଯ୍ୟୟଃ ଭାରତଭୂମେଃ !
ନଗେନ୍ଦ୍ରଃ - ଭବାଦୃଶା ନିର୍ବୋଧା ଏବ ଦେଶସ୍ୟ ଅ ନତେଃ କାରଣମ୍ ।

ଶଙ୍କରଃ - ଅଲଂ ବିବାଦେନ । ଅଗଚ୍ଛନ୍ତୁ ଭବନ୍ତଃ । ଅସ୍ମିନ୍ ବିଷୟେ ଅଧ୍ୟକ୍ଷ- ମହୋଦୟାଃ ପ୍ରଷ୍ଟବ୍ୟାଃ ।
ସଂଘ୍ରାନାଃ - ସମ୍ମତମସ୍ମାକଂ ଭବତା ।
ନଗେନ୍ଦ୍ରଃ - ତଥା ଭବତୁ ।

(ସର୍ବେ ନିଷ୍କ୍ରାନ୍ତାଃ)

## (୨ୟ ଦୃଶ୍ୟମ୍)

(ସ୍ୱାଗାରେ ଯଥାସନମୁପବିଷ୍ଟୋଽଧ୍ୟକ୍ଷଃ ।)

... - (ସର୍ବେ ସନମସ୍କାରମୁପତିଷ୍ଠନ୍ତି) ।
ଅଧ୍ୟକ୍ଷଃ - କଥଂ ଭବନ୍ତ ଉପଗତାଃ ?
ଶଙ୍କରଃ - ପରସ୍ପରଂ ବିବଦମାନା ବୟଂ ତତ୍ତ୍ୱଜ୍ଞାନାୟ ସଂପ୍ରାପ୍ତାଃ ।
ଅଧ୍ୟକ୍ଷଃ - କିମର୍ଥଂ ବିବାଦଃ ?
ଶଙ୍କରଃ - ସଂସ୍କୃତଭାଷା ମୃତଭାଷା, ଜୀବିତଭାଷା ବା ଇତି ।
ଅଧ୍ୟକ୍ଷଃ - (ହସନ୍ ବଦତି) କଥମତ୍ର ବିବାଦଃ । ସଂସ୍କୃତଂ ଭାରତସ୍ୟ ଚତୁର୍ଦ୍ଦଶସୁ ଜୀବିତଭାଷାସୁ ଗଣିତମ୍ । ତତ୍ କିଂ ନ ଜ୍ଞାତମ୍ ?
ଶଙ୍କରଃ - ମହାଶୟାଃ ! ... ମୃତଭାଷା ଇତି ସର୍ବେ କଥୟନ୍ତି ।
ଅଧ୍ୟକ୍ଷଃ - ସର୍ବେ ତେ ... ଭାରତମାତୁଃ ସ୍ୱାଧୀନତାୟାଃ ଅ... ଭାଷାମିୟଂ ସାଭିପ୍ରାୟାଭକ୍ତାଃ । ବସ୍ତୁତସ୍ତୁ ସଂସ୍କୃତଂ ନ ମୃତଭାଷା । ଅପିତୁ "ମୃତସଞ୍ଜୀବନୀ-ଭାଷା" ।
ସର୍ବେ - କଥମିବ ?
ଅଧ୍ୟକ୍ଷଃ - ଅଶୋକ - ପ୍ରଭୃତିଭିଃ ଖଣ୍ଡଗିରି - ଧବଳଗିରି ପ୍ରଭୃତିଷୁ ପ୍ରସ୍ତରଖଣ୍ଡୋପରି ଲିଖିତାଃ ପାଲି-ପ୍ରାକୃତାଦିଭାଷାଃ ସଂପ୍ରତି ଜୀବିତା ନ ସନ୍ତି କିନ୍ତୁ ତାଃ ସଂସ୍କୃତ- ସାହାଯ୍ୟେନ ଅବଗତା ଭବନ୍ତି । ଭବତାଂ ମାତୃଭାଷାଽପି କାଳାନ୍ତରେ ଭିନ୍ନରୂପା ସତି ସଂସ୍କୃତଦ୍ୱାରା ଜ୍ଞାତା ଭବିଷ୍ୟତି । ତେନ ମୃତାଃ ଭାଷାଃ-ଜୀବୟନ୍ତୀ ସଂସ୍କୃତଭାଷା ମୃତସଞ୍ଜୀବନୀ ଭାଷା, ଇତି ଅହଂ କଥୟାମି ।
ନଗେନ୍ଦ୍ରଃ - ମହାଶୟାଃ ! ଯା ଭାଷା ଜୀବିତା, ସା ଶ୍ରୋତୃଣାଂ ହୃଦୟେ ସ୍ପନ୍ଦନଂ ସୃଜତି ସଂସ୍କୃ... ତଥା କର୍ତ୍ତୁଂ ସମର୍ଥମ୍ ?
ଅଧ୍ୟକ୍ଷଃ - ଅଥକିମ୍ ।
ଗୋବିନ୍ଦଃ - କଥମିବ ?
ଅଧ୍ୟକ୍ଷଃ - ମହାତ୍ମନା ଗାନ୍ଧିନା ପ୍ରବର୍ତ୍ତିତେ ସ୍ୱାଧୀନତା - -ନ୍ଦୋଳନେ "ବନ୍ଦେମାତରମ୍" ଇତିସଂସ୍କୃତ-ବାଗ୍ଭିଃ ସର୍ବେ ଭାରତୀୟା ଉଦ୍‌ବୋଧିତାଃ ।
ସର୍ବେ - (ଆନନ୍ଦିତାଃ) ସତ୍ୟମ୍ । ସତ୍ୟମ୍ ।

(ବନ୍ଦେମାତରମିତିଶବ୍ଦାୟମାନାଃ ସର୍ବେ ନିଷ୍କ୍ରାନ୍ତାଃ)

(... ଲସ୍କୁଲ୍ ପୁରସ୍କାର ବିତରଣୋତ୍ସବରେ ଅଭିନୀତ)

# ସ୍ମରଣେ

ଶ୍ରୀ ପ୍ରଭାକର ତ୍ରିପାଠୀ, ଉତ୍ତର ମଧ୍ୟମା ଛାତ୍ର

ଅବିରଳ ରବିକାନ୍ତି ଯେ ସ୍ଥଳେ ପ୍ରକାଶ
ନିରନ୍ତର ହେଉଥିଲା, ସେ ଉତ୍କଳଦେଶେ
କେଉଁ କୁକର୍ମ୍ମ ଫଳେ ଲିଭି ତା ଆଭାସ
ତିରଲୁପ୍ତ ହେଲା ସତେ କାଳର ନିର୍ଦ୍ଦେଶେ ।୧।

ଶରତ୍‌ଫୁଲ୍ଲମୁଖୀ ଯେଉଁ କଳିଙ୍ଗଜନନୀ
ଆଜି କିଆଁ ଦୁଃଖାବିଳ ତାହାର ବଦନ,
ଯେପରି ନିଶୀଥରେ ଦିଶେ ନିସ୍ପ୍ରଭ ନଳିନୀ
ନୀହାରଆକାଶେ ଯଥା ସୁଧାଂଶୁ ମଳିନ ।୨।

ବ୍ୟାପିଥିଲା ଯା'ର ଗଙ୍ଗାଠାରୁ ଗୋଦାବରୀ
ସ୍ୱଚ୍ଛନ୍ଦବଳରେ ତାର ନାହିଁ ଅଧିକାର !
ପଡ଼ିଲା ପରଣେ ତେଣୁ ବାନ୍ଧେ ଝୁରିଝୁରି
ଛିନ୍ନାଙ୍ଗରୁ ଝରେ ତାର ଶୋଣିତର ଧାର ।୩।

ଏହିକି ତା ସୁଶ୍ୟାମଳ ସୁଫଳ କେଦାର ?
ପଥିକକୁ ହୁଏ ଆଜି ସାହାରା ପ୍ରତୀତ
କହ ଦୀନବନ୍ଧୁ, କାହିଁ ଏହି ଦୁର୍ବିଗ୍ରହ !
କେତେ ଅଶ୍ରୁ ଝରଇବି ହୋଇ ମର୍ମାହତ ।୪।

ସର୍ବକଳାର ଭଣ୍ଡାର ଉତ୍କଳ ପ୍ରଦେଶ
କିନ୍ତୁ ଆଜି ହୋଇଅଛି ସର୍ବ ଅସ୍ତମିତ
ଏହି ମନ୍ତ୍ରପୂତ ଦେଶେ ଜନେ ମଗଧେଶ
ହେଲେ ଚଣ୍ଡାଶୋକରୁ ଧର୍ମାଶୋକ ରୂପେ ଖ୍ୟାତ ।୫।

କାହାନ୍ତି ସେ ମଧୁ[illegible]ରୁ, ଗୋପବନ୍ଧୁ ଦାଶ
କାହାନ୍ତି ସାଧନକା[illegible] ସେ ଚନ୍ଦ୍ରଶେଖର !
କାହାନ୍ତି ସେ ଧ[illegible]ଦ, ମୁକୁନ୍ଦ ନରେଶ,
କାହାନ୍ତି ଉପେନ୍ଦ୍ର[illegible], ବଳଦେବ, ଗଙ୍ଗାଧର ।୬।

ଏବେ ଅନୁଧ୍ୟାନେ ବିଚଳିତ ହୃତ୍ତଳ-
ଭାବନାରଧାରା ରୁଦ୍ଧ ହୁଏ ଅନ୍ତର୍ହିତ ,
ସ୍ତବ୍ଧ ହୁଏ ମୋ ଲେଖନୀ ନସ୍ଫୁରଇ ଗିର -
ଦେଖ ମା ବିଦାୟ ମୁହିଁ ହୋଇଲିଣି ଶ୍ରାନ୍ତ ।

# ସବୁଶେଷ

ଶ୍ରୀ ଗୌର ଶଙ୍କର ଦାଶ, ଆୟୁର୍ବେଦ ୨ୟ ବର୍ଷ ଆଚାର୍ଯ୍ୟ

ମଗୁଶିର ମାସ ରାତ୍ରାନ୍ତା ପହର । କାଲୁଆ ପବନରେ ଦେହଟା କୋଲମାଡ଼ ନେଉଥାଏ । ସେହି ହାଡ଼-ଭଙ୍ଗା ଜାଡ଼କୁ ଖାତର ନକରି ଫୁଙ୍ଗୁଳା ଦେହରେ ସେ ଚାଲିଚାଲିଛି । ଭାବନାର ଅଛୁଆଁ ଝିଅ ବୁଡିଅଣି ସୂତାପରି ଜାଲ ବାନ୍ଧି ଗଲେଣି ।

ଯାହାକୁ ଲୋକେ ଘୃଣା କରନ୍ତି ପାଗଳ ବୋଲି ଯାହାର ପାଖିରେ ସବୁବେଳେ ଅଜଣା କଥା ଗୁଡା ବସା ବାନ୍ଧଥାନ୍ତି । ତା'ର ପୁଣି ନାଜର ଏତେ ଭାବନା ! କାହିଁକି ? ସିଏ ପରା ପାଗଳ ? ଲୋକେ ପାଗଳ ଦୀପା ବୋଲି ହସ୍ଥା କରନ୍ତି । ସିଏ କାଳେ ଗୁଣିଆ ? ଗୁଣି ସାଧୁ ସାଧୁ ହେଲ ହୋଇଗଲା ଯେ ପାଗଳ ହୋଇଯାଇଛି ! କେତେବେ ତାହାକୁ ଗୁଣି କହନ୍ତି, ତଥାପି ଲୋକେ ତାକୁ କହନ୍ତି ଗୁଣିଆ । ସେଦିନ ନାରୁ ମା ପିତେଇ କହୁଥିଲା, ସେ ବାଟେ ଗୋଟିଏ ଭୁଆସୁଣୀ ଝିଅକୁ ଗୁଣିକରି ନଚୁଉ ଦେବା ନକେ ସେ ତା ଦ'ଅକ୍ଷିରେ ଦେଖିଛି । ସେ ପୁଣି କୁଅତ୍ରେ ନାଉ ସନ୍ଧ୍ୟାରେ ଗାଁ ମୁଣ୍ଡ ମଶାଣିରେ ସେ ଯେଉଁ ବରଗଛଟି ଅଛି ତା ମୂଳେ ବସି ପାଉଁଶ ଘୋଷି ହୁଏ । ଗ୍ରାମର ପିଲ ଚୁଡାଙ୍କ ମା ମାନଙ୍କ ପାଖରେ ଅଳି କରାଇଲେ ତା'ର କଥା ଉଠେ । ଯେମିତ ବୁଢି ଅସୁରୁଣୀ କଥା, ପରୀରାଇଜ କଥା କହୁ ପିଲମାନଙ୍କୁ ବୋଧ କରନ୍ତି । ପିଲଗୁଡ଼ିକବ ତାକୁ ଡ଼ରନ୍ତି । ଧୂଳି ଖେଳିବା ସମୟରେ ସେ ଯେତେବେଳେ କାହାକୁ ନଚାହିଁ ଚଢ଼ ଚଢ଼ ହୋଇ ପାଦ ପକାଇ ସିଧା ସଳଖ ଗାଁ ମୁଣ୍ଡ ଏ ପଟେ ସେ ପାଖଯାଏଁ ଚାଲି ଯାଏ, ପିଲମାନେ ଯାଇନ୍ତି ରଡ଼ି ଅବାଳ୍ପର ପାଗଳ ଦୀପା" କହି ମା ମାନଙ୍କ ପଣତ ତଳେ ମୁହଁ ଲୁଚାନ୍ତି । ମା ମାନେ ମଧ୍ୟ ଆକଟ କରନ୍ତି ପିଲଙ୍କୁ ଅଝଟ ଛୁଆଡ଼ ଯିବାକୁ ।

ସେଇ ନିର୍ମମ ଦୀପା ଭାବି ଚାଲିଛି । ମନଭିତରର କୋହ ଆଖିରେ ଦେଇଛନ୍ତି ଗଙ୍ଗା ଯମୁନାର ସରଳ ତରଳ ଧାର । ବାପ ଅଜା ଅମଳର ସେଇ ପୁରଣା କୋଠାର ଖଟଉପରେ ଶୋଇ ଆଜ ସେ ଭାବୁଛି । ଭଙ୍ଗା କୋଠାଟା ତାକୁ ଅଜ ଉପହାସ କରୁଛି । ଗୋଟିଏ ବଖରାରେ ତା ଖଟ,ଟେବୁଲ ଆଉ ଅବଶ୍ୟକ କେତେ ଖଣ୍ଡ ଟ୍ରଙ୍କ୍ ଓ ଅନ୍ୟାନ୍ୟ ଉପକରଣ । ଲୁହବୋଳା ଆଖି ଆଗରେ ଚଳଚ୍ଚିତ୍ରର ଛବି ଭଳି ଭାସି ଚାଲିଛନ୍ତି ଅଭୁଲା ସ୍ମୃତି ଗୁଡ଼ା । ଦଶବର୍ଷ ତଳର ଘଟଣାଗୁଡ଼ା ଜୀବନ୍ତ ହୋଇ ଉଠିଛନ୍ତି । ଆଜିର ଦୀପା ସେତେବେଳେ ଥିଲା ପ୍ରଦୀପକୁମାର । ସେ ଥିଲା କଲେଜର କୃତୀଛାତ୍ର । ବକ୍ତୃତାରେ ଖେଳ ଉତ୍ସବରେ, ପରୀକ୍ଷାରେ, ସବୁଥିରେ ସେ ପାଏ ପ୍ରଥମ ସ୍ଥାନ । ତା'ର ଗୋରା ତକତକ ଦେହ, ଗମ୍ଭୀର ମୁଖ, ଭାବ ଭରା ଆଖି ଓ ଖଣ୍ଡାଦାଢ଼ ପରି ନାକ, ସମସ୍ତଙ୍କ ଆଖିରେ ସୃଷ୍ଟି କରୁଥିଲା ସପନ । ସବୁବେଳେ ସେ ମୁହଁ ଖୋଲି କାହାକୁ ପଦେ କଥା କୁହେ ନାହିଁ । ସେ ଥିଲା ଖୁବ୍ ଆଦର୍ଶବାଦୀ । ସେଇ କଲେଜର ବିମଳା, ନିର୍ମଳ ବାବୁ ଓକିଲଙ୍କ ଝିଅ, ସେ ଥିଲା ତା'ର ସହପାଠିନୀ । ଲାବଣ୍ୟମଣ୍ଡିତା ବିମଳାର ବୁକୁରେ ଥିଲା ତା'ପାଇଁ ଅଜଣା ମୋହ । ଦୁଇଜଣଙ୍କର ହଠାତ୍ ସାକ୍ଷାତ ହେଲା କଲେଜ କମନ୍‌ରୁମ୍‌ରେ । ଚାଲିଲା ଯୁକ୍ତିତର୍କ । ଦେଶ ବିଷୟରେ, ଅର୍ଥନୈତିକ ବିଷୟ, ସ୍ତ୍ରୀ ସ୍ୱାଧୀନତା କେତେ କୁଆଡ଼ୁ ଯୁକ୍ତି ଉଭୟେ ବାଢି ବସିଲେ । ତାପରେ ସେମାନଙ୍କର ସଂପର୍କ ହେଲା ନିକଟରୁ ନିକଟତମ । ଆଖି ଆଗରେ ନାଚି ଯାଉଛି ସେଦିନରକଥା-ସବୁ କାଲିପରି ଜଣାଯାଉଛି । ଦୁଇ ଜଣ ଯାଇ ବୁଲି ଯାଇଥିଲେ ଉତ୍କଳଗୌରବ କୋଣାର୍କ ଓ ଲିଙ୍ଗରାଜମନ୍ଦିର ଦେଖିବାକୁ

ଓଡ଼ିଶାର କଳା କିପରି ଥିଲା ଓ କିପରି ଅଛି ସେ ବିଷୟ ଆଲୋଚନା କରି ସରକାରଙ୍କୁ ଧନ୍ୟବାଦ ଦେଇଥିଲେ; ପ୍ରତ୍ନତତ୍ତ୍ୱବିଭାଗ ଆମ ପୂର୍ବପୁରୁଷଙ୍କର ଅତୁଟ ଗୌରବକୁ ସାଇତି ରଖିଛି ବୋଲି । ତାପରେ ଯାଇ-ଥିଲେ ଭୁବନେଶ୍ୱର । ସେଠାରେ ବିରାଟ କାରୁକାର୍ଯ୍ୟ ଦେଖି ପ୍ରେମର ପ୍ରତିମା କେଦାର-ଗୌରୀଙ୍କ ଦର୍ଶନରେ ଦୁଇଟି ମିଳନକାମୀ ଆତ୍ମା ଚେଇଁ ଉଠୁଥିଲା ।

--ମୁଗ୍ଧା ବିମଳା କହିଥିଲା; ଆଚ୍ଛା ପ୍ରଦୀପ ବାବୁ ! ସମାଜଟା ଏତେ ନିର୍ମମ କାହିଁକି ?

--ସେ ପରିଣାମ ଚିନ୍ତାକରେ ବୋଲି ।

--ମଣିଷ କ'ଣ ତା' ନିଜ ପାଇଁ ଚିନ୍ତା କରେନି ?

--ହଁ ତା କରେ , କିନ୍ତୁ ଜଗତ ପାଇଁ ସେ ଅନ୍ଧ ।

--ସେଇଥି ପାଇଁ ସମାଜ ପ୍ରତିବନ୍ଧକ ହେବନା ?

--ତୁମେ ଭୁଲ ବୁଝିଲ, ସମାଜ ସୃଷ୍ଟି କରେ ସୁଗମ ପନ୍ଥା, ଯେଉଁଥିରେକି ମଣିଷ ପବିତ୍ର ଭାବରେ ଚାଲି ପାରିବ ।

--ପ୍ରାଣର ଆହ୍ୱାନରେ ଚାଲିବା କ'ଣ ଅପବିତ୍ର ?

--ନା- କିନ୍ତୁ ସେ ଆହ୍ୱାନ ସତ୍ ଓ ମହତ୍ ହେବା ଉଚିତ ।

--ଯଦି ତା ହୋଇଥାଏ ?

--ତେବେ ଜଗତ ଶୁଣିବ ସେଇ ମିଳିତ କଣ୍ଠର ଅଦ୍ୱୈତ ସଙ୍ଗୀତ ।

ଶୁଣୁ ଶୁଣୁ ବିମଳା ଲଗି ଆସିଲା ପ୍ରଦୀପର ଅତି ନିକଟକୁ ।

ଉଭୟେ ଉଭୟଙ୍କୁ ଚାହିଁ ରହିଥିଲେ । ଆଖିର ଭାଷା ମୁହଁକୁ ବନ୍ଦ କରିଥିଲା । ଚମକି ପଡି ବିମଳା କହିଲା, ଦେଖୁଛ ଏଇ ପ୍ରେମର ବିଗ୍ରହଙ୍କୁ......

ମନର ନୀରବ କଳ୍ପନା ରୂପାୟିତ ହୋଇଥିଲା ଶପଥର ତୁଳିକାରେ । ତାକୁହିଁ ରଂଜିତ କରିଥିଲା ଅସ୍ତରବିର ରକ୍ତିମା ...... ।

ସମସ୍ତ ଗଡ଼ି ଚାଲିଲା । ବିମଳା ହେଲା ପ୍ର
ସମାଜର ସ୍ୱୀକୃତି ନେଇ । ଆଜି ତାର ପ୍ରତୀକ ସ୍ୱ
ଟିଏ ହସିଉଠିଲା ବିମଳାର କୋଳରେ । କିନ୍ତୁ ହସ
ସେଇ ଚନ୍ଦ୍ରର ଜ୍ୟୋତ୍ସ୍ନାରେ ଖେଳି ପାରିଲାନି
ସାଗର ତାର ଉଦ୍‌ବେଳିତ ହେଲାନି । ସେ
ସେଇପଥର ଯାତ୍ରୀ । ଯେଉଁ ପଥ କି କେବେ ସ
ସେଇ ଅମରପୁରୀର ଅତିଥି ହୋଇ ।

ପୁଅକୁ ଯେତେବେଳେ ପାଂଚ, ସେତେ
ତା ମା ପଥର ପଥିକ୍ଷୀ ହୋଇ । ମୁଣ୍ଡ ତାର
ବିକୃତ । ଅଜି ଦୀପାର ସବୁ ଗୋଟିଗୋଟି ହୋଇ
ପଡି ଯାଉଛି । ଅନ୍ତରରୁ କିଏ ଯେମିତି କହୁ
ଦୀପା ! ତୋ ଜୀବନରେ ପ୍ରୟୋଜନ କଣ ? ତୁ
ଙ୍କର ପଥ ବାଛିନେ' । କିନ୍ତୁ ପର ମୁହୂର୍ତ୍ତରେ
ମହାମାନବର ଅଶରୀରୀ ବାଣୀ ତାକୁ କହୁଛି
ଯେତେବେଳେ ମନୁଷ୍ୟ ସଂସାରକୁ ଆସେ,
ତାକୁ ନିଶ୍ଚୟ ବଂଶ ରହିବାକୁ ପଡିବ ଓ ପାଣି
ବିଷ ଥାଏ ତା'ହେଲେ ମଧ୍ୟ ପିଇବାକୁ ପଡିବ ।..

ଖଟରୁ ଉଠି ସେ ଆସିଲା ପଦାକୁ ବୁଲି,
ବିବାକୁ । କବାଟ ଫିଟାଇ ଦେଖିଲା କେତେ
ପିଲା ବଡ଼ ଆନନ୍ଦରେ ଧୂଳି ଖେଳୁଛନ୍ତି । ଦୀପା
ସେମାନଙ୍କ ଆଡେ, ଦେଖୁ ଦେଖୁ ତାର ମୁହଁ
ହୋଇ ଆସିଲା । ସେ ଧୀରେ ଧୀରେ ଚାଲିଗଲା
ନଙ୍କ ପାଖକୁ । ତାକୁ ଦେଖି ପିଲମାନେ "ଦୀପା
ଆସିଲାରେ" କହି ଏଣେତେଣେ ଦୌଡିବା
ଏକା ଯାଇ ପାରିଲା ନାହିଁ ଗୋଟିଏ ସାଂ
ପୁଅ । ଦୀପାକୁ ଦେଖି ବି କାନ୍ଦିଲା ନାହିଁ ।
ଦାନ୍ତ ଦେଖାଇ ହସିବାକୁ ଲାଗିଲା । ଅନ୍ତରର
ତକ ସ୍ନେହ ଅକାଡ଼ି ଦେଇ ପୁଅଟିକୁ ଜାକି
ପାରିଲା ଦୀପା । ଥରେ ନୁହେଁ, ଦୁଇ
ଯେତେଥର ପାରିଲା ଚୋକଦେଲା ତା ମୁହଁ
ଛାତିରେ ଜାକିଧରି ଧୀରେ ଧୀରେ ଘରଭିତରେ

ଯାଇ ଦେଖିଲା ବାଲି ଘରରେ ଯେ କେତେ ଖଣ୍ଡ ବିସ୍କୁଟ ଆଣିଥିଲା ନିଜେ ଖାଇବା ଲାଗି ସେଗୁଡ଼ିକ ସେମିତି ଖଟ ଉପରେ ପଡ଼ିଛି । ଧରାଇ ଦେଲା ଦୁଇଟି ବିସ୍କୁଟ ତା'ର ହାତରେ । ତାପରେ ଧୀରେ ପଚାରିଲା ବାପ ତୋ ନାଁ ? ଫୁଲଫୁଲ (ପ୍ରଫୁଲ୍ଲ) । ସେଇ କଥା ପଦକ ଶୁଣିବା ପାଇଁ ସେମିତି ଚାହିଁ ରହିଥିଲା ତାର ଅତୃପ୍ତ ଆତ୍ମା ! ତାପରେ ବାହାର କଲା ନିଜର ଟ୍ରଙ୍କ୍ । ତା ଭିତରୁ ଗୋଟିଏ ଗ୍ଲେଟ ଚିତ୍ରପଟ ଓ କେତେ ଖଣ୍ଡ ଜାମା ବାହାର କଲା । ଜାମା ଗୁଡ଼ିକ ପିନ୍ଧାଇ ଦେଇ ଦେଖିଲା ଚିତ୍ରପଟକୁ ସେଇ ସବୁ ପୂର୍ବସ୍ମୃତି ସେମିତି ନାଚିଉଠିଲା ତା ଆଖିଆଗରେ । ଚିତ୍ର ଓ ପ୍ରଫୁଲ୍ଲକୁ ଅନେକ ସମୟ ଯାଏଁ ଚାହିଁଲା, ଯେମିତି ଦୁଇଟି ଯାକ ମିଶି ଯାଉଛନ୍ତି ସମାନ ଭାବରେ । ଅନେକ ସମୟରେ ପ୍ରଫୁଲ୍ଲ କହିଲା ମୁଁ ଘରକୁ ଯିବି । ଦୀପା ପୁଣି ଥରେ କୋଳକରି ଚୋକଟିଏ ଦେଇ ଛାତିରେ ଜାକିଧରି ଛାଡ଼ିଦେଇ ଆସିଲା । ପାଗଳ ପ୍ରାଣରେ ଲାଗିଗଲା ଉନ୍ମାଦ । ନିତ ଆସେ ପ୍ରଫୁଲ୍ଲ, କଣେଇ ମାଗେ, ପଇସା ମାଗେ । ଆଜ ସବୁ ଅଳି ଶୁଣିବାକୁ ସେ ପ୍ରସ୍ତୁତ । ପୁଣି ଆସିଲା ଅଦୃଶ୍ୟ ଅଙ୍ଗୁଳିର ନିର୍ଦ୍ଦେଶ । ପ୍ରଫୁଲ୍ଲ ଅସୁନାହିଁ, କାହିଁକି ? କଣ ହେଲା ? ତା ବାପ, ମା', ମନା କଲେ । ନାଁ ତ, ସେ କାହା କଥା ନମାନି ଚାଲି ଆସେ, ନା ଆଉ.........

ଛି, ଛି, ଏ ଅମଙ୍ଗଳ ଚିନ୍ତା । ନା ପ୍ରଫୁଲ୍ଲ ଭଲରେ ଥାଉ । ତା ପରଦିନ ଶୁଣିଲା ପ୍ରଫୁଲ୍ଲକୁ ପାଂଚଦିନ ହେଲା ଜ୍ୱର, ତାର ଯେମିତି ବାହ୍ୟଜ୍ଞାନ ଲୋପ ହୋଇ ଗଲା । ପ୍ରାଣଭିତର ତାର ଯେପରି କୋଣ ହେଇଗଲା ।

ତା' ଆରଦିନ ବେଳ ରଡରଡ । ବାହାରିଲା ଦୀପା ପ୍ରଫୁଲ୍ଲକୁ ଦେଖିବାକୁ ସବୁଦିନର ସାଇତା ମିଠେଇ ଧରି । ଗଲାବେଳେ ଦେଖିଲା ସମସ୍ତେ ଯେମିତି ତା ଉପରେ ନାଲିଆଖି ପକାଉଛନ୍ତି । ସେ କୁଆଡ଼େ କାହିଁ ଆଖି ଫେରାଇ ଚାହିଁଲା ନାହିଁ । କେବଳ ମନେମନେ ଠାକୁରଙ୍କୁ ଡାକୁଥାଏ । ଅନ୍ଧ ହେଇ ପାହୁଣ୍ଡ ଆଗେଇଛି, ଶୁଣିବାକୁ ପାଇଲା କେତେଜଣ ମାଇପି ତା ଆଡ଼େ ଅଙ୍ଗୁଠି ଦେଖାଇ କଥାବାର୍ତ୍ତା ହେଉଛନ୍ତି - ଏପରି ଦୀପା, ପ୍ରଭାକର ବାବୁଙ୍କ ପୁଅକୁ କଣ ଗୁଣିକରିଛି ଯେ ଆଜକି ପାଞ୍ଚ ଦିନ ହେଲା ଜ୍ୱର । କେଜାଣି କଣ ହେବଲୋ ମା । ଦୀପାର ମୁଣ୍ଡରେ ଯେମିତି ବଜ୍ର ପଡ଼ିଗଲା । ଦେହର ସମସ୍ତ ରକ୍ତ ପ୍ରବାହ ବନ୍ଦହେଲା ପରି ମନେହେଲା । ସେ ଆଗକୁ ଯିବକି ପଛକୁ ଯିବ କିଛି ଭାବିପାରିଲା ନାହିଁ । ହୃଦୟର ମୋହ ମନରେ ଦେଲା ଦମ୍ଭ । ପୁଣି କଣ ଭାବି ଆଗେଇ ଚାଲିଲା । ଆଜ ସେ ନିଶ୍ଚୟ ପ୍ରଫୁଲ୍ଲକୁ ଦେଖି ଫେରିବ । ଅଳ୍ପଦୂର ଯାଇଛି ଦେଖିଲା ପ୍ରଭାକର ବାବୁଙ୍କ ଘର ଲୋକ ଗହଳରେ ଫାଟି ପଡୁଛି । ସେ ଚଞ୍ଚଳ ଯାଇ ପିଣ୍ଡା ଉପରକୁ ଉଠିଛି କି ନାହିଁ ଗୋଟିଏ ଚାହାଳ ଖେଳିଗଲା ଓ ତା ଉପରେ ହେଲା ଶକ୍ତ ପ୍ରହାର । ଦୀପା ଆଉ ଚାଲି ପାରିଲାନାହିଁ । ଖାଲି ଅଖିଲ୍ ହରେ କହିକହି ଚାଲିଥାଏ ମୋ ପ୍ରଫୁଲ୍ଲକୁ ଟିକେ ଦେଖାଅ । ଆରେ ମୁଁ ତା ପାଇଁ ବିସ୍କୁଟ ଆଣିଛିରେ ପାଂଚଦିନ ହେଲା ଯାଇନି ସେ । ଛାଡ଼ ମୋତେ...... ଓଃ ......ଫେରେ ଗୋଟିଏ ପ୍ରହାର । ଢଳି ପଡ଼ିଲା ସେ ପିଣ୍ଡାତଳକୁ । ସେତିକି ବେଳେ ଫଳୁଆ ବଲ୍ଲଆଗୁଡ଼ିକ ଭୁକି ଉଠିଥିଲେ, ଆଉ ପ୍ରଭାକର ବାବୁଙ୍କ ଘର ଫାଟି ପଡୁଥିଲା କାନ୍ଦଣାରେ, ଘରୁ କିଏ ଜଣେ କହିକହି ଆସୁଥିଲେ—"ସବୁଶେଷ" ।

# ସାହିତ୍ୟ ଜଗତରେ ରୂପକ

ଶ୍ରୀ ବାସୁଦେବ ଆଚାର୍ଯ୍ୟ,ସାହିତ୍ୟାଚାର୍ଯ୍ୟ ୪ର୍ଥବର୍ଷ

ସାହିତ୍ୟର ସୁବିସ୍ତୃତ ଜଗତ ଭିତରେ କାବ୍ୟ, ଉପନ୍ୟାସ , ଗଳ୍ପ ପ୍ରଭୃତି ବହୁ କମନୀୟ ଓ ଆଦର୍ଶମୟ ବସ୍ତୁଥିଲେ ମଧ୍ଯ ସବୁ ସମୟରେ ଏହା ମନୁଷ୍ୟର ଚିତ୍ତାକର୍ଷକ ହୋଇପାରେ ନାହିଁ । କାରଣ ମନୁଷ୍ୟର ଜୀବନ ଆନନ୍ଦ-ବିଷାଦ , ପାପ-ପୁଣ୍ୟ , ସତ୍-ଅସତ୍ , ଇତ୍ୟାଦି ବହୁ ବିରୋଧଧର୍ମର ଏକ ପୁଞ୍ଜୀଭୂତ ବସ୍ତୁ ହୋଇ ଥିବାରୁ କାବ୍ୟ ଉପନ୍ୟାସାଦିର ଆନନ୍ଦ ନିରବଚ୍ଛିନ୍ନ ଭାବରେ ମନୁଷ୍ୟ ଗ୍ରହଣ କରି ପାରେ ନାହିଁ । ତେଣୁ ସେ ସାହିତ୍ୟ ଜଗତରୁ ଆଉ ଏକ ବିଲକ୍ଷଣ ଆନନ୍ଦ ଲାଭର ଆଶା ପୋଷଣ କରିଥାଏ । ତାହା ପୂରଣ କରିବାରେ ରୂପକ ସମର୍ଥ ଅଟେ । ଅତଏବ ପ୍ରତ୍ୟକ୍ଷ ଭାବରେ ସାହିତ୍ୟର ଲକ୍ଷ୍ୟ ସାଧନ ପାଇଁ ରୂପକ ହେଉଛି ଅମର ଦାନ । ସବୁ ଯୁଗ ସବୁ କାଳରେ ଅପୂର୍ବ ବିଗ୍ରହ ରୂପକ । ଯେଣୁ ଦ୍ରଷ୍ଟା ଅଳ୍ପ ସମୟ ଭିତରେ ସାହିତ୍ୟ ଜଗତର ନିଗୁଢ ତତ୍ତ୍ୱମାନଙ୍କୁ , ଗଦ୍ୟ ତଥା ପଦ୍ୟଶୈଳୀରେ ଅଭିବ୍ୟଞ୍ଜିତ ହେଉଥିବା କଳାର ଆଦର୍ଶକୁ ରୂପକରେ ହିଁ ଦେଖିବାକୁ ପାଏ । ହଜାର ହଜାର ବର୍ଷ ଧରି ରୂପକର ତଥ୍ୟ ଜାଣିବାକୁ ମାନବର ଅଦମ୍ୟ ପ୍ରଚେଷ୍ଟା ଚାଲିଛି । ତେଣୁ ସାହିତ୍ୟ ଜଗତରେ ତାର ସ୍ଥାନ ନିରୂପଣ କରିବାକୁ ଯାଇ କାବ୍ୟାଳଂକାର ସୂତ୍ରରେ ଅଳଂକାରକପ୍ରବର ବାମନାଚାର୍ଯ୍ୟ କହିଛନ୍ତି:-"ସଂଦର୍ଭେଷୁ ଦଶରୂପକଂ ଶ୍ରେୟଃ" ସେହିପରି ମଧ୍ଯ ଅଭିନବଭାରତୀରେ ପରମ ମାହେଶ୍ୱର ଅଭିନବଗୁପ୍ତାଚାର୍ଯ୍ୟ କହିଛନ୍ତି:-"କାବ୍ୟଂ ତାବନ୍ମୁଖ୍ୟତୋ ଦଶରୂପକାତ୍ମକମେବ ।"

ଭାରତୀୟ ଆଲୋଚକଗଣ କାବ୍ୟର ନାନା ପ୍ରଭେଦ ମଧ୍ୟରେ ସୌନ୍ଦର୍ଯ୍ୟ ତଥା ଗୁରୁତାଦୃଷ୍ଟିରେ ଉତ୍କର୍ଷାପକର୍ଷ ବିବେଚନା ଅତ୍ୟନ୍ତ ମାର୍ମିକଭାବରେ କରି ଯାଇଛନ୍ତି । ଏହି ବିଷୟରେ ଏକ ବିଖ୍ୟାତ ଆଭାଣକ ( ଲୋକୋ[illegible] ) ପ୍ରଚଳିତ ଅଛି:-"କାବ୍ୟେଷୁ ନାଟକଂ ରମ୍ୟମ୍" । [illegible] କାବ୍ୟ ପ୍ରଭେଦ ମଧ୍ୟରେ ନାଟକ ଅତୀବ ରମଣୀ[illegible] ଯେହେତୁ ତାହା ସହୃଦୟ ସାମାଜିକଗଣଙ୍କର ହୃଦ[illegible] ଅତ୍ୟନ୍ତ ଆପ୍ୟାୟିତ କରିଥାଏ । ଏହି ଲୋକୋକ୍ତି ସା[illegible] ନିରାଧାରୋକ୍ତି ନୁହେଁ । ପରନ୍ତୁ ଏହା ଭା[illegible] ସାହିତ୍ୟ ଶାସ୍ତ୍ରର ଏକ ପ୍ରୌଢ ସିଦ୍ଧାନ୍ତର ପରିଚାୟ[illegible]

ଅଳଂକାରିକମାନେ ପ୍ରଥମତଃ କାବ୍ୟକୁ [illegible] ତଥା ଦୃଶ୍ୟ ଏହି ଦୁଇଭାଗରେ ବିଭକ୍ତ କରି[illegible] ଶ୍ରବ୍ୟ କାବ୍ୟ ଶ୍ରବଣ ( କର୍ଣ୍ଣ ) ମାଧ୍ୟମରେ ସା[illegible] ହୃଦୟକୁ ସ୍ପର୍ଶ କରେ । କିନ୍ତୁ ଦୃଶ୍ୟ [illegible] ( ରୂପକ ବା ନାଟକ ) ପ୍ରଧାନତଃ ଲୋଚନ ମାଧ୍ୟ[illegible] ଦର୍ଶକ ହୃଦୟକୁ ଆକର୍ଷିତ ତଥା ବିମୁଗ୍ଧ କରି[illegible] ଉଭୟ କାବ୍ୟର ଲକ୍ଷ୍ୟ ସମାନ , ପରନ୍ତୁ ମାଧ୍ୟମ [illegible] ଭିନ୍ନ । ଏହା ନିର୍ବିବାଦସତ୍ୟ ଯେ କର୍ଣ୍ଣ ଶ୍ରୁତ [illegible] ଅପେକ୍ଷା ନେତ୍ର ଦୃଷ୍ଟ ବସ୍ତୁ ସମଧିକ ରୋଚ[illegible] ହୃଦୟାବର୍ଜକ ।

## ନାଟକ ଏବଂ ଚିତ୍ରପଟ୍ଟ :-

ଅଳଂକାରିକ ଶିରୋମଣି ବାମନ ପ୍ରଥମେ କ[illegible] ନିବଦ୍ଧ ଅନିବଦ୍ଧ ବୋଲି ଦୁଇଭାଗରେ ବିଭକ୍ତ କରି[illegible] ଅନିବଦ୍ଧ କାବ୍ୟ ଅପେକ୍ଷା ନିବଦ୍ଧ କାବ୍ୟକୁ ସେ [illegible] ବୋଲି ସ୍ୱୀକାର କରିଛନ୍ତି । ପୁଣି ଏହି କ[illegible] ନିବଦ୍ଧ ବା ( ସଂଦର୍ଭ ) କାବ୍ୟ ମଧ୍ୟରେ ଶ୍ରେଷ୍ଠ [illegible] ଶ୍ରେଷ୍ଠତାର ବ୍ୟାଖ୍ୟାନାବସରରେ ସେ [illegible] ବା (ରୂପକକୁ )ଚିତ୍ରପଟ୍ଟ ସହ ତୁଳନା କରିଛନ୍ତି । [illegible] ଆକର୍ଷଣର ସମଗ୍ର ସାମଗ୍ରୀ ଥିବାରୁ ଚିତ୍ରପଟ୍ଟ [illegible]

ଲୋକକୁ ଆକର୍ଷଣ କରେ । ଚିତ୍ରର ତୂଳିକା ରେଖାମାନ ଆକାରରେ ନାନାପ୍ରକାର ରଙ୍ଗ ସଂଯୋଗରେ ଚିତ୍ରପଟରେ ଏତେଦୂର ଜୀବନ ସଞ୍ଚରଣ କରିଦିଏ ଯେ ତାହା ଏକାନ୍ତ ଜୀବନ୍ତ ପଦାର୍ଥ ବୋଲି ପ୍ରତୀତ ହୁଏ । ବହୁବିଧ ରଙ୍ଗ ଓ ରୁଚିର ମିଶ୍ରଣହେତୁ ଚିତ୍ରପଟ ଏକବାର ସଜୀବ ତଥା ରୋଚକ ହୋଇ ଉଠେ । ଏଠାରେ ପ୍ରଶ୍ନ ଉଠିପାରେ ଚିତ୍ରପଟର ବିଚିତ୍ରତାର କାରଣ କଣ ? କାରଣ ହେଉଛି ବାମନାଚାର୍ଯ୍ୟଙ୍କ ଭାଷାରେ "ବିଶେଷ ସାକଲ୍ୟ" । ଅର୍ଥାତ୍ ଚିତ୍ରୋପଯୋଗୀ ସମସ୍ତ ବସ୍ତୁ ମାନଙ୍କର ପୂର୍ଣ୍ଣତା । ରୂପକର ମଧ୍ୟ ଠିକ୍ ଏହି ଦଶା । ରଙ୍ଗମଞ୍ଚରେ ସୁଶିକ୍ଷିତ ନଟଦ୍ୱାରା ଉଚିତ ହାବଭଙ୍ଗୀ ସହ ଯେତେବେଳେ ରୂପକର ଅଭିନୟ ହୁଏ-ସେତେବେଳେ ଦର୍ଶକର ଲୋଚନ ସମ୍ମୁଖରେ ଜୀବନ୍ତ ପଦାର୍ଥ ନିଜର ପୂର୍ଣ୍ଣବେଶ ତଥା ଗରିମାସହ ଆବିର୍ଭୂତ ହୁଏ । ସେତେବେଳେ ସହୃଦୟ ଦର୍ଶକ ନିଜର ଜୀବନ ସହ ଏତେ ତାଦାତ୍ମ୍ୟ ବା ଐକାତ୍ମ୍ୟ ଅନୁଭବ କରେଯେ ସେ ତତ୍କ୍ଷଣାତ୍ ଆତ୍ମବିଭୋର ହୋଇପଡେ । ସେତେବେଳେ ତାଙ୍କ ଆତ୍ମାନୁଭବ କାହିଁ !

ରୂପକ, ମାନବ ଜୀବନର ଯାଥାର୍ଥ୍ୟ ଔଚିତ୍ୟପୂର୍ଣ୍ଣ ଅନୁକରଣ । ଅଭିନୀୟମାନ ରାମସୀତାଦି ବ୍ୟକ୍ତିମାନଙ୍କର ନଟଉପରେ ଆରୋପଣ ହେତୁ ରୂପକର ରୂପକ ସଂଜ୍ଞା ସାର୍ଥକ । ଧନଞ୍ଜୟ ଯଥାର୍ଥରେ କହିଛନ୍ତି:- "ରୂପକଂ ତୁ ସମାରୋପାତ୍" । ଶ୍ରବ୍ୟ କାବ୍ୟ ଯଥା:- ମହାକାବ୍ୟ, ଖଣ୍ଡକାବ୍ୟ, ମୁକ୍ତକାଦି । ଏଗୁଡିକୁ ପାଠକ ଅଧ୍ୟୟନ ତଥା ଶ୍ରବଣ କରେ । ଯେଉଁ ବିଷୟ ବସ୍ତୁର ସାହିତ୍ୟିକ ଚିତ୍ରଣ ଏଥିରେ (ଶ୍ରବ୍ୟକାବ୍ୟରେ) ପ୍ରସ୍ତୁତ ହୁଏ ତାହାକୁ ମାନସ ପ୍ରତ୍ୟକ୍ଷ କରି ଆନନ୍ଦ ଲାଭକରେ । ଅତଏବ ଶ୍ରବ୍ୟକାବ୍ୟରେ ଏସବୁର ଅଭାବରୁ ତାହାର ଜୀବନସହ ସଂପର୍କ ପରୋକ୍ଷ । କିନ୍ତୁ ଦୃଶ୍ୟକାବ୍ୟରେ ଅଭିନେୟ ବ୍ୟକ୍ତିର ଅନୁକରଣ ଶିକ୍ଷିତ ନଟଦ୍ୱାରା ଅନୁକୂଳ ବେଶଭୂଷାସହ ଏପରି ସୁନ୍ଦର ଭାବରେ ପ୍ରତ୍ୟକ୍ଷୀଭୂତ ହୁଏ ଯେ ବର୍ଣ୍ଣ୍ୟବିଷୟ ଏକବାର ଜୀବନ୍ତ ହୋଇଉଠେ । ଏଣୁ ନାଟକରେ ଜୀବନ ସହ ସଂପର୍କ ଅପରୋକ୍ଷ ଭାବରେ ପ୍ରତୀତ ହୁଏ । ପ୍ରତ୍ୟକ୍ଷ ଦୃଶ୍ୟତା ତଥା ଯଥାର୍ଥତାହେତୁ ରୂପକ ଚିତ୍ରପଟ ସଦୃଶ ମନୋଜ୍ଞ ଏବଂ ସମଗ୍ର କାବ୍ୟ ପ୍ରଭେଦ ମଧ୍ୟରେ ମନୋଜ୍ଞତମ । ଏଣୁ ବାମନ ତାଙ୍କର କାବ୍ୟାଲଂକାର ସୂତ୍ରରେ ଯଥାର୍ଥ କହିଛନ୍ତି :- "ସନ୍ଦର୍ଭେଷୁ ଦଶରୂପକଂ ଶ୍ରେୟଃ । ତଦ୍ଧି ଚିତ୍ରଂ ଚିତ୍ରପଟବତ୍ ବିଶେଷସାକଲ୍ୟାତ୍" । ରସବତ୍ତାର ଦୃଷ୍ଟିରେ ତଥା ରସାସ୍ୱାଦର ଉତ୍କର୍ଷ ବିଚାରରେ ରୂପକ ଶ୍ରବ୍ୟକାବ୍ୟାପେକ୍ଷା ନିଃସନ୍ଦେହରେ ଶ୍ରେଷ୍ଠ ।

*ରସବତ୍ତାର ପୂର୍ଣ୍ଣତା :-*

ରୂପକ ରସବତ୍ତା ପୂର୍ତ୍ତିର ଚରମ ଦୃଷ୍ଟାନ୍ତ । ଯେହେତୁ ରସବତ୍ତାର ଆଶ୍ରୟ ହେଉଛି ଔଚିତ୍ୟ । ଯେଉଁ ରଚନାରେ ଔଚିତ୍ୟର ଯେତେ ଅଧିକ ସହଯୋଗ ସେ ରଚନା ସେତେଦୂର ଅଧିକ ରସପେଶଳ । ନାଟ୍ୟ ଔଚିତ୍ୟର ସମଧିକ ଅବଲମ୍ବନରେ ପ୍ରବୃତ୍ତ ହୁଏ । ଏହି କଥାକୁ ଦର୍ଶାଇ ନାଟ୍ୟଶାସ୍ତ୍ର ପ୍ରଣେତା ଭରତମୁନି କହିଛନ୍ତି :-

ବୟୋଽନୁରୂପଃ ପ୍ରଥମୋଽସ୍ତୁ ବେଶଃ
ବେଶାନୁରୂପଶ୍ଚ ଗତିପ୍ରଚାରଃ ।
ଗତିପ୍ରଚାରାନୁରୂପଞ୍ଚ ପାଠ୍ୟଂ
ପାଠ୍ୟାନୁରୂପୋଽଭିନୟଶ୍ଚ କାର୍ଯ୍ୟଃ ।

ନାଟ୍ୟରେ ଔଚିତ୍ୟର ସମସ୍ତ ପରମ୍ପରା ବିଦ୍ୟମାନ । ବୟସର ଅନୁରୂପ ବେଶ, ବେଶର ଅନୁଯାୟୀ ଗତିପ୍ରଚାର ତଦନୁରୂପ ହୁଏ ପାଠ୍ୟ । ପୁଣି ପାଠ୍ୟର ଅନୁରୂପ ହୁଏ ଅଭିନୟ । ଏହି ଔଚିତ୍ୟ ପରଂପରାର ବିଦ୍ୟମାନତା ହେତୁ ନାଟକରେ ରସବତ୍ତାର ପୂର୍ଣ୍ଣତା ବିଦ୍ୟମାନ । ଏହି ବୈଶିଷ୍ଟ୍ୟତାକୁ ଲକ୍ଷ୍ୟକରି ଅଭିନବ ଗୁପ୍ତାଚାର୍ଯ୍ୟ କହିଛନ୍ତି :- "ତେନ ନାଟ୍ୟେ ହ୍ୟୌଚିତ୍ୟେନ ଭାଷାବୃତ୍ତିକାକୁନେପଥ୍ୟୈଃ ପୂର୍ଯ୍ୟତେ ରସବତ୍ତ୍ୱମ୍ । ସର୍ଗବନ୍ଧାଦୌ ତୁ ନାସ୍ତି କାଚ୍ୟାଃ ସଂସ୍କୃତେରେବ କଥନଂ ବହୁତର ମସମୀଚୀନମ୍" । ଅର୍ଥାତ୍ ନାଟ୍ୟରେ ଭାଷା, ବୃତ୍ତି,

କାକୁ , ନେପଥ୍ୟାଦିର ଔଚିତ୍ୟ ସଂକଳନ ହେତୁ ରସବସ୍ତୁର ପୂର୍ଣ୍ଣ ଅନୁଭୂତ ହୁଏ । କିନ୍ତୁ ଗଦ୍ୟକାବ୍ୟରେ ତାଦୃଶ ଔଚିତ୍ୟର ଅଭାବ ପରିଦୃଷ୍ଟ ହୁଏ । ମହାକାବ୍ୟରେ ନାୟିକା ନିଜର ସ୍ୱାଭାବିକ ପ୍ରାକୃତଭାଷା ପରିତ୍ୟାଗ କରି ସଂସ୍କୃତ ବ୍ୟବହାର କରେ ଏହା ସର୍ବଥା ଅନୁଚିତ ନୁହେଁ କି ?

## ରସାସ୍ୱାଦରେ ଉତ୍କର୍ଷ

ସାମାଜିକହୃଦୟରେ ରସୋନ୍ମେଷ କାବ୍ୟର ଚରମ ଲକ୍ଷ୍ୟ । ରସପ୍ରତୀତି ପାଇଁ ଏହି ସାମାଜିକଙ୍କୁ ସହୃଦୟ ହେବା ଆବଶ୍ୟକ । ସହୃଦୟ ଶବ୍ଦର ବ୍ୟୁତ୍ପତ୍ତି-ଲଭ୍ୟ ଅର୍ଥ ଏହି ଯେ:- କବିଙ୍କ ହୃଦୟ ସହିତ ସଂବାଦ , ସାମ୍ୟ ବା ଏକରୂପତା ଧାରଣକାରୀ ବ୍ୟକ୍ତି । ସହୃଦୟ କବିହୃଦୟ ସହିତ ଏତେଦୂର ସାମ୍ୟ ରଖେ ଯେ ଅସ୍ପଷ୍ଟ ତଥା ପ୍ରକୀର୍ଣ୍ଣ ପଦ୍ୟ ସ୍ମରଣ ମାତ୍ରେହିଁ ତାର ରସ ପ୍ରତୀତ ହୁଏ । କାରଣ ସେ ଅନଭିବ୍ୟକ୍ତ ଅଂଶକୁ ନିଜ ପ୍ରତିଭା ସାହାଯ୍ୟରେ ସ୍ୱତଃ ପୂର୍ତ୍ତି କରେ । ନାଟକର ଅବଲୋକନ ମାତ୍ରେ ସେ ଅପାର ଆନନ୍ଦର ଅନୁଭୂତି ପାଏ । କିନ୍ତୁ ସାଧାରଣ ପ୍ରତିଭାହୀନ ଅହୃଦୟ ଲୋକର ଏପରି ଦଶା ଘଟେ ନାହିଁ । ଏଣୁ ଏଭଳି ବ୍ୟକ୍ତିର କାବ୍ୟରୁ ରସାସ୍ୱାଦ ପାଇଁ ଅନେକ ପଦାର୍ଥ ତଥା ଘଟନାର ବ୍ୟାଖ୍ୟା ଆବଶ୍ୟକ ହୁଏ । ଏହି ଆବଶ୍ୟକ ଭୂମିକା ବିନା ସେ ରସାସ୍ୱାଦ କରି ପାରେ ନାହିଁ ।

## ଅହୃଦୟର ରସାସ୍ୱାଦପାଇଁ ନାଟ୍ୟର ଭୂୟସୀ ଆବଶ୍ୟକତା:-

ଏହାଙ୍କର ରସାସ୍ୱାଦ ପାଇଁ ନାଟ୍ୟ ଦୁଇପ୍ରକାର ସହାୟତା କରିଥାଏ । ପ୍ରଥମତଃ ରୂପକ ଚତୁର ଅଭିନୟ ଦ୍ୱାରା ଚିତ୍ରିତ ବସ୍ତୁକୁ ପ୍ରତ୍ୟକ୍ଷ ତଥା ଜୀବନ୍ତ ରୂପରେ ବର୍ଣ୍ଣନ କରେ । ଉଚିତ ବେଶଭୂଷା , ଯବନିକାର ସାଜସଜ୍ଜା , ରଙ୍ଗମଞ୍ଚର ବାହ୍ୟାଡମ୍ବର , ବିଭାବ , ଅନୁଭାବ , ସଞ୍ଚାରୀଭାବର ଅଭିନୟଦ୍ୱାରା ଦର୍ଶକ ବର୍ଣ୍ଣ୍ୟ ବସ୍ତୁରେ ଜୀବନର ସତ୍ୟତା ଅନୁଭବ କରେ । ଦ୍ୱିତୀୟତଃ ରସାସ୍ୱାଦପାଇଁ ଅନୁକୂଳ ବାତାବରଣ ଓ ଅନୁରୂପ ଚିତ୍ତପ୍ରସାଦ ଉତ୍ପନ୍ନ କରିବାରେ ନାଟ୍ୟ ସର୍ବଦା ସମର୍ଥ । ନିଜର ସୁଖଦୁଃଖାଦି ବିବଶୀଭାବ ରସାସ୍ୱାଦର ପ୍ରଧାନ ସହାୟକ । ଏହି ନିଜର ସୁଖଦୁଃଖାଦି ବିବଶୀଭାବ ନିରାକରଣ ଅଭିନୟ, ସଙ୍ଗୀତ ତଥା ସାଜସଜ୍ଜା ପ୍ରଭୃତି ନାଟକୀୟ ଉପକରଣ ଦ୍ୱାରା ସଂପନ୍ନ ହୁଏ । [illegible] ନଟଦ୍ୱାରା ପ୍ରସ୍ତୁତ ସଙ୍ଗୀତ ସାଧାରଣ ଶ୍ରୋତାର ହୃଦୟ ଉପରେ ଏତେଦୂର ନିଜର ସବଳ ପ୍ରଭାବ ପକାଏ ଯେ ତାହାର ହୃଦୟ ସ୍ୱଗତ ସୁଖଦୁଃଖାଦିଦ୍ୱାରା ଯେତେଦୂର ଅଭିଭୂତ ହୋଇଥାଉ ପଛକେ ଶୋକ , କ୍ରୋଧ , ଦୁଃଖାଦି ରସପ୍ରତୀତିର ପ୍ରତିକୂଳବୃତ୍ତିର ଉଦୟ ହେତୁ ତାର ହୃଦୟ ଯେତେ ସଂକଟାପନ୍ନ ହୋଇଥାଉ ପଛକେ ନାଟ୍ୟର ଉଦାର ସଙ୍ଗୀତ-ମାଧୁରୀ ତାର ଶ୍ରବଣ ସି[illegible] ହୃଦୟଗ୍ରନ୍ଥି ଛେଦନ କରିବାରେ ସର୍ବଦା ସମର୍ଥ ହୋଇ ରସାସ୍ୱାଦର ଅନୁକୂଳ ଚିତ୍ତବୃତ୍ତି ସୃଷ୍ଟି କରେ । ଏହି ସାହିତ୍ୟିକ କଳାତ୍ମକ ଅନୁଭୂତି ତଥା ରସାସ୍ୱାଦର ପ୍ରତୀତି ପାଇଁ କାବ୍ୟର ସମସ୍ତ ପ୍ରଭେଦ ମଧ୍ୟରେ ରୂପକ ସର୍ବଶ୍ରେଷ୍ଠ । ଦେଖନ୍ତୁ :- ଜଣେ ସଂସ୍କୃତ ବା ଇଂରାଜୀ ଅନଭିଜ୍ଞ ଲୋକ ତହିଁରେ ଅଭିନୀତ ହେଉଥିବା ଦୃଶ୍ୟ କାବ୍ୟ ଅପେକ୍ଷା ତହିଁର ଶ୍ରବ୍ୟକାବ୍ୟ ପଢିବାକୁ ଭଲପାଏ କି ? କାରଣ ଶ୍ରବ୍ୟକାବ୍ୟରୁ ସେ କିଛି ବୁଝିପାରିବ ନାହିଁ । କିନ୍ତୁ ଦୃଶ୍ୟରୁ ନିଶ୍ଚୟ ସେ କିଛି ନା କିଛି ଭାବଗ୍ରହଣ କରିବାକୁ ସମର୍ଥ ହୋଇପାରି ରସ ଅନୁଭବ କରିପାରିବ ।

## ରୂପକର ରସ ସମର୍ପକତା:-

ଆଗରୁ କୁହାଯାଇଛି ଯେ ଶ୍ରୁତ ବସ୍ତୁ ଅପେକ୍ଷା ଦୃଷ୍ଟବସ୍ତୁ ଅଧିକ ରସପେଶଲ । ଦେଖନ୍ତୁ ଆମର ପଦାର୍ଥ ଜ୍ଞାନ , ଇନ୍ଦ୍ରିୟ ମାନଙ୍କ ଉପରେ ହିଁ ନିର୍ଭର କରେ । ତହିଁରୁ ନେତ୍ର ଶ୍ରେଷ୍ଠ । ଧରନ୍ତୁ ଗୋଟିଏ ଅନ୍ଧ ଓ ଗୋଟିଏ କାଲ । ଏ ଦୁହିଁଙ୍କ ମଧ୍ୟରେ ନୀଳପୀତପ୍ରଭୃତି ପଦାର୍ଥର ବୋଧ କାହାର ହେବ ? ଏଣୁ ଦୃଶ୍ୟକାବ୍ୟ ନିଶ୍ଚୟ ଅଧିକ ରସଦାୟକ ।

ଚଞ୍ଚଳମୟ ଏହି ସଂସାରରେ ସମସ୍ତେ ସର୍ବଦା କର୍ମାସକ୍ତ । କର୍ମର ବ୍ୟତିରେକେ କେହି ଅପର ସହିତ ସାଦର୍ମିଳାଇ ଚାଲିବାକୁ ସମର୍ଥ ହୋଇ ନ ପାରେ । ଅତଏବ ସମୟାଭାବରୁ ଏମାନେ ଆତ୍ମାର ବିଶ୍ରାନ୍ତି ପାଇଁ ଅଳ୍ପକାଳସାପେକ୍ଷ ଏକାଙ୍କିକା ପ୍ରଭୃତିର ସୃଷ୍ଟି କରିଛନ୍ତି ଏବଂ ତହିଁରୁ ଆମୋଦପ୍ରମୋଦ ପାଇ ପାରୁଛନ୍ତି ।

ଏହି ରୂପକମଧ- "ନାଟକଂ ନୋଟକଂ ଗୋଷ୍ଠୀ" ପ୍ରଭୃତି ଦଶଭାଗରେ ବିଭକ୍ତ । ତହିଁରୁ ନାଟକ ପ୍ରଧାନ । ଏହା ମଧ୍ୟ ଅଙ୍ଗିକ , ବାଚିକ , ଆହାର୍ଯ୍ୟ , ସାତ୍ତ୍ୱିକ ଭେଦରେ ଚାରିଭାଗରେ ବିଭକ୍ତ । କେଉଁଠି ଗୋଟିକର କେଉଁଠି ବା ଦୁଇଟିର, କେଉଁଠି ବା ତିନୋଟି ଚାରୋଟିର ଅଭିନୟ ହେଉଅଛି । ଯିବାଂକୋଡ଼ରେ 'ଅବାକ୍ ନୃତ୍ୟ' ଆମ ଓଡ଼ିଶାରେ "ଛଉନୃତ୍ୟ" ପ୍ରଭୃତିରେ ଗୋଟିକର ଅଭିନୟ ହେଉଥିବାର ଦେଖାଯାଏ ।

ସେ ଯାହାହେଉ ଶ୍ରାବଣପ୍ରତ୍ୟକ୍ଷରେ ତର୍କୋପସ୍ଥିତି ହୁଏ । କିନ୍ତୁ ଚକ୍ଷୁପ୍ରତ୍ୟକ୍ଷରେ ତାହାର ଅଭାବ ଥାଏ । ଅତଏବ ଶ୍ରାବଣପ୍ରତ୍ୟକ୍ଷ ଅପେକ୍ଷା ନିଶ୍ଚୟ ଚକ୍ଷୁ ପ୍ରତ୍ୟକ୍ଷରେ ଅଗ୍ରାହାଧିକ୍ୟ ଅଛି । କାରଣ ତନ୍ମୟୀ-ଭାବପ୍ରତି ଚକ୍ଷୁର ଅଧିକ ସାମର୍ଥ୍ୟ ଦେଖାଯାଏ । ଏଣୁ ଏହି ରୂପକର ପ୍ରଭାବ କେବଳ ସହୃଦୟ-ଅସହୃଦୟ, ପ୍ରତିଭାଶାଳୀ - ପ୍ରତିଭାହୀନ , ମୂର୍ଖ ଓ ଜ୍ଞାନୀ ସମସ୍ତଙ୍କ ଉପରେ ଯଥାଯଥ ଭାବରେ ପଡ଼େ । ଏଥିପାଇଁ ରୂପକ କାବ୍ୟ ପ୍ରଭେଦ ମଧ୍ୟରେ ସର୍ବଥା ଅଭିରାମ ଓ ରସ ପେଶଳ ।

# ଶିବସ୍ତୁ ପନ୍ଥାଃ

ଶ୍ରୀ ଭଗବାନ ମିଶ୍ର, ସାହିତ୍ୟ-ଉତ୍ତରମଧ୍ୟମା-ଛାତ୍ର

ମହର୍ଷି ସପ୍ତକର୍ଣ୍ଣୀଙ୍କର ଆଶ୍ରମ । ସବୁଜ ସତେଜ ବୃକ୍ଷଲତା ଫଳପୁଷ୍ପ ଭାରରେ ଅବନତା । ଶାନ୍ତ ଉପବନରୁ ଭାସି ଆସୁଥିଲା ବନପକ୍ଷୀର ମଧୁର କାକଳୀ ।ଅଦୂରରେ ଆଶ୍ରମ। ଦୁଗ୍ଧବତୀ ଗାଭୀର ଧୀର ସଂଚରଣ ଓ ମୃଗ-ଦ୍ୱନ୍ଦ୍ୱଙ୍କର ହର୍ଷୋତ୍‌ଫୁଲ୍ଲ ନିଃଶଙ୍କ କ୍ରୀଡା ଆଶ୍ରମ ଶୋଭାର ପରିପୂରକ ହୋଇଥିଲା ।ପ୍ରକୃତିର ନିତ୍ୟନୂତନ ଦୃଶ୍ୟଭଙ୍ଗୀ ପ୍ରଶାନ୍ତତାପୂର୍ଣ୍ଣ ପରିପୂର୍ଣ୍ଣ ତଥା ଏକ କମନୀୟ ତଥା ଭାବ-ବ୍ୟଞ୍ଜକ ପରିବେଶ ସୃଷ୍ଟି କରିଥିଲା ।

ମହର୍ଷି ସପ୍ତକର୍ଣ୍ଣୀ କୁଶାସନରେ ଆସୀନ । ସମ୍ମୁଖସ୍ଥ ଯଜ୍ଞକୁଣ୍ଡରୁ ତେଜୀୟାନ୍ ଅଗ୍ନିଶିଖା ଊର୍ଦ୍ଧ୍ୱରୁ ଊର୍ଦ୍ଧ୍ୱଗାମୀ ହେଉଥିଲା । ଋଷିମାନଙ୍କର ପ୍ରଶାନ୍ତ ଗମ୍ଭୀର ବେଦୋ-ଚ୍ଚାରଣ ଗଗନପବନ ପ୍ରକମ୍ପିତ କରୁଥିଲା । ସମ୍ମୁଖରେ ସ୍ୱୀୟ କନ୍ୟା ଗୃହଦତ୍ତା ଓ ଋଷିକୁମାର ସତ୍ୟବ୍ରତ ଯଜ୍ଞୋପକରଣ ଯୋଗାଇବାରେ ବ୍ୟସ୍ତ ।

ଗୃହଦତ୍ତା, ଶ୍ରୀମୟୀ, ବ୍ରହ୍ମଚାରିଣୀ । କିନ୍ତୁ ସେଦିନ ସେ ଥିଲା ଅନ୍ୟମନସ୍କା । ଯନ୍ତ୍ରଚାଳିତ ଭାବରେ ସେ ଖାଲି ବଢ଼ାଇ ଦେଉଥିଲା ଘୃତପାତ୍ର ମହର୍ଷି ସପ୍ତକର୍ଣ୍ଣୀଙ୍କର ହସ୍ତକୁ । ତେଜୀୟାନ୍ ଅଗ୍ନିଶିଖା ତାକୁ ଅସହ୍ୟ ବୋଧହେଉଥିଲା । ପ୍ରଶାନ୍ତ ଗମ୍ଭୀର ବେଦୋଚ୍ଚାରଣ ତାକୁ ଉନ୍ମାଦିତ କରି ପାରୁ ନ ଥିଲା । ମହର୍ଷିଙ୍କର ତେଜୋଦୀପ୍ତ ମୁଖମଣ୍ଡଳ ତା ହୃଦୟର କର୍ତ୍ତବ୍ୟବୋଧକୁ ଜାଗ୍ରତ କରି ପାରୁ ନ ଥିଲା ସେ ଖାଲି ଭାବୁଥିଲା କେଉଁ ଏକ ଅଜ୍ଞାତ ସଂଗୀତକୁ । ଭାବନାର ଯେପରି କିଛି ଗୋଟେ ସୀମା ନାହିଁ । ଅସୀମରୁ ସସୀମକୁ ଯିବାକୁ ତାକୁ ଭଲ ଲାଗୁଥିଲା । ସେଇ ଭାବନାରେ ମଗ୍ନ ରହି ସେ ପାଉଥିଲା ଆନନ୍ଦ ଆଉ ଶାନ୍ତି । ଋଷିନନ୍ଦିନୀର ଚନ୍ଦ୍ରାଧାର ଆଶ୍ରମ ଅତିକ୍ରମ କରି ସାରିଥିଲା । ପୁଣି ସେ ଯନ୍ତ୍ରଚାଳିତ ଭାବରେ ବଢ଼ାଇଲା ଘୃତପାତ୍ର । ଲକ୍ଷ୍ୟଭ୍ରଷ୍ଟ ହାତରୁ ତାର ଖସିପଡିଲା ପାତ୍ରଟି ଯଜ୍ଞକୁଣ୍ଡରେ·····

ଗୃହଦତ୍ତା !! ମହର୍ଷି ସପ୍ତକର୍ଣ୍ଣୀଙ୍କର ମନ୍ଦ୍ର ଗମ୍ଭୀର ଶବ୍ଦରେ ଚମକି ପଡ଼ିଲା ସେ । ଭାବନାର ଇନ୍ଦ୍ରଜାଲ ଛିନ୍ନଭିନ୍ନ ହୋଇଗଲା । ସେ କେବଳ ଥରୁଥିଲା । ଶରୀରରେ ତା'ର ତ୍ରସ୍ତା ହରିଣୀର ଛାପ । ମୁଖମଣ୍ଡଳ ପାଣ୍ଡୁର । ମହର୍ଷିଙ୍କ ତେଜୋଦୀପ୍ତ ଚକ୍ଷୁରୁ ନିର୍ଗତ ହେଉଥିଲା ଅଗ୍ନିଶିଖା । ସ୍ୱୀୟ କନ୍ୟା ଗୃହଦତ୍ତା ଅନ୍ୟମନସ୍କା କାହିଁକି ?? — ହୃଦୟରେ ତାଙ୍କର ବିସ୍ମୟ । ମୁଖରେ ସନ୍ଦେହର ପ୍ରଶ୍ନବାଚୀ । କାହିଁକି ?? ମହର୍ଷିଙ୍କ ସମ୍ମୁଖରୁ ତ୍ରସ୍ତା ଗୃହଦତ୍ତା ଧୀରେ ଧୀରେ ଅପସରି ଗଲା ।

ସତ୍ୟବ୍ରତ ମୁରୁକି ମୁରୁକି ହସୁଥିଲେ । ଗୃହଦତ୍ତାର ଏ ଅବସ୍ଥାପ୍ରତି ସଂବେଦନଶୀଳ । ମନୋଭାବ ତାଙ୍କର ସହାନୁଭୂତିଶୀଳ ହୋଇ ଉଠୁଥିଲା । ସେ ବୋଧହୁଏ ତାର ଅନ୍ୟମନସ୍କତାକୁ ସ୍ୱାଗତ କରୁଥିଲେ । ହୃଦୟରେ ତାଙ୍କର ସୃଷ୍ଟି ହେଉଥିଲା ସଂଘର୍ଷ ଆଉ ଚଞ୍ଚଳତା – ମନ ତାଙ୍କର ବିକାରଗ୍ରସ୍ତ ହେଉଥିଲା । ଋଷିକୁମାର ସତ୍ୟବ୍ରତ ତଳକୁ ଖସୁଥିଲେ ···ଖୁବ୍ ତଳକୁ···ଧୀରେ ···ଅତି ଧୀରେ ।

× × × ×

ଋଷିନନ୍ଦିନୀ ଗୃହଦତ୍ତା ଚିନ୍ତାମଗ୍ନା । ମୁହଁରେ ବିଷଣ୍ଣତାର ସ୍ପଷ୍ଟ ଆଭାସ । ପିତାଙ୍କ ସମ୍ମୁଖରେ ଆଜି ତା'ର ଦୁର୍ବଳତା ଧରା ପଡି ଯାଇଛି ।ମନେ ମନେ ସେ ହେଉଥିଲା ଅନୁତପ୍ତ । ଆଖି ଆଗରେ ନାଚି ଯାଉଥିଲା

ସତ୍ୟବ୍ରତଙ୍କର ତେଜୋଦୀପ୍ତ ମୁଖମଣ୍ଡଳର ସ୍ମିତହାସ୍ୟ । ସେହି ଘଟଣାରେ ଅଜ୍ଞ ହାତରୁ ଖସି ପଡିଲା ଘୃତପାତ୍ର ।

ନାରୀର ଅନ୍ତଃକରଣରେ ସେଇ ସତ୍ୟବ୍ରତଙ୍କର ବଳିଷ୍ଠ ଓ କମନୀୟ ଦେହସୌଷ୍ଠବ ତା ଅଖିରେ ସୃଷ୍ଟି କରୁଥିଲା ତରଙ୍ଗାୟିତ ଇନ୍ଦ୍ରଜାଲ । ଆଶ୍ରମନନ୍ଦିନୀ ଉନ୍ମାଦିନୀ ହୋଇ ପଡ଼ୁଥିଲା । ଅସ୍ଥିର ହୋଇ ସେ ଖାଲି ଖୋଜୁଥିଲା ସତ୍ୟବ୍ରତଙ୍କୁ । କେବଳ ସେଇ କଳ୍ପନାରେହିଁ ସେ ପାଉଥିଲା ସ୍ୱର୍ଗୀୟ ସୁଖ ।

କଳ୍ପନାକୁ ତାର ସତ୍ୟରେ ପରିଣତ କରି କକ୍ଷ-ମଧ୍ୟରେ ପ୍ରବେଶ କଲେ ସତ୍ୟବ୍ରତ । ବିସ୍ମୟ ବିସ୍ଫାରିତ ନୟନରେ ସେ ଚାହିଁଥିଲା ସତ୍ୟବ୍ରତଙ୍କୁ । ଅଖିରେ ପଲକ ପଡ଼ୁନଥିଲା । ସମ୍ମୁଖରେ ଋଷିକୁମାର ଛିଡ଼ା ହୋଇଥିଲେ ।

ଗୃହଦେବତ୍ତାର ହୃଦୟରେ ବହୁଥିଲା ଝଡ଼ ଅଉ ... । ମହର୍ଷି ସପ୍ତକର୍ଣ୍ଣୀଙ୍କର ପ୍ରଶାନ୍ତ ଗମ୍ଭୀର ମୁଖର ... ବାଣୀ ତାଙ୍କୁ ଗ୍ରସ୍ତ କରୁଥିଲା । ବିବେକ ଓ କର୍ତ୍ତବ୍ୟ ମଧ୍ୟରେ ସୃଷ୍ଟି ହେଉଥିଲା ସଂଘର୍ଷ । ତା'ର ... ଭରେଇ ଯାଇଥିଲା

ଗୃହଦେବତ୍ତା !!

ମୁହିଁକେ ସେ ସତ୍ୟବ୍ରତଙ୍କୁ ଚାହିଁଲା । ସମ୍ମୁଖରେ ପ୍ରେମ ... ଅରୁଣାର ଏକ ମୂର୍ତ୍ତିମନ୍ତ ଅବତାର । ବ୍ରହ୍ମଚର୍ଯ୍ୟର ଦୀପ୍ତିମାନ୍ ଶରୀରରୁ ଜ୍ୟୋତିର ବହିଃସ୍ଫୁରଣ ହେଉଛି । ... ଏକ ଦୃଷ୍ଟିରେ ସେ ଚାହିଁ ରହିଥିଲେ ଗୃହ-ଦେବତ୍ତାଙ୍କୁ, ସତ୍ୟବ୍ରତ ଅବୈଧ ଭାବରେ ପ୍ରବେଶ କରିଛନ୍ତି ଜଣେ ଋଷିକନ୍ୟାର କକ୍ଷରେ-। ଋଷିଆଶ୍ରମରେ ବ୍ୟଭି-ଚାରର ପୂର୍ବାଭାସ । ଯଦି ଏହା ମହର୍ଷିଙ୍କର କର୍ଣ୍ଣ-ଗୋଚର ହୁଏ ତେବେ ସତ୍ୟବ୍ରତଙ୍କର ଅବସ୍ଥା କ'ଣ ହେବ !! ମହର୍ଷିଙ୍କର ଏହି ଦାରୁଣ ଅଭିଶାପରେ ହୁଏତ ସତ୍ୟବ୍ରତଙ୍କୁ ଦୁନିଆ ଛାଡିବାକୁ ପଡିବ । ଏଇ ଚିନ୍ତାରେ ଗୃହଦେବତ୍ତା ଉଠିଥିଲା ଉଦ୍‌ବିଗ୍ନ ହୋଇ ଅଖି ତାର ଛଳ-ଛଳ ହୋଇ ଆସୁଥିଲା, ପୁଣି ସେ ନିଜକୁ ଦୃଢ଼ କରିନେଲା କର୍ତ୍ତବ୍ୟ ପଥରେ ସେ ହେଲା ଜାଗ୍ରତ । ଆଶ୍ରମ ତଥା ପ୍ରାଣର ସତ୍ୟବ୍ରତର କଲ୍ୟାଣପାଇଁ ମନର ଗୋପନଭାବକୁ ବଳି ଦେଇ ହୃଦୟରେ ସେ ହେଲା ଦୃଢ଼ —

ଗୃହଦେବତ୍ତା !!

ଆପଣ ??

ହଁ ଗୃହଦେବତ୍ତା, ତୁମର ପ୍ରେମ ମତେ ଆଜି ପାଗଳ କରିଛି । ତୁମର ନୀରବ ଆହ୍ୱାନର ପ୍ରତିଧ୍ୱନି ମୋ ହୃଦୟରେ ଖେଳି ବୁଲୁଛି । ତା'ର ପ୍ରତିଦାନ ପାଇଁ ମୁଁ ଆଜି ତମ ନିକଟକୁ ଧାଇଁ ଆସିଛି । ମୋର ନିବେଦନ ରକ୍ଷା କରିବତ ?

ଗୃହଦେବତ୍ତାର କଣ୍ଠରେ ଜଡତା - ପ୍ରାଣରେ ମମତା - ଶରୀରରେ ସରସତା - କିନ୍ତୁ ସବୁ ସତ୍ତ୍ୱେ ସେ ନିଜର ଦୁର୍ବଳତାକୁ ଲୁଚେଇ ଦୃଢ଼ ହେବାକୁ ଚେଷ୍ଟା କରୁଥିଲା । ଜଣେ ଋଷିକନ୍ୟାର କକ୍ଷରେ ଅନାହୂତ ଭାବରେ ପ୍ରବେଶ କରି ଆପଣ ଆଶ୍ରମର ନିୟମ ଲଂଘନ କରିଛନ୍ତି । ଏହାର ପରିଣାମ ଚିନ୍ତା କରିଛନ୍ତିତ ? ଏପରି ଅପ୍ରତ୍ୟାଶିତ ପ୍ରଶ୍ନରେ ସତ୍ୟବ୍ରତ ଆହତ ହେଲେ - ତଥାପି ତାଙ୍କ ଅଖିରେ ଥିଲା ମରୀଚିକାର ମାୟା···

ଜାଣେ ଋଷିନନ୍ଦିନୀ, ପରିଣାମରେ ହୁଏତ ଆମକୁ ଆଶ୍ରମ ଛାଡ଼ି ଚାଲିଯିବାକୁ ପଡିବ - କିନ୍ତୁ 'ତମେ ଆସେଇ ପାସ ଆଶ୍ରମର ଏଇ ସୁଶୃଙ୍ଖଳ ରଜ୍ଜୁକୁ ଛିନ୍ନ କରି - ଫେରିଯିବା ଆମେ ସେଇ ସ୍ୱାଧୀନ ମାଟିକୁ - ଯେଉଁଠି ତମେ ଅନ୍ୟମନସ୍କ ହେବାର ସୁଯୋଗ ପାଇବନି - ହାତରୁ ତମର ଖସି ପଡିବନି ଘୃତପାତ୍ର - ସେଇ ମରୁ ଧରଣୀରେ ଆମେ ଅମରାବତୀ ସୃଷ୍ଟି କରିବା·· ଯେଉଁଠି ପକ୍ଷୀ ଗାଉଥିବେ ଗୀତ - ଆକାଶ ଡାକେ ସଙ୍ଗୀତ-ଅଉ ଯେଉଁଠି ବହିଚାଲିଛି ସ୍ରଷ୍ଟାର ଅନନ୍ତପ୍ରବାହ—

ଶୁଣ ସତ୍ୟବ୍ରତ ! ଆଜନ୍ମ ବ୍ରହ୍ମଚାରୀ ଋଷିକୁମାରର ତେଜୋଦୀପ୍ତ ମୁଖରୁ ଏ ଭାଷା ଶୋଭା ପାଏନା । ମୋର ମନେହୁଏ ତମେ ଲକ୍ଷ୍ୟଚ୍ୟୁତ ହୋଇଛ ।

ମନେରଖ ଗୃହଦେବତ୍ତା ! ପନ୍ଥା ଭିନ୍ନ ହେଲେ ମଧ୍ୟ ଲକ୍ଷ୍ୟ ସାଧନାରେ ତ୍ରୁଟି ଘଟେନା ।

କିନ୍ତୁ ସେ ପନ୍ଥା ସତ୍ ଓ ମହତ୍ତ ହେବା ଦରକାର ।

ମୋର ପନ୍ଥା ସତ୍ ଓ ମହତ୍ । ଏହାଦ୍ୱାରା ଯଦି ଆମେ ଲକ୍ଷ୍ୟ ସାଧନାରେ ସଫଳହେବା, ତାହେଲେ ମନେ ରଖ ଜଣେ ମହର୍ଷିଠାରୁ ବି ଆମର ସମ୍ମାନ ଅତି ଉଚ୍ଚରେ ।

ଋଷିକୁମାର ! ତମେ ଆଦର୍ଶଚ୍ୟୁତ ହୋଇଛ - ଗୃହଦତ୍ତାର କଣ୍ଠରେ ଦୃଢ଼ତା ଓ ଗାମ୍ଭୀର୍ଯ୍ୟର ଆଭାସ ସ୍ପଷ୍ଟ ହୋଇ ଉଠୁଥିଲା । ଶୁଣ, ଆଶ୍ରମର ଶାନ୍ତ କମନୀୟ ପରିବେଶରେ ତମେ ଗୃହ ସୃଷ୍ଟିକରିବାକୁ ଝଡ଼ ଝଂଜା - ସୁଶୃଙ୍ଖଳ ପ୍ରଶାନ୍ତ ଜୀବନ ସ୍ରୋତରେ ତମେ ଗୃହ ସୃଷ୍ଟି-କରିବାକୁ ବ୍ୟଗ୍ର - ଆର୍ଯ୍ୟଋଷିର ପରମ୍ପରାରେ ତମେ ଗୃହ ସୃଷ୍ଟି କରିବାକୁ କଳଙ୍କ ?? ଅସମ୍ଭବ, ମହର୍ଷି ସପ୍ତ-କର୍ଣ୍ଣୀଙ୍କର ଆଶ୍ରମରେ ଏହା କଳ୍ପନା କରିବାର ଅଧିକାର କାହାର ନାହିଁ - ତମେ ଲକ୍ଷ୍ୟଚ୍ୟୁତ ହୋଇଛ । ଆର୍ଯ୍ୟ-ଋଷିର ଦାୟାଦ ତମେ । ଥରେ ଚିନ୍ତା କର । ତମର ଏ ଅଧଃପତନ ଶୋଭନୀୟ କି ? ନିଜର ମନକୁ ଅନ୍ତର୍ମୁଖୀ କରିଅ, ଦେଖିବ ତମେ କେତେ ମହୀୟାନ୍ । ତମର ସ୍ଥାନ କେତେ ଉଚ୍ଚରେ । ସମାଜ ତମକୁ ସମ୍ମାନକରେ-ଦେବତା ତମକୁ ଆଶୀର୍ବାଦ କରେ, କ୍ଷଣିକ ଉତ୍ତେଜନାର ବଶବର୍ତ୍ତୀ ହୋଇ ତମେ ସମାଜ ଆଗରେ ବିଶ୍ୱାସଘାତକତା କରୁଛ । ଦେବତାଠାରେ ଅପରାଧ କରୁଛ । ମନେ ରଖ ଏ ଆଶ୍ରମ - ନରକ ନୁହେ - ସ୍ୱର୍ଗଠାରୁ ବି ଏହା ଅଧିକ ପବିତ୍ର - ଶାଶ୍ୱତ ଓ ସମ୍ମାନାସ୍ପଦ । ଏଇ ମୁହୂର୍ତ୍ତରେ ତମେ ହୁଏତ ଆଶ୍ରମ ଛାଡ଼ି ଚାଲିଯାଇପାର··· ଋଷିନନ୍ଦନୀର ଓଜସ୍ୱିନୀ ବାଣୀ ସତ୍ୟବ୍ରତର ଆଖିରେ ଦେଲା ଅଂଜନ-ତାର ଚାଲିପଥକୁ ଉଜ୍ଜ୍ୱଳ କରି— ।

ଗୃହଦତ୍ତା ! କ୍ଷମାକର, କ୍ଷମାକର ଗୃହଦତ୍ତା !! ନାନା ତମେ ଗୃହଦତ୍ତା ନୁହଁ - ତମେ ଋଷିନନ୍ଦନୀ ନୁହଁ - ତମେ ହେଉଛ ବିଶ୍ୱଜନନୀ । କ୍ଷମାକର - କହି ସତ୍ୟବ୍ରତ ଧରିପକାଇଲେ ଗୃହଦତ୍ତାର ହାତକୁ । ଆଖିରୁ ତାଙ୍କର ବହୁଥିଲା ଅବିରଳ ଅଶ୍ରୁଧାରା,ଭାବପ୍ରବଣ ହୋଇ ସେ କହି ଚାଲିଥିଲେ···ତମେ ମହୀୟସୀ-ତମେ ... ତମେ ବରେଣ୍ୟା - ମୁଁ ଲକ୍ଷ୍ୟଭ୍ରଷ୍ଟ ହୋଇଛି- ମୁଁ ... ଚ୍ୟୁତ ହୋଇଛି - ଦିଅ,- ମତେ ଆଶୀର୍ବାଦ ... ସତ୍ୟବ୍ରତ ପ୍ରଣତ ପାଇଁ ମୁଣ୍ଡନୁଆଁଉ ଥିଲେ···ଦୁଇ ... ତାଙ୍କର ଧରି ପକାଇଲା ଗୃହଦତ୍ତା···ହୃଦୟରେ ତା'ର ଆବେଗ ଉଚ୍ଛୁଳୁଥିଲା···ବନ୍ଧ ଭୁସୁଡ଼ିଲା—ଚକ୍ଷୁରୁ ତା'ର ବହିଚାଲିଲା! ଅଶ୍ରୁର ସ୍ରୋତସ୍ୱତୀ—। ଶତଚେଷ୍ଟା ... ନିଜ ଦୁର୍ବଳତାକୁ ସେ ଘୋଡାଇ ପାରିଲା ନାହିଁ -

ସତ୍ୟବ୍ରତ ! ମତେ କ୍ଷମା କର ସତ୍ୟବ୍ରତ । ଉତ୍ତ-କହୁ କ'ଣଗୁଡାଏ କହିଗଲି - ତମେ ମତେ ବିଶ୍ୱାସ କର - ହୃଦୟରେ ତା'ର ଆବେଗ—

ଏଁ କ୍ଷମା ? ବିଶ୍ୱାସ ? ମତେ ଛଳନା କରୁଛ ତମେ । ମୁଁ ଲକ୍ଷ୍ୟଭ୍ରଷ୍ଟ - ମୁଁ ଦୁର୍ବଳ - ଏଅଗ୍ନି ପରୀକ୍ଷାରେ ମୁଁ ଉତ୍ତୀର୍ଣ୍ଣ ହୋଇ ପାରିବିନି -ମତେ କ୍ଷମାକର - ମତେ ବିଦାୟଦିଅ—କହୁକହୁ ଚାଲିଗଲେ ସତ୍ୟବ୍ରତ । ତାଙ୍କର ଯିବାପଥକୁ ବ୍ୟାକୁଳ ଓ ବିସ୍ମୟ ଦୃଷ୍ଟିରେ ଚାହିଁ ରହିଥାଏ ଗୃହଦତ୍ତା···ଋଷିକୁମାର ଆଶ୍ରମର ଘଞ୍ଚ ଅରଣ୍ୟାନୀରେ ଅଦୃଶ୍ୟ ହେଲେ······ଅନୁତାପ ବହ୍ନିରେ ଜର୍ଜ୍ଜରିତ ସପ୍ତକର୍ଣ୍ଣୀ ନନ୍ଦନୀର ହୃଦୟରେ ଉଚ୍ଛ୍ୱାସର ଢେଉ ଖେଳୁଥିଲା । ସତ୍ୟବ୍ରତ ଚାଲି ଯାଇଛନ୍ତି । ସେ ଆଉ ଫେରିବେନି । ଦୁଃଖ ଓ ଆନନ୍ଦ ତା ହୃଦୟରେ ସୃଷ୍ଟି କରିଥିଲେ କୁରୁକ୍ଷେତ୍ର । ସାରା ଜୀବନ ହୁଏତ ତାକୁ ଅପୂର୍ଣ୍ଣତାର ମଧ୍ୟ ଦେଇ ଗତି କରିବାକୁ ପଡ଼ିବ - ଋଷି-କନ୍ୟାର ଆଖିରେ ଅଶ୍ରୁ - ହୃଦୟରେ ଉଚ୍ଛ୍ୱାସ - ଅନ୍ତ ମନରେ ଦହନର ବିଦ୍ରୋହ ଦୀପ୍ତ ବହ୍ନି···

ଯଜ୍ଞକୁଣ୍ଡରୁ ଧୂଆଁ କୁହୁଳି ଉଠୁଥିଲା - ସମବେତ କଣ୍ଠରେ ବେଦମନ୍ତ୍ରର ମନ୍ଦ୍ର ଝଙ୍କାର-ଓଁ ତତ୍ ସତ୍ ଓମ୍ କେଉଁ ଅଜଣା ରାଗିଣୀର ପ୍ରତିଧ୍ୱନି ତୋଳିଥିଲା ଋଷି ଆଶ୍ରମ "ଶିବଶ୍ରୁପନ୍ଥା" । ··· ନନ୍ଦନ୍ତି---

ବ୍ରଜେନ୍ଦ୍ର
, ଭଡାଢ

# ବସନ୍ତ ଓ ତା'ର ଚିକିତ୍ସା

ଶ୍ରୀ କୁଳମଣି ଦାଶ, ଆୟୁର୍ବେଦାଚାର୍ଯ୍ୟ ୪ର୍ଥବାର୍ଷିକଛାତ୍ର

**ରୋଗର ଇତିବୃତ୍ତ:—**

ଏହି ରୋଗ ବିଷୟରେ ଅନୁଧ୍ୟାନ କଲେ ଜଣାଯାଏ ଯେ ପ୍ରାଚୀନ କାଳରେ ଏହି ରୋଗ ଏତେ ବ୍ୟାପକ ଭାବରେ ନଥିଲା, ଏବଂ ତାହା ସାଧାରଣତଃ ସିଦ୍ଧ ବୈଦ୍ୟ (ମାନ୍ତ୍ରିକ) ମାନଙ୍କ ଦ୍ୱାରା ଚିକିତ୍ସିତ ହେଉଥିଲା । ଆୟୁର୍ବେଦର ମୂଳଗ୍ରନ୍ଥ ଚରକ, ସୁଶ୍ରୁତ, ଅଷ୍ଟାଙ୍ଗ ସଂଗ୍ରହ ପ୍ରଭୃତିରେ, ଅନ୍ୟାନ୍ୟ ରୋଗ ମାନଙ୍କର ଯେପରି ବିସ୍ତୃତ ବର୍ଣ୍ଣନା ଦେଖିବାକୁ ମିଳେ ବସନ୍ତ (ମସୂରିକା) ସଂପର୍କରେ ସେପରି ଦେଖିବାକୁ ମିଳେନାହିଁ, ଚରକରେ ଏହାକୁ ସ୍ୱତନ୍ତ୍ର ରୋଗ ରୂପେ ଗ୍ରହଣ କରଯାଇ ନାହିଁ, କିନ୍ତୁ ଅରିଷ୍ଟ ବିଜ୍ଞାନରେ ରକ୍ତ ମସୂରିକା ଏବଂ ଶୋଥରେ ରୋମାନ୍ତିକା (ଫେଲିସିଲା) ଓ ମସୂରିକାର ମଧ୍ୟ ସଂକ୍ଷିପ୍ତ ବର୍ଣ୍ଣନା ଦେଖିବାକୁ ମିଳେ । ସୁଶ୍ରୁତ ଏହାକୁ କ୍ଷୁଦ୍ର ରୋଗରେ ଅନ୍ତର୍ଭୁକ୍ତ କରି ଗୋଟିଏ ମାତ୍ର ଶ୍ଳୋକରେ ବର୍ଣ୍ଣନାକରି ଯାଇଛନ୍ତି ଯଥା :-

ଦାହଜ୍ୱରରୁଜାବନ୍ତସ୍ତାମ୍ରାଃ ସ୍ଫୋଟାଃ ସପୀତକାଃ
ଗାତ୍ରେଷୁ ବଦନେ ଚାନ୍ତର୍ବିଜ୍ଞେୟାସ୍ତା ମସୂରିକା,,

ସୁଶ୍ରୁତଙ୍କ ପରେ ଭାବ ମିଶ୍ରଙ୍କ ସ୍ୱପ୍ରଣୀତ ଗ୍ରନ୍ଥ ଭାବ ପ୍ରକାଶରେ ଶୀତଳା ନାମରେ ଏହାର କିଞ୍ଚିତ୍ ବିସ୍ତୃତ-ବର୍ଣ୍ଣନା ଦେଖିବାକୁ ମିଳେ । ଭାବପ୍ରକାଶରେ ଉଲ୍ଲେଖ ଥିବା "ନମନ୍ତି ନୌଷଧଂତସ୍ୟ ପାପ ରୋଗଧ୍ୟ-ବିଦ୍ୟତେ" ଇତ୍ୟାଦି ଶୀତଳା ସ୍ତୋତ୍ରରୁ ଏହି ରୋଗର ଭୟଙ୍କରତା ଓ ଦୁଃସାଧ୍ୟତା ସ୍ପଷ୍ଟ ଜଣାଯାଏ ।

ଏ. ବି. କଥିଙ୍କ ପ୍ରମାଣାନୁସାରେ ଅନୁମିତ ହୁଏ ଯେ ଏହି ରୋଗ ଭିଷଗ୍‌ସାଧ୍ୟ ବୋଲି ଷୋଡ଼ଶ ଶତାବ୍ଦି ବେଳକୁ ଭାରତବାସୀଙ୍କର ଜ୍ଞାନ ଜନ୍ମି ଥିଲା । ମାଧବକରଙ୍କ ଲେଖାରୁ କିନ୍ତୁ ପ୍ରମାଣିତ ହୁଏ ଯେ - ସେହି ସମୟକୁ ଏଇ ରୋଗର ଦୋଷାଦୋଷ ପ୍ରସଙ୍ଗରେ ବିସ୍ତୃତଜ୍ଞାନ ହୋଇ ସାରଥିଲା ଓ ସିଦ୍ଧ ଚିକିତ୍ସା ବ୍ୟତୀତ ଔଷଧ ଚିକିତ୍ସା ମଧ୍ୟ ସେତେବେଳେ ବିସ୍ତୃତ ଭାବରେ ପ୍ରଚଳିତ ଥିଲା; କିନ୍ତୁ ପରବର୍ତ୍ତି-କାଳରେ ରାଜନୈତିକ କାରଣରୁ ଆୟୁର୍ବେଦର ଅଭ୍ୟୁନ୍ନତି ପ୍ରତିହତ ହେବା ପରେ ପୁଣି ଆୟୁର୍ବେଦୀୟ ଚିକିତ୍ସକଗଣ ଏଇ ରୋଗର ସମୁଚିତ ଚିକିତ୍ସାକରିବାକୁ ପଶ୍ଚାତ୍‌ପଦ ହେଲେ ।

**ରୋଗର ଅନୁକୂଳ ସମୟ ଓ ତାର କାରଣ :—**

ବର୍ଷର ସବୁ ସମୟରେ ଓ ସବୁ ଅବସ୍ଥାରେ ଏହି ରୋଗ ଉତ୍ପନ୍ନ ହେଉଥିବାର ଦେଖାଯାଉଥିଲେ ହେଁ ବିଶେଷ ଭାବରେ ବସନ୍ତ ଓ ଗ୍ରୀଷ୍ମ ଋତୁର ପ୍ରଥମ ଭାଗରେ ଏହି ରୋଗ ଉତ୍ପନ୍ନ ହୋଇଥାଏ ଓ ବାଲ୍ୟାବସ୍ଥା ମଧ୍ୟ ଏହାପାଇଁ ବିଶେଷ ଅନୁକୂଳ ହେଉଥିବାର ଦେଖାଯାଏ । ଏହାର କାରଣ ଅନୁଧ୍ୟାନ କରିବାକୁ ଯାଇ ବସନ୍ତର ଦୋଷ ଦୂଷ୍ୟ ଓ ସଂପ୍ରାପ୍ତି ବିଜ୍ଞାନକୁ ପର୍ଯ୍ୟବେକ୍ଷଣ କଲେ ଜଣାଯାଏ ଯେ ଏହା ସାଧାରଣତଃ ପିତ୍ତ ଶ୍ଳେଷ୍ମଜ ବ୍ୟାଧି ଅଟେ । ବସନ୍ତ-ଋତୁରେ ଶରୀରରେ ଶ୍ଳେଷ୍ମା ପ୍ରକୁପିତ ହୋଇଥାଏ, ଏବଂ ବାହ୍ୟଜଗତର ଉଷ୍ଣତା ଦ୍ୱାରା ପିତ୍ତ ମଧ୍ୟ ଉତ୍କ୍ଷିପ୍ତ ଅବସ୍ଥାରେ ଥାଏ । ତେଣୁ ଅପଥ୍ୟ ଆହାର ବିହାର ଦ୍ୱାରା ପିତ୍ତ ଓ ଶ୍ଳେଷ୍ମା ପ୍ରକୁପିତ ହୋଇ ରକ୍ତବହ ଓ ଲସୀକାବହ ସ୍ରୋତ ଗୁଡ଼ିକୁ ଦୂଷିତ କରିବା ଫଳରେ ସମଗ୍ର ଶରୀରରେ ବିଭିନ୍ନ ଆକାରର ପୀଡ଼କା

(ବସନ୍ତଫୋଟକା) ଗୁଡ଼କ ଜାତ ହୁଏ । ମସୁରିକା ସଂପ୍ରାପ୍ତିରେ ମଧ୍ୟ ଉଲ୍ଲେଖ ଅଛି ଯେ —

ପିତ୍ତଂ ଶୋଣିତ ସଂସୃଷ୍ଟଂ ଯଦାକୁଷଯ୍ତତ୍ତ୍ୱଚମ୍
ତଦା ଭବେତ୍ତ ପୀଡକାଃ ସର୍ବ ଗାତ୍ରେଷୁ ଦେହିନାମ୍
ମସୂର ମୁଦ୍‌ଗ ମାଷାଣା ତୁଲ୍ୟାଃ କୋଲୋପମାଅପି''

ଗ୍ରୀଷ୍ମଋତୁ ଏହାର ଅନୁକୂଳ ସମୟ ନୁହେଁ । ଯେଣୁ ଗ୍ରୀଷ୍ମତାପରେ ଶ୍ଳେଷ୍ମା ଶାନ୍ତ ହୁଏ । କିନ୍ତୁ ଋତୁ ସହାୟକ ନଥିଲେ ମଧ୍ୟ ଏହି ସମୟରେ ରୋଗ ଜାତ ହେଲେ ଅଧିକାଂଶ କ୍ଷେତ୍ରରେ ତାର ଭୟଙ୍କରତା ବିଶେଷ ଭାବରେ ଦେଖା ଯାଇଥାଏ । ତାର କାରଣ ବହୁବ୍ୟାଧି ଅକାଳ କୁପିତ ଦୋଷଜ ହେଲେ ଭୟଙ୍କର ହୁଅନ୍ତି । କାହିଁକି ରୋଗୋତ୍ପାଦକ କାରଣ, ଦୋଷ ଓ ଶରୀରୋ- ପାଦାନର ବିକୃତି ପରିମାଣ ବାହୁଲ୍ୟ କାଳର ପ୍ରତିରୋଧ ଛିନ୍ନ କରି ରୋଗୋତ୍ପାଦନ କରିଥାନ୍ତି ।

### ବସନ୍ତର ନିଦାନ ଓ ସଂପ୍ରାପ୍ତି :—

ସ୍ଥୂଳତଃ ବେଶୀ ପରିମାଣରେ ଶାଗ, ଖଟା, ଲୁଣ ଓ କ୍ଷାର ଦ୍ରବ୍ୟ, ଦୁଧ, ମାଛ ପ୍ରଭୃତି ବିରୁଦ୍ଧ ଦ୍ରବ୍ୟ ସେବନ ଅଧ୍ୟଶନ (ଅପକ୍ୱ ଭୋଜନୋପରି ଭୋଜନ), ଦୂଷିତ ଖାଦ୍ୟ ଦୂଷିତ ଜଳବାୟୁ ତଥା କାଳ ବିପର୍ଯ୍ୟୟ ପ୍ରଭୃତି ଏହି ରୋଗର ଉତ୍ପାଦକ । ଉଲ୍ଲିଖିତ ଓ ତଦ୍‌ଜାତୀୟ କାରଣ ମାନଙ୍କ ଦ୍ୱାରା ରକ୍ତରେ ଅମ୍ଳତା ଓ ପୈଚ୍ଛିଲ୍ୟଗୁଣର ଅଭିବୃଦ୍ଧି ହେଲେ ଲସୀକା ମଧ୍ୟ ପିଚ୍ଛିଳ ହୋଇଯାଏ ଓ ସମୁଚିତ ଦୋଷ ନିଷ୍କାଶନ ପାଇଁ ଅକ୍ଷମ ହୋଇପଡ଼େ, ତେଣୁ ଦୋଷ ସଂଚୟର ଅନ୍ୟତମ ପ୍ରଧାନ କ୍ଷେତ୍ର ତ୍ୱକ୍‌ରେ ବିସ୍ଫୋଟକ ଗୁଡ଼ିକ ପ୍ରକାଶ ପାଏ । କଦାଚିତ ଅଭ୍ୟନ୍ତରୀଣ ଲସୀକା ସ୍ରୋତସ୍ଥ ଦୋଷ ଦେହର ଅଭ୍ୟନ୍ତର ପ୍ରଦେଶରେ ମଧ୍ୟ ଏକ ବିସ୍ଫୋଟକ ଉତ୍ପନ୍ନ କରାଇ ଥାଏ । ଆଧୁନିକ ମାନଙ୍କ ମତରେ Virus ନାମକ ଏକ ପ୍ରକାର ବିଷାଣୁ ଦ୍ୱାରା ଏହି ରୋଗ ଉତ୍ପନ୍ନ ହୋଇଥାଏ ସେମାନେ ମଧ୍ୟ ଏହାର ସଂପ୍ରାପ୍ତି ନିର୍ଣ୍ଣୟ କରିବାକୁ ଯାଇ ସ୍ଥିର କରିଛନ୍ତି ଯେ ରକ୍ତରେ ସଂଚରଣ କରୁଥିବା ଏକପ୍ରକାର ଜୀବାଣୁ ଉପତ୍ୱଚର ଅଙ୍କୁର ସ୍ତର Papillary Layer ରେ ଅବସ୍ଥାନକରି ପୀଡ଼କା ସଦୃଶ ଶୋଥ ଉତ୍ପନ୍ନ କରନ୍ତି ।

### ଭେଦ :—

ମାଧବକର ଏହାକୁ ଦୋଷ ଧାତୁ ଭେଦରେ ୧୩ ପ୍ରକାର ବିଭକ୍ତ କରି ପ୍ରତ୍ୟେକର ଲକ୍ଷଣ ପୃଥକ୍ ପୃଥକ୍ ଭାବେ ବର୍ଣ୍ଣନା କରି ଯାଇଛନ୍ତି । ଭାବ ମିଶ୍ର ଏହାକୁ ବୃହତୀ, କୋଦ୍ରବା ପ୍ରଭୃତି ସାତ ପ୍ରକାର ବିଭକ୍ତ କରିଛନ୍ତି । ଆଧୁନିକ ମାନେ ମଧ୍ୟ ମସୂରିକାକୁ ସ୍ଥୂଳତଃ ତିନି ପ୍ରକାର ବିଭକ୍ତ କରନ୍ତି ଯଥା-- ରୋମାନ୍ତିକା Missles ଲଘୁ ମସୁରିକା Chickenpox ମସୁରିକା Small pox ଏବଂ ଶେଷୋକ୍ତ ମସୂରିକାକୁ ଲକ୍ଷଣ ଓ ଅବସ୍ଥା ଭେଦରେ ପୁଣି ନିମ୍ନମତେ ଚାରି ପ୍ରକାର ଗଣନା କରନ୍ତି ଯଥା :- ଭୟଙ୍କର ମସୂରିକା; Variolavera or Severe Small pox
ରକ୍ତସ୍ରାବି ମସୁରିକା Haemorrhagic Small pox
ସୌମ୍ୟ ମସୂରିକା Alastrin or variol mionor
ଗର୍ଭାବସ୍ଥା ମସୂରିକା Small pox of Pregnancy

### ଲକ୍ଷଣ :---

ପୂର୍ବବର୍ଣ୍ଣିତ ଆଚାର୍ଯ୍ୟ ମାନଙ୍କ ପରି ଅନେକ ଆଚାର୍ଯ୍ୟ ଏହାକୁ ଲକ୍ଷଣ ଭେଦରେ ବହୁ ନାମରେ ନାମିତ କରିଛନ୍ତି । ସେଥିରୁ ଅନୁମିତ ହୁଏ ଦେଶ ଓ କାଳଭେଦରେ ପ୍ରତ୍ୟେକେ ଯାହା ପ୍ରତ୍ୟକ୍ଷ କରିଛନ୍ତି ତଦନୁସାରେ ତାହାର ନାମ ଓ ଲକ୍ଷଣଭେଦ ବର୍ଣ୍ଣନା କରିଯାଇଛନ୍ତି । ସମସ୍ତ ପ୍ରକାର ବସନ୍ତ ଅବସ୍ଥା ଭେଦରେ ସାଧାରଣତଃ ଏକ ସପ୍ତାହଠାରୁ ତିନି ସପ୍ତାହ ପର୍ଯ୍ୟନ୍ତ ଶରୀରରେ ଅବସ୍ଥାନ କରିଥାଏ । ଏ ପ୍ରସଙ୍ଗରେ ଭାବ ମିଶ୍ରଙ୍କ ମତ ଅତ୍ୟନ୍ତ ଉପାଦେୟ ସେ କହନ୍ତି---

"ସପ୍ତାହାନ୍ନିସରତ୍ୟେବ ସପ୍ତାହାତ୍ ପୂର୍ଣ୍ଣତାଂ ବ୍ରଜେତ୍
ତତସ୍ତୃତୀୟ ସପ୍ତାହେ ଶୁଷ୍ୟତି ସ୍ଖଳତି ସ୍ୱୟମ୍'' ଇତାହ

ଏହି ଛଅ ସପ୍ତାହ ମଧ୍ୟରେ ବସନ୍ତର ଗୁଟି ପ୍ରକାର ଅବସ୍ଥିକ ପରିବର୍ତ୍ତନ ଘଟିଥାଏ - ଯଥା:-୧-ପ୍ରଥମାବସ୍ଥା -୨-ପୀଡକା ନିଃସରଣାବସ୍ଥା - ୩-ପଚ୍ୟମାନାବସ୍ଥା - ୪-ପକ୍ୱାବସ୍ଥା । ପୀଡକା ନିଃସରଣପୂର୍ବରୁ ଯେଉଁ ଲକ୍ଷଣ ଦୃଷ୍ଟିକ ଶରୀରରେ ପ୍ରକାଶ ପାଇଥାଏ ତା'କୁ ପ୍ରଥମାବସ୍ଥା କୁହାଯାଏ ତେଣୁ ଚିକିତ୍ସାର ସୁବିଧା ଦୃଷ୍ଟିରୁ ଏଠାରେ ଏହାର ୪ ପ୍ରକାର ଅବସ୍ଥା ବର୍ଣ୍ଣନା କରି ଯାଉଛି ।

*ପ୍ରଥମାବସ୍ଥା :–*

ଏହି ଅବସ୍ଥା ସାଧାରଣତଃ ଦୁଇ ଦିନଠାରୁ ୫ଦିନ । ପାଞ୍ଚଦିନରୁ ଅଧିକ ବିଲମ୍ବ ହେବା ଅତି କ୍ୱଚିତ ପରିଦୃଷ୍ଟ ହୁଏ । ଏଇ ଅବସ୍ଥାରେ ଦେହରେ ଗ୍ଲାନିବୋଧ, ଥଣ୍ଡା ବୋଧ,ଦେହମୁଣ୍ଡ ଭାରି ଓ ଦରଜ ଲାଗେ । ତାହା-ପରେ ଜ୍ୱର ଆରମ୍ଭ ହୋଇ ସାଧାରଣତଃ ତାପକ୍ରମ ୧୦୨ ଠାରୁ ୧୦୪ ପର୍ଯ୍ୟନ୍ତ ରହେ । ଏହି ସମୟରେ ଚକ୍ଷୁ ରକ୍ତ ବର୍ଣ୍ଣ, ପ୍ରତିଶ୍ୟାୟ (ସର୍ଦ୍ଦି), ତୀବ୍ର ମୁଣ୍ଡବ୍ୟଥା, ପୃଷ୍ଠଶୂଳ, କଟି ଓ ସନ୍ଧିଶୂଳ, ଗାତ୍ରକଣ୍ଡୁ, ବମନ, ଅସ୍ଥିରତା, ଭ୍ରମ, ବେକର ପାର୍ଶ୍ୱଦେଶ (ମନ୍ୟା) ରେ ପୀଡ଼ା ପ୍ରଭୃତି ଲକ୍ଷଣ ପ୍ରକାଶ ପାଇଥାଏ ଏବଂ ଚର୍ମର ସ୍ଫୀତି ଓ ବିବର୍ଣ୍ଣତା ମଧ୍ୟ ଦେଖାଯାଇ ଥାଏ ।

*୨ୟାବସ୍ଥା ବା ପୀଡକାନିଃସରଣାବସ୍ଥା:--*

ଏହାର ଅବଧି ପ୍ରାୟ ଦ୍ୱିତୀୟ ସପ୍ତାହର ମଧ୍ୟଭାଗ ପର୍ଯ୍ୟନ୍ତ । ଏଥିରେ ଏକ ବା ଏକାଧିକ ବାରରେ ବିସ୍ଫୋଟ ଗୁଡିକ ପ୍ରକାଶିତ ହୋଇଥାନ୍ତି । ସାଧାରଣତଃ ବିସ୍ଫୋଟ ଗୁଡ଼ିକ ସର୍ବ ପ୍ରଥମେ କପାଳ ଓ କାନମୂଳାରେ ପ୍ରକାଶ ପାନ୍ତି । ତାହାପରେ କ୍ରମେ ମୁଖ, ଗଳା, ପୃଷ୍ଠଦେଶ ଏବଂ ଅଧଃଶରୀରରେ ପ୍ରକାଶ ପାଇଥାନ୍ତି । ଏହି ସମୟରେ ପୀଡ଼କାର ଆକୃତି, ବର୍ଣ୍ଣ ଓ ବେଦନା ପ୍ରଭୃତି ଲକ୍ଷଣକୁ ଲକ୍ଷକରି ଦୋଷ ନିର୍ଣ୍ଣୟ ଓ ସାଧ୍ୟାସାଧ୍ୟର ବିଚାର ମଧ୍ୟ କରି [illegible]ଥାଏ - ଉଦାହରଣ ସ୍ୱରୂପ ଯଦି ବସନ୍ତର [illegible]ଡକା ଗୁଡିକ ଶ୍ୟାମଳବର୍ଣ୍ଣ କିମ୍ବା ଅରୁଣ ବର୍ଣ୍ଣ ହୋଇ ଏ[illegible] ଏବଂ ଓଠ, ତାଳୁ, ଜିଭ ପ୍ରଭୃତି ଶୁଖିଗଲା ଭଳି ହୁଏ ସେ[illegible]ହୁଏ ଏବଂ ପୀଡ଼କାରେ ଛୁଞ୍ଚି ଫୋଡିଲା ଭଳି ବେଦନା ହୁଏ ତା'ହାଲେ ସେଠାରେ ବାତର ଅଧିକ୍ୟ ଅଛି ବୋଲି ଜାଣିବାକୁ ହୁଏ । ଯଦି ପୀଡ଼କା ଗୁଡ଼ିକ ଲାଲ୍ କିମ୍ବା ଈଷଦ୍ ହରିଦ୍ରା ବର୍ଣ୍ଣ ଦେଖାଯାଇ ଦାହ ପ୍ରଭୃତି ଲକ୍ଷଣ ପ୍ରକାଶ ପାଏ ତାହାହେଲେ ପିତ୍ତର ଅଧିକ୍ୟ ଅଛି ବୋଲି ଜଣାଯାଏ । କଫାଧିକ୍ୟ ଥିଲେ ପୀଡକା ଗୁଡ଼ିକ ଧଳାବର୍ଣ୍ଣ; ବଡ଼ ଆକାର, ଚିକ୍କଣ, କଣ୍ଡୁଯୁକ୍ତ ଓ ଅଳ୍ପ ବେଦନା ଯୁକ୍ତ ହୋଇଥାଏ । ସନ୍ନିପାତରେ ପୀଡକା ଗୁଡିକ ନୀଳବର୍ଣ୍ଣ ଦେଖିବାକୁ ଚଉଡ଼ାଧର ଚେପଟା ଓ ମଧ୍ୟଭାଗ ନିମ୍ନ ଏବଂ ତୀବ୍ର ବେଦନା ଯୁକ୍ତ ହୋଇ ଥାଏ । ରକ୍ତ ବାହୁଲ୍ୟ ଥିଲେ ପିତ୍ତ ଭଳି ଲକ୍ଷଣ ପ୍ରକାଶ ପାଏ ଓ ପରବର୍ତ୍ତି କାଳରେ ବିଦୀର୍ଣ୍ଣ ହୋଇ ସେଥିରୁ ରକ୍ତସ୍ରାବ ହୁଏ ।

*୩ୟାବସ୍ଥା ବା ପଚ୍ୟମାନାବସ୍ଥା :—*

ଏଇ ଅବସ୍ଥା ସାଧାରଣତଃ ଦ୍ୱିତୀୟ ସପ୍ତାହର ଶେଷପର୍ଯ୍ୟନ୍ତ କ୍ୱଚିତ୍ ତୃତୀୟ ସପ୍ତାହର ଦିନେ ଦୁଇଦିନ ପର୍ଯ୍ୟନ୍ତ ମଧ୍ୟ ବ୍ୟାପି ଥାଏ । ଏହି ଅବସ୍ଥାରେ ପୀଡକା ଗୁଡ଼ିକରେ ପୂଯ ସଂଗ୍ରହ ହୋଇଥାଏ ଏବଂ ଏହି ସମୟଟି ରୋଗୀ ପକ୍ଷରେ ବିଶେଷ କଷ୍ଟଦାୟକ ହୁଏ । ବିଶେଷତଃ ତୃତୀୟାବସ୍ଥାରେ ବାୟୁ ପ୍ରକୁପିତ ହେଲେ ପାଚିବାକୁ ଆରମ୍ଭ କରୁଥିବା ପୀଡ଼କା ଗୁଡ଼ିକୁ ଶୁଖାଇ ଦିଏ କିମ୍ବା ବସାଇ ଦିଏ । ତାହା ଫଳରେ ରୋଗୀର ମୃତ୍ୟୁ ଘଟିଥାଏ । ଦୋଷ ଭେଦରେ କଣ୍ଡୁ , ଦାହ , ପ୍ରଭୃତି ବିଭିନ୍ନ ପ୍ରକାର ବେଦନା ମଧ୍ୟ ବିଶେଷ ଭାବରେ ପ୍ରକାଶ ପାଇଥାଏ ଏବଂ ଜ୍ୱର ମଧ୍ୟ ଅଳ୍ପ ପରିମାଣ ରହେ । ସ୍ଥଳ ବିଶେଷରେ ଶେଷ ପର୍ଯ୍ୟନ୍ତ ଏହି ଲକ୍ଷଣ ରହି ଥିବାର ଦେଖାଯାଏ । ବିଭିନ୍ନ ପ୍ରକାର ଉପଦ୍ରବ ମଧ୍ୟ ଏହି ସମୟରେ ପ୍ରକାଶ ପାଇଥାଏ ।

*୪ର୍ଥାବସ୍ଥା ବା ପକ୍ୱାବସ୍ଥା :—*

ଏହା ପ୍ରାୟ ଏକ ସପ୍ତାହ । ଏହି ଅବସ୍ଥାରେ ପୂଯପୂର୍ଣ୍ଣ ହୋଇଥିବା ସମସ୍ତ ପୀଡକା ଗୁଡ଼ିକ ସମ୍ୟକ୍ ଭାବେ ପରିପକ୍ୱ ହୋଇ ଆସ୍ତେ ଆସ୍ତେ ଫାଟିବାକୁ ଆରମ୍ଭ କରନ୍ତି । କେତେକ କ୍ଷେତ୍ରରେ ଦ୍ୱିତୀୟ ସପ୍ତାହର

ମଧ୍ୟଭାଗରୁ ମଧ୍ୟ କ୍ରମଶଃ ଗୋଟିଏ ୨ ପୀଡ଼କା ଫାଟିବାକୁ ଆରମ୍ଭ କରୁଥିବାର ଦେଖାଯାଏ । ରୋଗୀର ଶରୀରର ଏହି ସମୟରେ ଯଦି ବିଶେଷ ଯତ୍ନ ନିଆ ନ ଯାଏ ତାହେଲେ କୃମି ହୋଇ ଯିବାର ଆଶଙ୍କା ଥାଏ । ଏହି ଅବସ୍ଥାରେ ପୂଯ୍ୟାଦିର ଦୁର୍ଗନ୍ଧତା ଯୋଗୁ ରୋଗୀ ଓ ପରିଚାରକ ଉଭୟଙ୍କ ପକ୍ଷରେ ବିଶେଷ କଷ୍ଟ ଦାୟକ ହୋଇଥାଏ । ପୂଯ ଓ ବକଲା ବାହାରିବା ସମୟରେ ରୋଗ ବିଶେଷ ଭାବରେ ସଂକ୍ରମିତ ହୋଇଥାଏ । ତେଣୁ ପରିବାର ବର୍ଗ ଏ ସମୟରେ ବିଶେଷ ସାବଧାନ ରହିବା ଏକାନ୍ତ ବାଞ୍ଛନୀୟ । ରୋଗ ଆରମ୍ଭରୁ ପ୍ରାୟ ବାଇଶିଦିନ ମଧ୍ୟରେ ସମସ୍ତ ବକଲା ଝଡ଼ି ପଡ଼ିଥାଏ ।

*ଅବସ୍ଥା ଭେଦରେ ଚିକିତ୍ସା :—*

ପୂର୍ବରୁ ବର୍ଣ୍ଣନା କରି ଯାଇଥିବା ପ୍ରଥମାବସ୍ଥାରେ ପିତ୍ତଶ୍ଳେଷ୍ମା ନାଶକ ସମସ୍ତ ପ୍ରକାର ଔଷଧର ବ୍ୟବସ୍ଥା ବିଧେୟ । ଉଦାହରଣ ସ୍ୱରୂପ, କଫ ଚନ୍ଦ୍ରାମଣି ବା ଲକ୍ଷ୍ମୀ ବିଳାସ ପ୍ରୟୋଗ କଲେ ବିଶେଷ ଫଳ ମିଳିଥାଏ । ଜ୍ୱର ଯଦି ପ୍ରଳାପାଦି ଉପଦ୍ରବ ବହୁଳ ହୋଇଥାଏ ତାହାଲେ କସ୍ତୁରୀ ଭୂଷଣ ଜାତୀୟ ଔଷଧ ବ୍ୟବସ୍ଥେୟ । ଏତଦ୍‌ଭିନ୍ନ କେବଳ ସ୍ୱର୍ଣ୍ଣ ସିନ୍ଦୁର ପ୍ରୟୋଗ କଲେ ବିଶେଷ ଉପକାର ମିଳିଥାଏ । ଅନୁପାନ ତୁଳସୀ ପତ୍ରରସ, ଅଦାରସ, ପାନରସ ଓ ମହୁ ଅବସ୍ଥା ବିଶେଷରେ ପ୍ରୟୋଗ କରି ଯାଇପାରେ । ପଥ୍ୟ ପାଇଁ ପ୍ରଥମାବସ୍ଥାରେ ଖଇ ମଣ୍ଡ ବ୍ୟବସ୍ଥା କରିବା ସବୁଠାରୁ ଉତ୍କୃଷ୍ଟ ଅଟେ ।

*୨ୟାବସ୍ଥାର ଚିକିତ୍ସା :---*

ବସନ୍ତ ପୀଡ଼କା ପ୍ରକାଶ ପାଇଲେ ପୂର୍ବୋକ୍ତ ଔଷଧର ପରିବର୍ତ୍ତିନ କରି ମଳ ଓ ରକ୍ତ ମାର୍ଗ ପ୍ରଭୃତିର ଶୁଦ୍ଧି ନିମନ୍ତେ ବମନ ଓ ବିରେଚନାଦି କରାଇବାର ବ୍ୟବସ୍ଥା କଲେ ରୋଗର ଭୟଙ୍କରତା ହ୍ରାସ ପାଏ । ବମନ ପାଇଁ ନିମ୍ବଛାଲ ଓ ପୋଟଳ ପତ୍ର କ୍ୱାଥରେ ମଦନ ଫଳ ଚୂର୍ଣ୍ଣ ପ୍ରକ୍ଷେପ (କ୍ୱାଥଦ୍ରବ୍ୟର ୪ ଭାଗରୁ ଏକଭାଗ) ଦେଇ ପ୍ରୟୋଗ କରିବା ବିଧେୟ (କ୍ୱାଥ ଦ୍ରବ୍ୟର ମାତ୍ରା ପୂର୍ଣ୍ଣ ବୟସ୍କ ପାଇଁ ଅଠତୋଳା) । ଦୋଷ ନିର୍ଣ୍ଣୟ କରି ବାତାଧିକ୍ୟ ଥିଲେ ଦଶମୂଳାଦି ପୈତ୍ତିକରେ ଦ୍ରାକ୍ଷାଦି ଓ ଶ୍ଳୈଷ୍ମିକରେ କିରାତାଦି କ୍ୱାଥ ପ୍ରୟୋଗ କଲେ ବିଶେଷ ଉପକାର ମିଳିଥାଏ । ଯଦି ଦୋଷ ନିର୍ଣ୍ଣୟ କରିଯାଇ ନପାରେ ବା ବିଶେଷ ଅସୁବିଧା ହୁଏ ତାହେଲେ ନିମ୍ବାଦି କ୍ୱାଥ ବ୍ୟବସ୍ଥା କରିବ । ବସନ୍ତ ଉଠି ବସି ଯାଉଥିଲେ ବା ଉଠିବାରେ ବିଳମ୍ବ ହେଲେ ନିମ୍ବାଦି କ୍ୱାଥ ପ୍ରୟୋଗ ଦ୍ୱାରା ବିଶେଷ ସୁଫଳ ମିଳିଥାଏ । ଏହା ବହୁବାର ପରୀକ୍ଷିତ ଅଟେ । ପଥ୍ୟ ପାଇଁ ଅବସ୍ଥା ଭେଦରେ ଦ୍ରାକ୍ଷା ସିଦ୍ଧ କ୍ଷୀର ସହ ଖଇମଣ୍ଡ, ଘିଅରେ ଭଜା ମୁଗ କିମ୍ବା ବୁଟର ଯୂଷ (ଝୋଳ) ବ୍ୟବସ୍ଥା କରି ଯାଇଥାଏ ।

*୩ୟାବସ୍ଥାର ଚିକିତ୍ସା:---*

ଏହି ଅବସ୍ଥାରେ ଅତ୍ୟନ୍ତ ସାବଧାନତା ସହକାରେ ଚିକିତ୍ସା କରିବା ବିଧେୟ, ବିଭିନ୍ନ ପ୍ରକାର ଉପଦ୍ରବ ଏହି ସମୟରେ ଦେଖା ଦେଇଥାଏ । ଉଦାହରଣ ସ୍ୱରୂପ କେତୋଟି ଉପଦ୍ରବ ଓ ତାର ଚିକିତ୍ସା ଏଠାରେ ଉଲ୍ଲେଖ କରାଗଲା । (୧) ବସନ୍ତରେ ଜ୍ୱର ବେଶୀ ହେଲେ ରୋଗୀର ଅବସ୍ଥା ଅତି ଶୋଚନୀୟ ହୋଇଥାଏ । ଏହି ସମୟରେ ମୁହୁର୍ମୁହୁ ମୂର୍ଚ୍ଛା ପାଏ । ଅସ୍ଥିସନ୍ଧି, ମସ୍ତକରେ ବେଦନା, ଚକ୍ଷୁରୁ ଜଳସ୍ରାବ, ପ୍ରଳାପ, କାସ, ଶ୍ୱାସ, ଭ୍ରମ ପ୍ରଭୃତି ଲକ୍ଷଣ ପ୍ରକାଶ ପାଇଥାଏ । ଏପରି ସ୍ଥଳରେ କସ୍ତୁରୀ ଭୂଷଣ ଓ ଅଷ୍ଟାଙ୍ଗାବଲେହ ପ୍ରଭୃତି ଔଷଧ ପ୍ରୟୋଗ କଲେ ସୁଫଳ ମିଳିଥାଏ । ଏହି ଅବସ୍ଥାରେ କଜ୍ଜଳୀ ପ୍ରୟୋଗ ସର୍ବୋତ୍କୃଷ୍ଟ ଅଟେ । ପଥ୍ୟ ନିମନ୍ତେ ରୋଗୀର ଅଗ୍ନି, ବେଦନା ପ୍ରଭୃତିର ବଳ ଓ ବିବେଚନା କରି ଅନ୍ୟାନ୍ୟ ପୁଷ୍ଟିକର ଖାଦ୍ୟ ବ୍ୟବସ୍ଥା କରିବା ବିଧେୟ ।

*୪ର୍ଥାବସ୍ଥା ବା ପକ୍ୱାବସ୍ଥାରେ ଚିକିତ୍ସା :--*

ଏହି ଅବସ୍ଥାରେ ବସନ୍ତ ଗୁଡ଼ିକ ପରିଷ୍କାର ପାଚି ଯିବାପରେ ଆପେ ଆପେ ଫାଟିଯାଏ । କୌଣସି କୌଣସି ସ୍ଥଳରେ ଧାନ ସିସା ସାହାଯ୍ୟରେ ଫୋଡ଼ି ପୂଜ ବାହାର କରିବାକୁ ପଡି ଥାଏ । ଯଦି ପୀଡକା ଗୁଡ଼ିକୁ ଫୋଡ଼ିବା ପାଇଁ ବିଶେଷ ଆବଶ୍ୟକ ପଡେ ତାହାଲେ ଅତି ସାବଧାନତା ସହିତ ଏହା ଫୋଡିବା ଉଚିତ୍ ଯେପରି ପୀଡକାର ବହିସ୍ତ୍ୱକ ମାନ ବଢି ହୁଏ । ପୂଜ ଅଧିକ ସ୍ରାବ ହେଲେ ବଟ ଅଶ୍ୱତ୍ଥ ଡମିର ପ୍ରଭୃତି ଗଛର ଛାଲକୁ ଚୂର୍ଣ୍ଣକରି ସେହି ଚୂର୍ଣ୍ଣକୁ ଶରୀରରେ ଛାଞ୍ଚିବା ବିଧେୟ । ପୀଡକା ଗୁଡ଼ିକ ପାଚିଯିବା ପରେ ନିମ୍ବ ତେଲ ବା ନିମ୍ବପତ୍ର ଭିଜାଇଥିବା ତୁଳାରେ ବୁଡାଇ ବସନ୍ତ ଉପରେ ବାରିବାର ଲଗାଇବା ଉଚିତ୍ ।

*ବିଭିନ୍ନ ଅବସ୍ଥାରେ ଔପଦ୍ରବିକ ଚିକିତ୍ସା :--*

୧-ବସନ୍ତ ରୋଗରେ ବିଶେଷ ତୃଷାହେଲେ ଯଷ୍ଟି-ମଧୁ, ଖଣ୍ଡ ଓ ଅଳ୍ପ ପରିମାଣରେ ପାନମହୁରି କନାରେ ବାନ୍ଧି ପୁଟୁଳିକରି ସେହି କନାପୁଡାକୁ ଚୂଷିଲେ ତୃଷା ଉପଶମ ହୁଏ ।

୨-ବିଶେଷ ଦାହ ହେଲେ ନାଗକେଶର କାଢ଼ି ପାଣିରେ ବାଟି ଦେହରେ ବୋଳିଲେ ଦାହ କମିଯାଏ । ଏହି ଅବସ୍ଥାରେ ଶୀତଳା ସ୍ତୋତ୍ରଦ୍ୱାରା ଅଭିମନ୍ତ୍ରିତ ଚନ୍ଦନପାଣି ଦୂବକେରା ଦ୍ୱାରା ସିଞ୍ଚିଲେ ବିଶେଷ ଉପକାର ମିଳିଥାଏ । ବସନ୍ତର ସମସ୍ତ ଅବସ୍ଥାରେ ଦେବଦେବୀ ଆରାଧନା ଓ ଗ୍ରହଶାନ୍ତି ପ୍ରଭୃତି ଅଲୌକିକ କ୍ରିୟା-ଦ୍ୱାରା ମଧ୍ୟ ବିଶେଷ ଫଳ ମିଳୁଥିବାର ଦେଖାଯାଏ ।

*ପ୍ରତିଷେଧ ବ୍ୟବସ୍ଥା :--*

ଆୟୁର୍ବେଦ ପ୍ରଣେତା ମହର୍ଷିଗଣ ରୋଗ ଚିକିତ୍ସା ଠାରୁ ପ୍ରତିଷେଧରେ ହିଁ ବିଶେଷ ମର୍ଯ୍ୟାଦାରୋପ କରି ଅଛନ୍ତି । ସେମାନଙ୍କ ମତରେ ପ୍ରତିଷେଧ ବ୍ୟବସ୍ଥା ଦୁଇ ପ୍ରକାର, ଯଥା:- ସର୍ବରୋଗ ପ୍ରତିଷେଧ ଓ ନିର୍ଦ୍ଦିଷ୍ଟ ରୋଗ ପ୍ରତିଷେଧ । ସର୍ବରୋଗ ପ୍ରତିଷେଧ ସଂପର୍କରେ ଦିନଚର୍ଯ୍ୟା ବିଶେଷ ଉଲ୍ଲେଖ ଯୋଗ୍ୟ ଏବଂ ଋତୁ ବିଶେଷର ରୋଗ ମାନଙ୍କ ପାଇଁ ଋତୁଚର୍ଯ୍ୟା ବିଶେଷ ଧ୍ୟାନଯୋଗ୍ୟ । ବିଷୟ ହେଲେ ହେଁ ନିର୍ଦ୍ଦିଷ୍ଟ ସଂକ୍ରାମକ ରୋଗ ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ଅଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ବସନ୍ତ ଋତୁ ଆରମ୍ଭରୁ ବରାବର ମଧ୍ୟେ ମଧ୍ୟେ ନିମ୍ବ ଖାଇବା ସବୁଠାରୁ ବସନ୍ତର ଉତ୍କୃଷ୍ଟ ପ୍ରତିଷେଧକ । ଯେଣୁ ନିମ୍ବ ପିତ୍ତ ଓ ଶ୍ଳେଷ୍ମା ଉଭୟକୁ ଶୁଦ୍ଧ କରିଥାଏ । ବସନ୍ତ ଋତୁରେ ପୁରୁଷ ମାନେ ଦକ୍ଷିଣ ଓ ସ୍ତ୍ରୀମାନେ ବାମ ହସ୍ତରେ ହରିତକୀବୀଜ ଧାରଣ କଲେ ବସନ୍ତ ହୁଏନାହିଁ । ଚୈତ୍ର ଶୁକ୍ଳ ଚତୁର୍ଦ୍ଦଶୀ ଦିନ ଶୁକ୍ଳବର୍ଣ୍ଣ କଳଶ ଉପରେ ରକ୍ତବର୍ଣ୍ଣ ପତାକାଯୁକ୍ତ ନିକେନା ସିଝୁ ଶାଖା ସ୍ଥାପନ କରି ଘରେ ରଖିଲେ ସେ ଘରେ ବସନ୍ତ ହୁଏ ନାହିଁ । ଏପରି ଶତାଧିକ ପ୍ରତିଷେଧମୂଳକ ବ୍ୟବସ୍ଥା ଆୟୁର୍ବେଦ ଓ ତନ୍ତ୍ର ମାନଙ୍କରେ ଲିପିବଦ୍ଧ ଅଛି । ସେଥିରୁ ଅନେକର କାରଣ ଦୁର୍ବିଜ୍ଞେୟ, ଯାହାହେଉ - ନିମ୍ନରେ ପରୀକ୍ଷାସିଦ୍ଧ କେତୋଟି ପ୍ରତିଷେଧକ ଚିକିତ୍ସା ଉପଯୋଗୀ ଔଷଧ ମଧ୍ୟରୁ ଯେଉଁଥିରେ ଅବ୍ୟାହତ ଫଳ ଅନୁଭବ କରା ଯାଇଛି ଓ ଯାହା ପ୍ରତିଷେଧକ ଓ ଔଷଧ ଉଭୟ ରୂପରେ କାର୍ଯ୍ୟକରେ ଏବଂ ଯାହା ସମସ୍ତ ସାଧାରଣ ତଥା ଉପଦ୍ରବ ଅବସ୍ଥାରେ ଅମୃତତୁଲ୍ୟ ଅଥଚ ଯେ କୌଣସି ଲୋକ ବ୍ୟବହାର କରି ପାରନ୍ତି ତାହା ନିମ୍ନରେ ବର୍ଣ୍ଣନା କରା ଗଲା । ପ୍ରାୟ ତୋଳାଏ କଲରାପତ୍ର ରସ ଓ ସମ ପରିମାଣ ମହୁ, ପଇସେ ଓଜନ ଭଲ ଗୋରଚନା ଖୁବ୍ ଭଲ ଭାବରେ ପିଶାଇ ଖାଇଲେ ବସନ୍ତର ଯେ କୌଣସି ଅବସ୍ଥାରେ ଏହା ଆଶାତୀତ ଉପକାର କରିଥାଏ । ଏହାକୁ ବସନ୍ତ ପ୍ରବଳ ହେଉଥିବା ସମୟରେ ମଧ୍ୟେ ମଧ୍ୟେ ଖାଇଲେ ବସନ୍ତ ଆକ୍ରମଣ କରେନାହିଁ । ଉଲ୍ଲିଖିତ ମାତ୍ରା ଏକ ସୁସ୍ଥ ସବଳ ପୂର୍ଣ୍ଣ ବୟସ୍କ ବ୍ୟକ୍ତି ପାଇଁ ଉଦ୍ଦିଷ୍ଟ ।

# ମାତୃ-ସ୍ନେହଃ ।

( ଗ୍ରୀକ୍‌ସାହିତ୍ୟାଂଶବିଶେଷସ୍ୟ ଛାୟାମବଲମ୍ବ୍ୟ ଲିଖିତଃ )

ଲେଖକଃ - ଶ୍ରୀ ଭଗବତପ୍ରସାଦତ୍ରିପାଠିଶର୍ମା -ସାହିତ୍ୟାଧ୍ୟାପକଃ

(୧)

କଦାଚଦେକସ୍ତରୁଣୋଽତିସୁନ୍ଦରୋ -
ମଯାଚତୈକାଂ ପ୍ରଣୟଂ ବିମୋହିତଃ
ଅଭ୍ରଷଚୈନଂ ବିଷମେ ପରୀକ୍ଷଣେ
ନିପାତୟନ୍ତୀ ତରୁଣୀ ତତଃପରମ୍ ॥

(୨)

ଯଦୀଚ୍ଛସୀମଂ ପ୍ରଣୟଂ ମମାଥବା -
ନୁରଜ୍ୟସି ତ୍ୱଂ ମୟି ତତ୍ ସ୍ୱ-ମାତରମ୍
ନିହତ୍ୟ ମହ୍ୟଂ ତ୍ୱରିତଂ ସମର୍ପୟେଃ -
ତ୍ୱମାଙ୍ଗମସ୍ୟା ନନୁ ମନ୍ଦୁଦେ ଯୁବନ୍ ! ॥

(୩)

ତଥେତି ତସ୍ୟାଃ ପୁରତଃ ପ୍ରତିଶ୍ରୁତିଂ
ବିଧାୟ ତୂର୍ଣ୍ଣଂ ନିରଗାଦ୍ ଯୁବା ତତଃ
କ୍ଷଣେନ କୃତ୍ୱା ଜନନୀଶିରଃ ସ୍ୱୟଂ
କରେଣ ଧୃତ୍ୱା ଚଳିତସ୍ତଦନ୍ତିକମ୍ ॥

(୪+୫)

ଅଥାନୁରାଗଂ ବପୁଷୋଦ୍ଵହନ୍ନିବ
ତ୍ୱରେବତୋଽସୌ ତ୍ରୁଟିରେଷିତୋ ଯୁବା
ଚିରାତ୍ କିଶୋରୀପ୍ରଣୟଂ ଲଭେଽଚିରା -
ଇତି ପ୍ରକଳ୍ପ୍ୟାକୁଳିକାକୁଳାକୁଳଃ ॥
ପ୍ରହର୍ଷବସ୍ତାରତଭୃକ୍ ସ୍ଫୁରନ୍ମୁଖଃ
ପ୍ରଧାବମାନୋଽଭିମୁଖାଗତାଂ ଦଶମ୍
ପଥସ୍ଥିତାଶ୍ମପ୍ରହତାଗ୍ରପତ୍କ୍ଷଣା -
ଦଧୋମୁଖଃ ସନ୍ ନିପପାତ ଭୂତଲେ ॥

(୬+୭+୮+୯)

କରଚ୍ୟୁତାନ୍ମାତୃନିକୃତ୍ତମସ୍ତକାତ୍
ସମୁତ୍ଥିତଂ ପ୍ରସ୍ଫୁରିତାଧରାତ୍ତତଃ
ମହାକବୀନାଂ ବଚସୋଽପ୍ୟଗୋଚରଂ
ବଳାନ୍ନୁଦନ୍ତଂ ହୃଦୟାତ୍ ତମସ୍ତିମ୍ ॥

କମ୍ବୁ କ୍ଷରନ୍ତଂ କରୁଣାକଣାନ୍, ଶ୍ରୁତୌ
ସମର୍ପୟନ୍ତଂ ନୁ ସୁଧାପୃଷଚ୍ଛଟାମ୍,
ତଦାତ୍ମନା କଂ ପରିଣମ୍ୟ ନିର୍ଗତଂ
ସୁବତ୍ସଲତ୍ୱଂ ଜନନୀଜନୋଚିତମ୍ ? ॥

ମହତ୍ତ୍ୱଭୂମ୍ନାଽପିଦଧାନମାଃ ପରଂ
ଜଗଦ୍ଗତାଂ ପ୍ରେମପରୀକ୍ଷଣାଂ ପରମ୍
ତଥାନୁଲକ୍ଷୟନ୍ତମିବାଖିଳଂ ବପୁଃ
ପରିତିଗସ୍ନେହରସେନ କେନଚିତ୍ ॥

" ସୁକୋମଳେ ଜସ୍ର ! ସଯତ୍ନଲାଳିତେ
ତବାଙ୍ଗକେ ନୈବ ବଭୂବ ତୁ ବ୍ରଣଃ ? "
ଇତି ଧ୍ୱନିଂ ଦାରୁଣଯନ୍ତ୍ରଣାର୍ଦ୍ଦିତଃ
ସ ଶୁଶ୍ରୁବାନ୍ ବିସ୍ମୟମାନମାନସଃ ॥

(୧୦)

କୁତୋଽଦ୍ୟମିତ୍ୟାକଳୟଁସ୍ତତୋ ଯୁବା
ନିରୂପୟଁସ୍ତଂ ପ୍ରହିତପ୍ରୟା ଧିୟା
ଜରଂ କବନ୍ଧ୍ୟାଂ ବିଦଧତ୍ ସମୁତ୍ଥିତଃ
ପୁରସ୍ତଦାଲୋକତ ମାତୃମସ୍ତକମ୍ !!

(୧୧)

ହା ହନ୍ତ ! କଂ କୃତମହୋ ସହସା ମୟୈତ--
ଦାଶୁନିତ୍ୟେଣ ପରେଣାମମନାକଲଯ୍ୟ
ଇତ୍ଥଂ ଶୁଚେଶାତ ତରୁଣଃ ସ୍ୱସିତଃ କବନ୍ଧ୍ୟାଂ
ସନ୍ତାଡୟନ୍ନନୁଶୟାତଶୟାଦଥାସୌ ॥

(୧୨)

ନିଧ୍ୟାୟ ମାତୃବଦନଂ ବଧୁରଃ ସ ଭୂୟ--
ସ୍ତିଷ୍ଠନ୍ନବାକ୍ କ୍ଷଣମିବାପ୍ରତିଭୂତଭାବାତ୍
ନାଭୂଦଲଂ ବଲପିତୁଂ ନ ବବେଦ କିଞ୍ଚି--
ଦାଲେଖ୍ୟସଂସ୍ଥିତ ଇବାସ୍ତ ଶରଂ ସ୍ଥିରଷ୍ଟ ॥

(୧୩)

ପାଷେନେବ ଶଶ୍ୱରଣାଽଥ ତମସା କେନାପି ନିଷ୍ଟେଷ୍ଟିତା--
-ରଜ୍ଜ୍ୱାବଦ୍ଧବପୁଃ କଳାଭିଭବିତୁଂ , ଭୀତ୍ୱେବ ପାପାଦରମ୍
ଲ୍ଲିପ୍ୟନ୍ତ୍ୟା ନିଜସଂଜ୍ଞୟା ପରିହୃତୋ,ନୈବାତ୍ମନୋଽପି ପ୍ରଭୁ-
ଶ୍ଛିନ୍ନୋ ବୃଷ ଇବାପତତ୍ ସ୍ୱପ୍ନମସୌ ମୂଢଃ ପୁନର୍ଭୂତଳେ ॥

# ମହାଯାତ୍ରାରେ ନୈଷଧୀୟ ପ୍ରଭାବ

ଶ୍ରୀ ଦୀନବନ୍ଧୁ ମିଶ୍ର, ସାଂଖ୍ୟାଚାର୍ଯ୍ୟ ପ୍ରଥମବାର୍ଷିକ ଛାତ୍ର ।

ଅବହମାନ କାଳରୁ ଭାରତର ସଭ୍ୟତା, ସଂସ୍କୃତି, ଚିନ୍ତାଧାରା ଓ ବିଭିନ୍ନ ଧରଣର ପ୍ରକାଶନ ଭଙ୍ଗୀରେ ପରିପୁଷ୍ଟ ହୋଇ ସଂସ୍କୃତଭାଷା ସର୍ବଦା ଭାରତୀୟ ମାନବିକତାର ଦିଙ୍‌-ନିର୍ଦ୍ଦେଶକ ଭାବରେ ପ୍ରତିଷ୍ଠିତ ହୋଇ ଆସିଛି । ସଦା ଏହି ଭାଷା ଭାରତର ଜାତୀୟ ଜୀବନକୁ ଅଲଙ୍କୃତ କରି ସମଗ୍ର ପୃଥିବୀରେ ଭାରତୀୟ-ତାର ମହତ୍ତ୍ୱ ପ୍ରଖ୍ୟାପନ କରିଛି । ବିଭିନ୍ନ ଯୁଗର ମନୀଷୀ ନିଜ ନିଜର ଆଧ୍ୟାତ୍ମିକ ଶକ୍ତି, ଦାର୍ଶନିକ ଚିନ୍ତା, ସାହିତ୍ୟିକ ବ୍ୟାପାର ଓ ବୈଜ୍ଞାନିକ ଗବେଷଣାର ରୂପରେଖ ଏହି ଭାଷାରେ ଅଙ୍କି ବୈଷମ୍ୟ ବହୁଳ ଏହି ଜଗତକୁ ଭିନ୍ନଭିନ୍ନ ସୈଦ୍ଧାନ୍ତିକ ପରଂପରା ଦ୍ୱାରା ଉଦ୍‌ବୋଧନ ଦେଇଛନ୍ତି । ସେହି ମହନୀୟ ଦେବ ଭାଷାର ବଳିଷ୍ଠ ପ୍ରେରଣା, ସମୁନ୍ନତ ଚିନ୍ତା, ସୁରୁଚି-ସୁନ୍ଦର ଶବ୍ଦ ସମ୍ପଦ ଓ ଉଚ୍ଚ ଅଭିବ୍ୟଞ୍ଜନ ପ୍ରଣାଳୀ ଦ୍ୱାରା ପ୍ରାଣବନ୍ତ ହୋଇ ଭାରତର ବିଭିନ୍ନ ଅଞ୍ଚଳର ଭାଷା ବର୍ତ୍ତିମାନ ଧରାପୃଷ୍ଠରେ ନିଜ ନିଜର ଦୃଢ଼ ଅସ୍ତିତ୍ୱ ଉଦ୍‌ଘୋଷଣ କରୁଛନ୍ତି । ଓଡ଼ିଆ ଭାଷା ଓ ସାହିତ୍ୟ ମଧ୍ୟ ଏଥିରୁ ବାଦ ଯାଇନାହିଁ ।

ଓଡ଼ିଆ ସାହିତ୍ୟ; ବିଖ୍ୟାତ କବି, ଲେଖକ ଓ ଦାର୍ଶନିକ ଚିନ୍ତାଧାରା ସମ୍ପନ୍ନ ଶତଶତ ବ୍ୟକ୍ତିଙ୍କ ଦ୍ୱାରା ବହୁବର୍ଷ ଧରି ପ୍ରସିଦ୍ଧି ଲଭ କରିଥିଲେ ହେଁ ହଠାତ୍ ସାମାଜିକ ଚିନ୍ତାର ଅସାମଯ୍ୟିକ ଓ ବ୍ୟାପକ ପରିବର୍ତ୍ତନ ହେତୁ ସମଗ୍ର ବିଶ୍ୱରେ ଯେପରି ଏକ ନୂତନ ଧରଣର ସାହିତ୍ୟିକ ଶୃଙ୍ଖଳା ସୃଷ୍ଟି ହୋଇଗଲା ଏବଂ ଚିନ୍ତା ଜଗତର ଧାରା-ବାହିକତା ଯେପରି ବିକ୍ଷିପ୍ତ ହୋଇ ଉଠିଲା ତଥା ଜଡ଼ ବିଜ୍ଞାନର ଅତି ଦ୍ରୁତ ପ୍ରଭାବ ଯେପରି ସମସ୍ତ ସଂସ୍କୃତିକ କ୍ଷେତ୍ରକୁ ଆଚ୍ଛାଦିତ କରିଦେଲା, ତା'ର ସଂବାଦ ହୁଏତ ଏ ସାହିତ୍ୟକୁ ହଠାତ୍ ସ୍ପର୍ଶ କରି ପାରିଲା ନାହିଁ । ତା'ର ଏକମାତ୍ର କାରଣ, ଏ ପ୍ରଦେଶର ଚିନ୍ତାଧାରା ଅନ୍ୟାନ୍ୟ ପ୍ରଦେଶ ମାନଙ୍କ ତୁଳନାରେ ପାଶ୍ଚାତ୍ୟମୁଖୀ ହେବାରେ ବିଳମ୍ବ । ତେଣୁ ଓଡ଼ିଆ ସାହିତ୍ୟର ନିରବଚ୍ଛିନ୍ନ ଭାବରେ ଅନ୍ୟାନ୍ୟ ସାହିତ୍ୟ ସହିତ ସାମଞ୍ଜସ୍ୟ ବ୍ୟାହତ ହେଲା ।

ତଥାପି ଯେଉଁମାନେ ଏ ପ୍ରଦେଶର ସାହିତ୍ୟ କ୍ଷେତ୍ରରେ ସର୍ବ ପ୍ରଥମେ ପାଶ୍ଚାତ୍ୟ ଭଙ୍ଗୀର ଅଭିମୁଖ୍ୟ ଗ୍ରହଣକରି ଓଡ଼ିଆ ସାହିତ୍ୟକୁ ନବ ବିପଞ୍ଚିର ଝଙ୍କାରରେ ମୂର୍ଚ୍ଛିତ କରିଥିଲେ ଏବଂ ପଶ୍ଚାତ୍‌ପଦ ହୋଇ ମଧ୍ୟ ଯେଉଁ ମାନଙ୍କର ସାରସ୍ୱତ ସଙ୍କେତ ଏ ସାହିତ୍ୟକୁ ଅନ୍ୟାନ୍ୟ ସାହିତ୍ୟ ସହିତ ସମକକ୍ଷ ହେବାର ସାହସ ଓ ଶକ୍ତି ଦେଇଥିଲା, ସେମାନଙ୍କ ମଧ୍ୟରୁ କାନ୍ତ ଦ୍ରଷ୍ଟା, ଅଳୁହା ଚିନ୍ତାର ରୂପସ୍ରଷ୍ଟା କବିବର ରାୟ ରାଧାନାଥ ଅନ୍ୟତମ ।

ଓଡ଼ିଆ ସାହିତ୍ୟକୁ ସେ ଯେଉଁ କାବ୍ୟସ୍ତବକ ଦ୍ୱାରା ସୁଶୋଭିତ କରିଥିଲେ, ସେଥି ମଧ୍ୟରୁ ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରଥମ ମହାକାବ୍ୟ "ମହାଯାତ୍ରା" ଶ୍ରେଷ୍ଠସ୍ଥାନ ଲାଭ କରିଛି । ଅମିତ୍ର ଛନ୍ଦର ତରଙ୍ଗାୟିତ ଲହର ଜାତୀୟ ବ୍ୟଞ୍ଜନାର ରୋମାଞ୍ଚକାରୀ ତେଜୋଦୀପ୍ତ ବାଣୀ, ଉଚ୍ଚ ଶବ୍ଦ ସମ୍ପନ୍ନ ଭାଷାର ସ୍ୱଚ୍ଛନ୍ଦତା- ଏ ସମସ୍ତ-ପୁଞ୍ଜୀଭୂତ ବିଭବ ଦ୍ୱାରା ମହାକାବ୍ୟଟି କାବ୍ୟ--କାନନର ପାରିଜାତସୁଲଭ କୀର୍ତ୍ତିରାଜିରେ ମଣ୍ଡିତ ହୋଇଛି ।

କିନ୍ତୁ କବିଙ୍କର ନବୋନ୍‌ମେଷଶାଳି ପ୍ରତିଭାରେ ପ୍ରତିଭାନ୍ୱିତ ହୋଇଥିଲେ ମଧ୍ୟ ମହାଯାତ୍ରାର କାବ୍ୟିକ -ମୌଳିକତା ସ୍ଥଳେ ସ୍ଥଳେ ବ୍ୟାହତ ହୋଇଛି । ସଂସ୍କୃତ ସାହିତ୍ୟର ବଳିଷ୍ଠ ଭାବୋଦ୍ଦୀପ୍ତ ରସରେ ରସାଣିତ ହୋଇ ମୁଗ୍ଧା କ୍ଷେତ୍ର ବିଶେଷରେ କବିଙ୍କ

ମୌଳିକ କଳାବିଳାସ ଯେ ସଙ୍କୁଚିତ ହୋଇ ଯାଇଛି, ତାହା ରାଧାନାଥୀୟ ସାହିତ୍ୟ ନିଷ୍ଣାତମାନଙ୍କୁ ଅବିଦିତ ନ ଥିବ ।

ମହାଯାତ୍ରା କାବ୍ୟ ପାଶ୍ଚାତ୍ୟ ଶୈଳୀରେ ପ୍ରଭାବିତ ହୋଇମଧ୍ୟ ଗଳ୍ପାଂଶ ଗ୍ରହଣରେ ଓଡ଼ିଆ ପୁରାଣକୁ ଭଲ ଭାବରେ ଅନୁକରଣ କରିଛି । ଜାତୀୟ ଭାବ ପ୍ରବଣ କବି କାବ୍ୟର ଗଳ୍ପଭାଗକୁ ସ୍ଥଳ ବିଶେଷରେ ନିଜ କଳ୍ପନାରେ ମୂର୍ତ୍ତିମାନ୍ କରିଥିଲେ ମଧ୍ୟ ଏହା ନିଶ୍ଚିତ ଯେ ସେ ସାରଳା ମହାଭାରତର ସ୍ୱର୍ଗାରୋହଣ ପର୍ବକୁ ନିଜ କାବ୍ୟର ଗାଳ୍ପିକ ଉପାଦାନ ରୂପରେ ଗ୍ରହଣ କରିଛନ୍ତି ।

ରାୟ ରାଧାନାଥ ମହାଯାତ୍ରାର ଚତୁର୍ଥ ସର୍ଗରେ ଅନୁଚର ପରିବେଷ୍ଟିତ କଳିର ଯେଉଁ ଆଗମନ ବର୍ଣ୍ଣନା ଦେଇଛନ୍ତି ତାହା ସେହିପରି ଆକାରରେ ସାରଳା ମହାଭାରତର ସ୍ୱର୍ଗାରୋହଣ ପର୍ବରେ ଉପଲବ୍ଧ ହୁଏନାହିଁ । ଅବଶ୍ୟ ସ୍ୱର୍ଗାରୋହଣ ପର୍ବର ଆଦ୍ୟରେ ସାରଳା ଦାସ କଳିର ବିଷୟ ବର୍ଣ୍ଣନା କରିଛନ୍ତି । କିନ୍ତୁ ତାହା କୌଣସି ମତେ ମହାଯାତ୍ରା ଚତୁର୍ଥ ସର୍ଗର ବର୍ଣ୍ଣନା ପରି ନୁହେ । ତେଣୁ କବି ଯେ କଳିର ଅବତାରଣା ପ୍ରସଙ୍ଗ ସାରଳା ମହାଭାରତରୁ ଗ୍ରହଣ କରି ନାହାନ୍ତି ଏହା ସ୍ଥିର ନିଶ୍ଚିତ ଅଟେ ।

ରାୟ ମହାଶୟଙ୍କ ଜୀବନୀ ଅଧ୍ୟୟନ କଲେ ପ୍ରତୀତ ହୁଏ ଯେ ସେ ପାଶ୍ଚାତ୍ୟ ସାହିତ୍ୟରେ ଗଭୀର ଜ୍ଞାନ ଅର୍ଜନ କରିଥିଲେ ମଧ୍ୟ ସଂସ୍କୃତ ସାହିତ୍ୟକୁ ଖୁବ୍ ଭଲ ଭାବରେ ଅନୁଶୀଳନ କରିଥିଲେ । ଏହା ତାଙ୍କ ରଚିତ କାବ୍ୟମାନଙ୍କରୁ ସ୍ପଷ୍ଟ ଭାବରେ ପ୍ରତୀତ ହୁଏ । ବିଶେଷତଃ ମହାଯାତ୍ରା ଭାଷା ବିଳାସର ଅପ୍ରତିହତ ସ୍ୱାଚ୍ଛନ୍ଦ୍ୟ ପ୍ରତି ଅବହିତ ହେଲେ ସତେ ଯେପରି ନୈଷଧର ସେଇ ଅଚିନ୍ତ୍ୟ ଭାବରାଜିରେ ନିମଜ୍ଜିତ ହେଲାପରି ଅନୁଭୂତ ହୁଏ । ବାସ୍ତବିକ ମହାଯାତ୍ରା, ଭାଷାର ସ୍ୱାତନ୍ତ୍ର୍ୟ, ବର୍ଣ୍ଣନାର ପରିପାଟୀ ଓ ଶବ୍ଦ ବିନ୍ୟାସ ଚାତୁରୀରେ ଯେପରି ସଂଜୀବିତ ଓ ପରିପୁଷ୍ଟ ହୋଇଛି, ତାହା କେବଳ କାଦମ୍ବରୀ ଓ ନୈଷଧର ପବିତ୍ର, ଉଜ୍ଜ୍ୱଳ ଆଶୀର୍ବାଦ ବ୍ୟତୀତ ଅନ୍ୟ କିଛି ନୁହେ । ରାୟ କବିଙ୍କ ମହାଯାତ୍ରା ବର୍ଣ୍ଣିତ କଳିର ଅବତାରଣା ପ୍ରସଙ୍ଗ କିପରି ନୈଷଧ କାବ୍ୟର ପ୍ରଭାବରେ ଉଦ୍‌ବୁଦ୍ଧ, ତାହା ବର୍ତ୍ତମାନ ପ୍ରଣିଧାନଯୋଗ୍ୟ ।

ନୈଷଧ - କାବ୍ୟର ସପ୍ତଦଶ ସର୍ଗରେ ଅଛି ଯେ ଦମୟନ୍ତୀଙ୍କ ସ୍ୱୟମ୍ବର ପରେ ଇନ୍ଦ୍ରାଦି ଦେବତାମାନେ ସ୍ୱର୍ଗକୁ ପ୍ରତ୍ୟାବର୍ତ୍ତନ କଲା ସମୟରେ ଆକାଶ ମାର୍ଗରେ ଧୂମାଚ୍ଛାଦିତ କଳେବର କେତେକ ବ୍ୟକ୍ତିଙ୍କୁ ଦେଖିବାକୁ ପାଇଲେ । ଯାହାର ଶ୍ଳୋକଭାଗ ଏହିପରି —

"ଅଥାୟାନ୍ତମବୈକ୍ଷନ୍ତ ତେ ଜନୌଘମସିତ୍ୱିଷମ୍ ।
ତେଷାଂ ପ୍ରତ୍ୟୁଦ୍‌ଗମପ୍ରୀତ୍ୟା ମିଳଦ୍ ବ୍ୟୋମେବ ମୂର୍ତ୍ତିମତ୍ ॥
ଅଦ୍ରାକ୍ଷୁ ରାଜହାନଂ ତେ ସ୍ମରମଗ୍ରେସରଂ ପୁରଃ ।
ଅକ୍ଷାବିନୟଶିକ୍ଷାର୍ଥଂ କଲିନେବ ପୁରସ୍କୃତମ୍ ॥"

ମହାଯାତ୍ରାରେ ଏହି ଶ୍ଳୋକର ଭାବ ଏହିପରି ବ୍ୟକ୍ତ ହୋଇଛି ।-

" ଏହା କହୁଁ କହୁଁ ନଭଃ ଭୀଷଣ ତମସେ
ପୂରିଗଲା; ବିକଟାଳ କରାଳ ଆକୃତି
ଉଭି ଉହ୍ଲାଇଲେ କଳି ନିଜ ଦଳବଳେ "।

କଳି ପଛେ ପଛେ ତା'ର ଅନୁଚରବୃନ୍ଦ ମହାଯାତ୍ରାରେ କ୍ରମାଗତ ଭାବରେ ଏହିପରି ବର୍ଣ୍ଣିତ ହୋଇଛନ୍ତି:- ପ୍ରଥମେ କାମ, ତା'ପରେ କ୍ରୋଧ, ହତ୍ୟା, ଲୋଭ, ମୋହ, ମଦ, ଈର୍ଷ୍ୟା, ମିଥ୍ୟା, ଶାଠ୍ୟ, କଳହ ଓ ଆଳସ୍ୟ ପ୍ରଭୃତି । କିନ୍ତୁ ନୈଷଧରେ ଇନ୍ଦ୍ରାଦି ଦେବତା ମାନେ ପୂର୍ବ ପରିଚିତ କାମ, କ୍ରୋଧ, ଲୋଭ ଓ ମୋହ ବ୍ୟତୀତ ନିବିଡ଼ ଅନ୍ଧକାର ବଶତଃ ଅନ୍ୟମାନଙ୍କୁ ଚିହ୍ନି ପାରି ନାହାନ୍ତି ।

ଏଥିରୁ ଅନୁମିତ ହୁଏ ଯେ ନୈଷଧ ବର୍ଣ୍ଣିତ କଳିର ଅନୁଚର ମାନଙ୍କ ବ୍ୟତୀତ ରାଧାନାଥ ଅନ୍ୟମାନଙ୍କୁ କଳ୍ପନାରେ ରୂପାୟିତ କରିଛନ୍ତି । ତେଣୁ ସେ କାମଠାରୁ ଆଳସ୍ୟ ପର୍ଯ୍ୟନ୍ତ ଅଧିକ ଅନୁଚରଙ୍କର ପରିଚୟ ଦେଇ ପାରିଛନ୍ତି ।

ଚିତ୍ର ରାଧାନାଥ ଯେପରି ଭାବରେ କଳିର ଅବତରଣକୁ ନିଜକାବ୍ୟରେ ଚିତ୍ରିତ କରିଅଛନ୍ତି ତାହା ଶ୍ରୀହର୍ଷକୃତ ନୈଷଧକାବ୍ୟ ଭିନ୍ନ ଅନ୍ୟ ଗ୍ରନ୍ଥରେ ସେପରି ଭାବରେ ଚିତ୍ରିତ ହୋଇଥିବାର ଦୃଷ୍ଟିଗୋଚର ହୁଏ ନାହିଁ । ତେଣୁ ରାଧା କବି ନିଶ୍ଚିତ ଭାବରେ ନୈଷଧର ଢଙ୍ଗକୁ ଯେ ସେଠାରେ ଗ୍ରହଣ କରିଛନ୍ତି ତାହା ଅବିସଂବାଦିତ ଓ ନିଃସନ୍ଦେହ । ଆଉ ମଧ୍ୟ ଶ୍ରୀ ହର୍ଷଙ୍କ ଶ୍ଳୋକ ସହିତ ରାଧାଙ୍କ ପଦର କିପରି ସାମଞ୍ଜସ୍ୟ ରହିଛି ତାହା ତୁଳନାତ୍ମକ ଭାବରେ ପ୍ରଣିଧାନ ଯୋଗ୍ୟ ।

ନୈଷଧରେ କ୍ରୋଧର ଚିତ୍ର ଏହିପରି ଅଙ୍କିତ ହୋଇଛି -

" ଯତ୍ର ତ୍ ଷିପନ୍ତମୁଳ୍ମ୍ନ ମୂତ୍ଥାପୁକ ମଥାରୁଣମ୍
ବୁବୁଧୁର୍ବିବୁଧାଃ କ୍ରୋଧମାକ୍ରୋଶକ୍ରୋଶଘୋଷଣମ୍ ॥"

ମହାଯାତ୍ରାରେ ଠିକ୍ ଏହାର ଅନୁବାଦତୁଲ୍ୟ ପଦ ଦୃଷ୍ଟିଗୋଚର ହୁଏ । ଯଥା :-

" ଅକ୍ରୋଶେ ଗରଜି କ୍ରୋଧ ଆସେ କାମ ପଛେ,
ରକ୍ତଚକ୍ଷୁ ସତେ କି ସେ ଦହିବ ଜଗତ ।"

ନୈଷଧର କବି ସେହି କ୍ରୋଧର ଚିତ୍ରଣ ଅନ୍ୟ ଏକ ଶ୍ଳୋକରେ କରିଛନ୍ତି । ତାହା ଏହି ପ୍ରକାର -

" ବୈରାଗ୍ୟଂ ଯଃ କରୋତ୍କୈର୍ବୈରଞ୍ଜନଂ ଜନୟନ୍ନପି ।
ସୂତେସର୍ବେନ୍ଦ୍ରିୟାଚ୍ଛାଦ ପ୍ରଜ୍ୱଳନ୍ନପି ଯସ୍ତମଃ ॥ "

ମହାଯାତ୍ରାରେ ଏହା --

" ମହାଭୟଙ୍କର ବପୁ ରକ୍ତିମା ଜନ୍ମାଇ
ଉପୁଜାଏ ବିରକ୍ତି , ବହ୍ନି ଶିଖା ଜାଳି,
ଉପୁଜାଏ ତମଃ ଜ୍ଞାନ ବିବେକ ବିଲୋପୀ ।"

ଏହି ପ୍ରକାର ରୂପ ଧାରଣ କରିଛି ।

ଲୋଭମଧ୍ୟ ଚିତ୍ରିତ ହୋଇଛି -

" ହସ୍ତୌ ପ୍ରସାରୟନ୍ନିତ୍ୟେ ଋଭ୍ୟଦର୍ଦ୍ଧପଦସ୍ଥବାକ୍ ।
ସୂଚୟନ୍ କାକୁ ମାକୂତୈଃଲୋଭସ୍ତତ୍ରବ୍ୟଲୋକି ତୈଃ
ସ୍ୱାନ୍ ଦାସାନିବ ହା ନିଃସ୍ୱାନ୍ ବିକ୍ରୀଣିତେଽର୍ଥିବସ୍ତୁ ଯଃ"

ମହାଯାତ୍ରାର ଲୋଭ ଠିକ୍ ଏହିପରି । ଯଥା -

"କ୍ରୋଧ ପଛେ ଲୋଭ ସଦା ପ୍ରସାରିତ ପାଣି
ଭିକ୍ଷାଲାଗି କାକୁ ବାଣୀ ନିଇତେ ବଦନେ
ଅକାତରେ କନ୍ୟା କି ବା ବନିତା ଭଗିନୀ
ଦେବାକୁ ଧନିକେ ତୁଚ୍ଛ ଧନ ବିନିମୟେ ।"

ପୁନର୍ବାର କ୍ରୋଧ ବିଷୟରେନୈଷଧକାରକହିଛନ୍ତିଯେ-

" ଯଃ ସର୍ବେନ୍ଦ୍ରିୟସଦ୍ଭାଽପି ଜିହ୍ୱାଂ ବହ୍ୱବଲମ୍ବତେ ।
ତସ୍ୟାମାଗ୍ରୟଙ୍କ ଯାବଜ୍ଞାପଠବେ କଠବୈଽର୍ଜିତୁମ୍ "

ମହାଯାତ୍ରା ଠିକ୍ ଏହି ପଦମାନଙ୍କୁ ବିନିଯୋଗ କରିଛି-

" ସକଳ ଇନ୍ଦ୍ରିୟେ ସେହି କଲେହେଁ ବସତି
ଶ୍ରଦ୍ଧା ସମଧିକ ତା'ର ରସନା ନିବାସେ ।
ଗୋଡାନ୍ତି ସଙ୍ଗତେ ଯାଚ୍ଞାପଟୁ ବଟୁଦଳ " ॥

ଲୋଭର ପରିଚ୍ଚ୍ଯ ବର୍ଗଙ୍କ ବର୍ଣ୍ଣନା ମଧ୍ୟ ନୈଷଧରେ ଏପରି ଅଛି -

" ଦୈନ୍ୟସ୍ତୈନ୍ୟମମ୍ଭ୍ରା ନିତ୍ୟମତ୍ୟାଶାସମ୍ଭ୍ରାଦନଃ
ଭୁଞ୍ଜାନଜନାସାକୂତପଶ୍ୟା ଯସ୍ୟାନୁଜୀବିନଃ ।"

ମହାଯାତ୍ରାରେ -

' ଅତ୍ୟାହାରେ ଯୋଗୀ ପୁଣି ବେଗେ ଅତ୍ୟାହାସ ।"

ଏହାପରେ ଦେବତା ମାନେ ମୋହକୁ ଦେଖିଲେ । ତାହା ଏହିପରି -

" ପଥ୍ୟାଂ ତଥ୍ୟା ମଗୃହ୍ଣନ୍ତମହଂ ବନ୍ଧୁ ପ୍ରବୋଧନାତ୍
ଶୂନ୍ୟମାଶ୍ଳିଷ୍ୟ ନୋଜ୍ଝନ୍ତଂ ମୋହମୈକ୍ଷନ୍ତ ହନ୍ତ ତେ ।
ଶ୍ୱଃ ସ୍ୱପ୍ରାଣବ୍ୟୟେନାପି ନସ୍ମରନ୍ତ ସ୍ମରଦ୍ୱିଷମ୍ ।
ମଗ୍ନାଃ କୁଟୁମ୍ବକମ୍ବାଲେ ବାଳିଶା ଯଦୁପାସିନଃ ॥
ଜାଗ୍ରତାମପି ନିଦ୍ରାଂ ଯଃ ପଶ୍ୟତାମପି ଯୋଽନ୍ଧତା ।
ଶ୍ରୁତେ ସତ୍ୟପି ଜାଡ୍ୟଂ ଯଃ ପ୍ରକାଶେଽପି ତ ଯସ୍ତମଃ ।

ଏହି ଶ୍ଳୋକଗୁଡ଼ିକର ସୁନ୍ଦର ଭାବରେ ପ୍ରତିଫଳନ ମହାଯାତ୍ରାରେ କରାଯାଇଛି -

ଶୂନ୍ୟକୁ ଆକଟେ ଧରି ନିବିଡ଼ ଆଶ୍ଳେଷେ-
ଅଛେ ମୋହ , ଶିଷ୍ୟ ବ୍ୟୂହ ଆସନ୍ତି ସଙ୍ଗତେ ;
କୁଟୁମ୍ବ କମ୍ବାଳେ ମଗ୍ନ , କୁଣ୍ଠିତ ଯେ ସଦା
ଜୀବନ୍ତର କାଳେ ପୁଣ୍ଡା ଈଶ୍ୱର ସ୍ମରଣେ ।
ଶାସ୍ତ୍ର ଜ୍ଞାନ ସତ୍ତ୍ୱେ ଜଡ , ଅନ୍ଧ ଚକ୍ଷୁ ଥାଇ ।
ହେଲେ ହେଁ ଜାଗ୍ରତ ଗାଢ଼ ନିଦ୍ରା ଅଭିଭୂତ ।
ଦହନ୍ତି ହୁଅନ୍ତି ଆହା ମହା ଘୋର ତମେ
ଦୀପ ସତ୍ତ୍ୱେ ମମତାର ଦୁଶ୍ଛେଦ୍ୟ ବନ୍ଧନେ " ।

ପରିଶେଷରେ କଳିର ପରିଚାରକ କାମ ନୈଷଧୀୟ ତାନରେ ଜନତାକୁ ସମ୍ବୋଧନ କରନ୍ତି -

" କଃ ଶମଃ କ୍ରିୟତାଂ ପ୍ରାଜ୍ଞାଃ ପ୍ରିୟାପ୍ରାପ୍ତୌ ପରିଶ୍ରମଃ ।
ଭସ୍ମୀଭୂତସ୍ୟ ଦେହସ୍ୟ ପୁନରାଗମନଂ କୁତଃ ।

ମହାଯାତ୍ରାରେ ଉକ୍ତ ଶ୍ଳୋକର ଭାବକୁ ବିଶ୍ଳେଷଣ କରି କବି କାମର ପରିଚାରିକାମାନଙ୍କ ମୁଖରେ ଏହିପରି କହି ଅଛନ୍ତି -

"- - - ହେ ଯୁବାକୁଳ କ୍ଷଣ ମାତ୍ର ସ୍ଥାୟୀ
ଯୁବାକାଳ, ମଧୁକାଳ ଏହିଟି ଜୀବନେ,
ଏହା ଜାଣି ଆନେ ତେଜ ମଜି ପ୍ରେମ ରସେ ,
ପୂରିଅ ଭୋଗର ସ୍ପୃହା ପୁରୁଷ ଜୀବନେ
ପୁରୁଷାର୍ଥ ଏକା ସିନା ବାମା ଉପାସନା ।"

ଏହିପରି ମହାଯାତ୍ରାର ଅଧିକାଂଶ ସ୍ଥଳ ନୈଷଧ କବିଙ୍କ ଭାଷା , ଭାବ, ଶୈଳୀ ଆଦି ବିଭିନ୍ନ ବ୍ୟାପାରରେ ପ୍ରଭାବିତ ଓ ଉଦ୍‌ବୁଦ୍ଧ ହୋଇଛି ।

ରାଧାନାଥ ଛନ୍ଦେ ଛନ୍ଦେ ସେହି ମହିମାମୟୀ ଦେବବାଣୀର ସଂଗୀତ ନିଜ ଭାଷାରେ ଗାଇ ଶତ ରସାଳ ଓ ଗତିଶୀଳ ସଂସ୍କୃତ ସାହିତ୍ୟର ମହତ୍ତ୍ୱ ପ୍ରଖ୍ୟାପନ କରିବା ସଙ୍ଗେ ସଙ୍ଗେ ଦୁହିତୃସ୍ଥାନୀୟା ଉତ୍କଳଭାଷାର ସମ୍ମାନ, ଶକ୍ତି ଓ ଗାମ୍ଭୀର୍ଯ୍ୟ ଯେପରି ଅପ୍ରତିହତ ଓ ଅନବହେଳିତ ଭାବରେ ରକ୍ଷାକରି ପାରିଛନ୍ତି ତାହା ଅନ୍ୟତ୍ର ବିରଳ ।

ଅବଶ୍ୟ ରାଧାନାଥ ମୌଳିକତା - ସମ୍ପନ୍ନ ଓ ଓ୍ୱରଡ୍‌ସ୍‌ୱାର୍ଥ୍ ମେଘଶାଳିନୀ ପ୍ରତିଭା - ମଣ୍ଡିତ ରଚନାରେ ଜଣେ ମହାଭାରତୀୟ କବି ଓ ସ୍ରଷ୍ଟା ଭାବରେ ଚିର ନମସ୍ୟ । କିନ୍ତୁ ତାଙ୍କ କାବ୍ୟ ଭବନର ତୋରଣ ସ୍ୱରୂପା ମହାଯାତ୍ରା ଯେ ବିଭିନ୍ନ ପ୍ରସଙ୍ଗରେ ସଂସ୍କୃତ ସାହିତ୍ୟର ନିବିଡ ପ୍ରଭାବକୁ ଏଡ଼ି ପାରି ନାହିଁ ତାହା ଅତି ସ୍ପଷ୍ଟ ।

ଆଜିର ଓଡ଼ିଆ ସାହିତ୍ୟ ଯେପରି ନିରଙ୍କୁଶ ଭାବରେ ଗତି କରିବାରେ ଲାଗିଛି , ତାକୁ ହୁଏତ ଯୁଗବାଦୀମାନେ ଅଗ୍ରଗତି ବୋଲି କହି ପାରନ୍ତି । କିନ୍ତୁ ଏହା ଏକ ପ୍ରଣିଧାନର ବିଷୟ ଯେ ଯଦି ନିରବଚ୍ଛିନ୍ନ ଭାବରେ ଓଡ଼ିଆ ଭାଷା ଏହିପରି ସାହିତ୍ୟର ସୃଷ୍ଟି ଦ୍ୱାରା ପୁଷ୍ଟ ହୁଏ, ତେବେ ସେ ଆଜିର ଏହି ଆତ୍ମନିଷ୍ଠାବାଦୀ ଜନତାକୁ ଅଗ୍ରଗତିର

ସ୍ଥେତ ଦେଇ ପାରିବ ତ ? ଉତ୍କଟ୍ ଯୁଗୀୟ ଚିନ୍ତାର ବିଭ୍ରାଟ ସମାଧାନ କରି ବିଶ୍ୱ ଦରବାରରେ ନିଜର ଅସ୍ତିତ୍ୱ ଉଦ୍‌ଘୋଷିତ କରି ପାରିବ ତ ?

ବର୍ତ୍ତମାନ ଯୁଗରେ ଚିନ୍ତା ଯେପରି ଦ୍ରୁତଗତିରେ ଗୁଳିଛୁଟି ସେଇ ସୌର ସଙ୍କଟର ଅଭିମୁଖରେ । ବର୍ତ୍ତମାନ କଳା ଯେପରି ଅନ୍ତର୍ଣ୍ଣିତ ସଙ୍କେତର ବାହକ ଭାବରେ ସେଇ ଯାନ୍ତ୍ରିକତାର ଦ୍ୱାରସ୍ଥ ହୋଇ ନିଜର ଆଭିମୁଖ୍ୟ ପରିବର୍ତ୍ତନ କରୁଛି ତାକୁ ଉଦ୍‌ବୋଧନ ଜଣାଇ ତାର କୀର୍ତ୍ତି ଖ୍ୟାପନ କରି ଓଡ଼ିଆ ସାହିତ୍ୟ ଏ ସଭ୍ୟତା, ଏ ସଂସ୍କୃତିକୁ ନେଇ ସୃଷ୍ଟିର ପ୍ରଖର ପ୍ରବାହରେ ଆଗେଇ ପାରିବ ତ ?

ତେଣୁ ବର୍ତ୍ତମାନ ଦରକାର ଅଧ୍ୟାତ୍ମିକତା । ସାହିତ୍ୟ, ସଂସ୍କୃତି କଳା ପ୍ରଭୃତି ମାନବ ଜୀବନର ପ୍ରତିଫଳନପୀଠ ମାନଙ୍କରେ ଅଧ୍ୟାତ୍ମିକତାର ବିକାଶ ଓ ପ୍ରବର୍ତ୍ତନ ଅତ୍ୟନ୍ତ ବାଞ୍ଛନୀୟ । ଈଶ୍ୱରଙ୍କ ଆଶୀର୍ବାଦ ଏ ସଭ୍ୟତା ଉପରେ ଝରୁ । ପୂର୍ବର ସେହି ଆଧ୍ୟାତ୍ମ୍ୟ ସାହିତ୍ୟିକ ବ୍ୟାସ, କାଳିଦାସ, ଶ୍ରୀହର୍ଷଙ୍କ ଉଚ୍ଚ, ସବଳ ଆଦର୍ଶ ଅଜର ମନୋଜଗତରେ ଅନୁସୃତ ହେଉ । ଏ ସଭ୍ୟତା ଶାନ୍ତିର ପ୍ରତୀକ ହେଉ । ସଂସ୍କୃତି ପ୍ରତିଷ୍ଠିତ ମାନବିକତାର ସଙ୍କେତ ଗ୍ରହଣ କରୁ । ଜୟହିନ୍ଦ୍ ।

# ଚନ୍ଦ୍ରକାନ୍ତ

ଚୈତନ୍ୟ ପାଣିଗ୍ରାହୀ, ସାହିତ୍ୟାଚାର୍ଯ୍ୟ ଦ୍ୱିତୀୟ ବାର୍ଷିକ ଛାତ୍ର

ଏହି ପରିବର୍ତ୍ତନଶୀଳ ଦୁନିଆଁରେ ମନୁଷ୍ୟର ଯେ କେତେବେଳେ କି ପରିବର୍ତ୍ତନ ଆସେ ତାର ଇୟତ୍ତା ନାହିଁ । କାଳର କରାଳକବଳରେ ପଡି ମନୁଷ୍ୟ ଯେ କେଉଁପଥ ଅନ୍ୱେଷଣ କରିଥାଏ ତାହା ବିଚାର କଲେ କେବଳ ଗୋଟିଏ ପ୍ରହେଳିକାପରି ଜଣାପଡ଼େ । ଏପରି ପରିସ୍ଥିତିରେ ବି ବିଧାତା କରନ୍ତି ମନୁଷ୍ୟର ଭାଗ୍ୟ ନିୟନ୍ତ୍ରଣ ଓ ଦୋଷାଦୋଷ ବିଚାର ତାଙ୍କ ନିକଟରେ ନଥାଏ ବଡସାନ, ଗୁରୁଲଘୁ ଓ ପ୍ରିୟାପ୍ରୀତିତୋଷଣ । ସେ କେବଳ ତାଙ୍କର କଷଟିରେ କଷିଥାନ୍ତି ମନୁଷ୍ୟର ଜୀବନ-ଧାରାକୁ । ଏଣୁ ମନୁଷ୍ୟର ଏହା ଗୋଟିଏ ଜାଣିବା ବିଷୟ ଯେ, ଯେତେ ଝଡ଼ ଝଞ୍ଜାର ସମ୍ମୁଖୀନ ହେଲେମଧ୍ୟ ସୀମାଚ୍ୟୁତ ହେବା ନିତାନ୍ତ ଅବାଞ୍ଛନୀୟ । ତା' ହେଲେ ଭାଗ୍ୟ ବା ବିଧାତାଙ୍କର ପାଖରେ ନଥାଏ ତାର ଅଭିଯୋଗ ବା ଆପତ୍ତି ।

ଚନ୍ଦ୍ରକାନ୍ତର ବୟସ ପ୍ରାୟ ଏଗାର ବର୍ଷ, ପଢ଼େ ପଞ୍ଚମଶ୍ରେଣୀରେ । ସେ ଥାଏ ବାପାମାଆଙ୍କର ଓ ପାଖପଡ଼ୋଶୀଙ୍କର ସ୍ନେହର ପାତ୍ର । ଲୋକ ସମ୍ମୁଖରେ ଶୁଣାଯାଏ ତାର ଭୂରିଭୂରି ପ୍ରଶଂସା । ଚନ୍ଦ୍ରକାନ୍ତ ବାସ୍ତବରେ ତାର ଚରିତ୍ର ଓ ପଢ଼ା ପ୍ରତି ବିଶେଷ ଦୃଷ୍ଟି ଦେଇ ଚଳେ । ପୁଅର ଏମିତି ଗୁଣ ଦେଖି ସ୍ନେହମୟୀ ମାଆଙ୍କର ମନ ଆନନ୍ଦରେ ନାଚି ଉଠେ ଓ ଛାତି ହୁଏ କୁଣ୍ଢେ ମୋଟ । ଚନ୍ଦ୍ରକାନ୍ତ ପିତାମାତାଙ୍କ ସ୍ନେହରେ ଥାଏ ବନ୍ଧା । ସେ କେବଳ ଭାବେ ଦୁନିଆଁରେ ଯଦି ତାର କୌଣସି ଶ୍ରେଷ୍ଠ ବସ୍ତୁ ଥାଏ, ତାହା କେବଳ ବାପା ମା । ବାପାଙ୍କୁ ସେ ଟିକେ ଭୟ କରେ । କିନ୍ତୁ ମା'ଙ୍କ ପାଖରେ ତାର ନଥାଏ କିଛି ଭୟ । ମନରେ ତାର ଯାହାକିଛି ଥାଏ, ତା ସବୁ ମା'ଙ୍କ ପାଖରେ ସରଳ ଭାବରେ ପ୍ରକାଶ କରେ । ସ୍ନେହମୟୀ ଜନନୀଙ୍କ ବାତ୍ସଲ୍ୟ ସ୍ନେହରେ ସେ ହୋଇଥାଏ ଗୋଟିଏ ଦୁଗ୍ଧପୋଷ୍ୟ ଶିଶୁ । ଏପରିକି ଖାଇଲା ବେଳେ ସେ ମା'ଙ୍କ ବିନା ସାହାଯ୍ୟରେ ଖାଇ ପାରେନା । ଛୋଟ ଛୋଟ ଭଉଣୀ ଦୁଇଟି ଚନ୍ଦ୍ରକାନ୍ତର ଥାନ୍ତି ଖେଳଣାର ବସ୍ତୁ । ସେ ତାଙ୍କ ହସାଏ, କନ୍ଦାଏ, ପାଖରେ ବସାଇ ପାଠ ପଢାଏ ।

ଏହିପରି ଦିନପରେ ଦିନ ଗଡ଼ି ଚାଲିଥାଏ କିନ୍ତୁ ଚନ୍ଦ୍ରକାନ୍ତର ଏ ବାଲ୍ୟଚପଳତାକୁ ସହିପାରେନା ନିୟତି । ସେ କରେ ବ୍ୟଙ୍ଗ, ବିଦ୍ରୂପ, ଅଟ୍ଟହାସ । ସେଦିନ ଚାରିଟା ବେଳେ ଚନ୍ଦ୍ରକାନ୍ତ ସ୍କୁଲରୁ ଫେରି ସବୁଦିନ ପରି ଦୁଆର ମୁହଁରୁ ଡାକିଲା 'ମା' 'ମା' 'ମା' କିନ୍ତୁ ଏ କଅଣ, କାହିଁ ମା କଅଣ ଶୁଣୁନି ! ଅଭିମାନରେ ମୁହଁ ତାର ତମତମ ଓ ଆଖି ଛଳ ଛଳ ହୋଇ ଆସିଲାଣି । ପୁଣି ଡାକିଲା - ମା, ମା, ମା ସ୍ନେହମୟୀ ମା ଉତ୍ତର ଦେଲେ ଅତି କଷ୍ଟରେ --- ବାପା ଚନ୍ଦ୍ର ଆ । 'କି, ମା ! ତୁ ଏପରି କଅଣ କଥା କହୁଛୁ, ମୁଁ କେତେ ଡାକିଲିଣି, ତୁ ଶୁଣୁନୁ !' 'ନା ବାପା ତୁ ଭାତ ଖା । ମୋତେ ଭାରି ଜ୍ୱର ହୋଇଛି ।' ଚନ୍ଦ୍ରର ମୁହଁ ଶୁଖି ଆସିଲା । ତା ପେଟ ଭିତରଟା କଅଣ ହୋଇଗଲା । କହିଲା ନା ମୁଁ ଖାଇବିନି । ମୋତେ ଭୋକ ହେଉନି । ମାଙ୍କର ବହୁତ ଅନୁରୋଧରେ ଚନ୍ଦ୍ର ରାଜି ହେଲା ଏବଂ କହିଲା କିନ୍ତୁ ମା, ତୁ ମୋ ପାଖରେ ଟିକେ ବସିଲେ

ମୁଁ କେବେ ଖାଇବିନି । ସ୍ନେହମୟୀ ଜନନୀ ପୁତ୍ର ପ୍ରତି ବାତ୍ସଲ୍ୟ ମମତା ଏଡ଼ି ନ ପାରି, କଷ୍ଟେମଷ୍ଟେ ବାଧ୍ୟ ହୋଇ ଗଲେ ଖାଇବା ପାଖକୁ । ସେଠାରେ ବସି ପୁଅର ଖାଇବା ଲକ୍ଷ୍ୟକରି ତାଙ୍କ ଆଖିରୁ ଦୁଇ ଟୋପା ଲୁହ ଝରି ପଡ଼ିଲା । କହିଲେ "ଚନ୍ଦ୍ର ! ମୁଁ ଯଦି ଆଜି ଅକସ୍ମାତ୍ ମରିଯାଏଁ, ତୁ କିପରି ଚଳିବୁ ?" "ଏଁ, ମା, ତୁ ଏ କଅଣ କହୁଛୁ ? ମୁଁ ତୋତେ ମରିବାକୁ ଦେବିନି । ଏପରି କହିଲେ ମୁଁ ମୋଟେ-ଖାଇବିନି ।"

ଏଣେ ଚରଣ ବାବୁ ସ୍ତ୍ରୀଙ୍କର ଏପରି ଅକସ୍ମାତ୍ ଜ୍ୱର ଦେଖି ବଡ଼ ବିବ୍ରତ । ଚନ୍ଦ୍ର ମଧ୍ୟ ମାଙ୍କ ଜ୍ୱରରେ ବଡ଼ ମର୍ମାହତ । କ୍ରମେ କ୍ରମେ ଜ୍ୱର ବଢ଼ି ଚାଲିଥାଏ, ମୋଟେ କମିବାକୁ ନାହିଁ । ନାଚାର ହୋଇ ଚରଣ ବାବୁ ଗଲେ ଡାକ୍ତର ଡାକିବା ପାଇଁ । ଚନ୍ଦ୍ର କେବଳ ଦୁଇ ଭଉଣୀଙ୍କୁ ଶୁଆଇ ନିଜେ ମାଙ୍କ ପାଖରେ ଜଗି ରହିଥାଏ । ମାଙ୍କର ଏ ଅବସ୍ଥା ଦେଖି ତାକୁ ବଡ଼ କାନ୍ଦ ମାଡୁଥାଏ । ରାତି ନଅଟା ବେଳେ ଡାକ୍ତର ଆସି ପହଞ୍ଚିଲେ । ରୋଗୀକୁ ଦେଖି ସେ ଟିକେ ଗମ୍ଭୀର ହୋଇ ବସିଗଲେ । ଚରଣ ବାବୁ କହିଲେ "କଅଣ ବାବୁ, କିଛି କହୁନାହାନ୍ତି ? ଅବସ୍ଥା କିପରି ଦେଖିଲେ ?" "ନା କହିବି କଅଣ କି, ଏ ଜ୍ୱରଟି ବଡ଼ କଠିନ ଜ୍ୱର । ତେବେ ଔଷଧ ଦେଉଛି ନିଅ । ଆଜି ରାତି ବାରଟା ଅତିକ୍ରମ ହୋଇଗଲେ ରୋଗୀର ଆଉ କିଛି ହେବନି" । ଏହା କହି ଡାକ୍ତର ଚାଲିଗଲେ । ଯେତେ ଔଷଧ ଦେଲେ ମଧ୍ୟ ରୋଗୀର ଅବସ୍ଥା ବେଳକୁ ବେଳ ବଡ଼ ଉଦ୍‌ବେଗଜନକ ହୋଇ ପଡ଼ିଲା ।

ବାରଟା ବାଜିବାକୁ କିଛି ସମୟ ଥାଏ, ହଠାତ୍ ରୋଗିଣୀ ଗୋଟିଏ ଚିତ୍କାର କରି ଓ ପିଲେ କାହାନ୍ତି ବୋଲି ଖୋଜିଲା । ଚନ୍ଦ୍ର ପାଖରେ ବସିଥାଏ । କହିଲା 'ମା କଅଣ କହୁଛୁ ?' 'ସରୟୂ ଶାନ୍ତି କାହାନ୍ତି, ଉଠାଇ ମୋ ନିକଟକୁ ଆଣ ।' ଚନ୍ଦ୍ର ତାହା କରିବାକୁ ଟିକେ ହେଲେ କୁଣ୍ଠିତ ହେଲାନି । ସ୍ୱାମୀଙ୍କୁ ଲକ୍ଷ୍ୟକରି ସେ କହିଲା, "ମୋତେ ଟିକେ ଧର, ମୁଁ ଉଠି ବସିବି ।" ଉଠିବା ପରେ ରୋଗିଣୀ କହିଲେ, 'ଦେଖ, ମୋର ଶେଷ ସମୟ ଆସି ପହଞ୍ଚିଗଲା । ଆଉ ମୋର ବେଶୀ କିଛି କହିବାର ନାହିଁ । ତେବେ ଏତିକି କହୁଛି ଯେ, ଚନ୍ଦ୍ର ମୋର ଲାଗିଲା, ତୁମେ କେବେ ମୋ ଅନ୍ତେ ବିବାହ କରିବ ନାହିଁ । ବାପା ଚନ୍ଦ୍ର ! ମୋ ଲାଗି ଆଉ କାନ୍ଦିବୁନି । ହତଭାଗିନୀ ମା ତୋର ଏ ସଂସାରରୁ ଆଜି ବିଦାୟ ନେଉଛି । ଆ, ବାପା, ଶେଷଥର ପାଇଁ ଟିକେ ଦେଖେ । ଆଉ ସରୟୂ ଶାନ୍ତି ତୋତେ ଲାଗିଲେ" । ଏହା କହି ଝିଅ ଦୁହିଁଙ୍କ ହାତ ଚନ୍ଦ୍ରର ହାତ ଉପରେ ଦେଇ ଢଳି ପଡ଼ିଲେ - ଚରଣ ବାବୁଙ୍କ କାନ୍ଧ ଉପରେ ।

ମାଙ୍କ କଥା ମନେ ପଡ଼ିଲେ ଚନ୍ଦ୍ର ବଡ଼ ଅଧୀର ହୋଇପଡ଼େ । ସେ ନିଜକୁ ବଡ଼ ଅସହାୟ ମନେକରି, ମାଙ୍କର ସ୍ନେହ କଥା ଭାବି ଭାବି ପ୍ରାୟ ସବୁ ସମୟରେ କାନ୍ଦେ । କିନ୍ତୁ ଭଉଣୀ ମାନଙ୍କୁ ଚଳାଇବା ପାଇଁ ସେ ବଡ଼ ତତ୍ପର ଥାଏ । ଭଉଣୀ ମାନେ ଅଧିକାଂଶ ସମୟରେ ପ୍ରଶ୍ନ କରନ୍ତି, 'ନନା ! ମା କାହିଁ ?' କଅଣ କହି ତାଙ୍କୁ ସାନ୍ତ୍ୱନା ଦେବ ? ହୃଦୟ ତାର ସେତେବେଳେ ବିଦୀର୍ଣ୍ଣ ହୋଇଯାଏ । ମନ ଭିତରେ ସେ ଦୁଃଖକୁ ଚାପି ରଖି ଭଉଣୀ ମାନଙ୍କୁ ଏଣୁ ତେଣୁ ବିପଦ କଥା କହି ଦେଇଥାଏ ସାନ୍ତ୍ୱନା ।

ଅସୀମ କାଳର ପରମାଣୁ ପରି କଟି ଯାଇଛି ଗୋଟିଏ ବର୍ଷ । ନିଦ୍ରିତର କି ବିଚିତ୍ର ଗତି । ଚନ୍ଦ୍ରର କାନରେ ଅଟ୍ଟହାସ କରି ସେ କହେ 'ତୋ କାନ୍ଦର ବର୍ତ୍ତମାନ ଅଶ୍ରୁମାରମ୍ଭଃ । ଉହ ସମୟ ଆସିବ, କାନ୍ଦି କାନ୍ଦି ତୋର ଦିନ ସରିବନି । ସେତେବେଳେ କେହି ନଥିବେ ତୋର ରକ୍ଷକ । ଯାହାଙ୍କୁ ତୁ

ଦୁନିଆଁ ରେ ଭାବନ୍ତୁ ରକ୍ଷକ, ସେହି ଦିନେ ତୋର ହେବେ ଭକ୍ଷକ ।' ଏହା ପରେ ଦିନପରେ ଦିନ, ମାସପରେ ମାସ ହୋଇ ବିତ ଯାଇଛି ଦୁଇଟି ବର୍ଷ । କେତେଜଣ ହିତୈଷୀ ବନ୍ଧୁଙ୍କ ଅନୁରୋଧରେ ଚରଣ ବାବୁ କରିଛନ୍ତି ପୁନର୍ବିବାହ । ସାଧାରଣତଃ ଦୁନିଆଁ ରେ ବିମାତୃଭାବର ଯେଉଁ ଶାବପ୍ରକ୍ରିୟା ଦେଖାଯାଏ, ସେ ବର୍ତ୍ତମାନ ସାଧିତ ହେଉଛି ଚନ୍ଦ୍ର ଓ ଦୁଇ ନିରୀହା ବାଳିକାଙ୍କ ଉପରେ । ଚନ୍ଦ୍ର ଯଦିଚ କେତେଥର ବାପାଙ୍କ ପାଖରେ ଆପତ୍ତି କରିଛି, ଫଳ ଫଳିଛି ଓଲଟା । ଚନ୍ଦ୍ର କେବଳ ଭଗବାନଙ୍କ ଉପରେ ନିର୍ଭର କରି ଦୁଃଖ ଗୁଡିକୁ ସହିନିଏ ଗୋଟିଏ ପ୍ରସ୍ତର ନିର୍ମିତ ଶିବମୂର୍ତ୍ତି ପରି । କିନ୍ତୁ ଏତେ ବଡ ଝଡ-ଝଞ୍ଜାର ସମ୍ମୁଖୀନ ହୋଇ ସୁଦ୍ଧା ଚନ୍ଦ୍ର କେବେ ବିରତ ହୋଇନି ପାଠ-ପଢ଼ାରୁ କ୍ଳାସରେ ପ୍ରଥମ ହୋଇ ମାଇନରରେ ନେଇଛି ସ୍କଲର୍ସିପ୍ ।

ବିମାତା ଶୈଳବାଳା ଚନ୍ଦ୍ର ଉପରେ ହାତ ସାଫିବା ଭିତରେ ଭାଇମାନଙ୍କ ପରାମର୍ଶରେ ଘରର ସମ୍ପତ୍ତି କରନ୍ତି ହସ୍ତାନ୍ତର । ଚରଣ ବାବୁ ସ୍ତ୍ରୀ ଶୈଳବାଳାଙ୍କୁ ବଡ଼ ବିଶ୍ୱାସ କରନ୍ତି । କିନ୍ତୁ ଶୈଳବାଳା ସଂପତ୍ତି ଗୁଡ଼ିକୁ ନେଇ ରଖନ୍ତି ଭାଇଙ୍କ ଘରେ । ମାଙ୍କୁ ଯଦିଚ ଏ ବିଷୟ ନେଇ ଚନ୍ଦ୍ର କେତେଥର କହିଛି, ଫଳଫଳିଛି କେତେ ଗୁଡ଼ିଏ ଗାଳି ଓ କିଛି ବେତାଘାତ । ଚନ୍ଦ୍ର କଥା ଚରଣ ବାବୁ ମୋଟେ ବିଶ୍ୱାସ କରନ୍ତିନି । ଦିନେ ଚରଣ ବାବୁ ବାଲେଶ୍ୱର ଯାଇଛନ୍ତି । ଏହି ସମୟରେ ଶୈଳବାଳା ଭାଇଙ୍କ ଘରକୁ କିଛି ସଂପତ୍ତି ପଠାଉ ଥିବା ଅବସ୍ଥାରେ ଚନ୍ଦ୍ର ଦେଖି ତୀବ୍ର ପ୍ରତିବାଦ କରିଛି, କିନ୍ତୁ ବିମାତା କହିଛନ୍ତି 'ରହିରେ ଟୋକା ତୋ ମଜା ବୁଝି ଦେଉଛି ।' ଚରଣବାବୁ ଘରକୁ ଆସିଲାରୁ ଶୈଳବାଳା ଚନ୍ଦ୍ର ନାମରେ କେତେ ମିଛକଥା କହି ମୋ ବାପ ଘରକୁ ଯାଉଛି ବୋଲି କହିଲେ । ଚରଣ ବାବୁ କିଛି ନବୁଝି ଚନ୍ଦ୍ର ଉପରେ କଲେ ବେତାଘାତ ଓ ବାହାର କରିଦେଲେ ଘରୁ । ଚନ୍ଦ୍ର ଘରୁ ଆସିଲା ବେଳେ ପିତାମହ ଓ ସ୍ନେହମୟୀ ଜନନୀଙ୍କର ଶ୍ରୀପାଦ ତଳେ ନମସ୍କାର କରି ବାହାରି ଆସିଲା । ଆସିଲା ବେଳେ କହି ଆସିଲା ଦେଖ ବାପା ମୁଁ ଯଦି ଦୋଷୀ ହୋଇଥାଏଁ, ତେବେ ମୁଁ ଭୋଗ କରିବି ଏ ପାପର ପ୍ରାୟଶ୍ଚିତ୍ତ । ତା ନହେଲେ, ଯାହାକୁ ଆଜି ଘରୁ ତଡ଼ିଆ ଦେଇ ବାହାର କରି ଦେଉଛ ସେ ଦିନେ ହେବ ଚକ୍ରବର୍ତ୍ତୀ । କିନ୍ତୁ ମନେ ରଖ ବାପା ! ଏହି ମାଙ୍କ ଲାଗି ତୁମକୁ ଦିନେ ପଥର ଭିକାରୀ ହେବାକୁ ପଡ଼ିବ ଓ କାନ୍ଦୁ କାନ୍ଦୁ ଦିନ ସରିବନି ।

ଚନ୍ଦ୍ର ଘରୁ ବାହାରି ଆସି ଶେଷ ସ୍ଥିର କଲା ଯେ କରିବ ଆତ୍ମହତ୍ୟା । ଯେତେବେଳେ ଟ୍ରେନରେ ଆତ୍ମହତ୍ୟା କରିବାକୁ ଯାଇଛି, ସେତେବେଳେ ବିବେକ ତାର ବାଧା ଦେଇଛି ଓ ସେ ମନରେ ଭାବିଛି ଆତ୍ମହତ୍ୟା ମହାପାପ । ତେଣୁ ଆତ୍ମହତ୍ୟା ନକରି ଫେରି ଆସିଛି, ତାର କର୍ତ୍ତବ୍ୟ ପଥକୁ ।

ଦୀର୍ଘ ଗୁଡ଼ିଦିନ ଗୁଡ଼ିକ ବିତି ଯାଇଛି ଅନାହାରରେ । କେବଳ କଞ୍ଚା ତାଳଦଣ୍ଡା କେନାଲ ଜଳ ହୋଇଛି ଖାଦ୍ୟ ଓ ପାନୀୟ । ଉଠିବାକୁ ଆଉ ଶକ୍ତି ପାଉନି । ହଠାତ୍ ଜଣେ ସହୃଦୟ ବ୍ୟକ୍ତି ଦେଖାହୋଇ, ଚନ୍ଦ୍ର ଠାରୁ ସମସ୍ତ ବିଷୟ ପଚାରି ବୁଝି ତାକୁ ନେଇ ଗଲେ ତାଙ୍କ ଘରକୁ । ସେ ବାବୁ ହେଉଛନ୍ତି ଜଣେ ପୋଲିସ୍ ଏସ୍, ଆଇ । ତାଙ୍କସ୍ତ୍ରୀ ଚନ୍ଦ୍ରଠାରୁ ସମସ୍ତ ବିଷୟ ଜାଣି ବଡ଼ ଦୁଃଖି କଲେ ଓ କହିଲେ, "ରେ ପୁଅ ! ତୁ ପିଲାଙ୍କୁ ପାଠ ପଢ଼ାଇ ପାରିବୁ ?" "ହଁ ମା ମୁଁ ଚତୁର୍ଥ ପଞ୍ଚମ ଶ୍ରେଣୀ ପିଲାମାନଙ୍କୁ ପଢାଇ ପାରିବି ।" ତାଙ୍କର ପୁଅ ଦୁଇଟିଙ୍କୁ ଚନ୍ଦ୍ର କିଛି ପାଠ ପଢ଼ାଏ । ପୋଲିସ୍‌ଙ୍କ ସ୍ତ୍ରୀ ଚନ୍ଦ୍ରର ବ୍ୟବହାରରେ ବଡ଼ ସନ୍ତୁଷ୍ଟ ଥାନ୍ତି । ଦିନେ ଚନ୍ଦ୍ର କହିଲା, 'ମା ! ମୋର ଭାରି ଇଚ୍ଛା ହେଉଛି ପାଠ ପଢ଼ିବା

ପାଇଁ'। ମା କହୁଥିଲେ "ମୁଁ ମଧ୍ୟ ତୁମକୁ କହିବା ପାଇଁ ଆଗରୁ ସେ କଥା ଭାବିଥିଲି। ହଁ ତୁମେ ପଢ଼ ଆମେ କଷ୍ଟ ସାହାଯ୍ୟ କରିବୁ।" ଚନ୍ଦ୍ର ରେଭେନ୍ସା କଲେଜିଏଟ୍ ସ୍କୁଲରେ ପଢ଼ିଲା। ପୂର୍ବପରି କ୍ଲାସରେ ହେଉଛି ଫାଷ୍ଟ। ମ୍ୟାଟ୍ରିକ ପରୀକ୍ଷାରେ ଓଡ଼ିଶାରେ ହୋଇଛି ଫାଷ୍ଟ, ଆଉ ମଧ୍ୟ ନେଇଛି ଫାଷ୍ଟ ସ୍କଲସିପ୍।

ପୋଲିସ୍ ଏସ୍, ଆଇ, ବଡ ଆନନ୍ଦିତ ହୋଇଛନ୍ତି। କିନ୍ତୁ ଚନ୍ଦ୍ରକାନ୍ତର ମନରେ ଟିକେ ହେଲେ ନ ଥାଏ ଆନନ୍ଦ। ଭାବେ ଆଜି ଯଦି ମୋର ମା'ଥାନ୍ତେ, ସେ କେତେ ହୋଇଥାନ୍ତେ ଆନନ୍ଦ ଓ ପୂଜା ଥାନ୍ତେ ଦେବା ଦେବୀ। ଦୁଇ ଦିନ ପରେ ଭାବିଛି ଏ ଶୁଭ ଖବର ଯାଇ ବାପାଙ୍କୁ ଜଣାଇ ଦେବ ବୋଲି। ପୁଣି ଭାବିଛି ବାପାତ ମୋତେ ଘରୁ ବାହାର କରି ଦେଇଛନ୍ତି। ପୁଣି ଯିବି କିପରି? ହେଉ ସେ ତ ମୋର ବାପା, ପୁଣି ଯଦି ସେ ମାଡ଼ବେ ମାରନ୍ତୁ। କିନ୍ତୁ ପୂଜ୍ୟ ପିତାଙ୍କୁ ଏ ଶୁଭ-ଖବରଟା ନ ଜଣାଇ ରହି ପାରିବନି।

ହଠାତ୍ ଦିନେ ସକାଳେ ଚନ୍ଦ୍ରକାନ୍ତ ପିତାଙ୍କୁ ନିଜର ପାସ୍ ଖବର ଜଣାଇ ନମସ୍କାର କଲା। ପିତା ଡେରି ନକରି ସଙ୍ଗେସଙ୍ଗେ ଦେଇଥିଲେ ମୁଣ୍ଡଉପରେ ତାର ଦୁଇଟି ଗୋଇଠା। ଚନ୍ଦ୍ର କାନ୍ଦି କାନ୍ଦି ଫେରୁଥାଏ। ବାଟରେ ଦେଖାହେଲେ ସେହି ଗ୍ରାମର ଗଗନ ମିଶ୍ର। ପଚାରିଲେ ଚନ୍ଦ୍ର ତୁମେ ଫର୍ଷ୍ଟ ମ୍ୟାଟ୍ରିକରେ ନେଇଛ ସ୍କଲର୍ସିପ୍। ଚନ୍ଦ୍ର କହିଲା ହଁ। ଗଗନ ବାବୁ ଚାଲି ଗଲେ, ଚନ୍ଦ୍ର ଆସି ପଢ଼ିଛି ରେଭେନ୍ସା କଲେଜରେ।

ଦୁଇଦିନ ପରେ ଖବର କାଗଜରେ ବାହାରିଲା ଯେ ଚନ୍ଦ୍ରକାନ୍ତ ନାମରେ ଗୋଟିଏ ଶିକ୍ଷିତ ବାଳକ, ଯାଜପୁର ରୋଡ ଷ୍ଟେସନ୍ ରେଲ ଲାଇନ୍‌ରେ କରିଛି ଆତ୍ମହତ୍ୟା। ଏକଥା ଶୁଣି ଗ୍ରାମର ଲୋକମାନେ ବହୁତ ଦୁଃଖିତ ହେଲେ କିନ୍ତୁ ବାପାମାଙ୍କର ମହା ଆନନ୍ଦ ଯେ ଛୁଟି ଯାଇଛି ସବୁ କଳଙ୍କ।

କିଛିଦିନ ପରେ ସରଯୂକାନ୍ତଙ୍କର ଅବସ୍ଥା ହେଲା ଅତି ସାଙ୍ଘାତିକ, ବେଳକୁ ବେଳ ମାଡ ଗାଳି ହେଲା ସବୁଦିନିଆଁ କଥା। ପିଲା ଦୁଇଟି ନିଜକୁ ବଡ ଅସହାୟ ମନେ କରନ୍ତି। ଭାବନ୍ତି ଦୁନିଆଁରେ ବା ଆମର କିଏ ଅଛି। ଦୁନିଆଁରେ ଥିଲେ ଜଣେ ଆମର ବୋଲି, ଦୀର୍ଘ କେତେ ମାସ ହେବ ଟସତ ରେଲ ଲାଇନ୍ ତଳେ ହୋଇଛନ୍ତି ଅପେରନ୍ତା ରାଜ୍ୟର ଯାତ୍ରୀ। ଏହିପରି କେତେ କଅଣ ଭାବି କାନ୍ଦନ୍ତି। କିନ୍ତୁ ହଟିଆ ନିୟତି କରେ ବ୍ୟଙ୍ଗ୍ୟ ବିଦ୍ରୂପରେ ଅଟ୍ଟହାସ। ହଠାତ୍ ଦିନେ ବର୍ଷା ହେଉଛି, ରାତି ପ୍ରାୟ ଦଶଟା ହେବ। ବାପା ମା ପିଲା ଦୁଇଟିଙ୍କୁ ମାଡ ଦେଇ ଘରୁ ବାହାର କରିଦେଲେ। ଗ୍ରାମମୁଣ୍ଡର ବରଗଛ ମୂଳେ ନିରାଶ୍ରୟ ହୋଇ ବସି କାନ୍ଦୁଥାନ୍ତି। ମେଘ ଝିପିଝିପି ହେଉଥାଏ। ପିନ୍ଧିଥିବା ଲୁଗା ଦୁଇଖଣ୍ଡି ଭିଜି ଯାଇଛି ବର୍ଷା ପାଣିରେ। ଶୀତରେ ଥରଥର ପିଲା ଦୁଇଟି କାଠ ପାଲଟି ଯାଇଥିଲେ। ସେହି ସମୟରେ ଜଣେ ଭଦ୍ରବ୍ୟକ୍ତି ତାଙ୍କ ବନ୍ଧୁଙ୍କ ଘରକୁ ଯାଇଥିଲେ। ଜରୁରି କାମ ଥିବାରୁ ଫେରୁଥାନ୍ତି ନିଜ ଘରକୁ। ହଠାତ୍ ପିଲା ଦୁଇଟିଙ୍କୁ ଦେଖି ଚମକି ପଡ଼ିଲେ। ସବୁ ଘଟଣା ପଚାରି ବୁଝି, ଝିଅ ଦୁଇଟିଙ୍କୁ ତାଙ୍କ ଘରକୁ ନେଇଗଲେ। ଭଦ୍ର ବ୍ୟକ୍ତିଙ୍କର କୌଣସି ସନ୍ତାନ ନ ଥାନ୍ତି। ଏ ଦୁଇଟିଙ୍କୁ ନେଇ ନିଜର ଝିଅ ପରି ରଖିଲେ ଓ ଶିକ୍ଷାର ସୁବନ୍ଦୋବସ୍ତ କରିବାକୁ ମଧ୍ୟ ଟିକିଏ ହେଲେ ପଛାଇଲେ ନାହିଁ। ସେ ଭଦ୍ରବ୍ୟକ୍ତି ହେଉଛନ୍ତି କଟକ କଲେଜିଏଟ୍‌ରେ ଜଣେ ଷ୍ଟେନୋ। କଟକରେ ତାଙ୍କର ଗୋଟିଏ କୋଠା ଅଛି। ନିଜସ୍ତ୍ରୀ ଓ ଝିଅ ଦୁହିଙ୍କୁ ନେଇ ଦୁଇଦିନ ପରେ ଭଦ୍ରବ୍ୟକ୍ତି ଚାଲିଗଲେ କଟକ।

ଚନ୍ଦ୍ରକାନ୍ତ ଓ ତାର ବାଲ୍ୟସାଥୀ କୃଷ୍ଣକାନ୍ତ, ଦୁହେଁ କଟକରେ ଏକାଠି ପଢୁଥିଲେ। ଏମ୍,ଏସ୍,ସି

କୃତିତ୍ୱ ସହିତ କରିଛନ୍ତି ପାଶ୍ । ଦୁଇବନ୍ଧୁଙ୍କ ମଧ୍ୟରେ ଭୁଲେଣି ପଡିଛି ପୁଣି କଅଣ ପଡିବେ ! ଚନ୍ଦ୍ରକାନ୍ତ ଦିନେ କହିଲା ବନ୍ଧୁ ! ମୁଁ ଗୋଟିଏ ଉପାୟ ସ୍ଥିର କରିଛି । କୃଷ୍ଣାକାନ୍ତ କହିଲା-ବନ୍ଧୁ ! ତୁମେ କଅଣ ସ୍ଥିର କରିଛ ? ଚନ୍ଦ୍ର କହିଲା ମୁଁ ସ୍ଥିର କରିଛି ଯେ, ମୁଁ ଦେଉଛି ଆଇ, ଏ, ଏସ୍ ପରୀକ୍ଷା ଓ ତୁମେ ଦିଅ ଆଇ, ପି, ଏସ୍, ପରୀକ୍ଷା । କୃଷ୍ଣାକାନ୍ତ ମନକୁ କଥାଟା ଠିକ୍ ପାଇଛି । ଦୁଇବନ୍ଧୁ ଠିକ୍ ସେହିପରି କରିଛନ୍ତି ଓ ଶେଷରେ ମଧ୍ୟ ପୋଜିସନ୍ ସହିତ ପାସ୍ କରିଛନ୍ତି । ଚନ୍ଦ୍ରକାନ୍ତ ହୋଇଛନ୍ତି କଟକ ଜିଲା ମାଜିଷ୍ଟ୍ରେଟ୍ ଓ କୃଷ୍ଣକାନ୍ତ ହୋଇଛି ଆଇ,ଜି, ଅଫିସର ।

ଚନ୍ଦ୍ରକାନ୍ତ ଓ କୃଷ୍ଣାକାନ୍ତ ଯାଇଛନ୍ତି କଟକ ଚଣ୍ଡୀ । ଠିଆ ହୋଇଥିବାର ଦେଖିଲେ ଦୁଇଜଣ ଶିକ୍ଷିତା ବାଳିକା । ହଠାତ୍ ଚନ୍ଦ୍ରର ପେଟ ଭିତରଟା କଅଣ ହୋଇଗଲା । ତାର ମନେ ପଡିଗଲା ଠିକ୍ ସେହି ହତଭାଗିନୀ ଭଉଣୀ ଦୁଇଟିଙ୍କ କଥା । ଆଖିରୁ ଝରି ପଡିଲା- ତାରି ଦୁଇ ଟୋପା ଲୁହ । ଏ ବାଳିକା ଦୁଇଟି ଠିକ୍ ସେହି ସରଯୂ ଓ ଶାନ୍ତିଙ୍କ ପରି ଦେଖା ଯାଉଛନ୍ତି । ପୁଣି ଭାବିଲା, ନାଁ, ମୁଁ ମରୀଚିକା ପଛରେ ଧାଇଁଛି । ସେ ବା ଏଠାକୁ ଆସିବେ କିପରି ? ତାଙ୍କର ଏଡ଼େ ଭାଗ୍ୟ ହେବ କିପରି ? ତାଙ୍କରତ ଅବସ୍ଥା କିଅଣ ହୋଇଥିବ ତାର ଇୟତ୍ତା ନାହିଁ ।

ଦୁଇ ବନ୍ଧୁ ଚଣ୍ଡୀ ମନ୍ଦିରକୁ ଗଲେ । ବାଳିକା ଦୁଇଟିଙ୍କ ମଧ୍ୟରୁ ଜଣଟି ନିର୍ନିମେଷ ନୟନରେ ଚାହିଁ ରହିଥାଏ ଚନ୍ଦ୍ର ଆଡକୁ । ଆଉ ମଧ୍ୟ କାନ୍ଦୁଥାଏ କଇଁ କଇଁ ହୋଇ । ଅଥବା ବୁଢି ପଚାରିଲେ ତୁ କାନ୍ଦିଲୁ କାହିଁକି ଲୋ ଝିଅ ? କିନ୍ତୁ ସେ ଦେଲା ନାହିଁ ଉତ୍ତର । ଦୁଃଖଟିକୁ ଚାପିରଖି ଅନ୍ୟ କଥାର କହିଥିଲା ବାହାନା ସେଠାରୁ ଚଣ୍ଡୀଙ୍କୁ ଦର୍ଶନ କରି ବୁଢ଼ୀଙ୍କ ସହିତ ବାଳିକା ଦୁଇଟି ବାହାରିଲେ ଗୃହାଭିମୁଖେ । ଚନ୍ଦ୍ରକାନ୍ତ ଓ କୃଷ୍ଣାକାନ୍ତ ମଧ୍ୟ ବାହାରିଲେ ଘରକୁ । ବୁଢ଼ୀ ପଚାରିଲେ ଝିଅ ମୋରାଣ ସତ କହ, ତୁ ଆଜି କାନ୍ଦିଲୁ କାହିଁକି ? ହଁ ମା, ସେତେବେଳେ ଯେଉଁ ବାବୁ ଦୁଇଜଣ ଯାଉ ନ ଥିଲେ ମନ୍ଦିରକୁ ସେ ମଧ୍ୟରୁ ଜଣେ ଠିକ୍ ମୋ ନନାଙ୍କ ପରି ଦେଖା ଯାଉଥିଲେ । ନାହିଁ, ନନା ଆଉ କେଉଁଠୁ ଆସିବେ । ସେତ ରେଲ ତଳେ ଆତ୍ମହତ୍ୟା କରିଛନ୍ତି । ବୁଢ଼ୀ ପଚାରିଲେ ସେ କାହିଁକି ଆତ୍ମହତ୍ୟାକଲେ ? ନନା ମ୍ୟାଟ୍ରିକ୍ ପରୀକ୍ଷା ଦେଇ ଆସିଥିଲେ ବାପାଙ୍କପାଖକୁ ଶୁଭ ଖବର ଜଣାଇବା ପାଇଁ । କିନ୍ତୁ ବାପା ତାର ପ୍ରତିଦାନ ଦେଇ ଥିଲେ ମୁଣ୍ଡରେ ତାଙ୍କର ଦୁଇଟି ଗୋଇଠା । ତେଣୁ ସେ ଅପମାନରେ କଲେ ଆତ୍ମହତ୍ୟା । ବାଳିକାଟି ହୋ ହୋ ହୋଇ କାନ୍ଦି ପକାଇଲା । ବୁଢ଼ୀ ପଚାରିଲେ 'ତୋ ନନାଙ୍କ ନାମ କଅଣ ?' 'ମୋ ନନାଙ୍କ ନାମଥିଲା ଚନ୍ଦ୍ରକାନ୍ତ ମିଶ୍ର ।'

ଚନ୍ଦ୍ରକାନ୍ତ ବାହାରେ ଯାଉଥିଲେ ସତ, ମନଥାଏ ତାର ବାଳିକାଟି କଥାରେ । ଚନ୍ଦ୍ରକାନ୍ତ ନିଜର ନାମ ଶୁଣି ଚମକି ପଡ଼ିଲା ଓ ପାଖକୁ ଚାଲିଯାଇ ବୁଢ଼ୀଙ୍କୁ ପଚାରିଲା । ମାଉସି ! ତୁମ ଘର କେଉଁଠି ? ବୁଢ଼ୀ ଉତ୍ତର ଦେଲେ, ଆମ ଘର ବାଲେଶ୍ୱର ଜିଲ୍ଲା ହିଲୋଚନ ପୁର ଶାସନରେ । ମୋର ସ୍ୱାମୀ ଏ କଟକରେ ଚାକିରି କରୁଥିଲେ । ସେ ଆଜିକୁ ଚାରିମାସ ହେବ ଏ ଦୁନିଆଁରୁ ନେଇଛନ୍ତି ବିଦାୟ । ଚନ୍ଦ୍ର ପଚାରିଲା ମାଉସି ଏମାନେ କଅଣ ତୁମ ଝିଅ ? ବୁଢ଼ୀ କହିଲେ ନାହିଁ ବାପା, ଏ ଦୁଇଟି ଏ ଦୁନିଆଁରେ ହତଭାଗିନୀ । ବିମାତା ଓ ବାପାଙ୍କ ଯୋଗୁଁ ଏମାନଙ୍କର ଆଜି ଏ ଦୁର୍ଦ୍ଦଶା । ସରଯୂ ଓ ଶାନ୍ତି କଇଁ କଇଁ ହୋଇ କାନ୍ଦୁଥାନ୍ତି । ଚନ୍ଦ୍ରକାନ୍ତ ବାଳିକା ଦୁଇଟିଙ୍କୁ ପଚାରିଲା । 'ଆଚ୍ଛା ପିଲାଏ, ତୁମ ଘର କେଉଁଠି ଓ ତୁମ ବାପାଙ୍କ ନାମ କଅଣ ?' ସରଯୂ ଉତ୍ତର ଦେଲା, ଆମ ଘର ପରମେଷ୍ଠି ପୁର ଶାସନରେ ! ବାପାଙ୍କ ନାମ ଚରଣ ମିଶ୍ର ଓ ନନାଙ୍କ ନାମ ଚନ୍ଦ୍ରକାନ୍ତ ମିଶ୍ର ।' ଚନ୍ଦ୍ରକାନ୍ତ ଆଉ ଧୈର୍ଯ୍ୟଧରି ପାରିଲାନି । ହୋ ହୋ ହୋଇ କାନ୍ଦି ପକାଇଲା ଓ ଭଉଣୀ

ଦୁଇଟିଙ୍କୁ ପାଖକୁ ଅଡ଼ାଇ ଆଣି କହିଲା, ସରଯୂ ! ଶାନ୍ତ !! ଏ ହତଭାଗା ନନା ତୁମର ମରନି । ବଞ୍ଚି ରହିଛି, ଚିହ୍ନି ପାରୁନା । ଚନ୍ଦ୍ର ଅପେକ୍ଷା ନ କରି ଶୀଘ୍ର ବୃଦ୍ଧା ଓ ଦୁଇ ଭଉଣୀଙ୍କୁ ନେଇ କୃଷ୍ଣାକାନ୍ତ ସହିତ ଚାଲିଗଲା ଘରକୁ । ବୃଦ୍ଧାଙ୍କୁ କହିଲା ମାଉସୀ ! ତୁମେ ମୋର ଆଜିଠାରୁ ହେଲ ମା ! ମୋ ଜୀବନରେ ଯେତେ କିଛି ତୀର୍ଥ, ବ୍ରତ ତପସ୍ୟା ସବୁହିଁ ତୁମେ । କୃଷ୍ଣାକାନ୍ତ ବିଦାୟ ନେଇ ଚାଲିଗଲା ତାଙ୍କ ଘରକୁ । ତାଙ୍କ ଘରେ ଏକଥା ଶୁଣି ସମସ୍ତେ ମହା ଆନନ୍ଦ ।

ପରିବର୍ତ୍ତନଶୀଳ ଦୁନିଆଁରେ ସବୁକିଛି ପରିବର୍ତ୍ତନ ଘଟି ଯାଇଛି । କୃଷ୍ଣାକାନ୍ତର ଅନୁରୋଧରେ ତାର ଜଣେ ସମ୍ପର୍କୀୟା ଭଉଣୀକୁ ଚନ୍ଦ୍ର କରିଛି ବିବାହ । ସରଯୂ ଓ ଶାନ୍ତ ଦୁହେଁ ପଢୁଛନ୍ତି କଲେଜରେ । ହଠାତ୍ ଦିନେ ଚନ୍ଦ୍ରର ଟ୍ରାନ୍ସଫର ଅର୍ଡର ଆସିଛି ବାଲେଶ୍ୱରକୁ । ଚନ୍ଦ୍ରକାନ୍ତ ମାଜିଷ୍ଟ୍ରେଟ ରୂପେ କାର୍ଯ୍ୟଭାର ଗ୍ରହଣ କଲାର କିଛି ଦିନ ପରେ, ଦିନେ ଗୋଟିଏ ନିମନ୍ତ୍ରଣ କାର୍ଡ ପାଇଲା ଯେ ପରମେଷ୍ଠିପୁରରେ ଗୋଟିଏ ସଭାରେ ପ୍ରଧାନଅତିଥି ରୂପେ ଯୋଗ ଦେବା ପାଇଁ । କିନ୍ତୁ ଚନ୍ଦ୍ରର ଇଚ୍ଛା ନ ଥାଏ ସେଠାକୁ ଯିବା ପାଇଁ, ପରେ ଲୋକମାନଙ୍କର ପ୍ରବଳଅନୁରୋଧରେ ବାଧ୍ୟ ହେଲା ସଭାରେ ଯୋଗ ଦେବାପାଇଁ । ପରମେଷ୍ଠିପୁରକୁ ଯିବା ଦିନ ବାଟରେ ଦେଖିଲେ ଜୀର୍ଣ୍ଣ ଶୀର୍ଣ୍ଣ ସ୍ତ୍ରୀ ଲୋକଟିଏ ମଟର ଆଗରେ ଠିଆ ହୋଇ ମାଗୁଛି ପଇସା । ଡ୍ରାଇଭରକୁ କହିଲେ ମଟର ରଖିବା ପାଇଁ । ସ୍ତ୍ରୀ ଲୋକଟିକୁ ଚନ୍ଦ୍ରକାନ୍ତଙ୍କର ମନେ ହେଉଥାଏ ଚିହ୍ନିଲ-ପରି । ମାତ୍ର ଚିହ୍ନି ପାରୁ ନ ଥାନ୍ତି । ସ୍ତ୍ରୀ ଲୋକଟି ଠାରୁ ତା ନାମ, ତା ଘର ଓ ତା ସ୍ୱାମୀଙ୍କ ନାମ ପଚାରି ବୁଝି ଚିହ୍ନା ନ ଦେଇ ଡ୍ରାଇଭରକୁ କହିଲେ, ତୁମେ ଏହାଙ୍କୁ କାର୍‌ରେ ବସାଇ ବାଲେଶ୍ୱରକୁ ନେଇ ଯାଅ । ଚନ୍ଦ୍ରକାନ୍ତ ସେଠାରୁ ଆସିଲେ ପରମେଷ୍ଠିପୁରକୁ ।

କିଛି ସମୟ ପରେ ସଭାକାର୍ଯ୍ୟ ଆରମ୍ଭ ହେଲା । ସଭାଟିରେ ଗ୍ରାମ ତଥା ଆଖ ପାଖ ଦଶଖଣ୍ଡ ଗ୍ରାମରୁ ଲୋକମାନେ ଯୋଗ ଦେଇଛନ୍ତି । ଲୋକମାନେ ତାଙ୍କୁ ମୋଟେ ଚିହ୍ନିପାରୁ ନାହାନ୍ତି । ଚନ୍ଦ୍ର ଆଜି ଦୀର୍ଘ ଦିନ ପରେ ତାର ମାତୃଭୂମିରେ ପାଦ ଦେଇଛନ୍ତି । ମାତୃଭୂମିର ମୋହ ଆଜି ତାକୁ କେଉଁ ଏକ ଅଜଣା ରାଇଜକୁ ନେଇ ଯାଇଛି । ସେହି ଭାବପ୍ରବଣତାରେ ଆଖି ତାର ଛଳ ଛଳ ହୋଇ ପଡ଼ିଲା । କିନ୍ତୁ ସେ ଭାବପ୍ରବଣତାକୁ ଚାପି ରଖି ଗ୍ରାମର ଉନ୍ନତି ବିଷୟରେ ଦେଲା ସୁଦୀର୍ଘ ଭାଷଣ ।

ସେହି ସଭା ମଧ୍ୟରେ ବସିଥିଲେ ଗଗନ ମିଶ୍ର ଓ ଚରଣ ବାବୁ । ଗଗନ ବାବୁ କିଛି ସମୟ ଲକ୍ଷ୍ୟ କରି କହିଲେ, ଚରଣ ବାବୁ ଏହି ପ୍ରାୟ ଆମ ଚନ୍ଦ୍ର ହେବ । ଚରଣ ବାବୁ କହିଲେ, ଭାଇ ! ସେ କଥା ଆଉ ଭାବିଲେ କଅଣ ହେବ । କ୍ଷଣିକ ମୋହକୁ ଏଡ଼ି ନପାରି ଗୋଟାଏ ସାମାନ୍ୟ ସ୍ତ୍ରୀର ବୁଦ୍ଧିରେ ମୁଁ ଆଜି ଚନ୍ଦ୍ର ପରି ପୁଅକୁ ହରାଇ ବସିଛି । ହଜି ଥିବା ଧନ କଅଣ ଭାଇ ! କେବେ ମିଳେ । ଗଗନ ବାବୁ କହିଲେ ତେବେ ଟିକେ ଅପେକ୍ଷା କର । ନିକଟରେ ଥିବା ପୋଲିସ୍ ମାନଙ୍କଠାରୁ ଗଗନବାବୁ ବୁଝି ଆସି କହିଲେ 'ନା ଏ ସେହି ଆମ ଚନ୍ଦ୍ର ।'

ଚନ୍ଦ୍ର ଭାଷଣ ଦେଇ ସାରିବାପରେ ଚରଣବାବୁ ଯାଇ ହଠାତ୍ ଚନ୍ଦ୍ରକୁ କୁଣ୍ଢାଇ ପକାଇଲେ । କହିଲେ ଚନ୍ଦ୍ର ! ମୋତେ କ୍ଷମା ଦେବୁନି ? ସେତେବେଳେ ବାପ ପୁଅ ଦୁଇଜଣଙ୍କର ଆଖି ଲୁହରେ ଭର୍ତ୍ତି । ବାପ ପୁଅ ପରସ୍ପର ମଧ୍ୟରେ କୁଣ୍ଢାକୁଣ୍ଢି ହୋଇ କାନ୍ଦୁଥାନ୍ତି । ଗ୍ରାମଲୋକମାନେ ଚନ୍ଦ୍ରକୁ ପାଇ ମହା ଆନନ୍ଦ । ସଭାକାର୍ଯ୍ୟ ଶେଷପରେ ଚନ୍ଦ୍ରକାନ୍ତ ଡେରି ନ କରି ବାପାଙ୍କୁ ନେଇଗଲା ବାଲେଶ୍ୱର । ଚନ୍ଦ୍ରକାନ୍ତ ନେଇ ଘରେ ସମସ୍ତଙ୍କୁ ଚିହ୍ନାଇଦେଲା । ଏବଂ ନିଜର ସ୍ତ୍ରୀଙ୍କୁ କହିଲେ ଆରେ ନମସ୍କାର କର । ବାପା ! ଏହାଙ୍କୁ ପ୍ରାୟ ଆପଣ ଚିହ୍ନିପାରୁ ନଥିବେ ! ନାଁ ମୁଁ ଏହାଙ୍କୁ ଚିହ୍ନି ପାରୁନି । ଚନ୍ଦ୍ରକାନ୍ତ କହିଲା ଏ ହେଉଛନ୍ତି ଆପଣଙ୍କ କୁଳବଧୂ । କୃଷ୍ଣାକାନ୍ତ ମଧ୍ୟ ସେଦିନ କଟକରୁ ଆସିଥିଲେ । କୃଷ୍ଣାକାନ୍ତ ଆସି ନମସ୍କାର କଲେ ।

କୃଷ୍ଣକାନ୍ତଙ୍କୁ ଦେଖାଇ ଦେଇ ଚନ୍ଦ୍ର କହିଲା, ବାପା ! ଏ ହେଉଛନ୍ତି ମୋର ଜଣେ ଅତି ଅନ୍ତରଙ୍ଗ ବନ୍ଧୁ ।

କିଛି ସମୟ ପରେ ସରଜୁ ଓ ଶାନ୍ତି ଆସି ନମସ୍କାର କଲେ । ଚରଣ ବାବୁ ସ୍ନେହପୂର୍ଣ୍ଣ ହୃଦୟ, ଲୋତକ ଭରା ନୟନରେ କହିଲେ ଝିଅ ଦୁହିଁଙ୍କୁ । ମା , ଏ ହତଭାଗ୍ୟ ବାପାକୁ ତୁମେ କ୍ଷମା ଦେବନି ? ଝିଅ ଦୁହେଁ କହିଁ କହିଁ ହୋଇ କାନ୍ଦୁଥାନ୍ତି । ଚରଣ ବାବୁ କହିଲେ , ଦେଖ ଚନ୍ଦ୍ର ! ମୁଁ ତୋର ପିତା ନୁହେଁ ଗୋଟିଏ ନୃଶଂସ ପୁତ୍ରହନ୍ତା । ଆଜ ଏ ପୁତ୍ରହନ୍ତା ପିତାକୁ ତୋର କ୍ଷମା ଦେ ବାପା । ଚନ୍ଦ୍ର କହିଲା , ନା ; ବାପା ! ମୁଁ ଆପଣଙ୍କୁ କ୍ଷମା ଦେଇ ପାରିବି ନି । ଆପଣଙ୍କୁ ଏ ଦୋଷର ଦେବି ଗୋଟିଏ କଠୋର ଶାସ୍ତି । ଶାସ୍ତିଟି ଗ୍ରହଣ କରିବା ପାଇଁ ପ୍ରସ୍ତୁତ ହୁଅନ୍ତୁ ? ଚରଣ ବାବୁ କହିଲେ, ହଁ, ଚନ୍ଦ୍ର ! ମୁଁ ଦୋଷୀ, ମୋତେ ଶାସ୍ତି ଦେ, ଅକୁଣ୍ଠିତ ଚିତ୍ତରେ ମୁଁ ତାହା ଗ୍ରହଣ କରିବି । ଚନ୍ଦ୍ରକାନ୍ତ କହିଲା ତେବେ ଆପଣ ଆଖି ବୁଜନ୍ତୁ । ମୋତେ ଚାହିଁବେନି ! ଚରଣ ବାବୁ ଅଖି ବୁଜିଲେ । ଚନ୍ଦ୍ରକାନ୍ତ ନିଜ ପାଖରେ ଥିବା ଭିକମଗା ସ୍ତ୍ରୀଟିର ହାତଟିକୁ ଆଣି, ଚରଣ ବାବୁଙ୍କ ହାତରେ ଦେଇ କହିଲେ, ବାପା ! ଆଖି ଖୋଲନ୍ତୁ । ଚରଣ ବାବୁ ଆଗକୁ ଚାହିଁ କହି ଉଠିଲେ ଆରେ ଶୈଳବାଳା !

# ସଂସ୍କୃତଶିକ୍ଷା

ଅଧ୍ୟାପକ ଶ୍ରୀ ଚିନ୍ତାମଣି ମିଶ୍ର ଶର୍ମା, ଓଡ଼ିଶାସଂସ୍କୃତକାଉନ୍‌ସିଲସଭ୍ୟଃ

ଅଧୁନା ପୃଥିବ୍ୟାଂ ସମୁନ୍ନତଦେଶା ଆଧିଭୌତିକବାଦନିରତା ଇବ ପରିଲକ୍ଷ୍ୟନ୍ତେ । ବୈଜ୍ଞାନିକାସ୍ତ ତତ୍ତଦ୍ଦେଶସ୍ଥାଃ କିମପି ନବଂ ନବଂ ବସ୍ତୁଜାତମନୁଦିନଂ ସୃଜନ୍ତତରାମ୍ ।

ସ୍ୱତନ୍ତ୍ରତାପ୍ରାପ୍ତେରନନ୍ତରମସ୍ମାକଂ ଭାରତବର୍ଷେଽପି ସ୍ୱଦେଶସ୍ୟ ସର୍ବାତ୍ମନା ସମୁନ୍ନତିଂ କାମୟମାନେନ ଭାରତଶାସନେନ ଦେଶାନ୍ତରସରଣୀମନୁକୃତ୍ୟୈବ ପ୍ରବର୍ତ୍ତିମାନେନ ଜଡ଼ବିଜ୍ଞାନପ୍ରସାରାନୁରୂପାଂ ଶିକ୍ଷା ପଦ୍ଧତିଂ ସର୍ବତ୍ର ବିଶ୍ୱବିଦ୍ୟାଳୟେଷୁ ପ୍ରବେଶୟିତୁଂ ପ୍ରଯତ୍ୟତେ । ଏତାଦୃଶେ ଶିକ୍ଷାକ୍ରମେ ପ୍ରଚଳତି ପ୍ରତିବର୍ଷଂ ବହୁଶଃ ସ୍ନାତକା ଜଡ଼ବିଜ୍ଞାନମଧିକୃତ୍ୟ ପୁରସ୍କୃତା ଦେଶକଲ୍ୟାଣମାକଳୟନ୍ତ ଇବ ଦୃଶ୍ୟନ୍ତେ । ସତ୍ୟମେତଦ୍ ଦୃଢ଼ତରଂ ଯତ୍ର ଜଡ଼ବିଜ୍ଞାନବଳେନୈବ ଭାରତଧରଣୀ ଦେଶାନ୍ତରୈଃ ସହ ସମାନମାସନଂ ଲଭେତ ପୃଥ୍ୱୀତଳେ । ତତ୍‌ସାହାଯ୍ୟେନ ଚ କଳାକୌଶଳଂ ସଂବର୍ଦ୍ଧୟନ୍ତୀ ଭାରତୀୟସଂସ୍କୃତିଃ ସମୁନ୍ନତିଂ ପ୍ରାପ୍ସ୍ୟତି । ସର୍ବତ୍ର ସର୍ବେ ସ୍ୱୀୟସଂସ୍କୃତିପରମ୍ପରାସଂରକ୍ଷଣେ ଦତ୍ତାବଧାନା ବର୍ତ୍ତନ୍ତେ । ପରନ୍ତୁ ଭାରତୀୟ ସଂସ୍କୃତିପରମ୍ପରାୟା ଅସ୍ତି କିଞ୍ଚିଦପରଂ ବୈଶିଷ୍ଟ୍ୟଂ ଯନ୍ନାମ କୀର୍ତ୍ତୟନ୍ତି ଶିଷ୍ଟା 'ଆଧ୍ୟାତ୍ମିକତା' ଇତି । ସ ହ୍ୟଧ୍ୟାତ୍ମବାଦୋ ଭାରତୀୟସଂସ୍କୃତେରାଦିକନ୍ଦମିତି ରାଦ୍ଧାନ୍ତୋ ବିପଶ୍ଚିଦପଶ୍ଚିମାନାମ୍ । ଉପନିଷତ୍‌ପର୍ଯ୍ୟାଲୋଚନତଃ ସ୍ପଷ୍ଟଂ ପ୍ରତୀୟତେ ଯଦଧ୍ୟାତ୍ମବିଜ୍ଞାନମନ୍ତରା ମାନବଜନେଃ ସାର୍ଥକତା ନାସ୍ତି । ଅତଃ ଗୁରୁଶିଷ୍ୟସଂବାଦରୂପଃ ଶିକ୍ଷାକ୍ରମଃ ଅଧ୍ୟାତ୍ମମାର୍ଗପ୍ରଦର୍ଶକ ଉପନିଷତ୍ସୁ ଦୃଷ୍ଟିପଥମୁପଯାତି । "ଅରେ ଆତ୍ମା ଦ୍ରଷ୍ଟବ୍ୟ" ଇତ୍ୟାଦୀନି ବାକ୍ୟକଦମ୍ବକାନି ସର୍ବଥା ଲୋକହିତାୟ ସମାଜମଙ୍ଗଳମିଚ୍ଛତାଂ ମହର୍ଷୀଣାଂ ମୁଖନିଃସୃତାନି ଉପଲଭ୍ୟନ୍ତେ । ଅଧ୍ୟାତ୍ମବିଜ୍ଞାନେନ ସର୍ବତ୍ର ସମଂ ପଶ୍ୟନ୍ ମାନବଃ ସମାଜଂ ସମ୍ପ୍ରକୁର୍ବନ୍ ସର୍ବୈଃ ସହ ମୈତ୍ରୀମୁପାର୍ଜୟିତୁଂ କ୍ଷମୋଭବେତ୍ । ଏତଦର୍ଥମେବ ସଂସ୍କୃତିଧର୍ମ୍ମୟମୂଳସ୍ୟ ଋଗ୍‌ବେଦସ୍ୟାନ୍ତିମା ସୂକ୍ତିଃ "ସମାନୀ ବଃ ଆକୂତିଃ ସମାନମସ୍ତୁ ନୋ ମନଃ" ଇତ୍ୟାଦିକା । ଆଧିଭୌତିକବିଜ୍ଞାନଭିତ୍ତାବେବାଧ୍ୟାତ୍ମବିଜ୍ଞାନଂ ସୁଦୃଢ଼ଂ ସମସ୍ତି । ଏତଦର୍ଥଂ ସମାଜ ନିୟନ୍ତ୍ରଣକ୍ଷମତସ୍ୱରୂପଂ ଧର୍ମଂ ପ୍ରତିପଦଂ ସଂଗିରନ୍ତେ ମନ୍ୱାଦିଧର୍ମଶାସ୍ତ୍ରାଣି ।

ଇତ୍ଥଂ ସ୍ନେହମୈତ୍ରୀପଥଂ ପ୍ରଦର୍ଶୟନ୍ତୀ ଭାରତୀୟସଂସ୍କୃତିର୍ମାନବୀୟସଂସ୍କୃତିରୂପାଽନ୍ୟାସାଂ ସଂସ୍କୃତୀନାଂ ସମାଶ୍ରୟଣଦାତ୍ରୀବ ବିଭାତି । ଭାରତୀୟସଂସ୍କୃତିପରମ୍ପରାପରିଜ୍ଞାନାୟ ସଂସ୍କୃତବାଙ୍ମୟମବଶ୍ୟମଧ୍ୟେୟମିତି ନିର୍ବିବାଦମ୍ । ସା ଚ ସଂସ୍କୃତଭାରତୀ ସର୍ବଭାଷାଜନନୀତି ବିପଶ୍ଚିଦ୍‌ଗୋଷ୍ଠୀଗରିଷ୍ଠା ଆମନନ୍ତି । ଅସ୍ୟାଃ ପରିପ୍ରଚାରାୟ ସଂସ୍କୃତବିଶ୍ୱପରିଷତ୍ କାମଂ ଯତତେ । ବିଜ୍ଞାନସମ୍ମତା ସମୁନ୍ନତା ଚେୟଂ ତୁଳନାତ୍ମକଭାଷାବିଜ୍ଞାନଜୀବାତୁରିତି ଭାଷାତତ୍ତ୍ୱବିଦାଂ ବିମର୍ଶଃ । ସଂସ୍କାରସମୃଦ୍ଧିଂ ପ୍ରାପିତା ଦୈବୀ ବାଗିତି ଖ୍ୟାତିମୁପଗତାଽପୀୟଂ ଭାରତଶାସନଭାଷେତି ଯାଜ୍ଞବଲ୍କ୍ୟବ୍ୟବହାରାଧ୍ୟାୟତୋ ବିଜ୍ଞାୟତେ । କୃପାସିନ୍ଧୁମିଶ୍ରବିରଚିତୋତ୍କଳେତିହାସତୋଽବସୀୟତେ ଯଦୁତ୍କଳାନାଂ ରାଷ୍ଟ୍ରଭାଷାପି ଗୀର୍ବାଣବାଣୀ ଜାତା । ମହମ୍ମଦପଥାଗତାନାଂ ଶାସନକାଳେଽସ୍ୟାଃ ସଂସ୍କୃତଭାଷାୟା ଅନାଦରଣମାରବ୍ଧମ୍ । ପ୍ରାଚୀନସଂସ୍କୃତଗ୍ରନ୍ଥରାଜିରପି ଭାରତୀୟମହତ୍ତ୍ୱ 'ବିଧ୍ୱଂସିନାଉରଙ୍ଗଜେବେନ ଭସ୍ମସାତ୍ କାରିତା । ଆଙ୍ଗ୍ଳାନାଂ ଶାସନକାଳେ ସଂସ୍କୃତଶିକ୍ଷା-

ସରଣୀ ରୂପାନ୍ତରଂ ପ୍ରାପିତା । ତେ ତୁ ଭାରତୀୟସଂସ୍କୃତିଂ ସମୂଲମୁନ୍ମୂଲୟିତୁଂ କୃତପ୍ରଯତ୍ନା ଜାତାଃ । ଅତୋ ଭାରତପ୍ରାଣଭୂତାଂ ସୁରଗବୀଂ ସ୍ୱମାତୃଭାଷୟାନୂଦ୍ୟ ଭାରତୀୟବିଶ୍ୱବିଦ୍ୟାଳୟେଷ୍ୱପି ତାନାଙ୍ଗ୍ଲଭାଷାନୁବାଦିତାନ୍ ଗ୍ରନ୍ଥାନ୍ ପାଠ୍ୟକ୍ରମେ ସନ୍ନିବେଶିତବନ୍ତଃ । ତୈଃ ସଂସ୍କୃତପାଠନପ୍ରଣାଳୀ ଚ ଶନୈଃ ଶନୈରଦୂଷି । ଏବଞ୍ଚ ପ୍ରୋକ୍ତବିଶ୍ୱବିଦ୍ୟାଳୟନିର୍ଦ୍ଧାରିତପାଠ୍ୟକ୍ରମାନୁସାରଂ ପରୀକ୍ଷୋତ୍ତୀର୍ଣ୍ଣାନାଂ ବିଦୁଷାଂ ହସ୍ତେ ସଂସ୍କୃତଶିକ୍ଷା ନିୟନ୍ତ୍ରଣମାପତିତମ୍ । ତେନ ଚ ସଂସ୍କୃତଶିକ୍ଷାପରମ୍ପରା ପ୍ରାୟେଣ ବିଲୟଂ ପ୍ରାପିତା । ନହ୍ୟନୁବାଦିତବାକ୍ୟାନି ମୌଳାର୍ଥଂ ପ୍ରତିପାଦୟିତୁଂ କ୍ଷମନ୍ତେ । ଅତତା ମହାତ୍ମନା ଗାନ୍ଧିନା ସମୁଦ୍ଧୀରିତଂ ଯଦ୍ ଗାୟତ୍ରୀମନ୍ତ୍ରସ୍ୟାର୍ଥଃ କଥମପ୍ୟନୁବାଦ୍ୟୋ ଭବତୁ ନାମ, ପରନ୍ତୁ ତସ୍ୟ ଯଚ୍ଛନ୍ଦସ୍ତଦନୁବାଦଂ କୋ ନାମ କର୍ତ୍ତୁଂ କ୍ଷମଃ ?

ଇତ୍ଥଂ ସଂସ୍କୃତଶିକ୍ଷାଦଶାୟାଂ ସ୍ୱାଧୀନତାପ୍ରାପ୍ତ୍ୟନନ୍ତରଂ ଭାରତଶାସନେନ ପ୍ରତିପ୍ରଦେଶଂ ସଂସ୍କୃତଶିକ୍ଷାୟାଃ ସାଂପ୍ରତିକାବସ୍ଥିତିଜ୍ଞାନାୟ ଏକ ଆୟୋଗୋ ନିୟୋଜିତଃ । ସୋଽପି ସମଗ୍ରେ ଭାରତବର୍ଷେ ଭ୍ରାମଂ ଭ୍ରାମଂ ଦର୍ଶଂ ଦର୍ଶଂ ପ୍ରତିପ୍ରଦେଶଂ ସଂସ୍କୃତାଧ୍ୟୟନପଦ୍ଧତିଂ, ସାକ୍ଷ୍ୟଦ୍ୱାରେଣାଲେଖ୍ୟ ବିଜ୍ଞାନାମଭିମତମ୍, ଅନୁଭୂୟ ଚ ସଂସ୍କୃତଶିକ୍ଷାପରମ୍ପରାୟା ଅତ୍ୟାବଶ୍ୟକତ୍ୱଂ ତତ୍ପରିପ୍ରଗ୍ରହାନୁକୂଲଂ ସ୍ୱମତପୁରଃସରମୁଦନ୍ତଜାତଂ ଭାରତଶାସନପୁରତଃ ସମୁପସ୍ଥାପିତବାନ୍ । ହା ହନ୍ତ ! ଏତାବନ୍ତମପି କାଳଂ ତନ୍ମତନିଗ୍ରହଣାନୁମୋଦନବିଷୟେ ନ କମପି ନିରଧାରି ଭାରତଶାସନେନ । ଭାରତ ସଂବିଧାନସମ୍ମତାୟା ହିନ୍ଦୀଭାଷାୟା ଭାରତୀୟାନାଂ ଭାବବସ୍ତୁହ୍ୱଷା ନିବନ୍ଧେନ ପ୍ରଦେଶନିର୍ବିଶେଷଂ ମାଧ୍ୟମିକଶିକ୍ଷାକ୍ରମେ ହିନ୍ଦୀଭାଷାୟାଃ ସଂପ୍ରବେଶେନ ତଥା କତିବିଜ୍ଞାନଜ୍ଞାନାୟାଙ୍ଗ୍ଲଭାଷାୟାସ୍ତତ୍ରାପି ସଂନିବେଶନେନ ସଂସ୍କୃତଶିକ୍ଷାଂ ତତୋ ବହିଷ୍କର୍ତ୍ତୁଂ ମତମୁପାଦଦତେ ବହୁଶୋଽସ୍ମଦୀୟା ବିଜ୍ଞାଃ ।

ଇମାଂ ଦଶାଂ ସଂପ୍ରାପିତାୟାଂ ସଂସ୍କୃତଶିକ୍ଷାୟାଂ କତିଷୁ ପ୍ରଦେଶେଷୁ ନୂତନଃ ସଂସ୍କୃତଶିକ୍ଷାପାଠ୍ୟକ୍ରମୋ ବ୍ୟଧାୟି ସ୍ୱଜନଭୂମେଃ ସଂସ୍କୃତସଂରକ୍ଷଣଦତ୍ତସ୍ୱାନ୍ତୈଃ । ଉତ୍କଳସଂସ୍କୃତସମିତିରପି ନୂତନଂ ପାଠ୍ୟକ୍ରମଂ ପରିଗୃହ୍ୟ ସମୟାନୁରୂପଂ, ଯତ୍ର କ୍ରମେ ପ୍ରଥମମଧ୍ୟମପରୀକ୍ଷୟୋଃ ଯଥାକ୍ରମଂ ମାଇନର୍ - ମ୍ୟାଟ୍ରିକ୍ୟୁଲେସନ୍ ପରୀକ୍ଷାର୍ଥଂ ନିର୍ଦ୍ଧାରିତାନାଂ ବିଷୟାଣାଂ ସାକଲ୍ୟେନ ସନ୍ନିବେଶନଂ ବିଦ୍ୟତେ । ପରନ୍ତୁ ପ୍ରୋକ୍ତସମିତିନିର୍ଦ୍ଧାରିତପରୀକ୍ଷୋତ୍ତୀର୍ଣ୍ଣାନାଂ କୃତେ ସମାଜେ ସମୁଚିତସ୍ଥାନଲାଭଂ ବିଲୋକ୍ୟ ନ ସ୍ପୃହୟନ୍ତି ସଂସ୍କୃତବିଦ୍ୟାଳୟାୟ ବାଳାନାମଭିଭାବକାଃ । ଅତଃ ସଂସ୍କୃତବିଦ୍ୟାଳୟେଷୁ ଛାତ୍ରସଂଖ୍ୟାନୁଦିନଂ ହ୍ରାସମୁପଯାତି । କେଚନ କୋବିଦାଃ କଥୟନ୍ତି ଯଦ୍ ଯଦି ନାମ ସଂସ୍କୃତାଧ୍ୟାୟିନାଂ କୃତେ ମାଧ୍ୟମିକଶିକ୍ଷାକ୍ରମାନୁସରଣଂ ତଦା ସଂସ୍କୃତବିଦ୍ୟାଳୟାନାଂ ପୃଥକ୍ତୟା ସଂସ୍ଥାପନମସାଂପ୍ରତମ୍ । ଏଷାଂ ପରିତୋଷାୟ ପ୍ରାଚୀନ ସଂସ୍କୃତଶିକ୍ଷାକ୍ରମାଦରେ ଉପରେଷାଂ ସୁଧୀବର୍ଗାଣାଂ ନାସାକୁଞ୍ଚନଂ ଯତ୍ ସଂସ୍କୃତାଧ୍ୟାୟିନାଂ କେବଳମେକ ଦେଶିଜ୍ଞାନମିତି । ଏବଂ ହି "ଉଭୟତସ୍ପାଶାରଜ୍ଜୁଃ" ସଂସ୍କୃତଶିକ୍ଷା ଗଳେସ୍ଥା ବର୍ତ୍ତତେ ।

ଆସ୍ମାକୀନାଃ ପରାତ୍ପରଜ୍ଞାଃ ପୂର୍ବପୁରୁଷା ଲୋକକଲ୍ୟାଣାୟ ବେଦମୂଲଂ ସଂସ୍କୃତବାଙ୍ମୟଂ ଭାରତୀୟାନାଂ ପ୍ରାଣଭୂତମ୍ ଅସ୍ମଦର୍ଥଂ ପରିତ୍ୟଜ୍ୟ କାଳମହିମ୍ନା ଦିବଂଗତାଃ । ସେୟମସ୍ମାକଂ ପୈତୃକରିକ୍ଥଭୂତା ସଂସ୍କୃତଭାଷା, ଯସ୍ୟାଂ ଭାରତୀୟାନାଂ ଦୈନନ୍ଦିନଜୀବନବୃତ୍ତଂ ନିହିତଂ ବର୍ତ୍ତତେ । ଯସ୍ୟାଃ ସମ୍ପର୍କମୟାନ୍ମପଦମେବାସ୍ମାକଂ ଭବ୍ୟଂ ଭବିତା । ପକ୍ଷାନ୍ତରେ ଯସ୍ୟାଃ ଶିକ୍ଷାୟା ଅଭାବେ ଭାରତୀୟତ୍ୱେନ ପରିଗୃହ୍ୟେନ ନ କମପି ସ୍ୟାଦନ୍ୟତ୍ସମ୍ବଳମ୍ । ଅସ୍ୟାଃ ସୁରଭାରତ୍ୟାଃ ମହତ୍ତ୍ୱଂ ଗୀତୋପନିଷତ୍ସୁ ଧ୍ୱନିତଂ ଧରାତଳେ, ମାନବସମାଜସ୍ୟ ସର୍ବଥା ସମୁପକାରକମିତ୍ୟାକଳୟନ୍ତି ଶିକ୍ଷାବିଦଃ । କିଂ ଗୃୟନ୍ତ୍ରଂଶଭାଷାଣାଂ ହିନ୍ଦୀପ୍ରଭୃତୀନାଂ ସଂସ୍କୃତବାଙ୍ମୟସମାଶ୍ରୟଣମନ୍ତରା ନ କଥମପି ସମୁନ୍ନତିଃ ସ୍ୱପ୍ନେଽପି କାଙ୍କ୍ଷେତ । ନୈତାବତା ଜଡବିଜ୍ଞାନଚର୍ଚ୍ଚା ନ ବାଧିତବ୍ୟେତି ନ ମନ୍ତବ୍ୟମ୍ । ଅପି ତୁ ତୟା ସାକଂ ଧରାୟାଂ ମନୁଷ୍ୟେଭ୍ୟଃ ମାନବୀୟଜୀବନସ୍ୟ ମହତ୍ତ୍ୱମୁପଦେଷ୍ଟୁଂ ସଂସ୍କୃତବାଙ୍ମୟସ୍ୟାଧ୍ୟୟନାଧ୍ୟାପନପର୍ଯ୍ୟାଲୋଚନସଂରକ୍ଷଣାଦିକମସ୍ମାକଂ

ଜ୍ଞାନସେଂଽତ କର୍ତ୍ତିବ୍ୟତାଂ ଯଥା ସମ୍ପେପ୍ୟାତ୍ତଥା ସାବଧାନୈରସ୍ମାଭିଶ୍ଚେଷ୍ଟିତବ୍ୟମ୍ । ଏତଦର୍ଥଂ କତିପୟପ୍ରଦେଶେଷୁ ସଂସ୍କୃତବିଶ୍ୱବିଦ୍ୟାଳୟାନାଂ ସଂସ୍ଥାପନଂ କୃତବନ୍ତଃ ସଞ୍ଚାଳକା ମାନ୍ୟା ଦେଶହିତୈଷିଣଃ । ଅସ୍ମାକଂ ଜନ୍ମଭୂମାବପ୍ୟୁତ୍କଳପ୍ରଦେଶେ ସଂସ୍କୃତବିଶ୍ୱବିଦ୍ୟାଳୟସଂସ୍ଥାପନସମୁଦ୍ୟମୋଽଭୂତ୍ । ଆଶାସ୍ମହେ ଚ ପ୍ରଦେଶାନ୍ତରକୃତ୍ୟାନୁକରଣେନ ତତ୍‌ସଂସ୍ଥାପନମଚିରାତ୍ କାରୟିଷ୍ୟନ୍ତି ଶିଷ୍ଟାଃ ।

ସଂସ୍କୃତଶିକ୍ଷାମଧିକୃତ୍ୟ ଏକ ଏବ ପାଠ୍ୟକ୍ରମଃ ସମଗ୍ରେ ଭାରତବର୍ଷେ ପ୍ରବର୍ତ୍ତନୀୟଃ । ଯେନ ପ୍ରଦେଶନିର୍ବିଶେଷଂ ସଂସ୍କୃତଶିକ୍ଷାପରୀକ୍ଷୋତ୍ତୀର୍ଣ୍ଣାଃ ସ୍ନାତକାଃ ସର୍ବେଷୁ କର୍ମକ୍ଷେତ୍ରେଷୁ ନିୟୋଜନକର୍ମଣି ସମାନମାନାର୍ହା ଭବେୟୁଃ । ସଂସ୍କୃତବିଶ୍ୱବିଦ୍ୟାଳୟପାଠ୍ୟକ୍ରମୋଽପି ନ କେବଳଂ ପ୍ରାଚୀନପଦ୍ଧତିମନୁସୃତ୍ୟ ପ୍ରବର୍ତ୍ତନୀୟଃ କିନ୍ତୁ ଜଡ଼ବିଜ୍ଞାନବିମର୍ଶନସମୁଦ୍ଭାସିତାନାମାଙ୍ଗ୍ଲଭାଷାଲିଖିତାନାଂ ଗ୍ରନ୍ଥାନାଂ ସୁରଭାରତ୍ୟାନୁବାଦେନ ତତ୍ର ପାଠ୍ୟକ୍ରମେ ସନ୍ନିବେଶନଂ ବିଧାତବ୍ୟମ୍ । ସଂସ୍କୃତବିଶ୍ୱବିଦ୍ୟାଳୟାୟତ୍ତେଷୁ ସଂସ୍କୃତମହାବିଦ୍ୟାଳୟେଷ୍ୱପି ବୋପାଧିପରୀକ୍ଷାର୍ଥମନ୍ତେବାସିନାଂ ପ୍ରବେଶନଂ ଭବେତ୍ । ତସ୍ୟାମୁପାଧିପରୀକ୍ଷାୟାଂ ଭାରତୀୟପରମ୍ପରାପ୍ରଦର୍ଶକାନାଂ ପ୍ରାଚୀନାନାଂ ସଂସ୍କୃତଗ୍ରନ୍ଥାନାଂ ବାହୁଲ୍ୟେନ ପଠନଂ, ପର୍ଯ୍ୟାଲୋଚନଂ, ତଦ୍‌ଭିତ୍ତିମୁପଜୀବ୍ୟ ନୂତନପ୍ରବନ୍ଧଲେଖାଦିକମପି ବିଧାତବ୍ୟମ୍ । ମଧ୍ୟମପରୀକ୍ଷାଂ ଯାବତ୍ ପାଠ୍ୟକ୍ରମେ ସଂସ୍କୃତାନୂଦିତାନାଂ ସାଂପ୍ରତିକସମସ୍ୟୋପଯୋଗିଗ୍ରନ୍ଥାନାଂ ସବିସ୍ତରଂ ସନ୍ନିବେଶନଂ, ଯେନ ମଧ୍ୟମପରୀକ୍ଷୋତ୍ତୀର୍ଣ୍ଣାଃ ସମାଜସ୍ୟ ସାଧାରଣକୃତ୍ୟସଂସ୍ଥାସୁ ନିଯୋଜିତାଃ କାର୍ଯ୍ୟଜାତଂ ସାଧୟିତୁଂ କ୍ଷମା ଭବେୟୁଃ ।

ଆଙ୍ଗ୍ଲବିଦ୍ୟାଳୟେଷ୍ୱପି ବିଭାଗନିର୍ବିଶେଷଂ ପଠତାଂ ବିଦ୍ୟାର୍ଥିନାଂ ସଂସ୍କୃତବାଙ୍ମୟେଽନୁରାଗୋ ଯଥା ଭବେତ୍ତଥା ପାଠ୍ୟକ୍ରମଃ ପ୍ରଯୋଜନୀୟଃ । ବାଲାନାଂ ପ୍ରାଥମିକଶିକ୍ଷାତଃ ପାଠ୍ୟକ୍ରମେ ସଂସ୍କୃତସୁଭାଷିତାନାଂ ସନ୍ନିବେଶନଂ ବିଧାତବ୍ୟମ୍ । ତଥା କ୍ରମେଣୈବ ସଂସ୍କୃତଶିକ୍ଷାସଂବର୍ଦ୍ଧନଂ କାରୟିତବ୍ୟମ୍ । ଦ୍ୱିବିଧେଽପି ପ୍ରଚଳିତପାଠ୍ୟକ୍ରମେ ତତ୍ତତ୍‌ପରୀକ୍ଷୋତ୍ତୀର୍ଣ୍ଣସ୍ନାତକାନାଂ କର୍ମକ୍ଷେତ୍ରେଷୁ ସମାନାଦରଣାୟ ବିଧିଃ ପ୍ରଣେୟଃ । ଇତ୍ଥଂ ପ୍ରବର୍ତ୍ତୟିଷ୍ୟମାଣେ ଶିକ୍ଷାକ୍ରମେ କତିପୟବର୍ଷାନନ୍ତରଂ ପରୈଃ ପ୍ରାପିତଦୁର୍ଦଶାୟାଃ ଭାରତୀୟସଂସ୍କୃତେଃ କ୍ରମଶୋ ବିକାଶୋ ଭବିତା । ବିଶ୍ୱସିମଃ ଯଦନୟା ରୀତ୍ୟା ଭବିଷ୍ୟତି କାଲେ ଏକ ଏବ ଶିକ୍ଷାକ୍ରମଃ ଭାରତୀୟାନାଂ କୃତେ ସମ୍ଭବିତା ।

ଏତଦର୍ଥମନୁକ୍ଷଣଂ ଯାଚାମହେ କୃପାପାରାବାରପରମେଶ୍ୱରସ୍ୟ ପ୍ରସାଦଲବଂ, ଭୂୟାଚ୍ଚ ତେନ ଭାରତାଭିଜନାନାଂ ସହୃଦୟାନାଂ ସଂସ୍କୃତଶିକ୍ଷାପ୍ରସାରଂ ପ୍ରତି ସୁଦୃଷ୍ଟିପାତଃ ।

# ଅତିଥି

ଲେଖକ-ଶ୍ରୀ ଲମ୍ବୋଦର ଦାଶ, ପ୍ରଥମ ବର୍ଷ - ସାହିତ୍ୟାଗ୍ରୀ

ବସନ୍ତ ଅତିଥି ଆଗମ ବାରତା
ପାଇ ହରଷେ ଅବନୀ ।
ସଜାଇ ରଖିଲା ନାନା ପୁଷ୍ପରାଜି
କି ବା ନାନାବିଧ ମଣି । ୧ ।

କୁଶଳ କାମନା କଲି ଯତନରେ
ସୁମଧୁର ଶ୍ରୁତି ବାଣୀ ।
କୋକିଳ କୋମଳ କୂଜନ କୈତବେ
ଗାଏ ଅବସର ଜାଣି । ୨ ।

ସୁନୀଳ ସଲିଳ ତରଙ୍ଗିତ କୋଳେ
ସୁକୁମାରୀ କମଳିନୀ ।
ଧୀର ସମୀରଣେ ସୁଗନ୍ଧ ଘରଣି
ମଣ୍ଡାଇଲା ପୁଷ୍କରିଣୀ । ୩ ।

ପୁଷ୍ପିତା ବ୍ରତତୀ ବରଜ ଷଟ୍‌ପଦ
ଦୁଆରେ ତାର ପ୍ରବେଶି ।
ଗୁଞ୍ଜନ କରଇ କି ବା ଶଙ୍ଖଧ୍ୱନି
ଶିଖାଏ ଧରଣୀ ବସି । ୪ ।

କଳ୍ପନା କଳିତ କୋଟି କାମନାର
ପାଦ୍ୟାସନ ଉପହାର ।
ସମର୍ପି ଦେଇଛି ଆସିଲେ ଅତିଥି
ଦେବ ମଳୟ ସମୀର । ୫ ।

## ପୌର୍ଣ୍ଣମାସୀ

ବିମଳ ସମୀର ଯେବ ପକ୍ଷିକୁଳ
କରନ୍ତି କଳ ଗୁଞ୍ଜନ ।
କି ଅବା ବସନ୍ତ ବିଜୟ ଗାଉଥା
ଗାଇଣ କଲେ ନବୀନ । ୬ ।
ମଳୟ ସମୀରେ କାନନ କମ୍ପନ
ବଖାଣେ ହର୍ଷ ଉନ୍ମାଦନା ।
ଆରମ୍ଭିଲ ନୃତ୍ୟ ବସନ୍ତ ଆଗମେ
ପୁଷ୍ପମୟୀ ଧରାରାଣୀ । ୭ ।
ମାଧବ ସଙ୍ଗରେ ମାଧବ ଭ୍ରମର
ବଜାଇ ବିଜୟ ବାଜା ।
ସହସା ପ୍ରବେଶି ବିରହିଣୀଙ୍କର
ଥରାଇ ଦିଅଇ ମଜ୍ଜା । ୮ ।
ନବ ଭାବଧାରା ବହଇ ଏ ଦୃଶ୍ୟେ
ପ୍ରେମିକ ପ୍ରେମିକା ମର୍ମେ ।
ନ ହୁଏ କାହାର ଆନନ୍ଦ ବର୍ଦ୍ଧନ
ଋତୁରାଜ ସମାଗମେ ? ୯ ।

# ପରିବାର ନିୟନ୍ତ୍ରଣ

ଶ୍ରୀ ମୁରଲୀଧର ବହଳି, ଗଣିତ ଜ୍ୟୋତଷାଚାର୍ଯ୍ୟ ଘ୍ରନ

ଦେଶ ସ୍ୱାଧୀନ ହେବାପରେ ଗତ ୧୩ ବର୍ଷଧରି ଏ ଦେଶର ସରକାର ଦେଶକୁ ସ୍ୱାବଲମ୍ବୀ କରିବା ନିମନ୍ତେ ଅଜସ୍ର ଅର୍ଥ ବ୍ୟୟ କରୁଛନ୍ତି । ଲୋକଙ୍କର ସବୁଠାରୁ ବେଶୀ ଆବଶ୍ୟକ ଖାଦ୍ୟ ଓ ବସ୍ତ୍ର ଯୋଗାଇବା ଦିଗରେ ପଞ୍ଚବାର୍ଷିକ ଯୋଜନାମାନ ଗ୍ରହଣ କରାଯାଇ ଶହ ଶହ କୋଟି ଟଙ୍କା ବିନିଯୋଗ କରା ଯାଉଅଛି । ଜାତୀୟ କଂଗ୍ରେସର ସମାଜବାଦ-ନୀତିକୁ ସରକାର ଗ୍ରହଣ କରିବାରୁ ଦେଶରେ କୋଠ ଚାଷ, ଜାପାନୀ ପ୍ରଣାଳୀରେ ଚାଷ, ସାର ଯୋଗାଣ ଓ ପୁରସ୍କାର ପ୍ରଦାନଦ୍ୱାରା ଖାଦ୍ୟ ଶସ୍ୟର ପରିମାଣ ଆଶାତୀତ ଭାବରେ ବଢାଇବାର ଚେଷ୍ଟା କରା ଯାଉଅଛି । ତଥାପି ଏ ଦେଶର ଲୋକ ଓ ଲୋକ-ସରକାର ଏ ଦିଗରେ ସେପରି ଫଳ ହାସଲ କରିପାରି ନାହାନ୍ତି । ଏଣୁ ଏବେ କେତେ ବର୍ଷ ହେଲା ସରକାର ଜନ୍ମ ନିରୋଧ ବା ପରିବାର ନିୟନ୍ତ୍ରଣ ନାମରେ ଏକ ନୂଆ ଆନ୍ଦୋଳନ ଆରମ୍ଭ କରିଛନ୍ତି । ଏ ଆନ୍ଦୋଳନର ମୁଖ୍ୟ ଉଦ୍ଦେଶ୍ୟ ହେଲା, ଦେଶର ଲୋକ ସଂଖ୍ୟା କମାଇ ଦେଇ ଖାଦ୍ୟର ଅନାଟନ ଘୁଞ୍ଚାଇ ନେବା । ବର୍ଷକୁ ବର୍ଷ ପ୍ରାୟ କୋଟିଏ ହିସାବରେ ଜନସଂଖ୍ୟା ବୃଦ୍ଧି ପାଇଲେ ବାସ୍ତବରେ ଯେ କୌଣସି ଦେଶର ସଚେତନ ସରକାର ଖାଦ୍ୟ ସମସ୍ୟାର ସମାଧାନ କରିବା ଅସମ୍ଭବ । ଏଣୁ ଏ ଦିଗରେ ସମସ୍ତଙ୍କର ଚିନ୍ତା କରିବାର ଅଛି ।

ବହୁ ଅତୀତକୁ ଦୃଷ୍ଟି ଦେଲେ ଜଣାଯିବ ଯେ, ଲୋକସଂଖ୍ୟା ବଢ଼ାଇବା ହିଁ ଭାରତବାସୀ ଆର୍ଯ୍ୟମାନଙ୍କର ଉଦ୍ଦେଶ୍ୟ ଥିଲା । ଇତିହାସରୁ ଜଣାଯାଏ, ଆର୍ଯ୍ୟମାନେ ଯେତେବେଳେ ଏ ଦେଶର ଉତ୍ତର ପଶ୍ଚିମପ୍ରାନ୍ତ ନଦୀମାତୃକ ପଞ୍ଚନଦରେ ପ୍ରବେଶ କଲେ ସେତେବେଳେ ଏମାନଙ୍କର ସଂଖ୍ୟା ମୁଷ୍ଟିମେୟ ଥିଲା । ଏଡ଼େ ବିଶାଳ ଦେଶକୁ ଶସ୍ୟ ପୂର୍ଣ୍ଣକରି ଉପଭୋଗ କରିବା ନିମନ୍ତେ ଏମାନେ ଲୋକବଳ ଅଭାବରୁ ଏକା ବେଳେକେ ଅସମର୍ଥ ଥିଲେ । ସେଥିପାଇଁ ବିଶେଷ ଭାବରେ ପୁରୁଷ ସନ୍ତାନ ଜନ୍ମ କରିବା ବିବାହର ମୁଖ୍ୟ ଲକ୍ଷ୍ୟ ଥିଲା ।

ପୁଂସବନ କର୍ମ ତାହାର ସ୍ମାରକ । ଧର୍ମ ଦୃଷ୍ଟିରୁ ଏ କାମ ବହୁକାଳ ପର୍ଯ୍ୟନ୍ତ କରା ଯାଇଅଛି । ପୁତ୍ରାର୍ଥେ କ୍ରିୟତେ ଭାର୍ଯ୍ୟା, ଅତ୍ମା ବୈ ପୁତ୍ର - ନାମାସି, ପୁଂନାମ-ନରକାତ୍ର ତ୍ରାୟତେ ଇତି ପୁତ୍ରଃ, ଅପୁତ୍ରସ୍ୟ ଗୃହଂ ଶୂନ୍ୟମ୍ ଇତ୍ୟାଦି ବଚନ ଏହାର ପ୍ରମାଣ । ଦିଲୀପଙ୍କ ନନ୍ଦିନୀ ସେବା, ଦଶରଥଙ୍କ ପୁତ୍ରେଷ୍ଟି ଯଜ୍ଞ ଓ ପୁତ୍ରାର୍ଥ ଯାଗ ଯଜ୍ଞାଦି ଏହାର ପୋଷକତା କରନ୍ତି । କିନ୍ତୁ ବର୍ତ୍ତମାନ ସମୟ ଲେଉଟିଛି । ଏବେ ପ୍ରତିବର୍ଷ ଭାରତ ବର୍ଷରେ (ପାକିସ୍ଥାନ ଅଂଶବ୍ୟତୀତ) କୋଟିଏ କରି ଲୋକସଂଖ୍ୟା ବୃଦ୍ଧି ପାଇବା ଜନଗଣନାରୁ ଜଣାଯାଏ । ମୃତ ଲୋକ ସଂଖ୍ୟା ଏହାର ଅନ୍ତର୍ଗତ ନୁହେ । ଏହିପରି ଲୋକସଂଖ୍ୟା ବୃଦ୍ଧି ଏ ଦରିଦ୍ର ଦେଶ ପକ୍ଷରେ ଏକ କଣ୍ଟାଗତ ସମସ୍ୟା । ଏଣୁ ଏହାର ନିରାକରଣ ସର୍ବଥା କାମ୍ୟ । ଏଥିରେ ଦ୍ୱିଧା ରହି ନପାରେ ।

ମାତ୍ର ଏହା କିପରି କରାଯିବ ? ସରକାର ସ୍ଥାନେ ସ୍ଥାନେ ପରିବାର ନିୟନ୍ତ୍ରଣ କେନ୍ଦ୍ରମାନ ସ୍ଥାପନ କରି ଲୋକମାନଙ୍କୁ ଏ ଦିଗରେ ବୁଝାଉ ଅଛନ୍ତି । ବହୁ ଜନ

ଫଳବା ଦ୍ୱାରା ସ୍ତ୍ରୀର ସ୍ୱାସ୍ଥ୍ୟ ନଷ୍ଟ ହେଉଛି କିମ୍ବା ସ୍ତ୍ରୀ ପୁରୁଷ ଉଭୟଙ୍କର Sterrilisation କରାଯାଉଛି । ମାତ୍ର ଏହାଦ୍ୱାରା ସୁଫଳ ଫଳୁଥିବା ଜଣାଯାଉ ନାହିଁ । ଏହି ଶିରାଚ୍ଛେଦ ପ୍ରକ୍ରିୟା ପୁରୁଷଙ୍କୁ ଅତ୍ୟନ୍ତ ସ୍ଥୂଳକାୟ ଆଳସ୍ୟପରାୟଣ କରୁଛି ଏବଂ ସ୍ତ୍ରୀ ଜାତର ପେଟ ବେମାରୀ ସୃଷ୍ଟି କରୁଛି । ଏଣୁ ଜ୍ୟୋତିଷ ମତରେ ଏହା କିପରି ସଫଳ ଭାବରେ କରାଯାଇ ପାରିବ, ତାହାର ପ୍ରୟୋଗ ବିଧି ଏଠାରେ ବର୍ଣ୍ଣନା କରାଯାଉ ଅଛି । ଏହି ବିଧି ଅବଶ୍ୟ ସାମାନ୍ୟ ସଂଯମ ଓ ଗ୍ରହସ୍ଥିତି ଉପରେ ପ୍ରତିଷ୍ଠିତ ।

ସଂକ୍ରାନ୍ତି, ଚନ୍ଦ୍ରକ୍ଷୟ, ନିଶାପାଳନ, ଉପବାସ ପ୍ରଭୃତି କେତେକ ଧର୍ମ ଶାସ୍ତ୍ରୀୟ ବ୍ୟବସ୍ଥା ପରଂପରାରୁ ସମାଜରେ ଚଳି ଆସୁଅଛି, ଯାହାଦ୍ୱାରା ଲୋକ ସଂଖ୍ୟା ବୃଦ୍ଧିକୁ ଚପାଇ ଦିଆ ଯାଇପାରେ । ଏ ବ୍ୟବସ୍ଥା ଗୁଡ଼ିକ ମଧ୍ୟ ଗ୍ରହସ୍ଥିତି ଉପରେ ରଚିତ ।

ବରାହମିହିର ଲେଖିଛନ୍ତି —

"କୁଜେନ୍ଦୁ ହେତୁ ପ୍ରତିମାସ - ମାର୍ତ୍ତବଂ ଗତେଷୁ ପୀଡର୍କ୍ଷ ମନୁଷ୍ଣ ଦାଧିତେୌ । ଅତୋନ୍ୟଥାସ୍ଥେ ଶୁଭ - ପୁଂ ଗ୍ରହେକ୍ଷିତେ ନରେଣ ସଂଯୋଗମୁପୈତି କାମିନୀ ॥"

ଏଥିରୁ ଜଣାଯାଏ ଚନ୍ଦ୍ର ଓ ମଙ୍ଗଳଙ୍କର କେତେକ ନିର୍ଦ୍ଦିଷ୍ଟ ସ୍ଥିତିକୁ ନେଇ ରଜଃସଂଚାର ହୁଏ । ଏଥିରେ କି କାରଣ ଅଛି ବୈଜ୍ଞାନିକମାନଙ୍କୁ ଖୋଜି ବାହାର କରିବା ପାଇଁ ଆମ୍ଭେମାନେ ଅନୁରୋଧ କରୁଅଛୁ । ମାତ୍ର ବରାହଙ୍କ ପରେ ଜ୍ୟୋତିଷୀ ରାଜା କଲ୍ୟାଣ ବର୍ମା ଲେଖିଛନ୍ତି -

"ଅନୁପଚୟ ସ୍ଥିତସ୍ଥେ କୁମୁଦାକର-ବାନ୍ଧବେ ରୁଧିର ଦୃଷ୍ଟେ । ପ୍ରତିମାସଂ ଯୁବତୀନାଂ ଭବତୀହ ରଜୋ ବ୍ରୁବନ୍ତ୍ୟେକେ ॥ ଇନ୍ଦୁର୍ଜଳଂ କୁଜୋଽଗ୍ନି ର୍ଜଳମସ୍ରଂ ବହ୍ନିରେବ ପିତ୍ତଂ ସ୍ୟାତ୍ । ଏବଂ ରକ୍ତେ କ୍ଷୁଭିତେ ପିତ୍ତେନ ରଜଃ ପ୍ରବର୍ତ୍ତିତେ ସ୍ତ୍ରୀଷୁ ॥ ଏବଂ ଯଦ୍‌ଭବତି ରଜୋ ଗର୍ଭସ୍ୟ ନିମିତ୍ତମେବ କଥିତଂ ତତ୍ତ୍ୱ । ଉପଚୟସ୍ଥେ ବଫଳଂ ପ୍ରତିମାସଂ ଦର୍ଶନଂ ତସ୍ୟ ॥"

ଏହାର ମର୍ମାର୍ଥ ହେଉଛି ସ୍ତ୍ରୀର ଜନ୍ମରାଶିଠାରୁ ୩ୟ, ୬ଷ୍ଠ, ୧୦ମ ଓ ୧୧ଶ ରାଶି ବ୍ୟତୀତ ଅନ୍ୟତ୍ର ଚନ୍ଦ୍ର ଥାଇ ମଙ୍ଗଳ ଦ୍ୱାରା ଦୃଷ୍ଟ ହେବାବେଳେ ସ୍ତ୍ରୀ ରଜୋବତୀ ହୁଏ । ଏହାର କାରଣ ସ୍ୱରୂପ କୁହାଯାଇଅଛି ଯେ ଚନ୍ଦ୍ର ଜଳମୟ ଓ ମଙ୍ଗଳ ଆଗ୍ନେୟ ତଥା ପୈତ୍ତିକ । ପିତ୍ତାଧିକାରୀ ମଙ୍ଗଳଙ୍କ ଦ୍ୱାରା ଜଳ ବା ରକ୍ତର ସ୍ୱାମୀ ଚନ୍ଦ୍ର ପରିଦୃଷ୍ଟ ହେବାରେ ରକ୍ତକ୍ଷୁଭିତ ହୋଇ ରଜୋରୂପରେ ବହିର୍ଗତ ହୁଏ ଏବଂ ଏହି ରଜହିଁ ଗର୍ଭର କାରଣ । ସ୍ତ୍ରୀର ସବୁ ରଜଃ ପ୍ରବର୍ତ୍ତନ ଯେ ସନ୍ତାନଦାୟକ ନୁହେ, ଏହି ଶ୍ଳୋକରୁ ତାହାର ମଧ୍ୟ ଆଭାସ ମିଳୁଛି । ଏଣୁ ସନ୍ତାନ - ଦାୟକ ରଜଃ ପ୍ରବର୍ତ୍ତନ ପରେ ସହବାସ ସଂପର୍କରେ ସଂଯମ ଅବଲମ୍ବନ କଲେ ଜନ୍ମ ସଂଖ୍ୟା ସହଜରେ କମିଯାଇ ପାରିବ । ଜ୍ୟୋତିଷର କିଛି ଆଲୋଚନାପରେ କେତୋଟି ଉପାୟ ଏ ସଂପର୍କରେ ଦେଶବାସୀଙ୍କୁ ଆମ୍ଭେମାନେ ବତାଇ ଦେବାକୁ ଚାହୁଁ ।

ସମସ୍ତ ସ୍ତ୍ରୀର ଋତୁକାଳ ସମାନ ନୁହେ । ସାଧାରଣତଃ ୨୭ଦିନ ଠାରୁ ୩୨ଦିନ ମଧ୍ୟରେ ଏହା ହୋଇଥାଏ । ଦେଖିନେବାକୁ ହେବ ଯେ, ତାହାର ଋତୁକାଳର ବ୍ୟବଧାନ କେତେଦିନ । ଏହି ଦିନ-ସଂଖ୍ୟାକୁ ଦୁଇ ଭାଗକରି ପ୍ରଥମାର୍ଦ୍ଧନିଅ । ଏହି ପ୍ରଥମାର୍ଦ୍ଧର ଶେଷ ପାଞ୍ଚଦିନ ସ୍ତ୍ରୀ ସହବାସ ନ କଲେ ଜନ୍ମ ସଂଖ୍ୟା ଅନେକାଂଶରେ କମିଯିବ । ଏ ବିଧି ଅବଶ୍ୟ ସାମାନ୍ୟ ସଂଯମ ଦରକାର କରେ । ମାସକ ମଧ୍ୟରେ ଏପରି ମୋଟେ ପାଞ୍ଚଦିନ ପାଇଁ ସଂଯମ ସମସ୍ତଙ୍କ ପକ୍ଷରେ ସୁକର ମନେ ହୁଏ । ଏହି ପାଞ୍ଚଦିନ ସୁସନ୍ତାନ ଉତ୍ପାଦନ ନିମନ୍ତେ ଉଦ୍ଦିଷ୍ଟ ଥିବାରୁ ନିଃସନ୍ତାନ ବା ସୁସନ୍ତାନେଚ୍ଛୁମାନେ ଏହାର ସଦୁପଯୋଗ କରିପାରନ୍ତି, ମାତ୍ର ଜନ୍ମ ନିରୋଧ ପାଇଁ ଏ କେତେଦିନ, ସହବାସ ସର୍ବଥା ତ୍ୟାଜ୍ୟ । ସ୍ତ୍ରୀର ରଜଃ ପ୍ରବୃତ୍ତି ସମୟର ଚନ୍ଦ୍ର, ତା'ର ଜନ୍ମ ରାଶି ଠାରୁ ୩ୟ, ୬ଷ୍ଠ ୧୦ମ ବା ୧୧ଶରେ ଥାଇ ମଙ୍ଗଳଦ୍ୱାରା ଦୃଷ୍ଟ

ହେଉ ନ ଥିଲେ ସେହୁ ରଜଃ ଗର୍ଭାଧାୟକ ନୁହେ । ଏଣୁ ଅନ୍ୟ ରଜଃ ପ୍ରବୃତ୍ତି ପର୍ଯ୍ୟନ୍ତ ଉକ୍ତ ସମୟର ସହବାସ ଇଚ୍ଛାନୁସାରେ କରାଯାଇ ପାରେ । ଅବଶ୍ୟ ସ୍ୱାସ୍ଥ୍ୟ ଦୃଷ୍ଟିରୁ ରଜଃ ପ୍ରବୃତ୍ତିର ଅନ୍ତତଃ ଗୁରଦନ ସର୍ବଥା ତ୍ୟାଜ୍ୟ । ପୁଷ୍ୟା, ଅଶ୍ଲେଷା, ଅନୁରାଧା, ଜ୍ୟେଷ୍ଠା, ଉତ୍ତରଭାଦ୍ରପଦ ଓ ରେବତୀ ନକ୍ଷତ୍ରରେ ଚନ୍ଦ୍ର ଥିବା ସମୟରେ ସହବାସ ମଧ୍ୟ ଗର୍ଭୋତ୍ପାଦକ ନୁହେ । ସହବାସକୁ ପ୍ରବୃତ୍ତ ହେବା ସମୟର ଲଗ୍ନକୁ ଦେଖିବାକୁ ହେବ ଯେ, ଉକ୍ତ ଲଗ୍ନ ସହିତ ବୃହସ୍ପତିର କୌଣସି ସମ୍ବନ୍ଧ ନାହିଁ । ତା ହେଲେ ଉକ୍ତ ସମୟର ସହବାସ ମଧ୍ୟ ଗର୍ଭଜନକ ନୁହେ । ଏହା ପରେ ଆଧାନ ଲଗ୍ନ ଓ ସେ ସମୟର ଗ୍ରହସ୍ଥିତି ନେଇ ବିଚାରବାନ୍ ଗୃହସ୍ଥ ଏ ସମସ୍ୟାର ସମାଧାନ ମଧ୍ୟ କରି-ପାରେ । କିନ୍ତୁ ଏହା ସାମାନ୍ୟ ଜ୍ୟୋତିଷ ଜ୍ଞାନ ଉପରେ ନିର୍ଭର କରେ ।

ଆମର ଆଶା; ଦେଶର ଲୋକେ ତଥା ସରକାର ଏ ଉପାୟ ଗୁଡିକର ଉଚିତ ପ୍ରଚାର ଓ ପ୍ରୟୋଗ କରି-କରାଇ ନିଜକୁ ତଥା ଦେଶକୁ ସୁସ୍ଥ ଓ ସବଳ ରଖିବେ

# ଶରଚ୍ଚନ୍ଦ୍ରିକା

ପଣ୍ଡିତଶ୍ରୀଦିବାକରଦାଶଶର୍ମ୍ମା, ବ୍ୟାକରଣାଧ୍ୟାପକଃ

ନୀଲଂ ନିର୍ମଳମମ୍ବରଂ ଧବଳୟନ୍ ଦିଗ୍ଯୋଷିତୋ ହାସୟନ୍,
କାନ୍ତିଂ କୈରବକାନନସ୍ୟ କଲୟନ୍ନମ୍ଭୋଧିମାନ୍ଦୋଳୟନ୍ ।
ଧ୍ୱାନ୍ତୌଘାନପି ନାଶୟନ୍ ବିରହିଣାଂ ଗାନଂ ସମୁତ୍ତ୍ରାସୟ-
ନମ୍ଭୋଜାନି ନିମୀଳୟନ୍ ବିଧୂକରୈର୍ଭାତି କ୍ଷିତୌ ଶାରଦଃ ॥ ୧ ।

ଯତ୍ରାସାଦ୍ୟ ଧରା ଚରାଚରପରାନନ୍ଦପ୍ରସାରା ସୁଧା-
ବାସାଭ୍ରାସିତକାନ୍ତିମେତି ଦିବଷଡ୍କାମ୍ୟା ଭବତ୍ୟଞ୍ଜସା ।
ରମ୍ୟାରାମରସା ବିଳାସସରସାବାସା ସମୁଦ୍ଭାସତେ
ମର୍ତ୍ତ୍ୟାନାମିହ ଜୀବୟନ୍ତି ସୁରୁଚୈର୍ବୃକ୍ଷା ଦଦୃକ୍ଷାମପି ॥ ୨ ॥

ଭାନୌ ବିଧୋଃ ପ୍ରକଟିତେ ନଭସି ପ୍ରଦୋଷେ
କ୍ରୀଡନ୍ତି ତତ୍ର ଶିଶବୋ ନଗରୋପକଣ୍ଠେ ।
ନାନାବିଧାଂ ସୁମଧୁରାଂ ଗିରମାଲପନ୍ତୋ-
ଜ୍ୟୋତ୍ସ୍ନା ସୁଖାନ୍ୟନୁଭବନ୍ତି ବିଳାସିନୋଽପି ॥ ୩ ।

ଶିଲୋଚୟାଃ ସଞ୍ଚିତଦୀପ୍ତିସଞ୍ଚୟାଃ
ସୁଖାଲୟାଶ୍ଚନ୍ଦ୍ରକୟା ସିତାଳୟାଃ ।
ଜଳାଶୟାଃ କଳ୍ପିତଦୁଗ୍ଧସଂଶୟା-
ଭବନ୍ତି, କେଷାଂ ନ ହରନ୍ତି ମାନସମ୍ ? ।୪।

ବିଚିତ୍ରଭୂଷା ରଜନୀ ବିଳାସିନୀ
ପ୍ରଲବ୍ଧକାମା ନବକୌମୁଦୀସୁଖମ୍ ।
ବିଭର୍ତ୍ତି ଭବ୍ୟଂ ଦୟିତାପଦଂ ବିଧୋଃ
ପ୍ରିୟେଷୁ କୋ ବା ରମତେ ନ ବସ୍ତୁଷୁ ?

ଅଗତେ ବନଭୂବଂ ଶଶିପାଦେ
ପାଦପା ବିଦଧତେଽପି ତଦାଭମ୍ ।
ସଜ୍ଜନା ଗୁଣିଜନାନ୍ତିକସଂସ୍ଥା-
ସ୍ତଦ୍ଗୁଣାନିହ ଯଥାନୁସରନ୍ତି ॥ ୬ ॥

କାନନେଷୁ ସୁଷମାଂ କୁମୁଦାନା-
ମୁଲ୍ଲସଦ୍‌ବଧୂକରୈଃ ପରିପୁଷ୍ଟାମ୍ ।
ବୀକ୍ଷ୍ୟ କିଂ ଭବତି ସା ରଜନୀଷୁ
ଲକ୍ଷିତେବ କମଲା କମଲସ୍ଥା ॥ ୭ ॥

କେଳିସାରସହୃତାଃ ସ୍ମରମତ୍ତାଃ,
କିଂ ଚ ବାରବନିତାଃ ସୁରତାନ୍ତେ ।
ଚନ୍ଦ୍ରକାପୁଲକତାଙ୍ଗଲତାସ୍ତା
ନିଷ୍କୁଟେଷୁ ସୁସୁଖଂ ବିହରନ୍ତି ॥ ୮ ॥

ଲସନ୍ତି ବଲ୍ଲୀ ନବହା ବହନ୍ତଃ
ଶ୍ରୁତ୍ୟଂ ସ୍ମରଂ ସାଦରମର୍ଚ୍ଚୟନ୍ତଃ ।
ଷଡ୍‌ଭ୍ରମନ୍ତଂ ବର୍ପିତେନସ୍ମ ରାତ୍ରୌ
ପୁଷ୍ପୈର୍ବିତନଲ୍ପୈଃ ରଜତାନୁରୂପୈଃ ॥ ୯ ॥
ଜ୍ୟୋସ୍ନାବତାନୈର୍ଧବଲୀକୃତାନି
ଗୃହାଣି ସର୍ବାଣି ପୁରସ୍ଥିତାନି ।
ସ୍ୱପ୍ନାନୁଗେନେବ ବିଭ୍ରବତାନି
ବିନୋଦୟନ୍ତି କ୍ଷଣଦାସୁ ପଶ୍ୟ ॥ ୧୦ ॥

କଶ୍ଚିଦ୍ ବିଲାସଭବନେ ସୁରତାଭିଲାଷଃ
ଶୁଭ୍ରଂ ଗବାକ୍ଷପଥଲମ୍ବିତମଂଶୁଜାଲମ୍ ।
ସଂବୀକ୍ଷ୍ୟ ତତ୍‌ପଥମଥାବରୁଣଦ୍ଧି ଶୀଘ୍ରଂ
କାନ୍ତାଧରେ ଧବଲମାସୁଖମାଦଧାନଃ ॥ ୧୧ ॥

ଅବାପ୍ୟ ଜ୍ୟୋସ୍ନାଂ ରଜନୀଷୁ କୌତୁକୀ
ତଦୀୟୃଷ୍ଟଂସର୍ଗସୁଖାର୍ଥିନୋଽପି ତେ
ଲତାଦ୍ରୁମା ହନ୍ତ ନିଶାନ୍ତଦୁଃଖିନୋ-
ରୁଦନ୍ତି କିଂ ପତ୍ରମୁଖାଗ୍ରଦାରଭିଃ ॥ ୧୨ ॥
ଇତ୍ଥଂ କ୍ଷପାକରକରୈ ଭୁବନଂ ସମସ୍ତ-
ମାନନ୍ଦସିନ୍ଧୁସଲିଲେଷୁ ନିମଜ୍ଜୟନ୍ତଃ ।
ଦୁଃଖେନ ଖେ ଦିନମୁଖେ ବିଲୟଂ ପ୍ରୟାନ୍ତି
ସର୍ବେଽପି ଯଦ୍ ଧ୍ରୁବ ଭବନ୍ତି ବିଧେରଧୀନାଃ ॥ ୧୩ ॥

# ଯୁଗପ୍ରବର୍ତ୍ତକ ରାଧାନାଥ

ଶ୍ରୀ ଉପେନ୍ଦ୍ର ପ୍ରସାଦ ତ୍ରିପାଠୀ ସାହିତ୍ୟାଗ୍ରଣୀ, ୪ର୍ଥ ବାର୍ଷିକ ଛାତ୍ର

ଓଡ଼ିଆ ସାହିତ୍ୟର ମଉଡ଼ମଣି ରୂପେ ସୁଗୃହୀତ-ନାମା ଯେଉଁ ମନୀଷିବୃନ୍ଦ ଅମର ଦୃଷ୍ଟିପଥାରୂଢ ହୁଅନ୍ତି, ସେମାନଙ୍କ ମଧ୍ୟରେ କବିବର ରାଧାନାଥ ଅନ୍ୟତମ । ଯେଉଁ ଯୋଗଜନ୍ମାଙ୍କ ଆବିର୍ଭାବରେ ଓଡ଼ିଆଭାଷା ଯୁଗୋପଯୋଗୀ ପଡ଼ୋଶୀ ଭାଷାମାନଙ୍କ ସହିତ ପାଦ ମିଳାଇ ଅଗ୍ରଗତି କରିପାରିଲା, ପ୍ରାଣସ୍ପର୍ଶୀ ସୁକୁମାର କାନ୍ତକୋମଳ ପଦାବଳୀର ବିନିବେଶରେ ମଞ୍ଜୁଳରୁ ମଞ୍ଜୁଳତର ହୋଇପାରିଲା, ସେ ମହାଶୟଙ୍କ ଅବଦାନ ଭୁଲିବାର ନୁହେଁ । ଖାଲି ଏତିକି ତ ନୁହେଁ; ନବଜାଗୃତିରେ, ନୂତନ ଭାବଧାରାରେ, ଅଭିନବ ଛନ୍ଦ ମାଧୁରୀରେ, ଅନୁପମ ରଚନା ଶୈଳୀରେ ଓ ନିସର୍ଗମନୋହର ପ୍ରକୃତି ବର୍ଣ୍ଣନର ରୂପ ପରିବର୍ତ୍ତନରେ ସେ ଯେପରି ଆତ୍ମ ପରିଚୟ ଦେଇଛନ୍ତି, ତାହା ଆଜିର ସମାଜପକ୍ଷେ ଅତ୍ୟନ୍ତ ଉପଯୋଗୀ ହୋଇପଡ଼ିଛି । ନବୀନ ପ୍ରକାଶଭଙ୍ଗୀ ପାଠକ ବର୍ଗଙ୍କୁ ମୁହୁର୍ମୁହୁଃ ଉନ୍ମୁଖୀ କରାଏ । ରାଧାନାଥଙ୍କ ଦିବ୍ୟଦୃଷ୍ଟି ଓ ଅପ୍ରତିହତ ପ୍ରତିଭା ତଥା ତାଙ୍କର ବଳିଷ୍ଠ ଲେଖନୀ ଓଡ଼ିଆ ପ୍ରାଣରେ ଅଭୂତପୂର୍ବ ସ୍ପନ୍ଦନ ଖେଳାଇ ପ୍ରସନ୍ନ ଗମ୍ଭୀର ଅନ୍ତଃସଳିଳା ଫଲ୍‌ଗୁର ଅବିଚ୍ଛିନ୍ନ ଧାର ବୁହାଇବାକୁ ସମର୍ଥ ହୋଇଛି ।

ରୀତି-ଯୁଗରେ କବି-କର୍ମ-ପରମ୍ପରାକୁ ଅନୁକରଣ କରି ଲେଖନୀ ଧରିବା ଥିଲା କବିମାନଙ୍କର ଅତ୍ୟୁତ୍ତମ ଅବଲମ୍ବନ । ପ୍ରାକ୍‌ଭଞ୍ଜୀୟ ଯୁଗରେ କାବ୍ୟ ଜଗତ ନିର୍ଦ୍ଦିଷ୍ଟ ବିଷୟ ବସ୍ତୁର ଥିଲା ଅବତରଣିକା । ପଞ୍ଚସଖା କାବ୍ୟ ରାଧାକୃଷ୍ଣ ପ୍ରେମର ଏକ ଏକ ନିଖୁଣ ଚିତ୍ର । ରାଧା-ହରି-ଭାବର ମୌଳିକ ଉପାଦାନ ଆବରଣରେ ଭିନ୍ନ ଭିନ୍ନ ରୂପନେଇ ଯଦି ଚ କାବ୍ୟ ଆତ୍ମପ୍ରକାଶ କରୁଥିଲା ତଥାପି ସର୍ବତ୍ର ରାଧାକୃଷ୍ଣ ପ୍ରେମ ଥିଲା ମୁଖ୍ୟ ଆଲୋଚ୍ୟ ଓ ଉପଜୀବ୍ୟ ବିଷୟ । ଭଞ୍ଜୀୟ କାବ୍ୟ ହେଲା ରାଜ-ସ୍ତାବକର ପ୍ରତିନିଧି । ରାଜା ରାଣୀଙ୍କର ପ୍ରେମ ବର୍ଣ୍ଣନ କରିବାରେ କବିଙ୍କର ଲେଖନୀ ସତତ ବ୍ୟଗ୍ର । କିନ୍ତୁ ରାଧାନାଥ ପ୍ରେମର ଏ ଏକଦର୍ଶିତାକୁ ଏକାବେଳେକେ କାବ୍ୟ କଳା ପୀଠରୁ ହଟାଇ ଦେଲେ । ତାଙ୍କର ଅନନ୍ୟ ସାଧାରଣ ପ୍ରେମ ବିଭୂଷିତ ହେଲା ଏକ ଅପୂର୍ବ ଭୂଷଣରେ, ନୂତନ କଳ୍ପନାମୟ କମନୀୟ ମହାର୍ଘ ପରିଚ୍ଛଦରେ, ଯେଣୁ କବି କଳ୍ପନା ବିଳାସୀ । ତାଙ୍କର ମନ୍ଦ୍ରନିନାଦିନୀ ଲେଖନୀ ତୂଳିକା ରାଧାକୃଷ୍ଣ ବା ରାଜାରାଣୀଙ୍କ ପ୍ରେମ ବର୍ଣ୍ଣନରେ ସସୀମ ନ ରହି ପ୍ରଧାବିତ ହେଲା ଅନନ୍ତ ବିଶ୍ୱର ଅସୀମ ପ୍ରେମ ସ୍ପୃହାର ଗୂଢ଼ ରୂପ ରୂପାୟିତ କରିବାକୁ । ଦେଶପ୍ରେମ, ଗଣଚେତନା, ଜାତୀୟଭାବର ନବ ଜାଗରଣ, ଏ ସବୁର ପୁଷ୍କଳ ଆଲେଖ୍ୟ ସର୍ଜିବାରେ କବି ଥିଲେ କୃତବିଦ୍ୟ । ପୂର୍ବରୁ ନାୟକ ନାୟିକା ଗତ ଉଦ୍ଦାମ ଯୌନକଳା ଓ ଦୈହିକ ପ୍ରେମ କାବ୍ୟ କଳାର ଥିଲା ସାର ସମ୍ପଦ । କିନ୍ତୁ କବି ତାଙ୍କ କାବ୍ୟକୁ ଉପରୋକ୍ତ ପ୍ରେମ କଳାର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ମନେ ନ କରି ଉଦାର ଚରିତରେ, ମହାମାନବର ଯଶୋଗାନରେ, କୀର୍ତ୍ତିଶାଳୀର ମହତ୍ତ୍ୱ ବର୍ଣ୍ଣନରେ, ନାନାବିଧ ମୌଳିକ ଶିକ୍ଷାରେ ବିମଣ୍ଡିତ କରିଦେଲେ । ଫଳରେ ଆମୂଳ ଚୂଳ ଦୀନତାର କରୁଣ ଛବିଠାରୁ ଦ୍ୱିତଳ ପ୍ରାସାଦସ୍ଥ ଧନିକର ସୁନେଲି ଛବି, ନଗ୍ନର କଦାକାର ଆଲେଖ୍ୟଠାରୁ ଅସୂର୍ଯ୍ୟଂପଶ୍ୟା ମଦାଳସୀର ମନୋରମ ଯୌବନ ବିଳାସ ପର୍ଯ୍ୟନ୍ତ ସମସ୍ତ ବିଭବ ସାବଲୀଳ ଭାବରେ ଭାବୁକର ମନ ମନ୍ଦିରରେ ସମୁଚ୍ଚ ଆସନ ଲାଭକରି ବସିଲା, ଯଦ୍ଦ୍ୱାରା ପାଠକ ହେଲା ଭାବପ୍ରବଣ, ରସୈକତାନ-ହୃଦୟ ଓ ଆତ୍ମହରା ।

ଭାଷା ହେଉଛି ଭାବର ବାହନ । ଭାଷା ସମୁନ୍ନତ ଓ ହୃଦୟସ୍ପର୍ଶୀ ନହେଲେ କବିର ଭାବରାଜିକୁ ଅଭିବ୍ୟଞ୍ଜିତ କରିବାକୁ ସମର୍ଥ ହୁଏନି । ରଙ୍ଗ ପ୍ରଭା ସମ୍ପନ୍ନ ନ ହେଲେ ଯେପରି ଶିଳ୍ପୀର ଅପୂର୍ବ ଆଲେଖ୍ୟ ଜୀବନ୍ତ କରିପାରେନି, ଠିକ ସେପରି କବିର କାବ୍ୟାବଳୀ ଉଚ୍ଚ ଚିନ୍ତା ମଞ୍ଜୁଳ କଳ୍ପନା ଓ ଶବ୍ଦଲାଳିତ୍ୟ ସଂଗେ ସଂଶ୍ଳିଷ୍ଟ ନ ହେଲେ କଦାପି ତାହା ସାହିତ୍ୟ ଆକାଶରେ ଧ୍ରୁବ ତାରା ରୂପେ ପରିଗଣିତ ହୋଇ ପାରେନି । କାରଣ ସାହିତ୍ୟ ହେଉଛି ସମାଜର ପ୍ରତିଚ୍ଛବି । ଦୈନନ୍ଦିନ ଜୀବନ ଚିତ୍ରଦ୍ୱାରା ଯେଉଁ କାବ୍ୟ ଯେତେ ପୁଷ୍ଟ ତାହା ସେତେ ସମୃଦ୍ଧ ଓ ତା'ର ଗୌରବ ସେତେ ଅଧିକ । ପୁରାଣ ତଥା ରୀତି ଯୁଗର ସାହିତ୍ୟରେ ଜୀବନ ଚିତ୍ରର ପରିସର ସଂକୀର୍ଣ୍ଣ ଓ ସୀମାବଦ୍ଧ । ବ୍ରଜଭାବରେ ଉଦ୍‌ବୁଦ୍ଧ କବି ରଚୁଥିଲା ରାଧାମାଧବଙ୍କର ଜୀବନ ଇତିହାସ । ଅନୁପମ ମୈତ୍ରୀର ଅଳରେ ରାଜସଭା ପଣ୍ଡିତ ପାଳୁଥିଲା ବାକ୍‌ପଟୁ ସ୍ତାବକ । କିନ୍ତୁ ରାଧାନାଥ ଏ ପରମ୍ପରା ଉପରେ କୁଠାର ଆଘାତ କରି ଓଡ଼ିଆ ସାହିତ୍ୟରେ ଯେଉଁ ଦିଗ୍‌ଦର୍ଶନ ପ୍ରଦର୍ଶନ କରିଛନ୍ତି, ତାହା ପାଠକ ହୃଦୟରେ ଆନନ୍ଦର ଅମନ୍ଦ ମନ୍ଦାକିନୀ ପ୍ରବାହିତ କରି ପାରିଛି । ଏଭଳି ଏକ ତୁମୁଳ ସଂଗ୍ରାମ ସଂଘଟିତ ହେବା ଦ୍ୱାରା କବିର ଦୃଷ୍ଟିକୋଣ ଅନନ୍ତ କଳ୍ପନା ସାଗରର ଅଗଣିତ ବୀଚିମାଳାକୁ ରୂପେଲି ରଂଗରେ ରଞ୍ଜିତ କରି ପାରିଛି । ସେ ମହାଶୟ ଜୀବନର ନାନା ଦିଗ, ନାନା ଅବସ୍ଥା ଚିତ୍ରିତ କରି ସ୍ୱନୈପୁଣ୍ୟ ପ୍ରକାଶନରେ ସାହିତ୍ୟର ସରସତା ଓ ଅଧେତୃ-ବର୍ଗର ସାରସ୍ୱତ ପ୍ରେମ ବର୍ଦ୍ଧନ ପୂର୍ବକ ପ୍ରଭୂତ ଉପକାର ସାଧନ କରିଛନ୍ତି । ବାସ୍ତବରେ କବିଙ୍କର ଅମର କାବ୍ୟାବଳୀ ସ୍ପୃହୟାଳୁ ପାଠକ ପକ୍ଷେ ଏକ ଏକ ପ୍ରେମର ଉତ୍ସ ।

ପ୍ରତିଭାଶାଳୀ ଲେଖକ ନୋହିଲେ ଅସୀମ ଶବ୍ଦ-ସାଗର ଆଲୋଡ଼ନ କରିବା ତା'ପକ୍ଷେ ବିଡମ୍ବନା ମାତ୍ର । କାରଣ ଅସମସ୍ତ ବା ସମସ୍ତ ପଦାବଳୀ ଦ୍ୱାରା ବିଷୟ ବସ୍ତୁର ସମାବେଶ ଚିତ୍ତାକର୍ଷକ ହୋଇ ନପାରିଲେ କେବଳ ଆରୋହ ଅବରୋହ ମାତ୍ରେ କାବ୍ୟ କଦାପି ମନୋରମ ହୋଇ ପାରେନି । ବୈଷ୍ଣବଯୁଗ ଓ ଭଞ୍ଜ ଯୁଗରେ ବିଷୟବସ୍ତୁ ସାମାଜିକ ଜୀବନର ପୂର୍ଣ୍ଣ ପ୍ରକାଶକ ହୋଇନଥିବାରୁ କାବ୍ୟ ବହୁମୁଖୀ ଚିତ୍ରଣରୁ ଦୂରେଇ ଯାଇ ଏକ ନିର୍ଦ୍ଦିଷ୍ଟ ଗତାନୁଗତିକ ବର୍ଣ୍ଣନାରେ ପର୍ଯ୍ୟବସିତ ଥିଲା । କିନ୍ତୁ ରାଧାନାଥ ଦଳିତ ମାନବର ପ୍ରତିଚ୍ଛବି, ରାଜନୈତିକ, ସାମାଜିକ, ସଂଗଠନାତ୍ମକ ଓ ଦେଶବୋଧାତ୍ମକ ବିଷୟ ଗୁଡିକର ଅବତାରଣା କରିବାଦ୍ୱାରା ନିଜ କାବ୍ୟକୁ ଅଧିକ ଉପଯୋଗୀ କରି ପାରିଛନ୍ତି । ସାହିତ୍ୟ ସମାଜର ଦର୍ପଣ । ବିମଳ ଆଦର୍ଶ ପ୍ରତିବିମ୍ବ ନିଚୟର ଆସ୍ପଦ ନହେଲେ କଦାପି ତାହା ଆଦୃତ ହୁଏନା । କାବ୍ୟରେ କଳ୍ପନା ଚାତୁରୀ ଓ ଚରିତ୍ର ଚିତ୍ରଣ ଯୁଗୋପଯୋଗୀ ରୁଚି ସମ୍ପନ୍ନ ହେବାହିଁ ଉଚିତ । କବିଙ୍କ "ଉଷା" କାବ୍ୟରେ ଏହି ଗୁଣ ସମ୍ୟକ୍ ବିକଶିତ ଓ ଏଥିରେ ସମ୍ପୂର୍ଣ୍ଣଭାବେ ଆତ୍ମ ପ୍ରକାଶ କରିଛି ତାଙ୍କର ସୁତୀକ୍ଷ୍ଣ ପ୍ରତିଭା ।

ପ୍ରକୃତି ଚିତ୍ରଣ କାବ୍ୟର ଏକ ବିଶିଷ୍ଟତମ ଅଙ୍ଗ । ଅନ୍ତଃ - ପ୍ରକୃତି ସହିତ ବହିଃ -- ପ୍ରକୃତିର ରୂପଲାବଣ୍ୟ ଐକତାନିକ ଭାବରେ ଗତିଶୀଳ ନହେଲେ କବିତା ସୁନ୍ଦରୀ ଶୋଭାର ଆନନ୍ତ୍ୟରୁ ବଞ୍ଚିତା ହୁଅନ୍ତି । ପ୍ରାଗ୍ ରାଧାନାଥ ଯୁଗରେ ପ୍ରକୃତିଚିତ୍ର ସୀମାବଦ୍ଧ ଥିଲା । ବଣ, ପାହାଡ଼, ଗ୍ରୀଷ୍ମ, ବର୍ଷା, ଚନ୍ଦ୍ରରଜନୀ, ସୂର୍ଯ୍ୟୋଦୟ ସମ୍ଭୋଗ ଓ ବିପ୍ରଲମ୍ଭ ଶୃଙ୍ଗାର ପ୍ରଭୃତିର ବର୍ଣ୍ଣନା ପ୍ରାୟ ଏକ ପ୍ରକାର ଥିଲା । ଫଳତଃ ପ୍ରତ୍ୟେକ କାବ୍ୟ ପ୍ରତ୍ୟେକର ଅନୁଗାମୀ ରୂପେ ପାଠକ ସମକ୍ଷରେ ପ୍ରତିଭାତ ହେଉଥିଲା । ଚିତ୍ରଣର ନୂତନ ଉନ୍ମେଷ ଲାଭରୁ ବଞ୍ଚିତ ହୋଇ ପାଠକ ଆକ୍ଷେପ କରିବାରେ କାଳକ୍ଷେପ କରୁ ନଥିଲା, କିନ୍ତୁ ଭାଷା ରାଣୀଙ୍କର ଯୋଗ୍ୟତମ ପୁତ୍ର ରାଧାନାଥ ଉତ୍ତମ ରୂପେ ଅବହିତ ହୋଇଥିଲେ ଯେ ଭଞ୍ଜୀୟ କବିତା ଗଗନର ରବି ଅସ୍ତମିତ ପ୍ରାୟ । ଓଜୋବ୍ୟଞ୍ଜକ ଶବ୍ଦ ସମ୍ଭାରକୁ ପାଥେୟ କରି ରସ

ସାମଗ୍ରୀ ପାନ କରିବାକୁ ଶ୍ରୋତା ଏକାନ୍ତ ନିସ୍ପୃହ । ଭିନ୍ନ ରୁଚିର ଅହ୍ୱାନ ଯେତେବେଳେ କବି ପ୍ରାଣର ସୂକ୍ଷ୍ମ ତନ୍ତ୍ରୀକୁ ଝଂକୃତ କରୁଛି, ସେତେବେଳେ ଚନ୍ଦ୍ରିମା ଚକୋର କୋକିଳ କୂଜନର ବାତ୍ୟା ବୁହାଇ ବିରହୀର କୃଷ ପାଣ୍ଡୁ ଛବି ସମାଜ ଆଖିରେ ଥୋଇବା ସମୀଚୀନ କି ? ଏହା ଏକା ରାଧାନାଥ କାହିଁକି ସବୁଜ ଯୁଗର କବି କଧି ମୁକ୍ତ କଣ୍ଠରେ ଗାଇଛନ୍ତି । "ଚନ୍ଦ୍ରିମା ଚକୋର କୋକିଳ କଥାତ ବହୁତ ହେଲାଣି ଶୁଣା, ବିରହ ନିଶିରେ ବ୍ୟଥାର ଲୋତକ ବହୁତ ହେଲାଣି ଚୁଣା" । ଆଜ ସେ ସବୁର ନିଖୁଣ ନମୁନା ଦେବାର ବେଳ ନାହିଁ । କାରଣ "ଜାଗଇ ଶ୍ରମିକ କବି, ଦେଖି ଭାଇ ଥରେ ଦୁଇ ଆଖି ଖୋଲି ଦଳିତ ମାନବ ଛବି ।

କଂକାଳର ଡାକ, ନିପ୍ପେଷିତର କରୁଣ କ୍ରନ୍ଦନ ଜନତାର ଅନ୍ତରାଳରେ ଲୁଚିବାର ବେଳ ବିତି ଯାଇଛି । ତେଣୁ ରାଧାନାଥ ଓ ତାଂକ ସମସାମୟିକ କବି ଜଗାଇ-ଛନ୍ତି ନୂତନ ପ୍ରବୋଧନା, ଅଭିନବ ସ୍ଫୁର୍ତ୍ତି ଓ ଉଚ୍ଛଳ ଜାଗରଣ ।

କବିବର ଥିଲେ ପ୍ରକୃତି ଦେବୀଙ୍କର ପ୍ରବୀଣ ପୁରୋହିତ । ଯେଉଁଠାରେ ପ୍ରକୃତିର ଯେଉଁ ରୂପ ଆଙ୍କିବାକୁ ସେ ଲେଖନୀ ଚାଳନା କରିଛନ୍ତି, ଅନବଦ୍ୟ ସୁନ୍ଦର ଭାବରେ ଫୁଟି ଉଠିଛି ତା'ର ଜୀବନ୍ତ ବିଗ୍ରହ । ପ୍ରକୃତିର ଗନ୍ତାଘର କବିଙ୍କ "ଚିଲିକା" ଏହାର ମୂକ ସାକ୍ଷୀ । ନୂତନ ଅଭିରୁଚି ସଙ୍ଗେ ଦୃଷ୍ଟି - ଭଙ୍ଗୀର ଅପରୂପ କାନ୍ତିରେ ତାଙ୍କର କବିତା - କାମିନୀ ସର୍ବଜନ ମନଃ ପ୍ରସାଦନୀ ହୋଇ ପାରିଛି ।

ବିଶେଷ କରି ଛନ୍ଦର ମଧୁମୟ ଝଂକାର କାବ୍ୟ କଳେବର ଲାବଣ୍ୟ ବର୍ଦ୍ଧନରେ ସର୍ବାଗ୍ରଣୀ । ପଞ୍ଚସଖା ଯୁଗରେ ଛନ୍ଦର ଉନ୍ନତ ଧୀର ମନ୍ଥର ଗତିରେ ଚାଲିଥିଲା ଶ୍ରବ୍ୟ କାବ୍ୟର ଉପାଦେୟତାକୁ ଲକ୍ଷ୍ୟ କରି ଯଦିଓ ଭଞ୍ଜ ଯୁଗର ଛନ୍ଦ ବହୁ ସଂଖ୍ୟକ ହୋଇ ପଡିଲା ଓ ସଂଗୀତର ଅମିୟ ମୂର୍ଚ୍ଛନା ତୋଳିବାରେ କବି ପ୍ରାଣ ଉଦ୍ବେଳିତ ହୋଇ ପଡ଼ିଲା, ତଥାପି ତାହା ଭାବର ପ୍ରକୃତ ରୂପ ସାଧାରଣ ପାଠକ ଆଗରେ ଉପସ୍ଥାପିତ କରିବାକୁ ସମର୍ଥ ହୋଇ ପାରିଲାନି । ଓଡ଼ିଆ ସାହିତ୍ୟ କାନନର ବନପ୍ରିୟ ରାୟ ସାହେବ ମହୋଦୟ ଏ ପରମ୍ପରାକୁ ବଦଳାଇବା ସଙ୍ଗେ ସଙ୍ଗେ ସର୍ବ ପ୍ରଥମେ ଅମିତ୍ରାକ୍ଷର ଛନ୍ଦର ଆଶ୍ରୟ ନେଲେ । ଯଦିଓ ସେ ପ୍ରାଚୀନ ଛନ୍ଦକୁ ଏକାନ୍ତ ଅଗ୍ରାହ୍ୟ ମନେ କରି ନଥିଲେ, ତଥାପି ତାଙ୍କର ଅମିତ୍ରାକ୍ଷର ଛନ୍ଦ କବିର ସର୍ବବିଧ କଳ୍ପନାରାଜିକୁ ଫୁଟାଇବାରେ ପ୍ରଧାନତମ ଅବଲମ୍ବନ ହୋଇ ପଡିଲା । ସଂଗୀତପୀଠ ଉତ୍କଳରେ ନବ ସାହିତ୍ୟର ପ୍ରତିଷ୍ଠା ଲାଗି ଭାବ ସମୁଦାୟର ଅତ୍ୟନ୍ତ ଅନୁକୂଳ ହୋଇଉଠିଲା ଅମିତ୍ରାକ୍ଷର ବୃତ୍ତ । ଶ୍ରବଣ ରସାୟନ ପୂର୍ଣ୍ଣ ଅମିତ୍ରାକ୍ଷର ମନରେ ସୃଷ୍ଟି କଲା ଏକ ଅପୂର୍ବ ଆକର୍ଷଣ । ବାସ୍ତବରେ ସର୍ବାଗ୍ରେ ଛନ୍ଦ ଶାସ୍ତ୍ରର ପ୍ରାଚୀନ ପରମ୍ପରାକୁ ବଦଳାଇ ନୂତନ ଛନ୍ଦର ଉଲ୍ଲୋଳ-କଲ୍ଲୋଳ-ମନ୍ଦାକିନୀ ପ୍ରବାହିତ କରିବାରେ କବିବର ଥିଲେ ଦ୍ୱିତୀୟ ଭଗୀରଥ ।

ରଚନାଶୈଳୀ ସମ୍ବନ୍ଧ ପ୍ରଣିଧାନର ବିଷୟ । ଭାଷା ଓ ଛନ୍ଦ ଏ ଦୁଇଟି ଶୈଳୀର ମୁଖ୍ୟତମ ଅଙ୍ଗ । ପାଣ୍ଡିତ୍ୟ ପ୍ରତିଭା ଓ ଅଭ୍ୟାସ ବା ରୁଦ୍ରଟଂକ ଭାଷାରେ "ଶକ୍ତି-ର୍ବ୍ୟୁତ୍ପତ୍ତିରଭ୍ୟାସଃ" ଯଦିଓ ଅଳଙ୍କାର ବିଶାରଦ ମାନଙ୍କର ମତରେ କାବ୍ୟର ସାଧନ ତ୍ରୟ, ତଥାପି ଏମାନଙ୍କ ମଧ୍ୟରେ ଅପ୍ରତିହତ ପ୍ରତିଭା ସର୍ବାତିଶାୟୀ । ନୂତନ ଉନ୍ମେଷର ଉଦ୍ରେକ ନହେଲେ କାବ୍ୟ କଦାପି ସରସ ହୁଏ ନା । କବିତ୍ୱର ମୂଳରେ ପ୍ରତିଭା ହିଁ ବିଦ୍ୟମାନ । ପ୍ରତିଭାର ସ୍ଫୁର୍ତ୍ତି ହେଲେ ଫୁଟି ଉଠେ ରସାଳ ସମୁନ୍ନତ ଚିନ୍ତା, ସୁସ୍ପଷ୍ଟ ଭାବଧାରା, କର୍ଣ୍ଣମନରସାୟନ ରଚନା ଶୈଳୀ, ହୃଦୟାନନ୍ଦିନୀ ବର୍ଣ୍ଣନ ଚାତୁରୀ ଓ ଚିତ୍ତଚମତ୍କାରିଣୀ ଶବ୍ଦାର୍ଥ ମାଧୁରୀ । ସୁତରାଂ ପ୍ରତିଭା ବିକାଶର ଦେହଳୀ ସଦୃଶ ରଚନା ଶୈଳୀ ଯଦି ବଳିଷ୍ଠ ଉପାଦାନରେ ଗଢି ନଉଠେ, ତା'ହେଲେ ଉପରୋକ୍ତ କାବ୍ୟାଙ୍ଗ ପ୍ରକୃତ ରୂପ ପାଏନା । ଭଞ୍ଜୀୟ କାବ୍ୟରେ

ଶବ୍ଦ ପାଣ୍ଡିତ୍ୟ, ଅଳଂକାର ବର୍ଜ୍ଜିତ ଥିଲେ କଅଁଣ ହେବ, ସେଥିରେ ସାଧାରଣର ପ୍ରବେଶ ଦୁରୂହ ! ଯେଉଁ କେତେ ଜଣ ବା ଅନୁରାଗୀ ଥିଲେ, ତାଂକୁ ପ୍ରଥମେ କୋଶ ବ୍ୟାକରଣରେ ମହାର୍ଘ ବହୁଦର୍ଶିତା ଅର୍ଜ୍ଜନ କରିବାକୁ ପଡୁଥିଲା । ତା' ନୋହିଲେ ସେ ବେଳର କାବ୍ୟ ଲୋକଲୋଚନରେ ଅମା ଅନ୍ଧକାର ଖେଳାଇ ଦେଉଥିଲା । କିନ୍ତୁ ରାଧାନାଥ ଗଣଭାଷାକୁ ଲକ୍ଷ୍ୟ କରି ତାଂକ କାବ୍ୟରେ ଅନୁରୂପ ଭାଷା ବିନିଯୋଗ କଲେ, ଯାହାଫଳରେ କାବ୍ୟର ଭାଷା ହେଲା ସରଳ, ପ୍ରାଞ୍ଜଳ ଓ ସାବଲୀଳ । ଶବ୍ଦ ସମୂହର ଅପେକ୍ଷାକୃତ ନିରାଡମ୍ବରତା ପାଠକଶ୍ରେଣୀ ନିମିତ୍ତ ଲଳିତ, ସୁଖପାଠ୍ୟ ଓ ସହଜ-ବୋଧ ହୋଇ ପଡ଼ିଲା । କବିଂକ ଜାତୀୟ ପ୍ରେରଣାର "ଦରବାର" ହେଉଛି ସମସାମୟିକ ରଚନାଶୈଳୀର ପ୍ରକୃଷ୍ଟ ନିଦର୍ଶନ ।

ପୂର୍ବରଚିତ "ବୈଦେହୀଶ ବିଳାସ" ତଥା ପୁରାଣ ଯୁଗର ପ୍ରଣୀତ କାବ୍ୟ ସମୂହ ପରି ମହାକାବ୍ୟ ମାନଂକୁ ଦୀର୍ଘ ଦିନ ଧରି ଧୈର୍ଯ୍ୟସହ ଅଧ୍ୟୟନ କରିବାରେ ପାଠକବର୍ଗ ସେତେ ପ୍ରୟାସୀ ନଥିଲେ । ତେଣୁ ସେମାନେ ମହାକାବ୍ୟର ରସାଳତା ଓ ଭାବ ଗମ୍ଭୀରତାକୁ ମାର୍ମିକ ଦୃଷ୍ଟିରେ ଲକ୍ଷ୍ୟ ନକରି ତୃଷ୍ଣ ନିରୀକ୍ଷଣର ଆଳରେ ଅଧ୍ୟୟନକୁ ବାହି ଦେବାକୁ ବସିଲେ । ସୁତରାଂ ପୂର୍ବତନ ମହାକାବ୍ୟ ଏବର କାବ୍ୟ ଯୁଗର ପୃଷ୍ଠ ଭୂମିକା ହୋଇ ରହିଲାନି । ଖଣ୍ଡକବିତା ଓ ଖଣ୍ଡକାବ୍ୟର ପ୍ରଣୟନ ଆଧୁନିକ ଯୁଗର ଏକ ଅପୂର୍ବ ଅବଦାନ । ବିଶେଷକରି "ବ୍ୟଙ୍ଗସାହିତ୍ୟ" ସର୍ବଶ୍ରେଣୀର ପାଠକ ପାଠିକାଂକ ପାଇଁ ସ୍ନେହର ଆସନ ବିସ୍ତାରକରି ବସିଲା । କବିଂକ "ଦରବାର" ଏହାର ଜ୍ୱଳନ୍ତ ଉଦାହରଣ ।

ଅନୁବାଦ ମୂଳକ କବିତାର ଅଭାବ ଉପଲବ୍ଧି କରି କବି ସାରସ୍ୱତ ଭଣ୍ଡାରର ଶ୍ରୀବୃଦ୍ଧି ନିମନ୍ତେ ସର୍ବ ପ୍ରଥମେ ଲେଖନୀ ଚାଳନା କରିଥିଲେ । ସଂସ୍କୃତ ସାହିତ୍ୟର ଅପରୂପ ଛନ୍ଦମାଧୁରୀ - ଭରା "ମେଘଦୂତ"ର ଅନୁବାଦ ବୀଣାପାଣିଂକର ଅସୀମ ଆଶୀର୍ବାଦ ବିନା ! ଏହା ଦ୍ୱାରା ଓଡ଼ିଆ ଭାଷା ମାତ୍ର ସମ୍ବଳ ପାଠକ ଭିନ୍ନ ଭାଷାଗତ ଉପାଦେୟ ବସ୍ତୁର ଆସ୍ୱାଦନରେ ନିଜକୁ କୃତାର୍ଥ ମନେ କରିବା ସ୍ୱାଭାବିକ । ଅତଏବ କାଳି-ଦାସଂକ ସିଦ୍ଧହସ୍ତତା ଆଉ ତା ଆଗରେ ଅପୌରୁଷେୟ ହୋଇ ପାରିଲାନି । ସାହିତ୍ୟକ୍ଷେତ୍ରରେ ରାଧାନାଥଂକ ଅଳଂକାର ବିନ୍ୟାସ ଆଧୁନିକ ଦୃଷ୍ଟିରେ ପ୍ରାଚୁର୍ଯ୍ୟ ଦୋଷ ଦ୍ୱାରା ଦୂଷିତ ହେଲେ ମଧ୍ୟ ସ୍ୱୀୟ ବିଳାସ କବିତ୍ୱର ଅଭିବ୍ୟକ୍ତିରେ ତାହା ମନୋରଞ୍ଜକତାର ବୈଷ୍ଟନୀକୁ ଉନ୍ନତରୁ ଉନ୍ନତତର କରିପାରିଛି । ତାଂକର କାବ୍ୟ ସମୁଦାୟ ପରିଶୀଳନ କଲେ ଆତ୍ମପ୍ରତ୍ୟୟ ହୁଏ ଯେ ତାଂକର କୃତବିଦ୍ୟତା ଓ କୃତକାର୍ଯ୍ୟତା ସର୍ବଥା ଧନ୍ୟ-ବାଦାର୍ହ । ସାରସ୍ୱତ ମନ୍ଦିରର ସଂକୀର୍ତ୍ତିତାକୁ ଏଡ଼ି ଦେବାରେ କବି ଥିଲେ ଅନ୍ୟତମ ଅଧିନାୟକ ।

ହେ ବରେଣ୍ୟ କବି ! ଉତ୍କଳୀୟ ଭାବରେ ଦେଶବାସୀଂଙ୍କର ସାରସ୍ୱତ ପ୍ରେମ ବଢ଼ାଇବା ସଂଗେ ସଂଗେ ସମସାମୟିକ ଓ ତତ୍ ପରବର୍ତ୍ତୀ କବିମଣ୍ଡଳୀକୁ ଯେଉଁ ନୂତନ ଉଦ୍‌ବୋଧନ ଶୁଣାଇ ଯାଇଛ, ସେଥି ପାଇଁ ଉତ୍କଳବାସୀ ତୁମଠାରେ ସର୍ବଦା ଋଣୀ । ରୋଗ, ଶୋକ, ଜରାକ୍ଳିଷ୍ଟ ତୁମର ନର କଳେବର ଇହଲୀଳା ସାଙ୍ଗ କରି ଅଛି ସତ, କିନ୍ତୁ ତୁମର ଅମର କାବ୍ୟାବଳୀ ସୁବର୍ଣ୍ଣ ବର୍ଣ୍ଣରେ ଚିରଭାସ୍ୱର ଓ ତୁମେ ଯଶୋଦେହେ ଆୟୁଷ୍ମାନ୍ । ପଲ୍ଲୀପ୍ରାଣ ନନ୍ଦ କିଶୋରଂକ ଭାଷାରେ
"କିନ୍ତୁ ତୁମ୍ଭେ ଦୀନ କବି ରହିବ ଜୀବିତ,
ଯେତେ ଦିନ ଥିବ ଭବେ ଓଡ଼ିଆ ସାହିତ୍ୟ" ।

# ନିବେଦନ

ଲେଖକ:- ଜଣେ ଭକ୍ତ

## ଓଁ ନମୋ ଜଗନ୍ନାଥାୟ

ତେର ବର୍ଷ ପାଇଁ (ପଦେ) ଆଶ୍ରୟ ଦେଇ ହେ
ତେର ଦିନକୁ ଅନ୍ତର
କିପାଇଁ କରୁଛ ନ ଜାଣେ ମୁହିଁ ହେ
ଦୀନ ଅଧମ ପାମର ।୧।

ଆଶା କରଥିଲି ପାଟ ପିନ୍ଧାଇବ
ଫଳକ ଦେଖି ମୁଁ ତଳେ
ଦୟାକର ପ୍ରଭୁ ନିକଟେ ରଖିବ
ମୃତ୍ୟୁପରେ ଅବହେଳେ ।୨।

ମାତ ନାହିଁ ପାଇଁ ସେ ଆଶାରେ ବାଧା
ନ ଜାଣେ ମୁଁ ତୁମ୍ଭ ମାୟା
ଦୟାକର ପ୍ରଭୁ ତୁମ୍ଭେ ହୁଅ କାୟା
ମୁଁ ହୁଏ ତୁମ୍ଭର ଛାୟା ।୩।

ଅନ୍ତର୍ଯାମୀ ପ୍ରଭୁ ଅନ୍ତର ବେଦନା
ଭକ୍ତର କି ଅଛି ଜାଣ
କି କହିବ ମୁହିଁ ଅଧିକ ପ୍ରଭୁ ହେ
ଏ ସବୁ ତୁମ୍ଭ ଭିଆଣ ।୪।

ସହିବାକୁ ଆଉ ନାହିଁ ଶକ୍ତି ପ୍ରଭୁ
ଶ୍ରୀପଦେ କରେ ମିନତି
ଟିକେ ଶାନ୍ତି ଦେଇ ଦାସକୁ ରଖିବ
ଚରଣେ କରେ ପ୍ରଣତି ।୫।

ଭବଦୀୟ
ଦାସାନୁଦାସ

# ସନାତନଧର୍ମ ବିଷୟରେ ପଦେ ଅଧେ

ଲେଖକ- ଅଧ୍ୟାପକ ଶ୍ରୀ ପଦ୍ମନାଭ ମିଶ୍ର

ସନାତନଧର୍ମ- ଏହି ଶବ୍ଦଟିର ଦୁଇଟି ଭାଗ କଳ୍ପନା କରି ଯାଇପାରେ ଯଥା-

(୧) ସନାତନ (୨) ଧର୍ମ । ସନାତନ - ଯାହା ସବୁକାଳରେ ରହିଥାଏ । ଧର୍ମ- ଶ୍ରେୟସ୍କର (ଧର୍ମ ଶବ୍ଦର ଉକ୍ତଅର୍ଥ "ଚୋଦନାଲକ୍ଷଣୋଽର୍ଥୋ ଧର୍ମଃ" ଏହି ପୂର୍ବ ମୀମାଂସାସୂତ୍ରର ଶାବର ଭାଷ୍ୟରେ କରି ଯାଇଛି) । ଦୁଇ ପଦର ଅର୍ଥ ମିଳାଇ ଦେଲେ ସବୁ କାଳରେ ରହିଥିବା କଲ୍ୟାଣକାରୀ ବିଧି ବ୍ୟବସ୍ଥା - ଏହା ବୁଝାଯାଏ ମାତ୍ର ସେହି ଅର୍ଥରେ କେବଳ ବ୍ୟବହୃତ ହୁଏ ନାହିଁ ।

ମନୁଷ୍ୟ ସାମାଜିକ ଜୀବ ଓ ଅନ୍ୟ ପ୍ରାଣୀଙ୍କଠାରୁ ବୁଦ୍ଧିମାନ୍ । ଏଣୁ ସେ ତାହାର ଜନ୍ମଠାରୁ ମରଣ ପର୍ଯ୍ୟନ୍ତ ଓ ତାପରେ ତାର ଅବସ୍ଥାନ କେଉଁଠାରେ କିପରି ହେବ, କଅଣ କଲେ ସୁଖ ବା ଦୁଃଖ ଭୋଗ କରିବାକୁ ପଡିବ, ତାର ସମାଜ ଓ ଦେଶ କିପରି ଉପଯୁକ୍ତ ଶୃଙ୍ଖଳାରେ ନିରୁପଦ୍ରବରେ ରହିବ ଇତ୍ୟାଦି ବିଷୟରେ ଯେଉଁ ବିଧି ବ୍ୟବସ୍ଥା ଉଦ୍ଭାବନ କରିଛି, କରୁଛି ଓ କରିବ ସେହି ଗୁଡିକ ଧର୍ମ ଅର୍ଥାତ୍ ଯେ ସମାଜକୁ ଓ ବ୍ୟକ୍ତିକୁ ଧାରଣ କରିଛି, କରୁଛି ଓ କରିବ । ଯାହା ଅଜ୍ଞାତ କାଳରୁ ଅଦ୍ୟାବଧିକାଳ ପର୍ଯ୍ୟନ୍ତ ନାନା ପରିବର୍ତ୍ତନ ମଧ୍ୟଦେଇ ଗତି କରିଛି, କରୁଛି ଓ କରିବ ତାହାହିଁ ସନାତନ ଧର୍ମ ।

ସେ ବିଷୟ ଯେଉଁ ଗ୍ରନ୍ଥରେ ଲିପିବଦ୍ଧ କରି- ଯାଇଛି, ଯାଉଛି ଓ ଯିବ ସେ ସମସ୍ତ ସନାତନ ଧର୍ମ ବିଷୟରେ ପ୍ରାମାଣିକ ଗ୍ରନ୍ଥ । ଏହି ଧର୍ମ ସଂବନ୍ଧୀୟ ବିଧି ବ୍ୟବସ୍ଥା ଏକ ସମୟରେ ବା ଏକ ପୁସ୍ତକରେ କେବେ ଯେ ଲିଖିତ ହୋଇଥିଲା ତାହାର ସୂଚନା କିଛି ମିଳେ ନାହିଁ ।

ବେଦ, ସ୍ମୃତି, ପୁରାଣପ୍ରଭୃତି ଗ୍ରନ୍ଥ ଧର୍ମର ନିର୍ଣ୍ଣାୟକ । ଅନେକଙ୍କର ମତ ବେଦ ଅନାଦି । ତାହାର କର୍ତ୍ତା କେହି ନାହିଁ । ବର୍ତ୍ତମାନ ଯେଉଁ ବେଦଭାଗ ମିଳୁଛି ସେଥିରୁ ବହୁ ଅଧିକ ବେଦଭାଗ ବ୍ୟାକରଣ ମହାଭାଷ୍ୟକାର ପତଞ୍ଜଳିଙ୍କ ସମୟରେ ମଧ୍ୟ ମିଳୁଥିଲା । ଏକଶତମଧ୍ୱର୍ଯ୍ୟୁଶାଖାଃ (ଏକଶହ ଏକ ଯଜୁର୍ବେଦର ଶାଖା), ସହସ୍ରବର୍ତ୍ମା ସାମବେଦଃ (ଏକ ହଜାର ସାମ ବେଦର ଶାଖା), ଏକବିଂଶତିଧା ବାହ୍ବୃଚ୍ୟମ୍ (ଏକୋଇଶି ଋଗ୍‌ବେଦର ଶାଖା), ନବଧା ଅଥର୍ବଣୋବେଦଃ (ନଅ ଅଥର୍ବ ବେଦର ଶାଖା) । (ପାତଞ୍ଜଳ ମହାଭାଷ୍ୟ ପ୍ରଥମାହ୍ନିକ) । ଏଣୁ ବେଦ ନାମରେ ସାଧାରଣ ଯାହା ବୁଝନ୍ତି ତାହା ଏକ ପୁସ୍ତକ ନୁହେ ବା ଏକ ସମୟରେ ଲେଖା କିଂବା କୁହା ଯାଇନାହିଁ ।

ବେଦ ପ୍ରଧାନତଃ ଦୁଇ ଭାଗରେ ବିଭକ୍ତ । (୧) ସଂହିତା (ମନ୍ତ୍ରଭାଗ) (୨) ବ୍ରାହ୍ମଣ (ମନ୍ତ୍ରଭାଗର ବ୍ୟାଖ୍ୟା) । ବିଷୟ ଦୃଷ୍ଟିରେ ମଧ୍ୟ ଉକ୍ତ ବେଦ ଦୁଇ ଭାଗରେ ବିଭକ୍ତ । (୧) କର୍ମକାଣ୍ଡ (ଯଜ୍ଞାଦିର ବ୍ୟବସ୍ଥା ଯେଉଁ ଭାଗରେ ଥାଏ) (୨) ଜ୍ଞାନକାଣ୍ଡ (ବ୍ରହ୍ମବିଷୟକ ବିଚାର ଯେଉଁ ଭାଗରେ ଥାଏ) । ଉପାସନା କାଣ୍ଡ ଓ ବିଜ୍ଞାନକାଣ୍ଡ ମଧ୍ୟ ଏହି କର୍ମକାଣ୍ଡ ଓ ଜ୍ଞାନକାଣ୍ଡର ଅନ୍ତର୍ଭୁକ୍ତ । ଜ୍ଞାନ କାଣ୍ଡକୁ ଉପନିଷଦ୍ ମଧ୍ୟ ବୋଲି ଯାଏ । ବେଦର ଅର୍ଥ ଏତେ ଗମ୍ଭୀର ଯେ ତାହା ନିରୂପଣପୂର୍ବୋକ୍ତ କରିବା ପାଇଁ ଦୁଇଟି ପ୍ରଧାନ ଦର୍ଶନ ଶାସ୍ତ୍ର ଓ ଛଅଟି ଅଙ୍ଗ

ଶାସ୍ତ୍ର ନିର୍ମିତ ହୋଇଅଛି । କର୍ମକାଣ୍ଡର ଦର୍ଶନ ଶାସ୍ତ୍ର-କର୍ମ ମୀମାଂସା ଓ ଜ୍ଞାନ କାଣ୍ଡର ଦର୍ଶନ ଶାସ୍ତ୍ର-ବ୍ରହ୍ମ ମୀମାଂସା (ବେଦାନ୍ତ ଦର୍ଶନ) । ଷଡଙ୍ଗ ଶିକ୍ଷା, କଳ୍ପ, ବ୍ୟାକରଣ, ନିରୁକ୍ତ, ଛନ୍ଦ ଓ ଜ୍ୟୋତିଷ । କର୍ମ-ମୀମାଂସାରେ ନାନାପ୍ରକାର ଯଜ୍ଞର କ୍ରମବିଧି ଓ ବ୍ରହ୍ମ-ମୀମାଂସାରେ ସଂସାରର ମୂଳଭୂତ ବ୍ରହ୍ମସ୍ୱରୂପ ଓ ତତ୍ତ୍ୱ-ପ୍ରାପ୍ତି ପ୍ରକାର ଲିପିବଦ୍ଧ କରି ଯାଇଅଛି । ଏହି ଦୁଇଟି ଶାସ୍ତ୍ର ଯେ କେବେ ପ୍ରଥମେ ହୋଇଥିଲା ତାହାର କୌଣସି ଐତିହାସିକ ପ୍ରମାଣ ନାହିଁ । ଶିକ୍ଷାରେ ବୈଦିକମନ୍ତ୍ରର ଉଚ୍ଚାରଣ ସ୍ୱର ଓ ବର୍ଣ୍ଣ ପ୍ରଭୃତିର ବିଚାର କରି ଯାଇଛି । କଳ୍ପ କହିଲେ ଚାରିପ୍ରକାର ପୁସ୍ତକ ବୁଝାଯାଏ । ଶ୍ରୌତସୂତ୍ର, ଗୃହ୍ୟସୂତ୍ର, ଧର୍ମସୂତ୍ର ଓ ଶୁଲ୍‌ବ ସୂତ୍ର । ଶ୍ରୌତସୂତ୍ରରେ ବେଦର କେଉଁ ମନ୍ତ୍ର କେଉଁ କାର୍ଯ୍ୟରେ ଲାଗିବ ତାହା ଓ ଯଜ୍ଞର ସ୍ୱରୂପ, ବିଧି ଏବଂ ଯଜ୍ଞର ଉପକରଣ ନିର୍ମାଣ ପ୍ରକାର ବର୍ଣ୍ଣିତ ହୋଇଅଛି । ଗୃହ୍ୟସୂତ୍ରରେ ମନୁଷ୍ୟର ଜନ୍ମଠାରୁ ମରଣ ପର୍ଯ୍ୟନ୍ତ ଯାବତ୍ ବିଧି ବ୍ୟବସ୍ଥା ଲିପିବଦ୍ଧ କରିଯାଇ ଅଛି । ଧର୍ମ ସୂତ୍ରରେ ବର୍ଣ୍ଣାଶ୍ରମ ଧର୍ମର ବିଚାର କରି ଯାଇଛି । ଶୁଲ୍‌ବସୂତ୍ରରେ ବେଦୀ, ମଣ୍ଡପପ୍ରଭୃତିର ଜ୍ୟାମିତିକ ନିର୍ମାଣ ପ୍ରକାର ଲେଖାଅଛି । ବ୍ୟାକରଣରେ ବର୍ଣ୍ଣ, ପ୍ରକୃତି, ପ୍ରତ୍ୟୟ ଓ ପଦ ବିଷୟରେ ବିଚାର କରି ଯାଇଅଛି । ନିରୁକ୍ତରେ ବୈଦିକ ଶବ୍ଦମାନଙ୍କର ପ୍ରାଚୀନ ରୀତିରେ ଅର୍ଥ ପ୍ରକାଶିତ ହୋଇଅଛି । ଏହା ପ୍ରାଚୀନ ବୈଦିକ କୋଷର ବ୍ୟାଖ୍ୟାମାତ୍ର । ଛନ୍ଦରେ ଗାୟତ୍ରୀପ୍ରଭୃତି ବୈଦିକ ଓ ଲୌକିକ ଛନ୍ଦର ଲକ୍ଷଣ ଓ ଉଦାହରଣ ବିଶଦ୍ ଭାବରେ ଲିଖିତ ହୋଇଅଛି । ଜ୍ୟୋତିଷରେ ଯଜ୍ଞ କରିବାପାଇଁ କାଳ ଓ ନକ୍ଷତ୍ରାଦିର ବିଚାର କରି ଯାଇଛି । ଉକ୍ତ ଦର୍ଶନ ଶାସ୍ତ୍ର ଓ ଅଙ୍ଗଶାସ୍ତ୍ର ପ୍ରତ୍ୟେକ ବହୁ ଭେଦଯୁକ୍ତ ଓ ବିଚାର ପରମ୍ପରା ନେଇ ବିସ୍ତୃତ ଆକାର ଧାରଣ କରିଛନ୍ତି । ଏହି ଅଙ୍ଗଶାସ୍ତ୍ର ଗୁଡ଼ିକ କେଉଁ ବ୍ୟକ୍ତି ପ୍ରଥମରୁ ରଚନା କରିଥିଲେ ତାହାର କୌଣସି ପ୍ରମାଣ ନାହିଁ । କାରଣ ଅଙ୍ଗଶାସ୍ତ୍ରର ପାରିଭାଷିକ କେତେକ ଶବ୍ଦ ମଧ୍ୟ ବେଦରେ ଦେଖିବାକୁ ମିଳେ । "ସଦୃଶଂ ତ୍ରିଷୁ ଲିଙ୍ଗେଷୁ ସର୍ବାସୁ ଚ ବିଭକ୍ତିଷୁ ବଚନେଷୁ ଚ ସର୍ବେଷୁ ଯନ୍ନବ୍ୟେତି ତଦବ୍ୟୟମ୍" । ଏହି ପ୍ରସିଦ୍ଧ ଅବ୍ୟୟର ଲକ୍ଷଣଟି ଅଥର୍ବ ବେଦରେ ଦେଖିବାକୁ ମିଳୁଛି । ଲିଙ୍ଗ, ବଚନ, ବିଭକ୍ତି, ଧାତୁ, ପ୍ରାତିପଦିକ ଓ ପ୍ରତ୍ୟୟପ୍ରଭୃତି ଶବ୍ଦର ବ୍ୟବହାର ବେଦରେ ଉପଲବ୍ଧ ହେଉଅଛି । ଏଣୁ ଏମାନଙ୍କର ମୂଳ ଉପଲବ୍ଧ ବେଦ ପୂର୍ବରୁ କି ପରେ ତାହା ଅନିର୍ଣ୍ଣୀତ ।

ଏହା ଭିନ୍ନ ବିଭିନ୍ନ ସ୍ମୃତି ଶାସ୍ତ୍ର ମଧ୍ୟ ଦେଖିବାକୁ ମିଳେ, ଯାହାକି ଉକ୍ତ ଶାସ୍ତ୍ର କାରଙ୍କ ନାମରେ ନାମିତ । ସେଥିରେ ମନୁଷ୍ୟ ସମାଜର ସୁବିଧା ପାଇଁ ବିଭିନ୍ନ ଜାତିର ଅବସ୍ଥାବିଶେଷରେ କର୍ତ୍ତବ୍ୟ, ସମାଜ ପରି-ଚାଳନ ଓ ଦେଶ ପରିଚାଳନା ପ୍ରଭୃତି ଆବଶ୍ୟକ ନାନା ବିଷୟର ବିଚାର ସନ୍ନିବିଷ୍ଟ । ତାହା ମଧ୍ୟ ସମୟାନୁସାରେ ପରିବର୍ତ୍ତିତ ହୋଇଅଛି । ଭାଷ୍ୟ, ଟୀକାପ୍ରଭୃତି ଆଲୋଚନା ପରମ୍ପରାଦ୍ୱାରା ମଧ୍ୟ ସେଗୁଡ଼ିକ ବିପୁଳ ଆକାର ଧାରଣ କରିଛନ୍ତି । ବେଦକୁ ଛାଡିଦେଲେ ଅଙ୍ଗ-ଶାସ୍ତ୍ର ଓ ସ୍ମୃତି ଶାସ୍ତ୍ର ଗୁଡ଼ିକୁ ସ୍ମୃତିଶବ୍ଦରେ ବ୍ୟବହାର କରିଯାଏ । ପୁରାଣ ନାମରେ ପ୍ରସିଦ୍ଧ ଗ୍ରନ୍ଥରାଶି ମଧ୍ୟ ଏ ଧର୍ମର ପ୍ରମାଣ ଶାସ୍ତ୍ର ମଧ୍ୟରେ ପରିଗୃହୀତ । ସେଥିରେ ପ୍ରାୟ ସୃଷ୍ଟିତତ୍ତ୍ୱ, କେତେକ ପ୍ରଧାନ ପୁରୁଷଙ୍କର ଜୀବନ ଚରିତ ଛଳରେ ସାମାଜିକ ସକଳ କର୍ତ୍ତବ୍ୟ, ଉପାଖ୍ୟାନ ଆକାରରେ ଲିପିବଦ୍ଧ କରିଯାଇ ଅଛି । ଯାହା ଧର୍ମ ବିଷୟରେ ପ୍ରମାଣ ବୋଲି ଧରି-ଯାଇଛି । ତନ୍ତ୍ରନାମରେ ଆଉ ଗୋଟିଏ ବିଶାଳ ଶାସ୍ତ୍ର ଅଛି, ତାହା ମଧ୍ୟ ଧର୍ମ ବିଷୟରେ ସାହାଯ୍ୟ କରେ । ସେ ଗୁଡ଼ିକରେ ନାନା ଦେବ - ଦେବୀଙ୍କର ଉପାସନା ପ୍ରକାର ଓ ସୃଷ୍ଟି ତତ୍ତ୍ୱପ୍ରଭୃତିର ଉଲ୍ଲେଖ ଦେଖାଯାଏ । ଏହିସବୁ ପୁସ୍ତକରୁ ସମୟାନୁସାରେ ସମାଜର ଆବଶ୍ୟକ ଅନେକ ବିଷୟର ଉଦ୍ଧାର କରିଯାଇ ଭାରତର ବିଭିନ୍ନ ଅଂଶରେ ନାନାପ୍ରକାର ଗ୍ରନ୍ଥ ସମାଜର ପ୍ରାମାଣିକ ବ୍ୟକ୍ତି ବିଶେଷ ସଂଗ୍ରହ କରିଛନ୍ତି । ସେଗୁଡ଼ିକୁ ନିବନ୍ଧ ଗ୍ରନ୍ଥ ବୋଲିଯାଏ । ଯଥା:- ଗଦାଧର ପଣ୍ଡିତ, ରଘୁନନ୍ଦନ

ପୁରାଣ ପରି କେତେକ ଉପପୁରାଣ ମଧ୍ୟ ଅଛି, ନିର୍ଣ୍ଣୟ ସିନ୍ଧୁ, ପୁରୋହିତ ସର୍ବସ୍ୱ, କ୍ରିୟାକାଣ୍ଡ ବାରିଧି ଓ ଷୋଡଶ ସଂସ୍କାର ପଦ୍ଧତି ଇତ୍ୟାଦି ।

ଆଜି କାଲିର ଭାରତୀୟ ସନାତନଧର୍ମାବଲମ୍ବୀମାନେ ନିଜର ସାମାଜିକ ସକଳ କାର୍ଯ୍ୟର ସମାଧାନ ପାଇଁ ପ୍ରଧାନ ଭାବରେ ଏହି ନିବନ୍ଧ ଗ୍ରନ୍ଥଗୁଡିକ ଉପରେ ନିର୍ଭର କରିଥାନ୍ତି । ଏହି ଗ୍ରନ୍ଥ ଗୁଡିକରେ ଅନେକ ସ୍ଥଳରେ ପ୍ରାଚୀନ ଆଲୋଚନା କ୍ରମର ବିରୁଦ୍ଧ କ୍ରମଦ୍ୱାରା ତାତ୍କାଳିକ ସମାଜ କଲ୍ୟାଣର ମୀମାଂସା କରା ଯାଇଥିବାର ଦୃଷ୍ଟିଗୋଚର ହୁଏ । ପୂର୍ବୋକ୍ତ ଶାସ୍ତ୍ରମାନଙ୍କରେ ମଧ୍ୟ ତାତ୍କାଳିକ ବଂଶ, ସମାଜ ଓ ଦେଶର ମଙ୍ଗଳ ଉଦ୍ଦେଶ୍ୟରେ ନ ଚଳୁଥିବା ବିଧି ଅନୁସୃତ ହୋଇଥିବାର ଅନେକ ଉଦାହରଣ ଦେଖିବାକୁ ମିଳେ । ଏହିସବୁ ଶାସ୍ତ୍ରାଲୋଚନାଦ୍ୱାରା ଏହା ପ୍ରତୀତ ହୁଏ ଯେ ତାତ୍କାଳିକ ବଂଶ, ସମାଜ ଓ ଦେଶର କଲ୍ୟାଣ ଉଦ୍ଦେଶ୍ୟରେ ଅସମ୍ଭବ ମଧ୍ୟ ସମ୍ଭବ କରାଯାଇ ପାରେ, ଅକରଣୀୟ ମଧ୍ୟ କରଣୀୟ ହୋଇପାରେ, ଅଗ୍ରହଣୀୟ ମଧ୍ୟ ଗ୍ରହଣୀୟ ହୋଇପାରେ । ଏଣୁ ଶାସ୍ତ୍ର ଓ ଶାସ୍ତ୍ରକାରଙ୍କର ଏକମାତ୍ର ଲକ୍ଷ୍ୟ ଦେଶର, ସମାଜର ଓ ବଂଶର କଲ୍ୟାଣ ସାଧନ । କିନ୍ତୁ ଏକ ପ୍ରକାର ନିୟମ ଓ ଏକ ଶାସ୍ତ୍ର କିଂବା ଅପରିବର୍ତ୍ତନୀୟ ଶାସ୍ତ୍ର ଓ ବିଧି ଚିରକାଳ ଦେଶ, ସମାଜ ବା ବଂଶ ମାନିଆଉ ଏହା ସନାତନ ଧର୍ମ ପ୍ରତିପାଦକ ଶାସ୍ତ୍ରର ବା ଶାସ୍ତ୍ରକାରଙ୍କର ଉଦ୍ଦେଶ୍ୟ ନୁହେ । ବିପୁଳ ଉଦ୍ଦେଶ୍ୟରେ ଅଳ୍ପକୁ ପରିତ୍ୟାଗ କରିବା ଏ ଧର୍ମର ଚିରନ୍ତନ ରୀତି । ଏତେ ପରିବର୍ତ୍ତନ ସତ୍ତ୍ୱେ ବି ଏସବୁ ଧର୍ମ ସନାତନ ଧର୍ମ ବହିର୍ଭୂତ ନୁହେ ଏହାର କେତୋଟି ପ୍ରସିଦ୍ଧ ଉଦାହରଣ ତଳେ ଦିଆଗଲା ।

ଏକ ସମୟରେ ଭାରତର ଶାସକ ବର୍ଗ ଅନ୍ୟାୟୀ ଓ ଅତ୍ୟାଚାରୀ ହେବାରୁ ପରଶୁରାମ ନାମକ ଜଣେ ମୁନି ତାଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରି ସେମାନଙ୍କୁ ଏକୋଇଶ ବାର ନିର୍ମୂଳ କରିବାରୁ ସେତେବେଳେ ଭାରତରେ ବୀର ପୁରୁଷର ଅଭାବ ପଡ଼ିଲା । ବୀରପୁରୁଷ ଅଭାବରେ ଦେଶ ରହିପାରିବ ନାହିଁ ଏହା ଚିନ୍ତାକରି ସେତେବେଳର ଦେଶକଲ୍ୟାଣକାମୀମାନେ ଉପଯୁକ୍ତ ପୁରୁଷଙ୍କଦ୍ୱାରା ବୀର ବଂଶରେ ଥିବା ଉପଯୁକ୍ତ ବିଧବାମାନଙ୍କଠାରୁ ବୀରପୁରୁଷ ଉତ୍ପାଦନ କରାଇ ଥିଲେ । ସେ ପ୍ରଥା ସେତେବେଳେ ଅନ୍ୟାୟ ବା ଅଧର୍ମ ବୋଲି ବିବେଚିତ ହେଉ ନ ଥିଲା । କାରଣ ଦେଶବାସୀ ଦେଶର ସର୍ବଥା ମଙ୍ଗଳ କରିବା ଏକମାତ୍ର ଧର୍ମ ବୋଲି ସ୍ଥିର କରି ଥିବାରୁ ଏପରି ପ୍ରଥା ଚଳାଇ ଦେଶରକ୍ଷା କରିଥିଲେ । ଏଣୁ ଯେତେବେଳେ ଦେଶର ଯାହା ଦରକାର ପଡ଼ିବ ସେତେବେଳେ ପୂର୍ବ ପ୍ରଚଳିତ ପ୍ରଥା ବଦଳାଇବାକୁ ପଡିବ ଏହି ବିଷୟର ଜ୍ୱଳନ୍ତ ଉଲ୍ଲେଖ ଶାସ୍ତ୍ରର ନାନା ସ୍ଥାନରେ ଦୃଷ୍ଟ ହୁଏ । ଅତଏବ ସମାଜର ବା ଦେଶର ଧାର୍ମିକ ବ୍ୟବସ୍ଥା ଚିରକାଳ ପାଇଁ ବାନ୍ଧି ରହିବା ପ୍ରାଚୀନ ଶାସ୍ତ୍ରମାନଙ୍କର ପ୍ରତିପାଦନ ଶୈଳୀ ବିରୁଦ୍ଧ । ଏହି ସିଦ୍ଧାନ୍ତ ମହାଭାରତର ଆଦିପର୍ବ ଅ୧୦୪ ଅଧ୍ୟାୟରେ ସୁସ୍ପଷ୍ଟ ବର୍ଣ୍ଣିତ ହୋଇଅଛି ।

"ଏବମୁଚ୍ଚାବଚୈରସ୍ତ୍ରୈର୍ଭାର୍ଗବେଣ ମହାତ୍ମନା ।
ତ୍ରିଃସପ୍ତକୃତ୍ୱଃ ପୃଥିବୀ କୃତା ନିଃକ୍ଷତ୍ରିୟା ପୁରା ।୪।
ଏବଂ ନିଃକ୍ଷତ୍ରିୟେ ଲୋକେ କୃତେ ତେନ ମହର୍ଷିଣା ।
ତତଃ ସମ୍ଭୂୟ ସର୍ବାଭିଃ କ୍ଷତ୍ରିୟାଭିଃ ସମନ୍ତତଃ ।୫।
ଉତ୍ପାଦିତାନ୍ୟପତ୍ୟାନି......"

ଦେଶ କାଳ ବିରୋଧୀ ସିଦ୍ଧାନ୍ତବାଦୀ ଓ ମତବାଦୀଙ୍କୁ ସମାଜରେ ବା ଘରେ ସ୍ଥାନ ନ ଦେବା ହେଉଛି ପୂର୍ବ ଶାସ୍ତ୍ରକାରଙ୍କର ମତ । ମହାଭାରତ ଉଦ୍ୟୋଗ ପର୍ବ ୩୫ ଅଧ୍ୟାୟ ୩୫ ଶ୍ଲୋକରେ ଲେଖା ଅଛି ---

"ଅଦେଶକାଳଜ୍ଞମନିଷ୍ଟବେଶମ୍ ଏତାନ୍ ଗୃହେନ୍ ପ୍ରତିବାସୟେତ ।"

ଏହାର ଅର୍ଥ.- ଯାହାର ଦେଶକାଳ ଜ୍ଞାନ ନାହିଁ, ଯେ ଲୋକଙ୍କର ଇଚ୍ଛା ବିରୋଧୀ ବେଶ ଧାରଣ କରେ ତାଙ୍କୁ ଘରେ ରହିବାକୁ ଅନୁମତି ନଦେଇ ବାହାର

କରିଦେବା ଉଚିତ । ସ୍ତ୍ରୀଜାତି ମାତୃଜାତି । ତାଙ୍କୁ ପୂଜା କରିବା ପରିବର୍ତ୍ତେ, ନିଜର ଅନେକ ଦୋଷ ଥିଲେ ମଧ୍ୟ ନାନା ଦୋଷ ଦେଖାଇ ବାହାର କରିଦେବାର ଉଦାହରଣ ଅତୀତରେ ବହୁତ ଦେଖା ଯାଇଛି , ଏବେ ମଧ୍ୟ ଦେଖିବାକୁ ମିଳେ । ସ୍ତ୍ରୀମାନେ ଏହିପରି ଅନ୍ୟାୟରେ ସମାଜରୁ ବିତାଡ଼ିତ ହୋଇ ଅନ୍ୟ ଧର୍ମାବଲମ୍ବୀଙ୍କ ଆଶ୍ରୟ ନେବାକୁ ବାଧ୍ୟ ହୋଇଛନ୍ତି । ଏହା ସମାଜ ନିୟନ୍ତାମାନଙ୍କର ଦୂରଦର୍ଶିତାର ଅଭାବ, ସ୍ୱାର୍ଥପରତା, ହୃଦୟହୀନତା ଓ ଅନ୍ୟାୟର ଜ୍ୱଳନ୍ତ ଉଦାହରଣ । ମାତୃଜାତି ସର୍ବଦା ପବିତ୍ର, ସେମାନଙ୍କ ଠାରେ ବ୍ୟଭିଚାର ସଂବନ୍ଧୀ ପାପ ରହିପାରେ ନାହିଁ । ଏଣୁ ଯେ କୌଣସି ଅପରାଧରେ ଘରୁ ଓ ସମାଜରୁ ବାହାର କରିଦେବା ଘୋର ଅନ୍ୟାୟ । ଏକଥା ଶାସ୍ତ୍ରମାନଙ୍କରେ ସୂଚିତ ହୋଇଛି ।

"ସ୍ତ୍ରିୟଃ ପବିତ୍ରମତୁଲଂ ନୈତା ଦୁଷ୍ୟନ୍ତି କର୍ହିଚିତ୍ ।
ମାସି ମାସି ରଜୋହ୍ୟାସାଂ ଦୁରିତାନ୍ୟପକର୍ଷତି ।୬୩।
ସୋମଃ ଶୌଚଂ ଦଦତ୍ ତାସାଂ ଗନ୍ଧର୍ବଃ ଶିକ୍ଷିତାଂ ଗିରମ୍ ।
ଅଗ୍ନିଶ୍ଚ ସର୍ବଭକ୍ଷତ୍ୱଂ ତସ୍ମାନ୍ନିଷ୍କଳ୍ମଷାଃ ସ୍ତ୍ରିୟଃ ।୬୪।
(ବୌଧାୟନସ୍ମୃତି ସୂ ୪୮)

ଏହାର ଅର୍ଥ-- ସ୍ତ୍ରୀମାନେ ଅତୁଳନୀୟ ପବିତ୍ର । ଏମାନେ କୌଣସି କାଳରେ ଦୂଷିତ ହୁଅନ୍ତି ନାହିଁ । ଏମାନଙ୍କର ଯାହାକିଛି ଦୋଷ ସେ ସବୁ ଋତୁ ସମୟରେ ନିର୍ଗତ ହୋଇଯାଏ । ସୋମ ଏମାନଙ୍କୁ ଶୌଚ, ଗନ୍ଧର୍ବ ଶିକ୍ଷିତ ବଚନ ଓ ଅଗ୍ନି ସର୍ବଭକ୍ଷତ୍ୱ ପ୍ରଦାନ କରିଛନ୍ତି । ତେଣୁ ଏମାନେ ପାପଶୂନ୍ୟା ।

ଜନ୍ମକୁ କେବଳ ନେଇ କେହି କେବେ ପ୍ରତିଷ୍ଠିତ ହେବା ଏ ଦେଶର ଶାସ୍ତ୍ରରେ ଦେଖାଯାଏ ନାହିଁ । ଜନ୍ମଟା ଗୌଣ, କର୍ମ ହେଉଛି ନିଜର ମହତ୍ତ୍ୱ ପ୍ରତି ପ୍ରଧାନ କାରଣ । ମହାଭାରତରେ ଲେଖାଅଛି - ଏକ ସମୟରେ କୃଷ୍ଣ ବିଦୁରଙ୍କର ଘରେ ରହିଥିଲେ । ଦୁର୍ଯ୍ୟୋଧନ ସେଠାକୁ ଆସି କୃଷ୍ଣଙ୍କୁ କହିଲେ---

"ଭୀଷ୍ମଦ୍ରୋଣୌ ପରିତ୍ୟଜ୍ୟ ମାଂ ଚୈବ ମଧୁସୂଦନ ।
କିମର୍ଥଂ ପୁଣ୍ଡରୀକାକ୍ଷ ! ଭୁକ୍ତଂ ବୃଷଳଭୋଜନମ୍ ।୧୩।

ଶ୍ରୀ ଭଗବାନୁବାଚ:--
"କସ୍ୟ ଦୋଷଃ କୁଳେ ନାସ୍ତି, କେନ ରୋଗେଣପୀଡିତମ୍ ।
ବ୍ୟସନଂ କେନ ସମ୍ପ୍ରାପ୍ତଂ କସ୍ୟ ସୌଖ୍ୟଂ ନିରନ୍ତରମ୍ ।୧୪।
ଉର୍ବଶୀଗର୍ଭସମ୍ଭୂତୋ ବଶିଷ୍ଠଶ୍ଚ ମହାମୁନିଃ ।
ତପସା ବ୍ରାହ୍ମଣୋ ଜାତଃ କିଂ ଜାତେନ ଚକାରଣମ୍ ।୧୫
ମାତଙ୍ଗୀଗର୍ଭସମ୍ଭୂତୋ ମତଙ୍ଗଶ୍ଚ ମହାମୁନିଃ ।
ତପସା ବ୍ରାହ୍ମଣୋ ଜାତଃ କିଂ ଜାତେନ ଚ କାରଣମ୍ ।୧୬।
ଧୀବରୀ ଗର୍ଭସମ୍ଭୂତୋ ବ୍ୟାସୋ ଦ୍ୱୈପାୟନସ୍ତଥା ।
ତପସା ବ୍ରାହ୍ମଣୋଜାତଃ କିଂ ଜାତେନ ଚ କାରଣମ୍ ।୧୭।"

ଏହାର ଅର୍ଥ-- ହେ ପୁଣ୍ଡରୀକାକ୍ଷ ! ଭୀଷ୍ମ ଦ୍ରୋଣ ଓ ମତେ (ଦୁର୍ଯ୍ୟୋଧନକୁ) ପରିତ୍ୟାଗ କରି ତୁମେ ଶୂଦ୍ର ଘରେ କାହିଁକି ଖାଇଲ ? ଭଗବାନ କୃଷ୍ଣ କହିଲେ କାହାର କୁଳରେ ଦୋଷ ନାହିଁ । କିଏ ରୋଗରେ ପୀଡିତ ନହୁଏ । କିଏ ବିପଦଗ୍ରସ୍ତ ହୁଏ ନାହିଁ । କାହାର ନିରନ୍ତର ସୁଖ ହୁଏ । ଉର୍ବଶୀ ବେଶ୍ୟାର ଗର୍ଭରୁ ବଶିଷ୍ଠ ମହାମୁନିଙ୍କର ଜନ୍ମ ତଥାପି ତପସ୍ୟାଦ୍ୱାରା ସେ ବ୍ରାହ୍ମଣ ହେଲେ, ଜନ୍ମ ତାଙ୍କର ବ୍ରାହ୍ମଣତ୍ୱର ପ୍ରତିବନ୍ଧକ ହୋଇ ଥିଲା କି ? ମାତଙ୍ଗୀ (ଚଣ୍ଡାଳୀ ବା ହସ୍ତିନୀ) ଗର୍ଭରୁ ମାତଙ୍ଗ ମହାମୁନିଙ୍କର ଜନ୍ମ, ସେ ମଧ୍ୟ ତପସ୍ୟାଦ୍ୱାରା ବ୍ରାହ୍ମଣ ହୋଇଥିଲେ । ଜନ୍ମ ବ୍ରାହ୍ମଣତ୍ୱର ପ୍ରତିବନ୍ଧକ ହୋଇଥିଲା କି ? କୈବର୍ତ୍ତୁଣୀଗର୍ଭରୁ ଦ୍ୱୈପାୟନ ବ୍ୟାସଙ୍କର ଜନ୍ମ, ସେ ତପସ୍ୟା ଦ୍ୱାରା ବ୍ରାହ୍ମଣ ହୋଇ ଥିଲେ । ଜନ୍ମ ତାଙ୍କର ବ୍ରାହ୍ମଣତ୍ୱର ପ୍ରତିବନ୍ଧକ ହୋଇ ଥିଲା କି ?

ଅତଏବ ଯେ ଯାହା ପାଇବାକୁ ଦାବୀ କରୁଛନ୍ତି ସେମାନେ ତଦନୁକୂଳ କାର୍ଯ୍ୟ ନକଲେ ସେ ଗୌରବ

ବା ପ୍ରତିଷ୍ଠା ପାଇଁ ଆଶା କରିବା ନିରର୍ଥକ । ସେମାନେ କାଠହାତୀ କାଠମୃଗପରି କେବଳ ନାମଧାରୀ ହୋଇ ପାରନ୍ତି । ପ୍ରକୃତ ହାତୀ ଓ ପ୍ରକୃତ ମୃଗ ହୋଇ ପାରିବେ ନାହିଁ । କେବଳ ସ୍ପୃଶ୍ୟା ସ୍ପୃଶ୍ୟ ବାଛି ଧର୍ମୀ ବୋଲାଇବା ଶାସ୍ତ୍ରକାର ମାନଙ୍କର ଶୈଳୀ ବିରୁଦ୍ଧ । ରାମାୟଣ ଅଯୋଧ୍ୟା କାଣ୍ଡ ୫୦ ଅଧ୍ୟାୟରେ ବର୍ଣ୍ଣିତ ଅଛି--

"ତତ୍ର ରାଜା ଗୁହୋନାମ ରାମସ୍ୟାତ୍ମସମଃ ସଖା ।
ନିଷାଦଜାତ୍ୟୋ ବଳବାନ୍ ସ୍ଥପତିଶ୍ଚେତି ବିଶ୍ରୁତଃ ।୩୩।
ତମାର୍ତ୍ତଃ ସଂପରିଷ୍ୱଜ୍ୟ ଗୁହୋ ରାଘବ ମବ୍ରବୀତ୍ ।
ସ୍ୱାଗତଂ ତେ ମହାବାହୋ । ତବେୟମଖିଳା ମହୀ ।୩୮।
ଭକ୍ଷ୍ୟଂ ଭୋଜ୍ୟଂ ଚ ପେୟଂ ଚ ଲେହ୍ୟଂ ଚୈ ଦୁପସ୍ଥିତମ୍ ।
ଶୟନାନି ଚ ମୁଖ୍ୟାନି ବାଜିନାଂ ଖାଦନଂ ଚ ତେ ।୩୯।"

ଏହାର ଅର୍ଥ:- ଶବରଜାତୀୟ ଗୁହ ବୋଲି ଜଣେ ଶବର ରାଜା ରାମଙ୍କର ବନଗମନ ସମୟରେ ତାଙ୍କୁ ନିଜ ଦେଶରେ ଦେଖି ଆଲିଙ୍ଗନ କରି କହିଲି ଆପଣଙ୍କର ଆଗମନ ମୋ ପକ୍ଷରେ ଅତି ଆନନ୍ଦକର । ଆପଣଙ୍କର ଏ ଦେଶ । ଭକ୍ଷ୍ୟ, ଭୋଜ୍ୟ, ପେୟ, ଲେହ୍ୟ ସବୁ ପ୍ରକାର ଖାଦ୍ୟ, ସୁନ୍ଦର ସୁନ୍ଦର ଶଯ୍ୟା ଓ ଘୋଡାମାନଙ୍କର ଖାଦ୍ୟ ସମସ୍ତ ପ୍ରସ୍ତୁତ ଅଛି । ଆପଣ ଏ ସବୁ ଗ୍ରହଣ କରନ୍ତୁ ।

ଏଥିରୁ ସ୍ପଷ୍ଟ ପ୍ରତୀତ ହେଉଅଛି ଯେ ରାମଚନ୍ଦ୍ର ଗୁହ ଶବରର ଆଲିଙ୍ଗନ ଦ୍ୱାରା ଅପବିତ୍ର ହୋଇ ନ ଥିଲେ । ସ୍ପୃଶ୍ୟାସ୍ପୃଶ୍ୟ ବାଛି ଲୋକ ପବିତ୍ର ହୁଏନାହିଁ ଅନ୍ତଃଶୁଦ୍ଧି ଯାହାର ଅଛି ଓ ଯେ ଉଦାର ସେହି କେବଳ ପବିତ୍ର ।

ଆବଶ୍ୟକ ହେଲେ ଦେଶ ହିତୈଷୀ ତଥାକଥିତ ଅସ୍ପୃଶ୍ୟଜାତିରେ ମଧ୍ୟ ଯୌନସଂବନ୍ଧ ରଖି ସମାଜର କଲ୍ୟାଣ କରିଥାଏ । ଅସ୍ପୃଶ୍ୟଜାତି ବ୍ରାହ୍ମଣାଦି ଉଚ୍ଚଜାତିର ମଧ୍ୟ ପୂଜନୀୟ ହୋଇଥାଏ । ମନୁସ୍ମୃତିର ଅଧ୍ୟାୟରେ ଅଛି--

"ଅକ୍ଷମାଳା ବଶିଷ୍ଠେନ ସଂଯୁକ୍ତାଽଧମଯୋନିଜା ।
ଶାରଙ୍ଗୀ ମନ୍ଦପାଲେନ ଜଗାମାଭ୍ୟର୍ହଣୀୟତାମ୍ ।।"

ଏହାର ଅର୍ଥ:- ଅକ୍ଷମାଳା ବୋଲି ଗୋଟିଏ ତଥାକଥିତ ଅସ୍ପୃଶ୍ୟଜାତିର ସ୍ତ୍ରୀ ବଶିଷ୍ଠଙ୍କ ସହିତ ଏବଂ ଶାରଙ୍ଗୀ ବୋଲି ଅନ୍ୟ ଗୋଟିଏ ଅସ୍ପୃଶ୍ୟଜାତିର ସ୍ତ୍ରୀ ମନ୍ଦପାଳଙ୍କ ସହିତ ବିବାହ କରି ପୂଜ୍ୟ ହୋଇଥିଲେ ।

ଜୀବସେବା ଓ ଜୀବଠାରେ ଭକ୍ତି ନ କରି ଭଗବଦ୍ ଭକ୍ତି ଅର୍ଜନ କରିବା ପାଇଁ ଲୋକମାନଙ୍କୁ ଅବଜ୍ଞା କରି ଭଗବାନ୍‌ଙ୍କ ପାଇଁ ଲୋକକଳ୍ପିତ କାଷ୍ଠ ବା ପାଷାଣ ପିତୁଳାର ଦର୍ଶନ ଓ ଭୋଗ ପ୍ରଭୃତିରେ ଅର୍ଥବ୍ୟୟ କରିବା ଶାସ୍ତ୍ରକାରଙ୍କର ଇଚ୍ଛାବିରୁଦ୍ଧ ଓ ଶାସ୍ତ୍ରନିଷିଦ୍ଧ । ଏପରି ଆଚରଣଦ୍ୱାରା ଧର୍ମ ପରିବର୍ତ୍ତେ ପାପ ହୁଏ ବୋଲି ଶାସ୍ତ୍ର ମତ ଦିଏ ।

ଭାଗବତ ୩ୟ ସ୍କନ୍ଧ ୨୯ ଅଧ୍ୟାୟରେ ଅଛି--

ଶ୍ରୀ ଭଗବାନୁବାଚ

ଅହଂ ସର୍ବେଷୁ ଭୂତେଷୁ ଭୂତାତ୍ମାବସ୍ଥିତଃ ସଦା ।
ତମବଜ୍ଞାୟ ମାଂ ମର୍ତ୍ତ୍ୟଃ କୁରୁତେଽର୍ଚ୍ଚାବିଡମ୍ବନମ୍ ।୨୧।
ଯୋ ମାଂ ସର୍ବେଷୁ ଭୂତେଷୁ ସନ୍ତମାତ୍ମାନମୀଶ୍ୱରମ୍ ।
ହିତ୍ୱାର୍ଚ୍ଚାଂ ଭଜତେ ମୌଢ୍ୟାଦ୍ ଭସ୍ମନ୍ୟେବ ଜୁହୋତିସଃ ।୨୨
ଦ୍ୱିଷତଃ ପରକାୟେ ମାଂ ମାନିନୋ ଭିନ୍ନଦର୍ଶିନଃ
ଭୂତେଷୁ ବଦ୍ଧବୈରସ୍ୟ ନ ମନଃ ଶାନ୍ତିମୃଚ୍ଛତି ।୨୩
ଅହ ମୁଚ୍ଚାବଚୈ ଦ୍ରବ୍ୟୈଃ କ୍ରିୟୟୋତ୍ପନ୍ନୟାଽନଘେ !
ନୈବତୁଷ୍ୟେଽର୍ଚ୍ଚିତୋଽର୍ଚ୍ଚାୟାଂ ଭୂତଗ୍ରାମାବମାନିନଃ ।୨୪
ଅଥ ମାଂ ସର୍ବଭୂତେଷୁ ଭୂତାତ୍ମାନଂ କୃତାଳୟମ୍ ।
ଅର୍ହୟେଦ୍ଦାନମାନାଭ୍ୟାଂ ମୈତ୍ର୍ୟାଽଭିନ୍ନେନ ଚକ୍ଷୁଷା ।୨୭
ମନସୈତାନି ଭୂତାନି ପ୍ରଣମେଦ୍ ବହୁମାନୟନ୍ ।
ଈଶ୍ୱରୋ ଜୀବକଳୟା ପ୍ରବିଷ୍ଟୋ ଭଗବାନିତି ।୩୪।

ଏହାର **ଅର୍ଥ:-** ଭଗବାନ୍ କୃଷ୍ଣଚନ୍ଦ୍ର କହୁଛନ୍ତି-- ମୁଁ ସବୁ ପ୍ରାଣୀଠାରେ ଜୀବାତ୍ମା ରୂପରେ ଅଛି । ଲୋକ ସେମାନଙ୍କୁ ଅବଜ୍ଞା କରି ପୂଜା କରିବା କେବଳ ବିଡମ୍ବନା ଯେ ମୂଢ଼ତା ବଶତଃ ସକଳ ପ୍ରାଣୀଠାରେ ଥିବା ଈଶ୍ୱରଙ୍କ ଅର୍ଚ୍ଚନା ଛାଡ଼ି ଅନ୍ୟତ୍ର (କାଷ୍ଠ ପାଷାଣରେ) ପୂଜାକରେ ସେ ଭସ୍ମରେ କେବଳ ହୋମକରେ । ଯେଉଁ ଦାମ୍ଭିକ ଭିନ୍ନଦର୍ଶୀ ଅନ୍ୟ ପ୍ରାଣୀଠାରେ ବଦ୍ଧ-ବୈରହୋଇ ପର ଶରୀରରେ ଅବସ୍ଥିତ ହୋଇଥିବା ମୋଠାରେ ଦ୍ୱେଷ କରେ ତାର ମନ ଶାନ୍ତିଲାଭ କରି ପାରେ ନାହିଁ । ଯେଉଁ ବ୍ୟକ୍ତି ପ୍ରାଣୀମାନଙ୍କୁ ଅବମାନନା କରି ନାନା ପ୍ରକାର ଦ୍ରବ୍ୟ ଦ୍ୱାରା ସମ୍ପାଦିତ ଯଜ୍ଞାଦି କ୍ରିୟା-ଦ୍ୱାରା ମୋର ଅର୍ଚ୍ଚନା କରେ ତାହାର ସେହି ଅର୍ଚ୍ଚନାରେ ମୁଁ ସନ୍ତୁଷ୍ଟ ହୁଏ ନାହିଁ । ସବୁ ପ୍ରାଣୀଙ୍କଠାରେ ଜୀବାତ୍ମା ରୂପରେ ଅବସ୍ଥିତ ମତେ ମିତ୍ର ଦୃଷ୍ଟିରେ ଦାନ ଓ ସମ୍ମାନପୂର୍ବକ ପୂଜାକରିବା ବିଧେୟ । ଭଗବାନ୍ ଜୀବରୂପରେ ସକଳ ପ୍ରାଣୀଠାରେ ପ୍ରବିଷ୍ଟ ହୋଇଛନ୍ତି ବୋଲି ଏହି ପ୍ରାଣୀମାନଙ୍କୁ ବହୁମାନ ପୁରଃସର ମନରେ ପ୍ରଣାମ କରିବ ।

ସନାତନ ଧର୍ମ ସଂବନ୍ଧୀୟ ଶ୍ରୁତି, ସ୍ମୃତି ଓ ପୁରାଣ ପ୍ରଭୃତିରେ ଯଦ୍ୟପି ଲୋକକଲ୍ୟାଣ ଉଦ୍ଦେଶ୍ୟରେ ଉଦାର ଦୃଷ୍ଟିରେ ଧର୍ମର ବିଚାର କରା ଯାଇଛି ତଥାପି ଅନେକ ସ୍ୱାର୍ଥପର ସେ ସବୁ ଶାସ୍ତ୍ରରେ ନିତାନ୍ତ ଅହିତକର ଶଙ୍କାଜନକ ଭେଦ ବୀଜ ପ୍ରକ୍ଷେପ କରିଛନ୍ତି । ଶାସ୍ତ୍ରରେ ଲେଖାଅଛି ବୋଲି ସେ ସବୁଗୁଡ଼ିକ ପ୍ରମାଣ ରୂପରେ ଗ୍ରହଣ କଲେ ସମାଜ ଓ ଦେଶର ଅଧଃପତନ-ସମ୍ଭାବନା । ଅତୀତରେ ମଧ୍ୟ ସେହିପରି ବିଭେଦ-ଦ୍ୱାରା ସନାତନଧର୍ମାବଲମ୍ବିମାନେ କ୍ଷତବିକ୍ଷତ ହୋଇ ଥିବାର ସୂଚନା ମିଳେ । ଅତଏବ ସେସବୁ ଶାସ୍ତ୍ର ଆଲୋଚନା କରି କେଉଁ ଗୁଡ଼ିକ ଯଥାର୍ଥ ଓ କେଉଁ ଗୁଡ଼ିକ ଅଯଥାର୍ଥ ତାହା ନିରୂପଣ କରିବା ବିଧେୟ । ଶାସ୍ତ୍ରକାରମାନେ ଏହିପରି ପକ୍ଷପାତ ଶୂନ୍ୟ ବ୍ୟକ୍ତି ପ୍ରାମାଣିକ ଓ ସେମାନଙ୍କର ତଥାବିଧ ବଚନ ପ୍ରମାଣ ବୋଲି ନିର୍ଦ୍ଦେଶ ଦେଇ ଯାଇଛନ୍ତି ।

ବୌଧାୟନ ସ୍ମୃତିରେ ଅଛି--

"ଶିଷ୍ଟାଃ ଖଲୁ ବିଗତମତ୍ସରା ନିରହଙ୍କାରାଃ କୁମ୍ଭୀଧାନ୍ୟା ଅଲୋଲୁପା ଦମ୍ଭଦର୍ପଲୋଭମୋହକ୍ରୋଧ-ବିବର୍ଜିତାଃ । ଅଧ୍ୟାୟ ୧-ସୂ ୫ ।

ଏହାର ଅର୍ଥ:- ଯେଉଁମାନେ ମାତ୍ସର୍ଯ୍ୟଦୋଷ ରହିତ, ଅହଙ୍କାର ଶୂନ୍ୟ, ଦମ୍ଭ, ଦର୍ପ, ଲୋଭ, ମୋହ ଓ କ୍ରୋଧ ଶୂନ୍ୟ, ଯେଉଁ ମାନଙ୍କର ଘଡ଼ିରେ ରହିବା ଭଳି ମାତ୍ର ଧାନ ଥାଏ ସେହିମାନେ ଶିଷ୍ଟ ବ୍ୟକ୍ତି ଓ ସେହିମାନଙ୍କର ବଚନ ପ୍ରମାଣ ।

ସବୁବେଳେ ଧର୍ମାଚରଣ କରିବା, ସତ୍ୟ କହିବା ଦୀର୍ଘଦର୍ଶୀ ଓ ପରଦର୍ଶୀ ହେବା ବିଧେୟ । ଶାସ୍ତ୍ରକାର ମାନେ ତାହାହିଁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବଶିଷ୍ଠ ସ୍ମୃତିରେ ଅଛି-- "ଧର୍ମଂ ଚରତ ମାଽଧର୍ମଂ ସତ୍ୟଂ ବଦତ ନାନୃତମ୍ । ଦୀର୍ଘଂ ପଶ୍ୟତ ମା ହ୍ରସ୍ୱଂ ପରଂ ପଶ୍ୟତ ମା ପରମ୍" (୩୦ ଅଧ୍ୟାୟ ୧ମ ସୂତ୍ର)

ସର୍ବଥା ଶାସ୍ତ୍ର ବା ଧର୍ମ ଦ୍ୱାରା ଦେଶ ଦେଶର କଲ୍ୟାଣକର ଅଗ୍ରଗତିରେ ବାଧା ଜନ୍ମାଇବା ଶାସ୍ତ୍ରକାର-ଙ୍କର ଓ ସେମାନଙ୍କ ପ୍ରଣୀତ ଶାସ୍ତ୍ରର ଉଦ୍ଦେଶ୍ୟ କେଉଁ-ଠାରେ ପ୍ରତୀତ ହୁଏ ନାହିଁ ।

"ଓମ୍ ସତ୍ୟମେବ ଜୟତେ ନାନୃତଂ ସତ୍ୟେନ ପନ୍ଥା
ବିତତୋ ଦେବଯାନଃ ।
ଯେନାକ୍ରମନ୍ତ୍ୟୃଷୟୋ ହ୍ୟାପ୍ତକାମା ଯତ୍ର ତତ୍ ସତ୍ୟସ୍ୟ
ପରମଂ ନିଧାନମ୍ । ଓମ୍ ।

# ପରମାଣୁ

ଲେଖକ — ଅଧ୍ୟାପକ ଶ୍ରୀ ରାଧାରମଣ ଦାସ

ଆଜିର ବିଶ୍ୱବାସୀଙ୍କ ମନରେ ପରମାଣୁ ବୋମା ଏକ ଆତଙ୍କ ସୃଷ୍ଟି କରିବା ସଙ୍ଗେ ସଙ୍ଗେ କୌତୂହଳ ମଧ୍ୟ ବଢ଼ାଇ ଦେଇଅଛି । ଫଳରେ ଅଧିକାଂଶଙ୍କ ଭିତରେ ସ୍ୱତଃ ଏକ ପ୍ରଶ୍ନ ଉଠେ—ପରମାଣୁ କ'ଣ ଓ କିପରି ଭାବରେ ଏହାର ଉଦ୍‌ଭାବନ ହେଲା । ଏହି ପରମାଣୁର ଉଦ୍‌ଭାବନ ଲାଗି ମନୁଷ୍ୟ ମନରେ କେବେ ଯେ ଏହି ଧାରଣା ଉଦ୍‌ଭୂତ ହୋଇଥିଲା, ତାହାର ନିର୍ଦ୍ଦିଷ୍ଟ ସମୟ ନିରୂପଣ କରି ହେବ ନାହିଁ । ତେବେ ଏହା ସର୍ବବାଦୀ ସମ୍ମତ ଯେ ଭାରତୀୟ ଦାର୍ଶନିକ ମହର୍ଷି କଣାଦ ହିଁ ସର୍ବ ପ୍ରଥମେ ଏହି ପରମାଣୁର ଆବିଷ୍କର୍ତ୍ତା ।

ସ୍ମରଣାତୀତ କାଳରୁ ମନୁଷ୍ୟ ସୁଖର ଅନୁସନ୍ଧାନ କରି ଆସିଅଛି । ଦାର୍ଶନିକମାନଙ୍କ ମତରେ ସୁଖଲାଭର ପ୍ରକ୍ରିୟା ବିଭିନ୍ନ ହେଲେହେଁ ନ୍ୟାୟବୈଶେଷିକଦର୍ଶନର ଅଗ୍ରଣୀ ମହର୍ଷି ଗୌତମ ଓ କଣାଦଙ୍କ ମତରେ ପଦାର୍ଥର ତତ୍ତ୍ୱଜ୍ଞାନ ଫଳରେ ହିଁ ଆତ୍ମାର ପରମ ଓ ଚରମ ସୁଖ ଲାଭ ହୁଏ । କାରଣ ବେଦରେ ଉଲ୍ଲେଖ ଅଛି ଯେ ପରମାତ୍ମାଙ୍କୁ ଜାଣିଲେ ମୋକ୍ଷ ବା ସୁଖ ପ୍ରାପ୍ତି ହୁଏ । ତେଣୁ ପରମାତ୍ମ ବିଷୟକ ଶ୍ରବଣ, ମନନ ଓ ନିଦିଧ୍ୟାସନ ଆବଶ୍ୟକ । ତଦ୍ ବିଷୟକ ସଂଶୟ ଦୂର କରିବାକୁ ହେଲେ, ପରମାତ୍ମା ଯେ ଅନ୍ୟ ପଦାର୍ଥଠାରୁ ପୃଥକ ଏହି ଭେଦଜ୍ଞାନ ହେବା ନିତାନ୍ତ ପ୍ରୟୋଜନ । ତାହା ନ ହେଲେ ପରମାତ୍ମାଭିନ୍ନ ଯେ କୌଣସି ବସ୍ତୁରେ ପରମାତ୍ମଜ୍ଞାନ ହୋଇପାରେ । କାରଣ କୌଣସି ବସ୍ତୁର ଜ୍ଞାନଲାଭ କରିବାକୁ ହେଲେ, ଏକ ଜାତୀୟ ବସ୍ତୁର ଜ୍ଞାନ ସହିତ ତଦ୍‌ଭିନ୍ନ ଅନ୍ୟ ସକଳ ଜାତୀୟ ବସ୍ତୁର ଜ୍ଞାନ ଓ ଉଭୟର ତୁଳନାତ୍ମକ ଜ୍ଞାନ ହେବା ଉଚିତ । ତଦ୍‌ଭିନ୍ନ ଜ୍ଞାନଟି ସେହି ଜ୍ଞାନର ସଙ୍ଗେ ସଙ୍ଗେ ନ ହେଲେ ତାହାର ସବିଶେଷ ଜ୍ଞାନ ହୁଏ ନାହିଁ । ଯେହେତୁ ତଦ୍‌ଭିନ୍ନ ଜ୍ଞାନର ପୂର୍ଣ୍ଣତା ତଦ୍‌ଜ୍ଞାନର ପୂର୍ଣ୍ଣତା ପ୍ରତି କାରଣ । ତେଣୁ ଆକାଶ, ଆତ୍ମା ପ୍ରଭୃତି ଯାବତୀୟ ବସ୍ତୁ ଯେ ପରମାଣୁଠାରୁ ପୃଥକ ଏହି ଜ୍ଞାନ ନହେଲେ ପରମାଣୁ ବିଷୟରେ ସମ୍ୟକ୍ ଜ୍ଞାନ ହୁଏ ନାହିଁ । ନ୍ୟାୟ ଓ ବୈଶେଷିକ ଦର୍ଶନ ଏହି ଯୁକ୍ତି ଉପରେ ପ୍ରତିଷ୍ଠିତ ରହି ପରମାତ୍ମାଜ୍ଞାନକାଳରେ ପରମାତ୍ମଭିନ୍ନ ଯାବତୀୟ ବସ୍ତୁର ତତ୍ତ୍ୱଜ୍ଞାନର ଆବଶ୍ୟକତା ଘୋଷଣା କରି ଅଛନ୍ତି । ସେମାନଙ୍କ ମତରେ ଚେତନ ପଦାର୍ଥର ତତ୍ତ୍ୱଜ୍ଞାନ ସଙ୍ଗେ ସଙ୍ଗେ ଜଡ଼ ପଦାର୍ଥର ତତ୍ତ୍ୱଜ୍ଞାନକୁ ତତ୍ତ୍ୱଜ୍ଞାନ ନାମରେ ଅଭିହିତ କରାଯାଇଅଛି । ଅର୍ଥାତ୍ ଯାହା ସତ୍ୟ ଜ୍ଞାନ ତାହାହିଁ ତତ୍ତ୍ୱଜ୍ଞାନ ଓ ତତ୍ତ୍ୱଜ୍ଞାନ ନହେଲେ ମୁକ୍ତି ବା ଚରମ ସୁଖ ଲାଭ ହୁଏ ନାହିଁ । ଜଡ ପଦାର୍ଥର ତତ୍ତ୍ୱଜ୍ଞାନ ବ୍ୟତୀତ ଆତ୍ମତତ୍ତ୍ୱଜ୍ଞାନ ହୁଏ ନାହିଁ ଓ ଆତ୍ମତତ୍ତ୍ୱଜ୍ଞାନ ବ୍ୟତୀତ ମୁକ୍ତି ହୁଏ ନାହିଁ । ଅଥଚ ମିଥ୍ୟା ଜ୍ଞାନ ଦ୍ୱାରା ଜଡ଼ ପଦାର୍ଥକୁ ଚେତନା ବା ଆତ୍ମା ଓ ଆତ୍ମପଦାର୍ଥକୁ ଜଡ ବୋଲି ଜାଣିବା ଫଳରେହିଁ ମନୁଷ୍ୟର ଏହି ସଂସାରରେ ବନ୍ଧନ ହୋଇଥାଏ । ତତ୍ତ୍ୱଜ୍ଞାନଦ୍ୱାରା ମିଥ୍ୟାଜ୍ଞାନ ଦୂରୀଭୂତ ହେଲେ ମୁକ୍ତି ବା ଚରମ ସୁଖ ଲାଭ ହୁଏ । ଅତଏବ ମୋକ୍ଷର ଉପାୟଭୂତ ଯାବତୀୟ ପଦାର୍ଥର ତତ୍ତ୍ୱଜ୍ଞାନହିଁ ନ୍ୟାୟ ବୈଶେଷିକ ଦର୍ଶନର ତାତ୍ପର୍ଯ୍ୟ । ତେଣୁ ସେମାନେ ପଦାର୍ଥର ଭେଦ, ସ୍ୱରୂପ, ଲକ୍ଷଣ, ସାଧର୍ମ୍ୟ, ବୈଧର୍ମ୍ୟ ଓ ପଦାର୍ଥ ତତ୍ତ୍ୱଜ୍ଞାନର ସାଧନ ସ୍ୱକୀୟ ଗ୍ରନ୍ଥରେ ପ୍ରତିପାଦନ କରି ଯାଇଅଛନ୍ତି । ସେହି ପ୍ରସଙ୍ଗରେ ମହର୍ଷି କଣାଦ ପଦାର୍ଥର ସପ୍ତବିଧତ୍ୱ ପ୍ରଦର୍ଶନ କରି ଅଛନ୍ତି । ଉକ୍ତ ସପ୍ତବିଧ ପଦାର୍ଥର

ଦ୍ରବ୍ୟ ଏକପ୍ରକାର ପଦାର୍ଥ । ତାହା ପୃଥିବୀ, ଜଳ, ତେଜ, ବାୟୁ, ଆକାଶ, କାଳ, ଦିକ୍, ଆତ୍ମା ଓ ମନ ଏହି ନ'ଭାଗରେ ବିଭକ୍ତ । ଉକ୍ତ ଦ୍ରବ୍ୟ ଗୁଡିକ ଅନିତ୍ୟ ଓ ନିତ୍ୟ ଭେଦରେ ଦୁଇ ପ୍ରକାର । ପୃଥିବୀ, ଜଳ, ତେଜ ଓ ବାୟୁର ପ୍ରତ୍ୟକ୍ଷୀଭୂତ ବା ଅନୁଭବସିଦ୍ଧ ସ୍ଥୂଳ ଭାଗ ଅନିତ୍ୟ ଏବଂ ଅପ୍ରତ୍ୟକ୍ଷୀଭୂତ ଅତି ସୂକ୍ଷ୍ମ ପରମାଣୁ ଭାଗ ନିତ୍ୟ । ତଦତିରିକ୍ତ ଅନ୍ୟ ଦ୍ରବ୍ୟ ଗୁଡିକ ମଧ୍ୟ ନିତ୍ୟ । ପ୍ରତ୍ୟକ୍ଷୀଭୂତ ସ୍ଥୂଳ ପୃଥିବ୍ୟାଦି ଦ୍ରବ୍ୟକୁ ଭିନ୍ନ ଭିନ୍ନ ଭାବେ ବିଭାଗ କରାଯାଇ ସର୍ବଶେଷରେ ଯେଉଁ ନିରଂଶ ବା ନିରବୟବ କ୍ଷୁଦ୍ରତମ ଅଂଶଟି କୌଣସି ଉପାୟରେ ବିଭକ୍ତ ନହୋଇ ରହିବ ଅର୍ଥାତ୍ ଯାହାକୁ ଆଉ ଖଣ୍ଡ ବିଖଣ୍ଡ ବା ବିଶ୍ଳେଷଣ କରାଯାଇ ପାରିବ ନାହିଁ, ତାହାହିଁ ପରମାଣୁ ନାମରେ ଅଭିହିତ । ପରମାଣୁ ବିନଷ୍ଟ ହେଉ ନଥିବାରୁ ତାକୁ ନିତ୍ୟ କୁହାଯାଏ । ପରମାଣୁକୁ ଯଦି ବିନାଶୀ ବା ଅନିତ୍ୟ କୁହାଯିବ, ତା' ହେଲେ ଦୁଇଟି ପରମାଣୁରୁ ଉତ୍ପନ୍ନ ହୋଇଥିବା ଦ୍ୱ୍ୟଣୁକର ସମବାୟି କାରଣ ନାଶ ହେବା ଫଳରେ ଆଉ ଦ୍ୱ୍ୟଣୁକର ଉତ୍ପତ୍ତି ହୋଇ ପାରିବ ନାହିଁ । ଅଧିକନ୍ତୁ ସମବାୟି କାରଣ ନଥାଇ ସୁଦ୍ଧା କାର୍ଯ୍ୟର ଉତ୍ପତ୍ତି ହୋଇଯିବ । କିନ୍ତୁ ତାହା ଯୁକ୍ତି ଓ ଅନୁଭବ ବିରୁଦ୍ଧ । ଯେହେତୁ ସମବାୟି କାରଣ ବା ଅସମବାୟି କାରଣ ନାଶ ହେଲେ ଦ୍ରବ୍ୟର ନାଶ ହୋଇଥାଏ । ଯେଉଁ ଦ୍ରବ୍ୟର କାରଣ ଥାଏ ସେ ଅନିତ୍ୟ । ପରମାଣୁ କାର୍ଯ୍ୟ ଦ୍ରବ୍ୟ ପ୍ରତି କାରଣ । ପରମାଣୁ ନିରବୟବ ହୋଇ ଥିବାରୁ ତାହାର ସମବାୟି ( ଉପାଦାନ ) କାରଣ ବା ଅସମବାୟି କାରଣ କେହି ନାହିଁ । ତେଣୁ ପରମାଣୁର କାରଣ ଓ ବିନାଶକ କେହି ନଥିବାରୁ ସେ ବିନଷ୍ଟ ହୁଏ ନାହିଁ । ସାବୟବ ବସ୍ତୁକୁହିଁ ବିନାଶ ବା ଖଣ୍ଡ ବିଖଣ୍ଡ କରାଯିବାର ଦେଖାଯାଏ । ପରମାଣୁକୁ ଯଦି ସାବୟବ କୁହାଯିବ, ତା'ହେଲେ ତାର ଅବୟବର ପୁଣି ଅବୟବ କଳ୍ପନା କରାଯାଇ ଅନନ୍ତ ଅବୟବ ଧାରା ମାନିବାକୁ ପଡିବ । ଫଳତଃ ସର୍ଷପ ଓ ପର୍ବତର ଅବୟବଧାରାରେ ବିଶ୍ରାମ ନରହିବା ଯୋଗୁଁ ଉଭୟର ପୃଥକ୍ ପୃଥକ୍ ପରିମାଣ ଯୁକ୍ତିହୀନ ହୋଇ ପଡ଼ିବ । ପରମାଣୁକୁ ନିରବୟବ ମାନିବା ଫଳରେ ଉକ୍ତ ଦୋଷର ଆଶଙ୍କା ନାହିଁ । କାରଣ ନିରବୟବ ପରମାଣୁ ଗୁଡିକର ସଂଖ୍ୟା ତାରତମ୍ୟ ହିଁ ଉଭୟ ( ସର୍ଷପ ଓ ପର୍ବତ ) ପରିମାଣ ଭେଦର ନିୟାମକ - ଅର୍ଥାତ୍ ସର୍ଷପ ଯେତେ ଗୁଡିଏ ପରମାଣୁରୁ ସୃଷ୍ଟ, ପର୍ବତ ତଦପେକ୍ଷା ଅଧିକ ପରମାଣୁରୁ ହିଁ ସୃଷ୍ଟି । ତେଣୁ ଉଭୟେ ସମ ପରିମାଣ ଯୁକ୍ତ ନୁହନ୍ତି । ଯେପରିକି ଶତତନ୍ତୁଦ୍ୱାରା ନିର୍ମିତ ବସ୍ତ୍ର ଖଣ୍ଡ ଓ ସହସ୍ର ତନ୍ତୁ ଦ୍ୱାରା ନିର୍ମିତ ବସ୍ତ୍ରଖଣ୍ଡ ସମପରିମାଣ ଯୁକ୍ତ ନୁହନ୍ତି । ଅନ୍ୟତ୍ର ତାରତମ୍ୟ ଥିଲେ ମଧ୍ୟ ମହତ୍ ପରିମାଣ ଆକାଶ ଓ ଆତ୍ମାଠାରେ ଯେପରି ତାରତମ୍ୟହୀନ, ସେପରି କ୍ଷୁଦ୍ରତ୍ୱ ମଧ୍ୟ ପରମାଣୁଠାରେ ତାରତମ୍ୟହୀନ ଅର୍ଥାତ୍ ଆକାଶ ଓ ଆତ୍ମା ବୃହତ୍ତମ ଓ ପରମାଣୁ କ୍ଷୁଦ୍ରତମ ବସ୍ତୁ ।

ପରମାଣୁ ଗୁଡିକ ଅଚେତନ ହୋଇଥିବାରୁ ଈଶ୍ୱର ଇଚ୍ଛାବଶତଃ ଗତିଶୀଳ ହୋଇ ପରସ୍ପର ସଂଯୁକ୍ତ ହୁଅନ୍ତି ଓ ତାହା ଫଳରେ ସ୍ଥୂଳ ପୃଥିବ୍ୟାଦି ଚାରୋଟି ମହାଭୂତର ଉତ୍ପତ୍ତି ହୁଏ । ଶ୍ୱେତାଶ୍ୱତର ଉପନିଷଦରେ ଉଲ୍ଲେଖ ଅଛି—

ବିଶ୍ୱତଶ୍ଚକ୍ଷୁରୁତ ବିଶ୍ୱତୋମୁଖୋ ବିଶ୍ୱତୋ ବାହୁରୁତ
ବିଶ୍ୱତସ୍ପାତ୍
ସଂବାହୁଭ୍ୟାଂ ଧମତି ସଂପତତ୍ରୈର୍ଦ୍ୟାବାଭୂମୀ
ଜନୟନ୍ ଦେବ ଏକଃ । (ଶ୍ୱେ ୩।୩

ଅର୍ଥାତ୍ ସର୍ବବ୍ୟାପୀ ଈଶ୍ୱର (ପତତ୍ର) ପରମାଣୁ ଦ୍ୱାରା ପୃଥିବୀ ଓ ଦ୍ୟୁଲୋକକୁ ରଚନା କରିଅଛନ୍ତି । ସୃଷ୍ଟି କରିବାକୁ ଈଶ୍ୱରଙ୍କର ଇଚ୍ଛା ହେବା ମାତ୍ରେ ପରମାଣୁରେ କମ୍ପନ ହୁଏ । ତଦ୍ଦ୍ୱାରା ପରମାଣୁ ଗୁଡିକ ପରସ୍ପର ସଂଯୁକ୍ତ ହୁଅନ୍ତି ଓ ସେଥିରୁ ଦ୍ୱ୍ୟଣୁକର ଉତ୍ପତ୍ତି ହୁଏ । ଦ୍ୱ୍ୟଣୁକର ସଂଯୋଗରେ ତ୍ର୍ୟଣୁକର ଉତ୍ପତ୍ତି ଓ ସେପରି ଚତୁରଣୁକାଦିକ୍ରମରେ ପୃଥିବୀ ଓ ଜଳାଦିର ସୃଷ୍ଟି ହୁଏ କାର୍ଯ୍ୟଦ୍ରବ୍ୟ ପ୍ରତି ପରମାଣୁ ଗୁଡିକ ଉପାଦାନ ବା ସମବାୟିକାରଣ ଓ ଈଶ୍ୱର ନିମିତ୍ତ କାରଣ । ଈଶ୍ୱରଙ୍କର ସଂହାର ଇଚ୍ଛା ହେଲେ, ଖଣ୍ଡ ପ୍ରଳୟ ହୁଏ । ତେଣୁ ପରମାଣୁ ଗୁଡିକର ଅତି ବେଗରେ କମ୍ପନ ହେବା ଫଳରେ ପରସ୍ପର ବିଯୁକ୍ତ ହୋଇ ଦ୍ୱ୍ୟଣୁକ ତ୍ର୍ୟଣୁକାଦି

କ୍ରମରେ ସମଗ୍ର ଜନ୍ୟ ମହାଭୂତର ବିନାଶ ହୁଏ । କେବଳ ପରମାଣୁ ଓ ନିତ୍ୟ ପଦାର୍ଥ ଗୁଡିକ ବିନଷ୍ଟ ହୁଅନ୍ତି ନାହିଁ ।

ଅବିଭାଜ୍ୟ ପାର୍ଥିବ ପରମାଣୁରୁ ଦ୍ୱ୍ୟଣୁକାଦି ଉତ୍ପତ୍ତି କ୍ରମରେ ଯେପରି ସ୍ଥୂଳ ପୃଥିବୀର ଉତ୍ପତ୍ତି ହୋଇଅଛି, ସେପରି ଜଳୀୟ ପରମାଣୁ ପ୍ରଭୃତିରୁ ଜଳ ପ୍ରଭୃତି ଦ୍ରବ୍ୟର ଉତ୍ପତ୍ତି ହୋଇଅଛି । କିନ୍ତୁ ଆଧୁନିକ ପାଶ୍ଚାତ୍ତ୍ୟ ବୈଜ୍ଞାନିକ ଜଳୀୟ ପରମାଣୁକୁ ସ୍ୱୀକାର କରନ୍ତି ନାହିଁ । ସେମାନଙ୍କ ମତରେ ଜଳ ସ୍ୱତନ୍ତ୍ର ଦ୍ରବ୍ୟ ନୁହେ । ଅମ୍ଳଜାନ ଓ ଉଦ୍‌ଜାନ ନାମକ ଗ୍ୟାସ ଦ୍ୱୟର ସମ୍ମିଶ୍ରଣରେ ଜଳର ଉତ୍ପତ୍ତି । ଯେପରି ଦହି ଦୁଧର ରୂପାନ୍ତର ମାତ୍ର, ସ୍ୱତନ୍ତ୍ର ଦ୍ରବ୍ୟ ନୁହେ, ସେପରି ଜଳ ମଧ୍ୟ ଗ୍ୟାସ ଦ୍ୱୟର ରୂପାନ୍ତର ମାତ୍ର ବା ଯୌଗିକ ଦ୍ରବ୍ୟ । ଏହି ମତ ସମୀଚୀନ ପ୍ରତୀତ ହୁଏ ନାହିଁ । କାରଣ ଯେଉଁ-ଗ୍ୟାସ ଦ୍ୱୟରୁ ଜଳର ଉତ୍ପତ୍ତି ହେବା କଥା କୁହା ଯାଉଅଛି ସେହି ଗ୍ୟାସରେ ଅତି ସୂକ୍ଷ୍ମ ମାତ୍ରାରେ ଜଳୀୟ ପରମାଣୁ ଥିବାରୁ ଜଳୀୟ ଦ୍ୱ୍ୟଣୁକ ଓ ତ୍ର୍ୟଣୁକ କ୍ରମରେ ସ୍ଥୂଳ ଜଳର ଉତ୍ପତ୍ତି ହୋଇଅଛି । ଯେହେତୁ ଉପାଦାନ ଓ ଉପାଦେୟର ସାଜାତ୍ୟ ହିଁ ଦ୍ରବ୍ୟ ଉତ୍ପତ୍ତିର କାରଣ । ଏକ ପ୍ରକାର ପରମାଣୁରୁ ଅନ୍ୟ ପ୍ରକାର ଦ୍ରବ୍ୟର ଉତ୍ପତ୍ତି ହୋଇ ନପାରେ । ଯେପରି ପାର୍ଥିବ ପରମାଣୁରୁ ପାର୍ଥିବ ଦ୍ରବ୍ୟର ଓ ତୈଜସ ପରମାଣୁରୁ ତୈଜସ ଦ୍ରବ୍ୟର ଉତ୍ପତ୍ତି ହେଉଅଛି ସେପରି ଜଳୀୟ ପରମାଣୁରୁ ହିଁ ଜଳର ଉତ୍ପତ୍ତି ହେବା ଯୁକ୍ତିଯୁକ୍ତ । ତେଣୁ ଜଳ ଗୋଟିଏ ମୌଳିକ ଦ୍ରବ୍ୟ ।

ପ୍ରତ୍ୟକ୍ଷୀଭୂତ ଦ୍ରବ୍ୟରେ ଯେଉଁ ଯେଉଁ ଗୁଣ ଅଛି, ତାହାର କାରଣ ଦ୍ରବ୍ୟ ପରମାଣୁରେ ମଧ୍ୟ ସେହି ସେହି ଗୁଣ ଅଛି ଏହା ସହଜରେ ଅନୁମେୟ । କାରଣ ପରମାଣୁରେ ଗୁଣ ସ୍ୱୀକାର ନକଲେ, କାର୍ଯ୍ୟ ଦ୍ରବ୍ୟ ପୃଥିବ୍ୟାଦିରେ ମଧ୍ୟ ରୂପରସାଦି ଗୁଣର ସମ୍ଭବ ହୋଇ ପାରିବ ନାହିଁ । ଯେହେତୁ କାରଣ ଗୁଣହିଁ କାର୍ଯ୍ୟ - ଗୁଣର ଉତ୍ପାଦକ ତେଣୁ ପରମାଣୁରେ ରୂପ ରସାଦି ଗୁଣ ଅବଶ୍ୟ ସ୍ୱୀକାର୍ଯ୍ୟ । ଧର୍ମି (ପରମାଣୁ)ର ଅତି ସୂକ୍ଷ୍ମତ୍ୱ ଧର୍ମ(ଗୁଣ)ର ଅତି ସୂକ୍ଷ୍ମତାର କାରଣ ଅର୍ଥାତ୍ ପରମାଣୁ ଅତି ସୂକ୍ଷ୍ମ ହୋଇ ଥିବାରୁ ସେ ଯେପରି ଅପ୍ରତ୍ୟକ୍ଷ, ପରମାଣୁରେ ଥିବା ଗୁଣ ଗୁଡ଼ିକ ମଧ୍ୟ ସେପରି ଅପ୍ରତ୍ୟକ୍ଷ । ପାର୍ଥିବ ପରମାଣୁରେ ରୂପ, ରସ, ଗନ୍ଧ, ଓ ସ୍ପର୍ଶ ଅଛି । ପାକ ବା ବିଜାତୀୟ ତେଜଃ ସଂଯୋଗ ଫଳରେ ପାର୍ଥିବ ପରମାଣୁରେ ଥିବା ଗୁଣ ସମୂହର ପରିବର୍ତ୍ତନ ହୁଏ । ତେଣୁ ସେଗୁଡ଼ିକ ଅନିତ୍ୟ । ଦୃଷ୍ଟାନ୍ତ ସ୍ୱରୂପ, ଅପକ୍ୱ ଆମ୍ରାଦି ଫଳରେ ଥିବା ରୂପରସାଦି ବିଜାତୀୟ ତେଜଃ ସଂଯୋଗ-ଦ୍ୱାରା ପକ୍ୱଦଶାରେ ପରିବର୍ତ୍ତିତ ହେଉଥିବା ପ୍ରତ୍ୟକ୍ଷ-ସିଦ୍ଧ । ଜଳୀୟ ପରମାଣୁରେ ରୂପ, ରସ ଓ ସ୍ପର୍ଶ, ତୈଜସ ପରମାଣୁରେ ରୂପ ଓ ସ୍ପର୍ଶ ଏବଂ ବାୟବୀୟ ପରମାଣୁରେ କେବଳ ସ୍ପର୍ଶ ଅଛି । ଜଳୀୟ, ତୈଜସ ଓ ବାୟବୀୟ ପରମାଣୁରେ ବିଜାତୀୟ ତେଜଃ ସଂଯୋଗ ହେଉ ନଥିବାରୁ ଓ ରୂପାଦିର ବିରୋଧୀ ଗୁଣାନ୍ତରର ଉଦ୍ଭବ ହେଉ ନଥିବାରୁ ତଦାଶ୍ରିତ ଗୁଣ ସମୂହର ପରିବର୍ତ୍ତନ ହୁଏ ନାହିଁ । ତେଣୁ ସେଗୁଡ଼ିକ ନିତ୍ୟ ।

ପରମାଣୁରେ ଏକତ୍ୱ ପ୍ରଭୃତି ସଂଖ୍ୟା ଓ ଅଣୁ ପରିମାଣ (କ୍ଷୁଦ୍ର-ତମ ପରିମାଣ) ମଧ୍ୟ ଅଛି । ଏବଂ ତନ୍ମଧ୍ୟରୁ ଏକତ୍ୱ ସଂଖ୍ୟା ଓ ଅଣୁ ପରିମାଣ ନିତ୍ୟ । ଦୁଇଟି ପରମାଣୁରୁ ଉତ୍ପନ୍ନ ଦ୍ୱ୍ୟଣୁକର ପରିମାଣ ମଧ୍ୟ ଅଣୁ । ତିନୋଟି ଦ୍ୱ୍ୟଣୁକରୁ ଉତ୍ପନ୍ନ ତ୍ର୍ୟଣୁକ ବା ତ୍ରସରେଣୁର ପରିମାଣ ମହତ୍ । ତ୍ର୍ୟଣୁକର ପରିମାଣ ପ୍ରତି ଦ୍ୱ୍ୟଣୁକ ବା ପରମାଣୁର ପରିମାଣ କାରଣ ନୁହେ । ପରମାଣୁର ସଂଖ୍ୟା ମହତ ପରିମାଣର କାରଣ ।

ପରମାଣୁ ଯେ ଅତିସୂକ୍ଷ୍ମ, ଅସଂଖ୍ୟ ଓ ଅପ୍ରତ୍ୟକ୍ଷ ବା ଅତୀନ୍ଦ୍ରିୟ, ତାହା ଚରକ ସଂହିତାର ଶାରୀର ସ୍ଥାନରେ ମଧ୍ୟ ପ୍ରତିପାଦିତ ହୋଇଅଛି । ସେଥିରେ ଉଲ୍ଲେଖ ଅଛି-- "ଶରୀରାବୟବାସ୍ତୁ ପରମାଣୁଭେଦେନାପରିସଂଖ୍ୟେୟା ଭବନ୍ତ୍ୟତିବହୁତ୍ୱାଦତିସୌକ୍ଷ୍ମ୍ୟାଦତୀନ୍ଦ୍ରିୟତ୍ୱାଚ୍ଚ ।"

ଦାର୍ଶନିକ ମାନଙ୍କ ମଧ୍ୟରେ ପରମାଣୁ ସମ୍ବନ୍ଧରେ ବିଭିନ୍ନ ମତ ପରିଦୃଷ୍ଟ ହେଲେହେଁ ଆରମ୍ଭବାଦୀ ବା ପରମାଣୁବାଦୀ ଦର୍ଶନ ହିସାବରେ ନ୍ୟାୟ ବୈଶେଷିକ ଦର୍ଶନ ସର୍ବଜନ ସୁପରିଚିତ । ମହର୍ଷି କଣାଦ ଓ ଗୌତମଙ୍କ ଏହି ପରମାଣୁ ବିଜ୍ଞାନର ଅବଦାନ ପୃଥିବୀର ବୈଜ୍ଞାନିକ ମାନଙ୍କ ପକ୍ଷରେ ଚିର ସ୍ମରଣୀୟ ।

# ବରଷାଋତୁ

ଲେଖକ:- ***ଶ୍ରୀ ରଘୁନାଥ ମିଶ୍ର***, ସାହିତ୍ୟ ବ୍ୟାକରଣ ମଧ୍ୟମା ଦ୍ୱିତୀୟ ଖଣ୍ଡ

ଆସ ଆସ ବରଷାରେ ସରଗର ସୁଧା ରାଶି ।
ତୋ ପାଇଁ ଜଗତେ ଅଛି ଚାତକ ପକ୍ଷୀ ପିପାସୀ ॥

ଢାଳ ଢାଳ ହସି ହସି ଶୂନ୍ୟରୁ ଅମୃତ ଧାର
ତତେ ଦେଖି ଆନନ୍ଦରେ ନାଚ ଉଠେ ଏହି ଧରା ॥

ଆଣ ଆଣ ଭଲି ଭଲି ବିସ୍ମୃତ ଭାବନା ମନେ
ତତେ ପର ଦେଖୁ ଥିଲେ ଗୋପୀକା ନିକୁଞ୍ଜ ବନେ ॥

ସିଞ୍ଚିଦିଅ ଦୂର ଦେଶୁଁ ପବ ସୁଟସ୍ପ ଶୀତଜଳ
ତରୁ ଲତା ପାଆନ୍ତୁ ରେ ପରଶେ ଅସୀମ ବଳ ॥

ଧୋଇଦିଅ ସୁଧାସମ ନବ ନୀରେ ମହୀ ଦେହ
ଉଠିବେ ଜାନକୀଲକ୍ଷ୍ମୀ ବୁକେ ଜଗାଇ ସେନେହ ॥

ଉଡି ଯାଉଛନ୍ତି କୋକିଳ ତତେ ଦେଖି ଦୂର ବନ
ସ୍ୱାଗତ ଜଣାଇ ଦେଇ ଧରାରେ ତୋ ଆଗମନ ॥

ଗଡ ପଡୁ ମଥାନରୁ ରକ୍ତ କାନ୍ତି ଧାର ବାରେ
ହାରପର ଫୁଟି ଫୁଲ ଓଲା ତଳେ ଧାରେ ଧାରେ ॥

ତୋ ଦୟାରେ ବରଷା ରେ ଝାଟପି ଉଠେ ବକଣି
ସବୁଜମା ଅଙ୍ଗେ କେତେ ଲତା ଧରେ ଫୁଲ କଳି ॥

ମନେ ପଡେ଼ ଗୋପୀନାଥ ବୁଲୁଥିଲେ କୁଞ୍ଜବନେ
ଗହନ କାଳିନ୍ଦୀ କୂଳେ ବର୍ଷିଲ ଝର୍ଝର ସ୍ୱନେ ॥

ସାଗରୁ ଟାଣିଣ ନୀର ସୂର୍ଯ୍ୟ କରନ୍ତି ତୋ ସୃଷ୍ଟି
ଅନନ୍ତ କାଳୁ ବରଷା କରୁଛୁ ଏପରି ବୃଷ୍ଟି ॥

ସାଧବାଣୀ ନବାହୂମାନେ
ତୁ ଆସନ୍ତେ ଦୂର୍ବାଦଳେ
ପିନ୍ଧଣ ଲୋହିତ ଶାଢ଼ୀ
ବସନ୍ତ ଧାଙ୍ଗିକ ଧାଙ୍ଗ ॥

କେଉଁ ଦେଶୁଁ ବରଷା ରେ
ଝର ଝର ସ୍ୱରେ ତୋର
ଧଉଡ଼ ଆସିଲ୍‌ ଭୁଇଁ
ଚରକାଳ କଣା ମୁହଁ ॥

ତତେ ଦେଖି ବରଷା ରେ
ମନ ହୁଏ ଧାଇଁ ଧାଇଁ
ନାଚ ଉଠେ ମୋର ଚିତ୍ତ
ଗାଉଥାନ୍ତି କେତେ ଗୀତ ॥

ବରକୋଳି ଝୋପା ଝାର
ଅବୋଧ ଚପଳ ଶିଶୁ
ଖେଳିଯାଅ ଦୂରେ ଦୂରେ
ତାଳି ଦେଇ ନାଚନ୍ତୁ ରେ ॥

ହେମନ୍ତ ବସନ୍ତ ଆଦ
ଶରତ୍କାଳୁ କପାଁ ନାଚ
ଅଛ ତୁମ୍ଭେ ଛଅ ଭାଇ
ଅନନ୍ତ ଭଜନ ଗାଇ ॥

ଥାଉ ବର୍ଷା ସବୁ ଦିନେ
ମିଛଟାରେ ଭାଲୁଥାଏ
ପୃଥିବୀରେ ଠାଇଁ ଠାଇଁ
ନନ୍ଦ ଯେହ୍ନେ କୃଷ୍ଣ ପାଇଁ ॥

# ଅସତୋ ମା ସଦ୍‌ଗମୟ

*by* Sri Dinabandhu Satapathi

No human being however great and magnanimous in this world can escape the cruel jaws of death since the work of creation. Mainte nance and destruction is going on regularly without any interruption from time immemorial at the instance of Lord of the Universe. Lord Sri Krishna explained this grim law of nature to His devotee Arjuna when He displayed His Viswarupa to him in the midst of the battle exclaiming,

"କାଲୋଽସ୍ମି ଲୋକକ୍ଷୟକୃତ୍ ପ୍ରବୃଦ୍ଧୋ
ଲୋକାନ୍ ସମାହର୍ତୁମିହ ପ୍ରବୃତ୍ତଃ ।"

This Could have been hardly intellegible to Arjuna had he not been endowed with "ଦିବ୍ୟ ଚକ୍ଷୁ" (Celestial Eye) by Lord Sri Krishna to see His Viswarupa.

Following this irresistible, principle people are daily coming to this World to play their role here for some time and as soon as their work is finished, they disappear in the stream of eternal time (ଅନନ୍ତ କାଳ) cutting off all connections with those who are near and dear to them. Although this sort of work is going on incessantly in accordance with the direction of the Creator of the Universe, blow of death is still horrible not only to the man who departs form this world for ever but also it stupifies one and all with consternation and astonishment just like a bolt from the blue when the shocking news of sudden disappearance of the luminary reaches their ears, a lamentable and irrepairable vaccum is created in the Society by such departure. Such was the state of my mind when I suddenly heard of the "ନିର୍ବାଣ ପ୍ରାପ୍ତି" (Nirvan Prapti.) of His Holiness Jagadguru Shankaracharya Sri Bharati Krishna Swamy of Gobardhan Pitha, Puri on the 2nd February, 1960, in Bombay.

Overwhelmed with grief we, the lecturers and Students assembled in our College to pay our glowing tributes to the departed Soul in a condolence meeting held for the purpose under the Presidentship of the Principal.

From the very out - set, one and all become spell bound bacause Swamijee to us was not merely a profound Oriental Scholar, devout Nationlist, Philosopher with versatile genious and Religious Head with vast reputation but a true saviour of Hindu Dharma to whom Dharmopadesha was GOD as well as Ordained Duty and for the up keep of our holy scriptures, He un-to-His Nirvana struggled very hard and sacrificed His all with full composure of body and Soul.

In his early life he was imbibed with nationalistic spirit and with untiring zeal threw himself head-long into nonco-operation movement and spent some time in jail and there - after He bacame Sannyasi completely disregarding wordly happiness or misery, profit or loss and the like.

Since then He used to treat all people alike irrespective of their caste, creed, colour and religion, but He was schocked to learn at the end that all over the Country fulsome flattery was more attractive to the people than whloesome advice.

As a true savant and saviour of Sanatan Dharma he thought that religion of India was true embodiment of culture and it can only save the World from utter destruction and helplessness. Faithful to the basic truths of Sanatan Dharma, which were preached from the pre-historic age by the Sages of Spiritual in-sight who lived on the banks of the holy Ganga and the Indus, He led a life of plain living and high thinking upto His Nirvan.

To Him the essence of Sanatan Dharma is nothing but a paramount living spirit designed to serve human being at large.

Swamijee in His discourse rightly led emphasis on the fact that, "Our frame of mind is over obsolutely dispassionate performance of duty and our Object is merely the lasting uplift of all concerned and particularly those whom we condemn or in other words, it is all love and no hatred."

During the later part of His life He explored the wonderful mathematical solutions consisting of sixteen principal Sutras from the Atharvaveda and was explaining them to the public where-by all sorts of problems could be solved easily.

Swamijee's voice was not only echoed in His own Country but also it found place abroad because He recently visited America where His

extempore lectures on the essential truths of Hinduism were highly admired and appreciated by the people of that Country for which He was invited to revisit America.

Lastly I offer my most hearty tributes to the departed high soul and hope all of us will sincerely follow the valuable instructions imparted by His Holiness from time to time during His life not only to ennable our lives at present but also to leave behind us a precious heritage based on His wonderful Greatness to be folloed by our posterity to come.

MAY HIS BLESSINGS
BE ON US FOR EVER.

# ସ୍ୱାର୍ଥପର

ଲେଖକ-- *ଛଦ୍ମବେଶୀ*

ଜୀବନ ସକାଳେ ଯେବେ
ପ୍ରଶ୍ନ ପରେ ପ୍ରଶ୍ନ
ବ୍ୟଥାକୁଳ କରେ ହୃଦଯନ୍ତ୍ର,
ଜିଜ୍ଞାସିତ ନୟନେ କେ
ଅଞ୍ଜନ ରଞ୍ଜାଏ
ଶିଖାଏ ତା ମଧୁମଖା ମନ୍ତ୍ର ।

ବନର ହରିଣୀ ସମ
ଛପି ଛପି ଚର୍ଚ୍ଚିତ ଉରସେ
ଏ ମାଟିର ଯଉବନ ହସେ,
ଜିଘାଂସୁ ଏ ଲୁବ୍ଧକ ହୁଅ
ପୁରାତନେ ନୂତନ ମିଶାଏ
କଳ୍ପକର କଳ୍ପନା ବିଳାସେ ।

× × × × × ×

ସ୍ରଷ୍ଟା ମୁଁଏ କଳାକାର
ଆପଣାର ସତ୍ତା ଦେଇ ଦେଇ
ସୃଜନ ତା ସରସ ସୁନ୍ଦର
ଅବିଦ୍ୟାର ଆଡମ୍ବର ନେଇ
ବିଡ଼ମ୍ବିତ ଦ୍ୱିଧା ଭାବ
ବଜ୍ରଦର୍ପେ କରେ ଦୁର୍ଦ୍ଦିଗ୍ଧର ।

ଗଢ଼ିଯାଏ ଭଲ ମନ୍ଦ
ଅସତ୍‌ରେ ସତ୍‌ ଚିନ୍ତା ରଖି
ଆଜ ସତ୍‌ରେ ଅସତ୍‌,
ଜ୍ଞାନର ବଡ଼ିମା ନେଇ
ସତ୍ୟଦ୍ରଷ୍ଟା ମୁଁ ପଥଦର୍ଶକ
ଦର୍ଶନର ଚରମ ସରତ୍‌ ।

ଯୁକ୍ତପାର ମୁକ୍ତ ଦ୍ୱାର-
ହୋଇଛି କି କାହିଁ ?
ମାଟିର ଏ ନୂତନ ବେଭାର,
ତଥାପି ସେ ସତ୍ୟ ଶିବ-
ସୁନ୍ଦରର ଦ୍ରଷ୍ଟା
ଦୁନିଆର ଶ୍ରେଷ୍ଠ ଶାସ୍ତ୍ରକାର ।

× × × × × ×

ଯୁଗ ଯୁଗ ଧରି ନିଃସ୍ୱ ସମ
ବିଶ୍ୱବୁକୁ ବିଦାରି ବିଦାରି,
କେଲ୍ଟିଅ ମଦେ ଚଳି ଚଳି
ଭଲ ମନ୍ଦ ବିଚାରି ବିଚାରି ।

ଅଦମ୍ୟ ପ୍ରଚେଷ୍ଟା ଫଳେ
ଜୀବନକୁ ଭଲ ଭଲ କରି;
ଯେତେ ଭଲ ସେତେ ଟେରାଇଛି
ଧରି ବୁକୁ ନିଃଶେଷ କରି ।
ତେବେ ସୁଦ୍ଧା ମେଣ୍ଟିଛି କି ତୃଷା ?
ନୟନୁ ତା ତୁଟିଛି କି ଆଶା ?
ଲୁଟାଇଛି ମନର ତୁରଙ୍ଗ
ସୃଷ୍ଟି କରି ନୂତନ ଦୁର୍ଦ୍ଦଶା ।
କହ ବନ୍ଧୁ !

ଭଲ ଯେତେ ବାଛି ନେଇ
ମନ୍ଦ ସବୁ ରଖୁଛ କା ପାଇଁ,
ସେଇ ତୋର ମା - ଭାଇ-ବନ୍ଧୁ
ଯାର ମୁଖେ ବିଷ ଦେଇ ତୁହି ।

ଇତିହାସ ପୃଷ୍ଠା ଖୋଲି ଦେଖ
ଏଇ ତୋର କୀର୍ତ୍ତି ସ୍ୱର୍ଣ୍ଣାକ୍ଷର,
ଜଗତରେ କହୁଛି ପ୍ରଚୁର
ମଣିଷଟା ଖାଲି ସ୍ୱାର୍ଥପର ।

# ପାଗଳ

ଲେଖକ:- ହରିହର ଦାସ, ସାଙ୍ଖ୍ୟାଗ୍ରୁପ୍ ପ୍ରଥମ ବାର୍ଷିକ ଛାତ୍ର

ହୁଁ…ହୁଁ…ହୁଁ…ହୁଁ…ହୁଁ…ହୁଁ…ଦୀପ୍ରା ! ତୁ ଠିକ୍ କହୁଛୁ । ହେ,ହେ ! ଶୁଣ ଶୁଣ । ଦୀପ୍ରା କଣ କହୁଛି ଜାଣ ? ସେ କହୁଛି ମଣିଷଟା ପାଗଳ । ସମସ୍ତେ ପାଗଳ, ଆଉ ଏଇ ସବୁ କହନ୍ତି ମୁଁ କାଳେ ପାଗଳ ହୁଁ… …ହୁଁ…ହୁଁ ।

× × × ×

କଟକର ସେହି ରାଜରାସ୍ତା । ଗର୍ବିତ ସଭ୍ୟତାର ନାଦଘୋଷ ଗଡ଼ ଗଡ଼ ବେଗ୍ ଚକ୍କଣ ଆଉ ଶକ୍ତ । କଳା ମଚମଚ ପିଠିକୁ ଦେଖାଇ ଶୋଇ ଯାଇଛି ମାନଚିତ୍ରର ରେଖାପରି । ତା'ର ଉପରେ ନାଚି ନାଚି ଚାଲିଛି ଅଜ ଜୀବନର ନିତ୍ୟ ନୂତନ ରାମଲୀଳା । ଷ୍ଟେସନ କଡ଼ର ବଙ୍କା ଫୁଟ୍ ପାଥ୍ ଉପରେ ଜୀବନଟା ମଶା ଡାଉଁଶଠାରୁ ବି ହୀନ ହୋଇ ପଡ଼ିଛି । ନିର୍ଜୀବ ଫୁଟ୍ ପାଥ୍ ଖୁବ୍ ଉଦାର । ସଭ୍ୟତା ଯାହାଙ୍କୁ ଘୃଣା କରେ, ଜୀବନଟା ଯାହାଙ୍କର ବିଡମ୍ବିତ, ଆଖ୍ୟା ଯାହାଙ୍କର ସର୍ବହରା, ସେଇ ମାନଙ୍କର ସେ ହୁଏ ରଙ୍ଗଭୂମି । ଉଦାରତାର ପ୍ରତିଦାନରେ ସେ ଖାଲି ଅତ୍ୟାଚାରିତ । ଗଞ୍ଜେଇ ଧୂଆଁର ଆଡ୍ଡା ସ୍ଥଳ । ତା'ର କୋଳର ପାଗଳଟା, କାଖରେ ତା'ର ଛିଣ୍ଡାକନା ଆଉ ଅଖାର ଝୁଲି । ଭଙ୍ଗା ଟିଣ, ଛିଣ୍ଡା ଯୋତାର କୋଠ ଘର ସେ ।

ଉପଭୋଗରେ ଯାହା ହେୟ ସେଇ ତାର ଦଧ୍ୟାର ପାତ୍ର ! ମୁଣ୍ଡ ବାଳ ଗୁଡ଼ା ମ୍ୟୁନିସିପାଲ୍ ଟିର ଡ୍ରେସ୍ ପର ଆବର୍ଜନାର ଗଦାଘର । ଗେଣ୍ଡାପରି ଖୋଲା ଖୋଲା ଆଖି ଦିଟା । ସଡ଼ଢ଼ଇର ହନୁହାଡ଼ ତଳକୁ ଅମ୍ବଟାକୁଆର ଠାକୁଆ ଗାଲ । ଲାଲ ଛୁପ ଗଡ଼ ଗଡ଼ ନିଶ ଦାଢ଼ି ଜଟା ବାନ୍ଧିଲେଣି । ଚେଙ୍କା ମାଡ ଖାଇ ଖାଇ ଦେହସାରା ଓଉ

ତଥାପି ସେ ହସେ ଅତି ଉଲ୍ଲଟ ଭାବରେ । ବୁକୁ ଭିତରର କେଉଁ ଅବ୍ୟକ୍ତ କୋହର ବାଷ୍ପଗୁଡ଼ା ମୁହଁରେ ଦେଇଛନ୍ତି ବିକଟ ହସର ଫୁହାରା । ସେଇ ହସରେ ସମାଜଟା ଚୁର୍ ମାର୍ ହେବନିତ ?

ଏଇ ଧୂଳିର ଧରଣୀରେ ସମ୍ରାଟ ସେ । ଖାତିର୍ କରେନା କାହାର ଲାଲ୍ ଆଖିକୁ । ଯାହା ତା'ର ଇଚ୍ଛା ସେଇ ତାର ଭାଷା, ସେଇ ତାର ଆଶା, ଆଉ ସେଇ ତାର ବକ୍ତବ୍ୟ । ମନ ମୁତାବକ ବକି ବକି ଆଗେଇ ଚାଲିଛି । ଷ୍ଟେସନର ସେଇ ବାଙ୍କ, ଯେଉଁଠି ଛିଡ଼ା ହେଲେ ବାରବାଟୀର ବୁକୁ ତଳକୁ ଲୁଚି ଯାଉଥିବା ସୂର୍ଯ୍ୟର ଛବିଳ ଛଇ ଦିଶିଯାଏ । ସାୟାହ୍ନ । ଫଟୋଗ୍ରାଫରର ଲାଇଟ୍ ପରି ପ୍ରଭେ ଫଗୁଆ ଆଲୋକ ଦେବଦାରୁର ଫାଙ୍କରେ ଖସି ଆସିଛି ପାଗଳର ରୁକ୍ଷ ଶରୀରକୁ । ଜଗତଟାକୁ ଦେଖି ଦେଖି ଏଇ ମଡେଲ୍ ଖଣ୍ଡି ସୂର୍ଯ୍ୟର ମନମାନି ବୋଧହୁଏ ।

ତାକୁହିଁ ତୋଳି ନେବେ ସେ । ପଶ୍ଚିମର ଗନ୍ଧାଳୟରୁ ଲମ୍ବି ଆସିଛି ଜ୍ୟୋତିର ସରଳ ରେଖା । ଅଗ୍ନିକ ଆଲୋକ ସମ୍ପାତ ଆଖିରେ ତାର ସୃଷ୍ଟି କରୁଛି ତୃପ୍ତି ସୂଚକ ପ୍ରଶ୍ନର ଏକ ପ୍ରଶ୍ନବାଚୀ । ହୁଁ…ହୁଁ…ହୁଁ ତମେ ରାଗ କରୁଛ ? ପାଚି ଲାଲହୋଇ ଗଲଣିଯେ ? କାହା ଉପରେ ? ମୋ ଉପରେ ? ଉ-ହୁଁ- ମୋ ଉପରେ ନୁହେଁ, ଆଦୌ ନୁହେଁ । ଏଇ ବେଇମାନ ଦୁନିଆଁ ଉପରେ ନା ? ହୁଁ ଠିକ୍ କରୁଛ । ଗୋଟିଏ ଦଗ୍ ବଳୟ ଆରମ୍ଭ କରି ସାରା ଜଗତଟା ଦେଖିଲତ ? କଣ ବୁଝିଲ ? ବୁଝିଲ ମଣିଷ ପାଗଳ । ସେଇଥି ପାଇଁ ତମର ଏ ରକ୍ତିମା ନା ? ବାଗ - ତମେ ଯେତେ ରାଗିବ ସେତେ ସୁନ୍ଦର । ତମେ ମୋର ବନ୍ଧୁ । ବୁଝିଛ ମୋ ବୁକୁର

ନିଷ୍ଫଳ ନିଷ୍ପତ୍ତି । ମଣିଷ ପାଗଳ, ତା ବୋଲି ତମେ ଅଭିଶାପ ଦିଅନା । ଦିଅ ଆଶୀର୍ବାଦ । ମଣିଷକୁ କରି ସୁନା । ଆଉ ତାଇ ତାଇ କରି ଉଜ୍ଜ୍ୱଳ । ଏଁ ଲଜ୍ଜା ଯାଉଛ ଯେ, କ'ଣ ଅବ୍ଶୋଷରେ ? ମୁଁ ଜାଣେ ତମେ ପାରିବନି । ତମର ଯୁଗ ଯୁଗ ଧରି ପ୍ରଚେଷ୍ଟା ବିଫଳ ହେବ । ଶେଷରେ ଫେରିବ ଖାଲି ଅବ୍ଶୋଷ ନେଇ । ଦଗାଖୋର ଦୁନିଆଁ ଜୀବନର ସବୁ ରସ ଲୁଟିନିଏ ପରି । ଲଜାଯାଅ, ଏଇଥିରେ ହିଁ ତମେ କମନୀୟର ଶାନ୍ତ ସରଳ ବିଗ୍ରହ ହେବ । ଏଇ ଛବି ଖଣ୍ଡିକ ତମର ଖୁବ୍ ସୁନ୍ଦର । ଆଉ ତମଠାରୁ ବି ସୁନ୍ଦର ସିଏ, ଯାହା କୋଳକୁ ତମେ ଲଜାଯାଅ । କ'ଣ ଚାଲିଗଲ ! ସବୁ ଶେଷ···ଆସ, ଆସ ତୁମେ ଅନ୍ଧକାର । ଏ ସୃଷ୍ଟିର ସର୍ବ-ଶ୍ରେଷ୍ଠ ସୁନ୍ଦର ତୁମେ । ତୁମେଇ ପୂତ, ଅନନ୍ତ, ମହାନ୍ । ଶରୀର ତମର ଖୁବ୍ ମସୃଣ । ହୃଦୟ ତୁମର ଅତି ବିଶାଳ ଏଇ ପୃଥିବୀ ଠାରୁ ବି ବିଶାଳ । ଉଦାର ତୁମେ । ଯିଏ ତୁମକୁ ଘୃଣା କରେ, ତାକୁହିଁ କରି ସ୍ନେହ । ଢାଳି ଦିଅ ପ୍ରେମର ମନ୍ଦାକିନୀ । ଅନ୍ଧକାର ! ତୁମକୁ କିନ୍ତୁ ଏ ଅବୁଝା ମଣିଷ ଚିହ୍ନିଲା ନାହିଁ । ଆଲୋକ, ଯିଏ ତୁମକୁ ଛିନ୍ନଭିନ୍ନ କରେ ତାକୁହିଁ ଦିଅ ଆଶ୍ରୟ । ଏ ସାରା ଜଗତଟା ତମର ଆଶ୍ରିତ । ଆଉ ସେଇ ଆଲୋକ, ଅତି ସଂକୀର୍ଣ୍ଣ । ନିଜର ତା'ର ଶ୍ରେଷ୍ଠ । ବପୁ ତା'ର ଖର୍ବ । ସଂକୀର୍ଣ୍ଣ ମନୋଭାବ ନେଇ ଦୁନିଆଟାକୁ କରେ ବିଡମ୍ବିତ । ବୁକୁରେ ତା'ର ଦ୍ୱିଧାଭାବ । ସବୁବେଳେ ଖାଲି ଇଚ୍ଛା, ଘୃଣା ଭଲ, ମନ୍ଦ ବାଛିବାରେ ବ୍ୟସ୍ତ । ମଣିଷର ଆଖିରେ ପାଗଳାମି ସୃଷ୍ଟିକରି ଜଗତଟାକୁ କଲାଣି ବିପର୍ଯ୍ୟସ୍ତ । ଅହଂକାରର ଆଡ଼ମ୍ବର ନେଇ ପ୍ରଚାର କରି ଚାଲିଛି ମୁଁ ମାର୍ଗ ଦର୍ଶକ । ମଣିଷର ଚାଲିପଥକୁ ମୁଁ କରେ ପରିଷ୍କାର । ଦୂରକୁ ଫିଙ୍ଗିଦିଏ ଅନ୍ଧକାରର ଆବର୍ଜନା । କି ଆଡମ୍ବର । ସତରେ କ'ଣ ସେ ଚିନ୍ମୟ ? ଯେତିକି ତା'ର ଶକ୍ତି ସେତିକି ତା'ର ଗର୍ବ । ଦେଖନ୍ତୁ ଆଲୋକର ପୁଞ୍ଜୀଭୂତ ଏଇ ସୂର୍ଯ୍ୟ, ତା'ର ସୁଦୀର୍ଘ କିରଣ ଜାଲ ଲମ୍ବାଇ ଦିଏ । ତୁମକୁ ଅତିକ୍ରମ କରିବାକୁ କିନ୍ତୁ ପାରେନି ତମର ସେଇ ଆକାଶ ବ୍ୟାପ୍ତ ନୀଳିମା ବପୁକୁ ? ଯେତିକି ତାର ଚଲା ପଥରେ ଦେଖେ ସେତିକି ଦେଖାଏ । ଅଣୁଠାରୁ ବିଶ୍ୱର ସ୍ଥୂଳବକ୍ଷ ତା ଆଗରେ କୁହେଳି ମାନ । କିନ୍ତୁ ଅନ୍ଧକାର ! ତୁମରି ଘନକୃଷ୍ଣ ବିଶ୍ୱବ୍ୟାପ୍ତ ଅଖଣ୍ଡ ସତ୍ତ୍ୱରେ ଆପଣାର ଅସ୍ତିତ୍ୱ ମିଶେଇ ପାରିଲେ ମଣିଷ ହୁଏ ସତ୍ୟଦ୍ରଷ୍ଟା । ତୁମକୁ ଆହୁରି ନିରନ୍ତର କରି କ୍ଷଣକ ପାଇଁ ମଣିଷ ଯଦି ଆଖି ମୁଜି ନିର୍ଲିପ୍ତ ରହେ, ତେବେ ବିଶ୍ୱର କୌଣସି ବସ୍ତୁ ନାହିଁ, ଯାହା ତୁମେ ତାକୁ ନ ଦେଖାଅ । ତଥାପି ତମର କାଳିନ୍ଦୀର କଳାଘୁମର ଅଙ୍ଗରେ ମଣିଷ କରୁଛି ଭ୍ରୂକୁଞ୍ଚନ । ତୁମଠାରୁ ଦୂରେଇ ଯିବାକୁ ସେ ଭଲପାଏ । ତୁମକୁ ତିଳ ତିଳ କରି ହତ୍ୟା କରିବାକୁ ଚାହିଁ ସେଇ ଆଦମ ଯୁଗରୁ କରୁଛି ପ୍ରଯତ୍ନ । ତେବେ କଣ ପାରୁଛି । ଇଚ୍ଛା ଦୁଃସାହସ କରେ ଏଇ ସଂକୀର୍ଣ୍ଣମନା ଆଲୋକକୁ ନେଇ । ତେଣୁ ମୁଁ କ'ଣ କହେ ଜାଣ ? ମୁଁ କହେ ମଣିଷ ପାଗଳ । ଆଉ ଇଏ କହନ୍ତି ମୁଁ ଭାରି ପାଗଳ ସତ କହିଲ ଅନ୍ଧକାର । ଅରେ ତୁମେଇ କୁହନା, ମଣିଷ ପାଗଳ ନୁହେଁନା । ହୁଁ···ହୁଁ···ହୁଁ ଏଇଦେଖ ମଣିଷର କାରସାଦ । ବିଶ୍ୱାସହଗ ସୃଷ୍ଟି କରୁଛି ଆଲୋକ ହେଇ ହେଇ ଦେଖ ଦପ୍ କରି ଜଳି ଉଠିଲେ ସେଗୁଡ଼ାକ ମ୍ୟୁନିସିପାଲଟିର ଅର୍ଥ ଶ୍ରାଦ୍ଧ କରି । ରାସ୍ତାକଡର ରାକ୍ଷସ ଭଳି ଉତ୍କଟ ଭାବରେ ହସୁଛନ୍ତି । ଆଖିରୁ ତାଙ୍କର ଝରି ପଡୁଛି ଅଗ୍ନିକଣା । ମଣିଷକୁ ହଁ ନାହିଁର ଦ୍ୱନ୍ଦରେ ଜାଳିପୋଡ଼ି ଦେବାକୁ ବେଶ୍ ଫନ୍ଦି, ଅରେ - ଏଗୁଡା ହସୁଛନ୍ତି ଯେ ? ଗୋଟାଏ ପୈଶାଚିକ ହସର ଜୁଆରରେ ରାସ୍ତାଟାକୁ ଭରପୁର କରି ଦେଲେଣି । ସବୁଆଡେ ଖାଲି ହସର ମୁଣ୍ଡପିଟା ତରଙ୍ଗ । ଏ ସଭ୍ୟ ମଣିଷକୁ ଥଟ୍ଟା କରି ହସୁଛ ନା ? ତଥାପି ଏଇ ସ୍ୱାର୍ଥାନ୍ଧ ମାନବ ତୁମକୁ ଆଦର କରେ । ବୁଝେନା ତୁମ ହସର ମତଲବ । ତା'ର ଏଇ ସରଳତାର ସୁଯୋଗ ନେଇ ତମେ ଉପହାସ କର । ସେତ ତମର କର୍ତ୍ତବ୍ୟ ନୁହେଁ । ନିଜର ତ୍ରୁଟି ରଖି ଅନ୍ୟକୁ ଉପହାସ କରିବ ? ଆରେ ବନ୍ଦର, ବନ୍ଦର ତୁମର ହସ । ନା ନା ମୋର ଭୁଲ ହୋଇ ଗଲା । ତମେ ହସ, ଆହୁରି ହସ । ତମର କର୍ତ୍ତବ୍ୟରେ

ଖାଲ, ଡିପ, କଣ୍ଟା, ଝୁଣ୍ଟା ଦେଖାଉ ଦେଖାଉ ଯଦି ମଣିଷ ଝୁଣ୍ଟି ପଡେ, ତେବେ ନ ହସିବ କାହିଁକି ? ସିଏ ତୁମକୁ କରିବ ଆଦର, ଆଉ ତୁମେ କର ଉପହାସ ! ତମର ସ୍ରଷ୍ଟା ସିଏ । କିନ୍ତୁ ବୁଝି ପାରେନା ସୃଷ୍ଟିକୁ ତା'ର । ଏଇତ ମଣିଷର ପାଗଳାମି, ହୁଁ···ହୁଁ ହସି ହସି ପାଗଳ ଟିଣ ବାଡେଇ ବାଡେଇ ଆଗେଇ ଚାଲିଛି । ମୁଁ ହଲେ କେଉଁ ଅଜଣା ଖଗର ସ୍ୱର । ଆଗରେ ସଣ୍ଢୀ-ହାଟ ପୋଲ । ତା ପାଖକୁ ହିନ୍ଦ୍ ସିନେମା, ହୋଟେଲ ସବୁ କିଛି । ସେଇ ପୋଲପାଖ ଛକ ଉପରେ ବାବୁ-ଙ୍କର ସାଇକେଲ୍‌ଟା ଟିକିଏ ରିକ୍ସାରେ ଲାଗିଗଲା ବୋଲି ବିଚରା ଚାଳକର ସାତ ପୁରୁଷଙ୍କ ଇଜ୍ଜତ ସେଠି ଆଡ୍ଡା ଜମାଇଲେଣି । ହାତର ସଦ୍‌ବ୍ୟବହାର ମଧ୍ୟ ଚାଲିଛି । ତଥାପି ସେଟା ତା କଥାରେ ଅଟଳ । ହଂସ୍ରୁକଦଳ ନିଜର ବାହାଦୁରି ନେବାରେ ବ୍ୟସ୍ତ । ତାରି ଭିତରେ ଚାଲିଛି ଗୋଟାଏ ଗୁପ୍ତ ହାତର କାରସାଦ । ବ୍ଲେଡ ଚଲାଇ ମନିବ୍ୟାଗ୍ ନେଇଛି । ହୁଁ··ହୁଁ··ହୁଁ ନେଇ ଗଲରେ ନେଇଗଲା । କେହି କିଛି ଜାଣିଲେ ନାହିଁ । ତଥାପି ଏମାନେ ବିଶ୍ୱଦ୍ରଷ୍ଟା । ମାଟିରେ ରହି ସବୁକିଛି ଦେଖୁଛନ୍ତି, ସ୍ୱର୍ଗ ଜୟ କରୁଛନ୍ତି । ଚନ୍ଦ୍ରଲୋକର ଯାତ୍ରୀ ଏଇମାନେ । ଏଇ ଅଲଣା ଆଡମ୍ବର ନା ? କାହିଁ ପକେଟରୁ ମନିବ୍ୟାଗ୍ ଗଲା ଜାଣିଲ ନାହିଁ ତ ? ତଥାପି ତମେ ଦ୍ରଷ୍ଟା । ଆଉ ସେ ନେଲାବାଲାଟା କେଉଁ ଏକ ଅଜ୍ଞାତ ବାହାଦୁରି ପାଇଁ ତାକୁ ଲୁଚାଇବାରେ ବ୍ୟସ୍ତ । ହୁଏତ ମୁହୂର୍ତ୍ତିକ ପରେ ସିଏ ହାତରୁ ହଜାର ହାତକୁ ଯାଇ ଦୁନିଆର ବଡ ବଜାରରେ ଖେଳି ବୁଲିବ । ତାକୁ ଫେର୍ ସେ ଲୁଚାଉଛି । ବାଃ ବାଃରେ କେଡ଼େ ସୁନ୍ଦର ଏ ପାଗଳାମି । ଏଗୁଡା ସମସ୍ତେ ପାଗଳ । ତେଣେ ହୋଟେଲ୍‌ର ରେଡ଼ିଓରୁ ଭାସି ଆସୁଛି··· ଯେ ହୈ ସିଲୋନ୍‌କା ବ୍ୟାପାର ବିଭାଗ । ଆପ୍‌କା ଫର୍ମାସପର ଲିଜିଏ ଲତାକା ଆବାଜ୍ ସଂଗୀତରେ କରୁଣ ମୂର୍ଚ୍ଛନା ସ୍ୱପ୍ନାତୁର ଏଇ ଜୀବଗୁଡାଙ୍କ ପାଇଁ ବଳପି ଉଠୁଛି । ତାକୁ ପସନ୍ଦ କଲାଲୋକେ କେକ୍ ପ୍ଲେଟକୁ ହାତେ ନେଇ ନେଇ ଶୁଣି ଆତ୍ମହରା ହୁଅନ୍ତି । ହୋଟେଲର ଦ୍ୱିତଳ ପ୍ରାସାଦ ଗାଲରୁ ଉପରେ ଏ ସଭ୍ୟତାର ଦାଗ । ନର୍ଦ୍ଦମା କଡ଼ର ଜୀବ ଗୁଡ଼ାକ ବେକାରର ସ୍ୱଟିଣୀକୁ ଦେଖାତର କରି ଆଁ କରି ଚାହିଁଛନ୍ତି - ସେଇ ଆଡକୁ । ଏଗୁଡାକ ଅଦୌ କିଛି ବୁଝନ୍ତିନି । ଖାଲି ଅଇଁଠା ଗୋଟେଇବାକୁ ନଳା ପାଖରେ କରନ୍ତି ହିନାଥ ମେଳା । ଏ ଜଗତଟା ଖାଲି ବଚନ ପାଗଳଙ୍କର ଯାଗା ଘର । ଓଃ ! ଏଠି ସବୁକିଛି ଚାଲିଛି । ହିନ୍ଦ୍ ସିନେମାର ସବୁଜ ଆଲୋକ ତଳେ "ତୁଫାନ୍ ଔର ଦୀଆ" । ମାଇକ୍‌ର ଉତ୍କଟ ଗର୍ଜନ, "ମାନବ ଜୀବନର ନିଖୁଣ ଚିତ୍ର, କରୁଣାର କୁବେର ଭଣ୍ଡାର, ମାଟିର ନନ୍ଦନ କାନନ ଏଇ "ତୁଫାନ ଔର ଦୀପ୍ତା" । ଟିକେଟ ଘର ଫାଟି ପଡୁଛି । ଦୁଇ ଟଙ୍କାର ଟିକେଟ କଳା ପୋଟେଇର ଆଶ୍ରୟ ନେଇ ତିନିଟଙ୍କାକୁ ଉଠିଲାଣି ତଥାପି ମଣିଷର ସୁଅ ଚାଲିଛି । ସେଇ ଭିଡ ଭିତରେ ଦାନ୍ତ ନିକୁଟି ହାତ ପତେଇ କିଏ କହୁଛି ବାବୁ ପଇସାଟିଏ । ଯେଉ ଏଗୁଡ଼ାକ ମଣିଷକୁ ଖାଇଯିବେ । ତମେ ସବୁ ବର୍ତ୍ତମାନ୍ ଦେଇଥିଲ ? ନଦେଇ ବା ମିଥ୍ୟାଦୋଷ, ଅଷ୍ଟଯି ଯୁକ୍ତିରେ ନିଜର ସଭ୍ୟତା ତଥା ସମ୍ମାନକୁ ବଜାୟ ରଖିବାର ବେଶ୍ ଫନ୍ଦ । ବାଃ ବାଃରେ ଯାଦୁଘର ଦୁନିଆ । ଚଳଚିତ୍ରର ଉତ୍କଟ ନିଶା । ଲାବଣ୍ୟ - ମଣ୍ଡିତା ଦେବୀ ନନ୍ଦାର ମସୃଣ ନିଟୋଳ ଗଣ୍ଡରେ ଦୁଇଟୋପା କୃତ୍ରିମ ଅଶ୍ରୁ ଦେଖି ଲୁଚାଇ ଲୁଚାଇ ରୁମାଲ୍ କୋଣରେ ଲୁହ ପୋଛିବାକୁ ମଣିଷ ବ୍ୟାକୁଳ । କରୁଣର ଅଭିନୟ ପାଇଁ ଟଙ୍କାର ସୁଅ ବହି ଚାଲିଛି । ଆଉ ଅଗର ଏ କରୁଣର ଜୀବନ୍ତ ବିଗ୍ରହ ଭିକାରୁଣୀଟା ପାଇଁ ପଇସାଟାଏ ବି ନାହିଁ । ଏଇଠି ପାଗଳଟା ଖୁବ୍ ଜୋରରେ ହସି ଉଠିଲା ହୁଁ···ହୁଁ···ହୁଁ ଦାଦା ! ତୁ ଠିକ୍ କହୁଛୁ । ମଣିଷଟା ପାଗଳ, ଆଉ ଏ ଦୁନିଆଟା ପାଗଳର ଗାରଦ । ଇଏ କହନ୍ତି ମୁଁ କାଳେ ପାଗଳ···ଆଃ··· । ଗୋଟାଏ ଚିତ୍କାରରେ ସବୁ ଶେଷ । ଦୀପ ଲିଭିଗଲା । ଟ୍ରକ୍ ଡ୍ରାଇଭରର ଚକତଳେ ସବୁଦିନ ପାଇଁ ଚାପିହୋଇ ଗଲା ପାଗଳର ମାଟିର ମଡାଟା । ଦୂରେ ଛିଟିକି ପଡ଼ୁଛି ଭାଗର ଅଖା ବୁଜୁଲା । ଆଉ ସେଥିରୁ ପୃଷ୍ଠା ମେଲେଇ

ପଡ଼ିଛି ଗୋଟାଏ ନିର୍ମମ କାହାଣୀର ଜୀବନ୍ତ ଚିତ୍ର-ଖାତା । ଯାହାର ବୁକୁରେ ଅଙ୍କା ଯାଇଛି ଏ ପାଗଳର ଜୀବନର ଅପୂର୍ବ ଆଲେଖ୍ୟ ।

"ସେଇ ଘଡ଼ି ସନ୍ଧି ମୁହୂର୍ତ୍ତି, ଯେଉଁଦିନ ଧର୍ମର ଦୁହାଇ ଦେଇ ମଣିଷ ପ୍ରସ୍ତାବ ବାଢ଼ିଲା ଅଖଣ୍ଡ ଭାରତ ଖଣ୍ଡିତ କରିବାକୁ । ଶତ ବାଧା ବିଘ୍ନର ରୁକ୍ଷ ପର୍ଯ୍ୟାୟରେ ତାହା ସମର୍ଥିତ ହୋଇ ସୃଷ୍ଟି ହେଲା ହିନ୍ଦୁସ୍ଥାନ ଓ ପାକିସ୍ଥାନ । ତାପରେ ଧର୍ମରି ନିରପେକ୍ଷ ରାଷ୍ଟ୍ରର ଖୋଳ ପିନ୍ଧି ଚେଇଁ ଉଠିଲା ଧର୍ମର ରାକ୍ଷସଟା । ମଣିଷର ରକ୍ତରେ କମ୍ପନ । ଚାଲିଲା ହିନ୍ଦୁ ଉପରେ ଅତ୍ୟାଚାରର ତାଣ୍ଡବ ଲୀଳା । ମାନବ ନାମରେ ଦାନବର ବିଭୀଷିକା ଶତ ଶତ ସୀତା ଅତ୍ୟାଚାରିତା, ଆଉ ପରିବାର ତାର ନିର୍ଯାତିତ । ପଳାତକ ପରି ଲକ୍ଷ ଲକ୍ଷ ଭାରତର ଦୁଆରେ ଆଶ୍ରୟ ପ୍ରାର୍ଥୀ । ସେତେବେଳେ ମୁଁ ଥିଲି ଦର୍ଶନର ଅଧ୍ୟାପକ । ନିର୍ଯାତିତର ତୁଣ୍ଡରେ ତୁଣ୍ଡ ମିଳାଇ କହିଥିଲି "ଆମେ ନୋହୁ ହିନ୍ଦୁ ବା ମୁସଲମାନ । ଆମେ ମାନବ । ଧର୍ମ ଆମର ମାନବ ଧର୍ମ । କାହିଁକି ଏ ପୈଶାଚିକ ଲୀଳା ? ତାର ଫଳ ଫଳିଲା । ମୋର ପତ୍ନୀଙ୍କ ଉପରେ ହେଲା ହିଂସ୍ରୁକର କ୍ରୀଡ଼ା । ସେଇଥିରେ ହେଲା ବିଚାରିର ଜୀବନ ନାଟକର ଯବନିକା । ପ୍ରାଣରକ୍ଷା ମୁଁ, ଏକମାତ୍ର ଆଦରଣୀୟା କନ୍ୟା ଏଇ ଦୀପ୍ତା । ଯାହାର ଶ୍ରୀମଣ୍ଡିତ ମୁହଁଟିରେ ଦ୍ୱିତୀୟାଚାନ୍ଦର ରେଖାପରି ହସ ଟିକକ ଦେଖିବାକୁ ହେଲି ଆଶ୍ରୟପ୍ରାର୍ଥୀ । କଟକର ଆଶ୍ରୟପ୍ରାର୍ଥୀ ଶିବିରରେ ଆମର ସ୍ଥାନ । କିନ୍ତୁ ଜାଣି ପାରେନା ବେଳେ ବେଳେ ମୁଣ୍ଡଟା ମୋର କାହିଁକି ଏପରି ଗୋଳମାଳ ହୋଇଯାଏ । ହୃଦୟଯନ୍ତ୍ରଗତି ତୀବ୍ର ତର ହୁଏ । ଖାଲି ଡେଇଁ ଡେଇଁ ହସିବାକୁ ମନଟା ମାତି ଉଠେ । ଦୀପ୍ତାର ଅଶ୍ରୁ ଆଣିଦିଏ ଚେତନା । ଏଇ ହେଲା ମୋ ଜୀବନର ନୂତନ ପ୍ରବାହ । ତାପରେ ସାଇତା ଯାଇଛି ଖଣ୍ଡେ ପତ୍ର । ଯାହାର ବକ୍ଷଟା ଅଶ୍ରୁସିକ୍ତ ।

ବାବା !

ଅଉ ଟିକକ ପରେ ହେବ ମୋ ଜୀବନର ସନ୍ଧ୍ୟା । ଯାହା ଆଉ ସକାଳରେ ପରିଣତ ହେବନି । ଯେଉଁଠି ହସିବନି ସୂର୍ଯ୍ୟର ସ୍ୱର୍ଣ୍ଣିଲ ଛବି । ଏଇ ଶେଷ ପର୍ଯ୍ୟାୟରେ ତୁମକୁ ନକହି ମୁଁ ଯାଇ ପାରୁନାହିଁ ବାବା ଅଧ୍ୟାୟ ମୋର ସମାପ୍ତି ହେଉନାହିଁ । ଶୁଣ ବାବା ! ମଣିଷଟା ମସ୍ତ ପାଗଳ । ତମେ ଯେତେବେଳେ ବିକୃତ ମସ୍ତିଷ୍କ ନେଇ କାହିଁ କେଉଁଆଡ଼େ ଡେଇଁ ଡେଇଁ ଚାଲି ଯାଅ, ସେତିକି ବେଳେ ମୋର ପୋଡ଼ା ବଉଳିଆ ଶରୀର ଉପରେ ମଣିଷ ବୁଲେଇ ନେଇଛି ତା'ର ଲୋଭିଲା ଆଖି ଦିଟା । ଆଜି ତମେ ଗଲ ତମରି ହସର ଫଗୁ ଖେଳି ଖେଳି । ମୋର କ'ଣ ହେଲା ଜାଣ ବାବା । ଟିକିଏ ଧୈର୍ଯ୍ୟଧରି ଶୁଣ । ଏଇ ଶିବିରର ରକ୍ଷକ ଭକ୍ଷକ ସାଜିଲେ । ତାଙ୍କ ମନର ଭୂତଟା ଜାଗି ଉଠିଲା ମୋ ଦେହର ଲୋଭ ନେଇ । ଯାହାକୁ ମଣିଷ ସୌନ୍ଦର୍ଯ୍ୟର ଗନ୍ତାଘର ବୋଲି କୁହେ, ଆଉ ଯାହାର ଅବଲୋକନରେ ତମ ମୁଣ୍ଡର ରୋଗଟା ବି ଦବିଯାଏ, ତାରି ଉପରେ ବାବା ! ତାରି ଉପରେ, ସୃଷ୍ଟି ହେଲା ଝଡ଼ । ଯେଉଁଥିରେ କୁଟା ଖିଅ ଭଳି ମୁଁ ଉଡ଼ିଗଲି କେଉଁ ଅଜଣା ରାଜ୍ୟକୁ ନିଜକୁ ବଞ୍ଚାଇ ପାରିଲି ନାହିଁ । ତାପରେ·········

ଯେତେବେଳେ ମୁଁ ଜାଣିଲି ମୋର ଏଇକ୍ଷଣି ଭଂଗୁର ଦେହଟା ଅପବିତ୍ର ବୋଲି, କେଉଁ ସାହସ ନେଇ ତମ ଆଗକୁ ଯିବି କହିଲ ବାବା ? ଭାବିଲି ଏ କାବ୍ୟର ପୂର୍ଣ୍ଣଚ୍ଛେଦ ଏଇଠି ହେଉ । ମଣିଷ ମାଉଁସରେ ମଣିଷର ଏତେ ଲୋଭ ? ଏଇ ପାଗଳାମି କଣ ନିତ୍ୟ ? ମୋ ଜୀବନ କାବ୍ୟର ପାଠପରେ ସମସ୍ତେ କହିବେ ମୁଁ ଆତ୍ମହତ୍ୟା କରିଛି । କିନ୍ତୁ ତମେଇ କହିଥିଲ ନା ବାବା ଆତ୍ମା କେବେ ହତ୍ୟା ହୁଏନି । ମୋର ତେବେ ଶକ୍ତି କେତେ । ମୁଁ କେବଳ ଏ ମହାଭୂତର ବିକାରଟାକୁ ଧ୍ୱଂସ କରୁଛି । ଜଡ଼ ପିଣ୍ଡଟାକୁ ଧୂଳିସାତ୍ କରୁଛି । ଯାହାପାଇଁ ମଣିଷ ପାଗଳ । ମୋର ଏଇ ଧ୍ୱଂସରେ କାଳେ ମଣିଷର ପାଗଳାମି ଘୁଞ୍ଚିଯିବ । ଯଦି ସେତିକି ହୁଏ ତେବେ ମୁଁ ଖୁବ୍ ସୁଖିନୀ । ଦୁଃଖ କରିବନି ବାବା । ଖାଲି ଏତିକି ମନେ ରଖିଥିବ ମଣିଷ ପାଗଳ !!

# ସମ୍ପାଦକୀୟ

## —କଲେଜ ୟୁନିୟନ—

### କର୍ମକର୍ତ୍ତୃବୃନ୍ଦ

ସଭାପତି:-- *ଶ୍ରୀ କୁଳମଣି ଦାସ*

ଉପସଭାପତି:-- *ଶ୍ରୀ ନାଥ ମହାପାତ୍ର*

ସମ୍ପାଦକ:- *ଶ୍ରୀ ବିଶ୍ୱକେଶନ ସାହୁ*

ସହକାରୀ ସମ୍ପାଦକ:-- *ଶ୍ରୀ ପ୍ରଭାକର ତ୍ରିପାଠୀ*

**ସାଂସ୍କୃତିକ ସମାବେଶ:-**

କଲେଜ ୟୁନିୟନ ତଥା ତାହାର ସହଯୋଗୀ ଅନୁଷ୍ଠାନମାନଙ୍କ ପକ୍ଷରୁ ସାଂସ୍କୃତିକ ସମାବେଶମାନ ଯଥାରୀତି ଅନୁଷ୍ଠିତ ହୋଇଅଛି ।

ପଣ୍ଡିତ ଶ୍ରୀ ଅପର୍ତ୍ତି ଶାସ୍ତ୍ରୀ, ପ୍ରଧାନାଚାର୍ଯ୍ୟ ଶ୍ରୀ ବାସୁଦେବ ମିଶ୍ର, ଅଧ୍ୟାପକ ଶ୍ରୀ ଜୟକୃଷ୍ଣ ମିଶ୍ର, ଶ୍ରୀ ପଦ୍ମନାଭ ମିଶ୍ର, ପ୍ରଜାତନ୍ତ୍ର ସମ୍ପାଦକ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ, ଅଧ୍ୟାପକ ଶ୍ରୀ ସତ୍ୟବାଦୀ ମିଶ୍ର, ଓଡ଼ିଶାର ଭୂତପୂର୍ବ ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱନାଥ ଦାସ M. P. ଖଲ୍ଲିକୋଟ ରାଜାବାହାଦୂର ମାନ୍ୟବର ଶ୍ରୀ ରାମଚନ୍ଦ୍ର ମର୍ଦ୍ଦରାଜ, ଭୂତପୂର୍ବ ଗ୍ରାମମଙ୍ଗଳ ମନ୍ତ୍ରୀ ଶ୍ରୀ ପବିତ୍ରମୋହନ ପ୍ରଧାନ, ଶ୍ରୀ ଅନନ୍ତଚରଣ ତ୍ରିପାଠୀ M. L. A. ସ୍ଥାନୀୟ ବ୍ୟବସ୍ଥାପକ ଶ୍ରୀ ହରିହର ବାହିନୀପତି, ଆଡଭୋକେଟ୍ ଶ୍ରୀ ଜିତେନ୍ଦ୍ରନାଥ ମୁଖୋପାଧ୍ୟାୟ, ପୁରୀର ଭୂତପୂର୍ବ ଜିଲ୍ଲାକଲେକ୍ଟର ଶ୍ରୀଯୁକ୍ତ ବନ୍ଦ୍ୟୋପାଧ୍ୟାୟ, ଅଧ୍ୟାପକ ଶ୍ରୀ ରାଜକିଶୋର ରାୟ, ଶ୍ରୀଯୁକ୍ତ ବୀରହନୁମାନ ଶାସ୍ତ୍ରୀ, ଶ୍ରୀଯୁକ୍ତ କୁଳମଣି ମିଶ୍ର, ଶ୍ରୀଯୁକ୍ତ ଭଗବତପ୍ରସାଦ ତ୍ରିପାଠୀ, ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀଯୁକ୍ତ ରାମପ୍ରସାଦ ମିଶ୍ର, ଭୂତପୂର୍ବ ଅଧ୍ୟକ୍ଷ ଶ୍ରୀ ରାମଚନ୍ଦ୍ର ମହାପାତ୍ର, ଶ୍ରୀ ରାଜକୃଷ୍ଣ ବୋଷ M. L. A., ପ୍ରଧାନାଚାର୍ଯ୍ୟ ଶ୍ରୀ ଆନନ୍ଦ ମହାପାତ୍ର, ପଣ୍ଡିତ ଶ୍ରୀ ଚିନ୍ତାମଣି ମିଶ୍ର, ଯୋଗୀରାଜ ଶ୍ରୀ ବେଙ୍କଟେଶ ଭଟ୍ଟ (କର୍ଣ୍ଣାଟକ), ପ୍ରଭୃତି ବିଶିଷ୍ଟ ବ୍ୟକ୍ତିମାନେ ସୁଚିନ୍ତିତ ପାଣ୍ଡିତ୍ୟପୂର୍ଣ୍ଣ ଭାଷଣ ଦେଇ ବିଶେଷଭାବରେ ଧନ୍ୟବାଦାର୍ହ ହୋଇଛନ୍ତି ।

ୟୁନିୟନ ତଥା ଅଙ୍ଗୀଭୂତ ଅନୁଷ୍ଠାନମାନଙ୍କ ତରଫରୁ ବିଭିନ୍ନ ଗବେଷଣା ମୂଳକ ପ୍ରବନ୍ଧ, କବିତା, ଶ୍ଳୋକାନ୍ତ ପ୍ରଭୃତିରେ ପ୍ରତିଯୋଗିତା ଅନୁଷ୍ଠିତ ହୁଏ ।

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଅନୁଷ୍ଠିତ ହୋଇଥିବା କାଳିଦାସ ଜୟନ୍ତୀ ଉତ୍ସବ ଉପଲକ୍ଷେ କଲେଜର ଛାତ୍ରମାନେ ଉକ୍ତ କବିଙ୍କ ପ୍ରଣୀତ "ଅଭିଜ୍ଞାନଶାକୁନ୍ତଳମ୍" ନାଟକର କେତେକାଂଶ ଅଭିନୟ କରି ଦର୍ଶକମାନଙ୍କୁ ମୁଗ୍ଧ କରିଥିଲେ । ଏହି ସମାବେଶ ନୂତନ ରାଜଧାନୀ ଭୁବନେଶ୍ୱରର କୃଷି ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଗବେଷଣା ଲବ୍ଧ ଉତ୍କଳସ୍ଥ ରାମଗିରି ଠାରୁ କୈଳାସ ପର୍ଯ୍ୟନ୍ତ ମେଘର ଗତିପଥ ନିର୍ଦ୍ଦେଶକ ଏକ ପ୍ରଚ୍ଛଦପଟ ପ୍ରସ୍ତୁତ କରାଯାଇ ମେଘଦୂତ ନୃତ୍ୟରେ ପ୍ରଦର୍ଶିତ ହୋଇଥିଲା । ଏଥିର ନେତୃତ୍ୱ ଅଧ୍ୟାପକ ଶ୍ରୀ.ବୀର ହନୁମାନ ଶାସ୍ତ୍ରୀ ବହନ କରିଥିଲେ । ଏତଦ୍ ସଂପୃକ୍ତ ସମସ୍ତ ବ୍ୟୟଭାର ଓଡ଼ିଶା

ସାହିତ୍ୟ ଏକାଡେମୀ ବହନ କରି ଧନ୍ୟବାଦାର୍ହ ହୋଇଛନ୍ତି । ସଂପୃକ୍ତ ପ୍ରଚ୍ଛଦପଟଟିର ବ୍ୟୟଭାର ମଧ୍ୟ ଓଡ଼ିଶା ସାହିତ୍ୟ ଏକାଡେମୀ ବହନ କରିବେ ବୋଲି ଆଶା ଅଛି ।

କଟକ ବେତାର କେନ୍ଦ୍ର ସୌଜନ୍ୟରୁ ଏଠାର ଛାତ୍ରମାନେ ଅଧ୍ୟାପକ ଶ୍ରୀ ବୀର ହନୁମାନ ଶାସ୍ତ୍ରୀଙ୍କ ନେତୃତ୍ୱରେ "ପରଶୁରାମ ବ୍ୟାୟୋଗ" ରୂପକଟି ସଫଳ ଅଭିନୟ କରିଥିଲେ ।

ପୁରୀରେ ଅନୁଷ୍ଠିତ ବିଶ୍ୱସଂସ୍କୃତ ପରିଷଦର ବାର୍ଷିକ ଅଧିବେଶନରେ ଏହି କଲେଜର ଛାତ୍ରମାନେ "ସତ୍ୟାଚରିତମ୍" ନାଟକ ଅଭିନୟ କରି ମହାଭାରତୀୟ ଖ୍ୟାତି ଅର୍ଜନ କରିଥିବା ଆଶା ଓ ଆଶ୍ୱାସନାର କଥା । ଏହି ନାଟକଟି କଲେଜର ସ୍ୱର୍ଗତ ମୀମାଂସାଧ୍ୟାପକ ୰ସୁଦର୍ଶନ ପାଠୀଙ୍କ ଦ୍ୱାରା ରଚିତ ।

ୟୁନିୟନ ତରଫରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ଉତ୍ସବରେ ମଧ୍ୟମା ଛାତ୍ରମାନେ "ଚକ୍ରୀ" ତଥା "ପର କଲମ"ର କିଛିଦଂଶ ଅଭିନୟ କରି ପ୍ରଶଂସା-ଭାଜନ ହୋଇଅଛନ୍ତି । ଏତଦ୍ ବ୍ୟତୀତ ପାଲା, ଦାସ-କାଠିଆ, ସଙ୍ଗୀତ, ଶ୍ଳୋକାନ୍ତ ପ୍ରଭୃତି ଆମୋଦ ପ୍ରମୋଦ ଛାତ୍ରମାନଙ୍କଦ୍ୱାରା ଯଥାସ୍ଥିତ ଅନୁଷ୍ଠିତ ହୋଇ ଆସୁଅଛି ।

ବିଶିଷ୍ଟ ସମାବେଶ ମାନଙ୍କରେ ଆୟୁର୍ବେଦ, ଜ୍ୟୋତିଷ, ସାହିତ୍ୟ, ଦର୍ଶନ ଓ ତନ୍ତ୍ର ବିଭାଗମାନଙ୍କ ଦ୍ୱାରା ପ୍ରଦର୍ଶନୀମାନ ଯଥାରୀତି ଅନୁଷ୍ଠିତ ହେଉଅଛି ।

× × × ×

କଲେଜର ପଣ୍ଡିତ ସମିତିଦ୍ୱାରା ୫୪ ହଜାର ଶ୍ଳୋକ ବିଶିଷ୍ଟ ପଦ୍ମପୁରାଣର ଓଡ଼ିଆ ଅନୁବାଦ ପ୍ରସ୍ତୁତ କରାଯାଉ ଅଛି । ନାଟ୍ୟାଗ୍ନିର ପ୍ରଦୀପ ଓ କାବ୍ୟ-ପ୍ରକାଶର "ବିବରଣ" ଟୀକା ପ୍ରଭୃତି କେତେକ ଗ୍ରନ୍ଥର ଅମୂଲ୍ୟ ପାଣ୍ଡୁଲିପି ପ୍ରକାଶଯୋଗ୍ୟ ଅବସ୍ଥାରେ ସଂରକ୍ଷିତ ଅଛି ।

ଏହି ସବୁ କାର୍ଯ୍ୟପାଇଁ ଅଶେଷ କାୟିକ ଓ ଆର୍ଥିକ ଶ୍ରମ-ଦାନ କରିବାକୁ ପଣ୍ଡିତ ସମିତିକୁ ପଡୁଛି ।

× × × ×

ସାହିତ୍ୟରେ ୨ ଜଣ, ବ୍ୟାକରଣରେ ଜଣେ, ଆୟୁର୍ବେଦରେ ଜଣେ ଏହିପରି ଚାରିଜଣ ଅଧିକ ଅଧ୍ୟାପକଙ୍କୁ ନିଯୁକ୍ତି ଦେଇ ସଦାଶୟ ସରକାର ସଂସ୍କୃତ ଶିକ୍ଷାପ୍ରତି ସମୁଚିତ ଆଦର ପ୍ରଦର୍ଶନ କରି ଅଛନ୍ତି । ଏ ଦିଗରେ ୟୁନିୟନର ସଭାପତି ଶ୍ରୀ ନୀଳମଣି ଦାଶଙ୍କ ଅଦମ୍ୟ ଚେଷ୍ଟା ପ୍ରଶଂସନୀୟ । କିନ୍ତୁ ନୂତନ ପାଠ୍ୟକ୍ରମାନୁଯାୟୀ ଶ୍ରେଣୀ ପରିଚାଳନା ନିମନ୍ତେ ଆହୁରି ଅଧ୍ୟାପକ ତଥା ଶିକ୍ଷକ ନିଯୁକ୍ତି ଆବଶ୍ୟକ । ଏବଂ ଆବଶ୍ୟକ ଉପକରଣ ତଥା ଶ୍ରେଣୀ - ଗୃହର ଅଭାବ ତୀବ୍ର ଭାବରେ ଅନୁଭବ କରିବାକୁ ପଡୁଛି । ଆଶା କରାଯାଏ ଅତି ଶୀଘ୍ର ସରକାର ବାହାଦୁର ଏହି ଅଭାବମାନ ପୂରଣ କରିବେ । ପର ପାଠ୍ୟ କ୍ରମାନୁଯାୟୀ (ନୂତନ ପାଠ୍ୟକ୍ରମ) ଆଗୁଆମି ଖୋଲିଯିବାରେ ମଧ୍ୟ ଯେଉଁ ଅସୁବିଧା ରହିଛି, ତା ନିରାକରଣ ପାଇଁ କର୍ତ୍ତୃପକ୍ଷ ବିହିତ ବ୍ୟବସ୍ଥା କରିବେ

ଆୟୁର୍ବେଦ ଛାତ୍ରମାନଙ୍କର ଚିକିତ୍ସାଜ୍ଞାନ ଅଭିବୃଦ୍ଧି ନିମନ୍ତେ ନିକଟରେ ରସଶାଳା ପ୍ରତିଷ୍ଠା ସଙ୍ଗେସଙ୍ଗେ ସଦାଶୟ ସରକାର ଗୋଟିଏ ଆତୁରାଳୟ (In-door) ଖୋଲି ଦେଇ ଅଛନ୍ତି ।

× × × ×

ସଂସ୍କୃତ ଶିକ୍ଷାର୍ଥୀମାନଙ୍କ ନିମନ୍ତେ ଯଥାର୍ଥ କର୍ମ-କ୍ଷେତ୍ର ନଥିବା ଦର୍ଶାଇ ସମଗ୍ର ଓଡ଼ିଶାର ସଂସ୍କୃତ ଛାତ୍ର-ମାନେ ୧୯୫୯ର ସଂସ୍କୃତ ପରୀକ୍ଷା ବର୍ଜନ କରିବା ଫଳରେ ସରକାର ବାହାଦୁର ସେହି ବିଷୟର ସମୁଚିତ ପ୍ରତି ବିଧାନ ନିମନ୍ତେ ଏକ (Advisory Board) ଗଠନ କରିଛନ୍ତି । କିନ୍ତୁ ସଂସ୍କୃତ ଶିକ୍ଷାର୍ଥୀଙ୍କର ମାନ ଓ କ୍ଷେତ୍ର ଅଦ୍ୟାବଧି ନିର୍ଦ୍ଧାରିତ ନ ହୋଇ ଥିବା ହେତୁ କଲେଜର ଛାତ୍ରମାନଙ୍କ ମନରେ ଏପର୍ଯ୍ୟନ୍ତ ଅସନ୍ତୋଷ ରହିଅଛି । ଆଡଭାଇଜରୀ ବୋର୍ଡ ସଂସ୍କୃତ ଶିକ୍ଷାର୍ଥୀଙ୍କର ଏହି ସମସ୍ୟା ଅତି ଶୀଘ୍ର ଅପନୋଦନ କରିବେ ବୋଲି ଆଶା କରିବା ସ୍ୱାଭାବିକ ଓ ଯଥାର୍ଥ ।

ହିନ୍ଦୁ ଧର୍ମର ଆଲୋକ ସ୍ତମ୍ଭ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଭାରତୀକୃଷ୍ଣ ତୀର୍ଥ ସ୍ୱାମୀଙ୍କର ବ୍ରହ୍ମପ୍ରାପ୍ତିରେ କଲେଜରେ ଏକ ସଭା ହୋଇ ସ୍ୱାମୀଙ୍କର ଗୁଣାବଳୀର ଆଲୋଚନା କରାଯାଇଥିଲା ।

ଓଡ଼ିଶାର ବିଶିଷ୍ଟ ଦାର୍ଶନିକ ପଣ୍ଡିତ ଶ୍ରୀଧର ନନ୍ଦଙ୍କ ତିରୋଧାନରେ କଲେଜରେ ସଭା କରାଯାଇ ସ୍ୱର୍ଗତ ଆତ୍ମାର ଶାନ୍ତି କାମନା କରାଯାଇଥିଲା ଏବଂ ତାଙ୍କର ଆତ୍ମୀୟ ସ୍ୱଜନଙ୍କ ପ୍ରତି ସମବେଦନା ଜ୍ଞାପନ କରାଯାଇଥିଲା ।

ଏହି କଲେଜର କୃତଛାତ୍ର କ୍ଷେତ୍ରବାସୀ ଦାଶ ଅକାଳରେ ପରଲୋକ ଗତ ହୋଇଥିବାରୁ ଶୋକ ସଭା କରାଯାଇ ସ୍ୱର୍ଗତ ଆତ୍ମାର ଶାନ୍ତି ବିଧାନ ନିମନ୍ତେ ଶ୍ରୀ ଜଗନ୍ନାଥଙ୍କଠାରେ ପ୍ରାର୍ଥନା କରାଯାଇଥିଲା । କ୍ଷେତ୍ରବାସୀ ଦାଶ ଏହିବର୍ଷ ଆୟୁର୍ବେଦାଚାର୍ଯ୍ୟ ଶେଷ ପରୀକ୍ଷାରେ କୃତିତ୍ୱର ସହିତ ଉତ୍ତୀର୍ଣ୍ଣ ହୋଇଥିଲେ । କିନ୍ତୁ ଏ ସୁସମ୍ବାଦ ଶୁଣିବା ପାଇଁ ତାଙ୍କୁ କାଳ ଇହଧାମରେ ରଖି ଦେଲା ନାହିଁ ।

କଲେଜର ଉତ୍ତୀର୍ଣ୍ଣ କୃତୀ ଛାତ୍ରମାନଙ୍କୁ ଉଚ୍ଚତର ଗବେଷଣା ନିମନ୍ତେ ଅନ୍ୟୂନ ୧୦ ଗୋଟି ବୃତ୍ତିପାଇଁ ଏ ୟୁନିୟନ ସର୍ବଦା ଅନୁରୋଧ କରି ଆସୁଅଛି । ଆଶା କରାଯାଏ କର୍ତ୍ତୃପକ୍ଷ ଏଥିପ୍ରତି ଅବହିତ ହେବେ ।

ୟୁନିୟନର କାର୍ଯ୍ୟାବଳୀରେ ପରିତୃପ୍ତ ହୋଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଡକ୍ଟର ମହତାବ ଦୁଇଶତ ଟଙ୍କା ଦାନ କରି ଅଛନ୍ତି । ସେଥିପାଇଁ ୟୁନିୟନ ସେ ମହାଶୟଙ୍କଠାରେ କୃତଜ୍ଞତା ପ୍ରକାଶ କରୁଅଛି ।

ଖଲ୍ଲିକୋଟ ରାଜାବାହାଦୁର ଭୂତପୂର୍ବ ନଦୀଉପତ୍ୟକା ମନ୍ତ୍ରୀ ମାନ୍ୟବର ଶ୍ରୀ ରାମଚନ୍ଦ୍ର ମର୍ଦ୍ଦରାଜ ମଧ୍ୟ ଏହି ୟୁନିୟନକୁ ଦୁଇଶତ ଟଙ୍କା ଦାନ କରିଥିବା ହେତୁ ୟୁନିୟନ ତାଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଅଛି ।

ନିକଟରେ ବନ୍ୟାପୀଡ଼ିତମାନଙ୍କ ସେବା ନିମନ୍ତେ କଲେଜର ଅଧ୍ୟାପକ ଶ୍ରୀ ସୋମନାଥ ଦାଶଙ୍କ ନେତୃତ୍ୱରେ ୧୫ ଜଣ ଛାତ୍ର ଧର୍ମଶାଳା - ବଡ଼ଚଣା ଅଞ୍ଚଳକୁ ସରକାରୀ ରିଲିଫ ବାଣ୍ଟିବା ପାଇଁ ଯାଇ ଅଛନ୍ତି । ଏମାନେ ପଣ୍ଡିତ ସମିତିରୁ ଟ ୧୦୧ ୲, ଛାତ୍ର ମାନଙ୍କଠାରୁ ଟ ୨୫୦ ୲ ଏବଂ ବାହାରୁ ଟ ୪୦ ୲, ଦୁଇବସ୍ତା ଚାଉଳ ତଥା ପ୍ରାୟ ୫୦ ଖଣ୍ଡ ଲୁଗା ମଧ୍ୟ ବେସରକାରୀ ସାହାଯ୍ୟ ରୂପେ ନେଇଛନ୍ତି ।

Printed and Published from Sri Printers, Puri
by Sri P. L. Upadhyaya, Principal, Sadasiva Sanskrit College, Puri. (1960)
ପୌର୍ଣ୍ଣମାସୀ ୧୯୬୦ ମସିହା, ମୂଲ୍ୟ:- ଟ ୧ ୲ ମାତ୍ର